6403
23/1/93

# ତ୍କଳ ପ୍ରସଙ୍ଗ

୪





ଓଡ଼ିଶା ଯୁବରେ ଉତ୍ସବ ପାଳିତ ଫେଷ୍ଟିଭାଲ ଏକ
ଯୋଗଦାନରେ ପ୍ରଥମ ଫୋଟୋଗ୍ରାଫି
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଚିଲିକାରେ ନୌ-ଚାଳନା ପ୍ରତିଯୋଗିତା






ଦେଓଧର ଟ୍ରଫି ଟୁର୍ଣ୍ଣାମେଣ୍ଟର
ଖେଳାଳୀମାନଙ୍କ ସହ
ରାଜ୍ୟପାଳ ଶ୍ରୀ ବି. ଏନ୍. ପାଣ୍ଡେ



ଫୁଟବଲ ଖେଳରେ ଜୁବା ଏକାଦଶର
ଏକ ଉତ୍ତେଜନା ପୂର୍ଣ୍ଣ ମୁହୂର୍ତ୍ତ

# ଉତ୍କଳ ପ୍ରସଙ୍ଗ

କାର୍ତ୍ତିକ  ୧୯୦୪ ଶକାବ୍ଦ  ୩୯ ଭାଗ  ୪ର୍ଥ ସଂଖ୍ୟା  ନଭେମ୍ବର ୧୯୮୨

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ମିହିର କୁମାର ଷଣ୍ଡ

ସମ୍ପାଦକ: ଭୋଳାନାଥ ଷଡ଼ଙ୍ଗୀ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ
ବି. ମହାରଣା

ମୁଖ୍ୟ ସମ୍ପାଦକ
ସତ୍ୟାନନ୍ଦ ଚମ୍ପତିରାୟ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଇଥିଲେ ହିଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ନବଭାରତର ନିର୍ମାଣୀ—ଜବାହାରଲାଲ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ବିନୋବା .. | ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ .. | ୫ |
| ଜହରଲାଲ .. | ଶ୍ରୀ ରାଧାମୋହନ ଗଡ଼ନାୟକ .. | ୧୧ |
| ଜାତିର ସେବାରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ | ଡକ୍ଟର ବୈଦ୍ୟନାଥ ମିଶ୍ର .. | ୧୩ |
| ଶକ୍ତିର ବିକଳ୍ପ ଉତ୍ସ .. | ଶ୍ରୀ ରାମଚନ୍ଦ୍ର ମିଶ୍ର .. | ୨୧ |
| ଗୁଡ଼ ପ୍ରବନ୍ଧରୁ ଦୃଢ଼ ସମ୍ବନ୍ଧ .. | ଶ୍ରୀ ନିତ୍ୟମାଧବ ପାଣିଗ୍ରାହୀ .. | ୨୫ |
| ଓଡ଼ିଶାର ଦାଣ୍ଡକାଠିଆ .. | ଶ୍ରୀ ବୈଦ୍ୟନାଥ ଗାୟକରନ୍ ଶର୍ମା .. | ୨୯ |
| ଅଣ ଜଳସେଚିତ ଅଞ୍ଚଳରେ ଚକବନ୍ଦୀ .. | ଶ୍ରୀ ଅନନ୍ତ କୁମାର ଦାସ .. | ୩୩ |
| ଉପଗ୍ରହ ମାଧ୍ୟମରେ ଜମିର ରକ୍ଷଣାବେକ୍ଷଣ .. | ଶ୍ରୀ ଗୋକୁଳାନନ୍ଦ ମହାପାତ୍ର .. | ୩୬ |
| ଡାଲି ଫସଲର ପ୍ରସାର ଓ ଉତ୍ପାଦନ ବୃଦ୍ଧି .. | ଡକ୍ଟର ରମେଶଚନ୍ଦ୍ର ମିଶ୍ର .. | ୩୯ |
| ମେଲେରିଆର ମହୌଷଧ .. | ଡକ୍ଟର ବାଲୁକେଶ୍ୱର ତ୍ରିପାଠୀ .. | ୪୨ |
| ସ୍ୱାସ୍ଥ୍ୟ ବିଜ୍ଞାନରେ ଯୋଗ .. | ଶ୍ରୀ ରମାକାନ୍ତ କର .. | ୪୫ |
| ଗୋଟିପୁଅ .. | .. | ୪୯ |
| ଅଧିକ ଫଳପ୍ରଦ ଉପାୟ .. | ଶ୍ରୀ ଗୋପିନାଥ ପରିଡ଼ା .. | ୫୩ |
| ସବୁଠୁ ଗରିବ ଲୋକଙ୍କ ସେବାରେ .. | .. | ୫୮ |
| ରାମ ଯେ ଲଛମନ ହୋ ଗଲେ ମୃଗମାରି | .. ବାଲେଶ୍ୱର | |
| ପାର୍ବତୀ ଜୀବନରେ ଯାହା ସତ ହୋଇଛି | .. କୋରାପୁଟ | |
| ଅନ୍ୟନାମ କାମଧେନୁ | .. କେନ୍ଦୁଝର | |
| ଶୁଚି, ରିକ୍ସା ଓ ଘୁଂଘୁର | .. ସୁନ୍ଦରଗଡ଼ | |
| ସେମାନେ ମନ ଖୋଲି କହିଲେ | .. ବଲାଙ୍ଗୀର | |
| ଉଷାବତୀଙ୍କ ଦୁଃଖ ନିଶିର ଅବସାନ | .. ଗଞ୍ଜାମ | |
| ପ୍ରଗତି ସମ୍ବାଦ .. | .. | ୬୫ |

# ମୋ ଦୃଷ୍ଟିରେ ....

ନଭେମ୍ବର ମାସର 'ଉତ୍କଳ ପ୍ରସଙ୍ଗ' ପାଠକମାନଙ୍କୁ ଶୀତର ପ୍ରଥମ ପରଶ ପରି ସୁଖଦ ଅଭିନନ୍ଦନ ଜଣାଉଛି ।

ନଭେମ୍ବର ଭାରତ ନିମନ୍ତେ ଏକ ଶୁଭଦ ମାସ । ଏହି ମାସରେ ଭାରତର ଦୁଇଜଣ ପ୍ରଧାନମନ୍ତ୍ରୀ ଜନ୍ମଗ୍ରହଣ କରିଛନ୍ତି । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓ ତାଙ୍କର ସୁକନ୍ୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହି ମାସରେ ଜନ୍ମଗ୍ରହଣ କରିଛନ୍ତି । ଏହି ଶୁଭ ଅବସରରେ ଉତ୍କଳ ପ୍ରସଙ୍ଗ ଆମର ପ୍ରଧାନମନ୍ତ୍ରୀଙ୍କୁ ଶୁଭ ଜନ୍ମଦିନର ଶୁଭ କାମନା ଜଣାଇବା ସଙ୍ଗେ ସଙ୍ଗେ ଭାରତର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଏହି ଦୀପାବଳୀ ଦିନ ଋଷି ପ୍ରତିମ ଆଚାର୍ଯ୍ୟ ବିନୋବା ଭାବେ ଇଚ୍ଛାମୃତ୍ୟୁ ବରଣ କରିଛନ୍ତି । ତାଙ୍କର ଆଶୀର୍ବାଦ ଚିରଦିନ ପାଇଁ ଭାରତ ନିମନ୍ତେ ଅମୃତବର୍ଷୀ ହେଉ-ଏହାହିଁ ଆମର ପ୍ରାର୍ଥନା ।

ସାଧାରଣ କୃଷକ, ଆଦିବାସୀ ହରିଜନ ତଥା ଗରୀବ ଲୋକର ଉନ୍ନତି ନିମନ୍ତେ ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ କୋଡ଼ିଏ ଦଫା କାର୍ଯ୍ୟକ୍ରମ ବିଶେଷ ତତ୍ପରତାର ସହିତ କାର୍ଯ୍ୟକାରୀ କରାଯାଉଛି । କୃଷି ଉତ୍ପାଦନ ବୃଦ୍ଧି ଓ ଗରୀବ ଲୋକଙ୍କର ଜୀବନ ଧାରଣର ମାନବୃଦ୍ଧି କରିବା ଏହି ଯୋଜନାର ଲକ୍ଷ୍ୟ । ତା'ର ରୂପରେଖ ଓ ଚିନ୍ତାଧାରା ଏ ସଂଖ୍ୟାରେ ପ୍ରକାଶିତ ଲେଖା ଗୁଡ଼ିକରୁ ସୂଚୀତ ହୁଏ ।

ବିଶ୍ୱବ୍ୟାପୀ ଶକ୍ତି ସଙ୍କଟର ସମାଧାନ ଏବେ ଏକ ଅତ୍ୟନ୍ତ ଆବଶ୍ୟକ ପ୍ରସ୍ତୁତି । ଭାରତ ଓ ଓଡ଼ିଶାରେ ଶକ୍ତିର ବିକଳ୍ପ ଉତ୍ସର ସନ୍ଧାନ ବିଷୟରେ ଏ ସଂଖ୍ୟାରେ ଗୋଟିଏ ପ୍ରବନ୍ଧ ପ୍ରକାଶ କରା ଯାଇଅଛି ।

ଉତ୍କଳ ପ୍ରସଙ୍ଗର 'ବନ୍ୟା ବିଶେଷାଙ୍କ' ସୁଧୀ ପାଠକ ସମାଜରେ ବିଶେଷ ଆଦର ପାଇଛି ଏବଂ ସେଥି ନିମନ୍ତେ ଉତ୍କଳ ପ୍ରସଙ୍ଗ କୃତଜ୍ଞ । ଏଥର ଡିସେମ୍ବର ମାସରେ ଉତ୍କଳ ପ୍ରସଙ୍ଗ "ପର୍ଯ୍ୟଟନ ବିଶେଷାଙ୍କ" ରୂପେ ପ୍ରକାଶ ପାଇବା ନିମନ୍ତେ ଆୟୋଜନ କରାଯାଇଅଛି ।





[ରଚନାତ୍ମକ କର୍ମରେ ବିନୋବାଙ୍କର ଗଭୀର ଅନୁରାଗ ରହୁଥିଲା ପ୍ରବୀଣ ଓ ପ୍ରମୁଖ ରାଜନୀତିଜ୍ଞ ମାନଙ୍କୁ ପତ୍ର ନ ଲେଖିବା ନିମନ୍ତେ ସେ ପ୍ରତିଜ୍ଞା କରିଥିଲେ ମଧ୍ୟ ଓଡ଼ିଶାର ଏକ ସୁଦୂର କୋଣରେ ଏକ ନିଭୃତ ପଲ୍ଲୀ କୋଦବେରଣୀ ଠାରେ ଲେଖକ ୧୯୫୯ ରେ ଯେଉଁ ଶତମାର୍ଗ ଆନ୍ଦୋଳନ ଆରମ୍ଭ କରିଥିଲା ତାହାକୁ ଆଶୀର୍ବଚନ ଦେଇ ବିନୋବାଭାବେ ଯେଉଁ ବ୍ୟକ୍ତିଗତ ପତ୍ର ଲେଖିଥିଲେ ତାର ପ୍ରତିଲିପି ଏଠାରେ ଦିଆଗଲା । ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶତମାର୍ଗ ଆନ୍ଦୋଳନର ମୁଖପତ୍ର 'ଶତମାର୍ଗ'ର ମୁଖ୍ୟ ସମ୍ପାଦକ ଥିଲେ ଏବଂ ତାହା ମଧ୍ୟ ବିନୋବାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା "ବିନୋବା" ନିବନ୍ଧ ପଞ୍ଚମ ପୃଷ୍ଠାରେ ଦ୍ରଷ୍ଟବ୍ୟ] ।

ମୁଖ୍ୟ ସମ୍ପାଦକ

# ନବ ଭାରତର ଦିଶାରୀ - ଜବାହାରଲାଲ



(ନଭେମ୍ବର ମାସ ୧୪ ତାରିଖ ଦିନ ସୂଚ୍ୟ ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ ଗୃହୀତ)

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ଜବାହାରଲାଲ ନେହେରୁ ଆଧୁନିକ ଭାରତ ବର୍ଷର ନିର୍ମାତା । ଲିଙ୍କନ, ରୁଜଭେଲ୍ଟଙ୍କ ବିନା ଆଧୁନିକ ଆମେରିକା ଓ ଲେଲିନଙ୍କ ବିନା ସୋଭିଏତ ୟୁନିଅନର କଥା ଯେପରି କଳ୍ପନା କରାଯାଇ ପାରିବ ନାହିଁ, ସେପରି ଜବାହାରଲାଲ ନେହେରୁଙ୍କ ବିନା ଆଧୁନିକ ଭାରତକୁ କଳ୍ପନା କରାଯାଇ ପାରିବ ନାହିଁ । ନେହେରୁଙ୍କ ମୃତ୍ୟୁ ସମୟରେ ଆଡଲାଇଷ୍ଟ ଷ୍ଟିଭେନସନ ଆମେରିକା ରାଷ୍ଟ୍ର ସଂଘରେ ପ୍ରତିନିଧିଭାବେ କାର୍ଯ୍ୟ କରୁଥିଲେ । ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଯେତେବେଳେ ସେ କହିଥିଲେ,–ନେହେରୁ ଜଣେ ବ୍ୟକ୍ତି ବିଶେଷ ନୁହନ୍ତି ; ସେ ବହୁ ବ୍ୟକ୍ତିଙ୍କର ସମାହାର । 'He is not a man; He is procession of men." ତାଙ୍କର ସମସ୍ତ ସଦ୍‌ଗୁଣ ସାରା ବିଶ୍ୱରେ ପ୍ରସାରିତ ଓ ପ୍ରଚାରିତ ହୋଇଛି । ଜଣେ ବ୍ୟକ୍ତି ତାଙ୍କର ଜୀବନକାଳ ଭିତରେ ଏକ ଦରିଦ୍ର



ଅନୁନ୍ନତ ଦେଶକୁ ସମଗ୍ର ପୃଥିବୀରେ କିପରି ଉଚ୍ଚ ସମ୍ମାନର ଅଧିକାରୀ କରାଇ ପାରନ୍ତି, ତାହା ଜବାହାରଲାଲ ନେହେରୁ ତାଙ୍କ ଜୀବନ କାଳରେ ପ୍ରମାଣିତ କରି ଦେଇ ଯାଇଛନ୍ତି ।

ଜଣେ ଉପଯୁକ୍ତ ଦାୟାଦରୂପେ ନେହେରୁ ଗାନ୍ଧିଜୀଙ୍କର ନୀତି ଓ ଆଦର୍ଶକୁ କାର୍ଯ୍ୟକାରୀ କରିଛନ୍ତି । ଗାନ୍ଧି ଏବଂ ନେହେରୁଙ୍କ ମଧ୍ୟରେ ବହୁ ନୀତି ଓ ଆଦର୍ଶଗତ ପାର୍ଥକ୍ୟ ଥିବା କଥା ଅନେକ କହନ୍ତି । ଯେଉଁମାନେ ଗାନ୍ଧିଜୀଙ୍କର ନୀତି ଓ ଆଦର୍ଶକୁ ଭଲଭାବରେ ବୁଝିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଜବାହାରଲାଲ ନେହେରୁଙ୍କ କାର୍ଯ୍ୟକୁ ଭଲଭାବରେ ଅନୁଧ୍ୟାନ କରିଛନ୍ତି, ସେମାନେ ନେହେରୁଙ୍କୁ ଗାନ୍ଧିଜୀଙ୍କର ପ୍ରକୃତ ଦାୟାଦ ବୋଲି ବିଚାର କରନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧିଜୀ ଦେଶବାସୀଙ୍କୁ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନର କଥା କହିଥିଲେ । ଆବଶ୍ୟକତା ଦୃଷ୍ଟିରୁ ଦେଶରେ ଯେଉଁସବୁ ଜିନିଷ ଉତ୍ପାଦନ କରାଯିବ, ତାହା ସ୍ୱଦେଶୀ । ସ୍ୱାଭିମାନ ହେଉଛି, ଭାରତ ବର୍ଷ ଏକ ବିଶାଳ ଦେଶ । ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତିକୁ ବହନକରି ଏ ଦେଶ ଅମ୍ଳାନ ରହିଛି । ତେଣୁ ସେ କେଉଁ ଦେଶର ଗୋଡ଼ାଣିଆ ନ ହୋଇ ତା'ର ନିଜର ଆତ୍ମସମ୍ମାନ ବଜାୟ ରଖିବା ଦରକାର । ଆତ୍ମରକ୍ଷା ତଥା ଅର୍ଥନୈତିକ କ୍ଷେତ୍ରରେ ଭାରତ ବର୍ଷ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହେବା ଆବଶ୍ୟକ । ଜବାହାରଲାଲ ନେହେରୁ ଯେଉଁ ନୀତି ଅନୁସରଣ କରି ଭାରତ ବର୍ଷରେ କାର୍ଯ୍ୟ କରିଥିଲେ, ତାହା ଏହି ତିନୋଟି ଲକ୍ଷ୍ୟ ହାସଲ କରିବା ଦିଗରେ ଉଦ୍ଦିଷ୍ଟ ।

ରାଜନୀତି କ୍ଷେତ୍ରରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଦାନ ଅତୁଳନୀୟ । ସ୍ୱାଧୀନତା ପରେ ଆମ ଦେଶ ପାଇଁ ଏକ ସ୍ୱତନ୍ତ୍ର ସମ୍ବିଧାନର ଆବଶ୍ୟକତା ପଡ଼ିଲା ଏବଂ ଏ ସମ୍ବିଧାନ ପ୍ରଣୟନ କରାଗଲା । ଜନ୍ମର

ଆମ୍ବେଦକର ଏ ସମ୍ବିଧାନକୁ ଭାଷା ରୂପ ଦେଲେ ସତ କିନ୍ତୁ ଏହାର ପ୍ରଧାନ ନିର୍ମାତା ହେଉଛନ୍ତି ପଣ୍ଡିତ ଜବାହାରଲାଲ ନେହେରୁ । ଗାନ୍ଧିଜୀ ଯେଉଁ ନୀତି ଓ ଆଦର୍ଶ ପାଇଁ ସଂଗ୍ରାମ କରୁଥିଲେ ସେହି ନୀତି ଓ ଆଦର୍ଶକୁ ପଣ୍ଡିତ ନେହେରୁ ଏହି ସମ୍ବିଧାନରେ ରୂପାୟିତ କରିଛନ୍ତି । ଭାରତ ବର୍ଷ ଏକ ବିରାଟ ଦେଶ । ଏ ଦେଶର ଜାତୀୟତା ଅକ୍ଷୁଣ୍ଣ ରହିବା ଦରକାର ବୋଲି ଗାନ୍ଧିଜୀ ଚାହୁଁଥିଲେ । ପଣ୍ଡିତ ନେହେରୁ ଏ ଜାତୀୟତାକୁ ସମ୍ବିଧାନ ଜରିଆରେ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଦୃଢ଼ କେନ୍ଦ୍ର ଶାସନ କଥା ପରିକଳ୍ପନା କଲେ । ଆଜି ଏହି ଦୃଢ଼ କେନ୍ଦ୍ର ଶାସନ ଯୋଗୁଁ ଏ ଦେଶରେ ଏକତା ରକ୍ଷା କରାଯାଇ ପାରିଛି । ସ୍ୱାଧୀନତା ପୂର୍ବରୁ ପଣ୍ଡିତ ଜବାହାରଲାଲ ନେହେରୁ କଂଗ୍ରେସର ସଭାପତି ଥିଲେ । ସେତେବେଳେ ଦେଶକୁ ଅଖଣ୍ଡ ରଖିବାର ପରିକଳ୍ପନା କରାଯାଉଥିଲା କିନ୍ତୁ କ୍ୟାବିନେଟ ମିସନ ପକ୍ଷରୁ ଭିନ୍ନ ପ୍ରସ୍ତାବ ଆସିଲା । ଏହି ପ୍ରସ୍ତାବ ଅନୁସାରେ ଭାରତକୁ କେତୋଟି ରାଷ୍ଟ୍ରସଂଘରେ ବିଭକ୍ତ କରାଯିବ ଏବଂ ଏ ସବୁ ରାଷ୍ଟ୍ରସଂଘକୁ ନେଇ ଗୋଟିଏ କନ୍‌ଫେଡ଼େରେସନ୍ ଗଠନ କରାଯିବ କିନ୍ତୁ ପଣ୍ଡିତ ଜବାହାରଲାଲ ନେହେରୁ ଏ ସମ୍ପର୍କରେ ତୀବ୍ର ମନ୍ତବ୍ୟ ପ୍ରକାଶ କରିଥିଲେ । ମୌଲାନା ଆବୁଲକାଲାମ ଆଜାଦ୍ ତାଙ୍କର ଆତ୍ମ ଜୀବନରେ ଏ କଥା ଉଲ୍ଲେଖ କରି କହିଛନ୍ତି, ଜବାହାରଲାଲ ନେହେରୁ ସେତେବେଳେ ଯଦି କଂଗ୍ରେସର ସଭାପତି ନ ଥାନ୍ତେ ଓ ଏଭଳି କଟୁ ମନ୍ତବ୍ୟ ଦେଇ ନଥାନ୍ତେ, ତେବେ କିମ୍ବା ହୁଏତ ଭାରତ ପାକିସ୍ତାନ ଭାଗ ଭାଗ ହେବା କଥା କହି ନ ଥାନ୍ତେ । ତାଙ୍କର (ନେହେରୁ) ଦୃଢ଼ ବିଶ୍ୱାସ ଥିଲା ଯେ, ଭାରତ କେବେହେଲେ ଗୋଟିଏ ଦୁର୍ବଳ କେନ୍ଦ୍ର ଏବଂ ଶକ୍ତିଶାଳୀ ରାଜ୍ୟମାନଙ୍କ ଦ୍ୱାରା ଶାସିତ ହୋଇ ପାରିବ ନାହିଁ । ଭାରତର ଏକତା ରକ୍ଷା କରିବାକୁ ହେଲେ ଏକ ଶକ୍ତିଶାଳୀ କେନ୍ଦ୍ର ଶାସନ ଆବଶ୍ୟକ । ଆଜି ଆମେମାନେ ସେହି ସମ୍ବିଧାନ ଜରିଆରେ ଏକ ଶକ୍ତିଶାଳୀ କେନ୍ଦ୍ର ଶାସନ ଲାଭ କରି ପାରିଛେ ।

ଆମକୁ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଦ୍ୱିତୀୟ ଦାନ ହେଉଛି ଧର୍ମ ନିରପେକ୍ଷତା । ଏହି ଧର୍ମ ନିରପେକ୍ଷତା ପାଇଁ ଗାନ୍ଧିଜୀ ଆତ୍ମବଳି ଦେଇଥିଲେ । ଏଥିପାଇଁ ଭାରତର ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକମାନଙ୍କର ଗାନ୍ଧିଜୀଙ୍କ ଉପରେ ଖୁବ୍ ବିଶ୍ୱାସ ଥିଲା । ଗାନ୍ଧିଜୀଙ୍କ ପରେ ପଣ୍ଡିତ ନେହେରୁଙ୍କ ଉପରେ ଏହି ଆସ୍ଥା ଅତୁଟ ରହିଲା । ଭାରତକୁ ଧର୍ମ ନିରପେକ୍ଷ ଭାବରେ ରଖିବାକୁ କେବଳ ଯେ ସେ ତାକୁ ସମ୍ବିଧାନରେ ଉଲ୍ଲେଖ କରିଥିଲେ, ତା' ନୁହେଁ ସେଥିପାଇଁ ସେ ଅହରହ କାର୍ଯ୍ୟ କରିଥିଲେ । ଫଳରେ ଭାରତର ବିଭିନ୍ନ ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହୋଇ ପାରିଥିଲା ।

ଭାରତବାସୀଙ୍କ ପ୍ରତି ପଣ୍ଡିତ ନେହେରୁଙ୍କ ତୃତୀୟ ଅବଦାନ, ଗଣତନ୍ତ୍ର । ସଂବିଧାନ ପ୍ରଣୟନ କାଳରେ ସାବାଳକ ଭୋଟ ପ୍ରଥା ସମ୍ପର୍କରେ କେତେକ ବିବାଦ ଉଠିଥିଲା । ଭାରତବର୍ଷର ଅଜ୍ଞ ଜନସାଧାରଣ ଉଚିତ ବିଚାରକରି ପ୍ରତିନିଧି ନିର୍ବାଚନ କରି ପାରିବେ ନାହିଁ । ତେଣୁ ଦେଶରୁ ନିରକ୍ଷରତା ଦୂର ନ ହେବା ପର୍ଯ୍ୟନ୍ତ ଗଣତନ୍ତ୍ର ଶାସନ ଦେଶରେ ପ୍ରଚଳିତ ହେବା ଉଚିତ ନୁହେଁ ବୋଲି କେତେକ ମତ ବ୍ୟକ୍ତ କରିଥିଲେ କିନ୍ତୁ ନେହେରୁ ଏହାର ତୀବ୍ର ବିରୋଧ କଲେ । ସେ କହିଥିଲେ––ଆମ ଦେଶର ଲୋକମାନେ ଅଶିକ୍ଷିତ ହୋଇ ପାରନ୍ତି, ତାଙ୍କର ସାକ୍ଷରତା ନଥାଇ ପାରେ କିନ୍ତୁ ସେମାନଙ୍କର ଯେଉଁ ସାଧାରଣ ଜ୍ଞାନ ଓ ବିଚାର ବୁଦ୍ଧି ଅଛି ତାହା ଖୁବ୍ କମ୍ ଶିକ୍ଷିତ ଲୋକମାନଙ୍କର ଅଛି । ତେଣୁ ଏ ଦେଶ ସାବାଳକ ଭୋଟ ପାଇଁ ଯଥେଷ୍ଟ ଆଗେଇ ଆସିଚି ଏବଂ ସାବାଳକ ଭୋଟ ଛଡ଼ା ଅନ୍ୟ ବାଟରେ ଏଠି ଗଣତନ୍ତ୍ର ଶାସନ ପ୍ରଚଳିତ ହୋଇ ପାରିବ ନାହିଁ । ତେଣୁ ପଣ୍ଡିତ ଜବାହାରଲାଲ ନେହେରୁ ଏ ଦେଶରେ ଗଣତନ୍ତ୍ର ଶାସନର ପ୍ରବର୍ତ୍ତକ ଏବଂ ଏହାକୁ ପ୍ରଚଳନ କରିବା ଦିଗରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହି ଗଣତନ୍ତ୍ର ଏବଂ ପାର୍ଲାମେଣ୍ଟାରୀ ଶାସନ ପଦ୍ଧତିରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । ପ୍ରଧାନମନ୍ତ୍ରୀ ଭାବରେ ଅଧିକାଂଶ ସମୟ ସେ ପାର୍ଲାମେଣ୍ଟରେ ଆସି ବସୁଥିଲେ । ଆଜି ଦେଶରେ ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଯଦି ସଫଳ ହୋଇଥାଏ ଏବଂ ବଦ୍ଧମୂଳ ହୋଇଥାଏ ତେବେ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଦାନ ସେଥିରେ ଯଥେଷ୍ଟ ବେଶୀ ।

ଅର୍ଥନୀତି କ୍ଷେତ୍ରରେ ଭାରତବର୍ଷର ଯାହା କିଛି ଅଗ୍ରଗତି ହୋଇ ପାରିଛି, ତାହା କେବଳ ପଣ୍ଡିତ ନେହରୁଙ୍କ ପାଇଁ । ସ୍ୱାଧୀନତା ପାଇବା ସମୟକୁ ଭାରତବର୍ଷ ଅର୍ଥନୀତି କ୍ଷେତ୍ରରେ ବହୁତ ପଛୁଆ ଥିଲା । ସେପରି କିଛି ସମ୍ବଳ ନଥିଲା । କଳ କାରଖାନା ଅତ୍ୟନ୍ତ ସୀମାବଦ୍ଧ ଥିଲା । ଭାରତକୁ ଏକ ପଛୁଆ ଦେଶ ବୋଲି ସେତେବେଳେ ପୃଥିବୀର ଲୋକେ ଜ୍ଞାନ କରୁଥିଲେ । ଏପରିକି ଉଇନ୍‌ସନ୍ ଚର୍ଚ୍ଚିଲ ଭାରତ ସମ୍ପର୍କରେ ବହୁ ଆଶଙ୍କା ପୋଷଣ କରି ମତ ପ୍ରକାଶ କରିଥିଲେ "ଯେ ଭାରତ ସ୍ୱାଧୀନ ହେବା ପରେ ପରେ ଖଣ୍ଡ ବିଖଣ୍ଡ ହୋଇଯିବ । ସ୍ୱାଧୀନତା ରକ୍ଷା କରିବା ପାଇଁ ତା'ର ଯଥେଷ୍ଟ ଅର୍ଥନୈତିକ ଶକ୍ତି ରହିବ ନାହିଁ" । ମାତ୍ର ପଣ୍ଡିତ ଜବାହାରଲାଲ ନେହରୁ ସେତେବେଳେ ଦୃଢ଼ ଭାବରେ କହିଲେ ଯେ ଭାରତ କାହାରି ଶିବିରଭୁକ୍ତ ହେବା ପାଇଁ ଚାହେଁ ନାହିଁ –ନିଜ ଶକ୍ତିରେ, ନିଜଗୋଡ଼ରେ ଛିଡ଼ା ହେବାପାଇଁ ଚାହେଁ । ଯେଥିପାଇଁ ସେ ଭାରି ଶିଳ୍ପ ବା ବଡ଼ ବଡ଼ କଳକାରଖାନା ବସାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ପଣ୍ଡିତ ନେହରୁ ଗାନ୍ଧିଜୀଙ୍କ ନୀତିରେ ବିଶ୍ୱାସ କରୁ ନ ଥିଲେ ବୋଲି ଆଜି ଅନେକ କହନ୍ତି । ଗାନ୍ଧିଜୀ କୁଟୀର ଶିଳ୍ପର ସପକ୍ଷରେ କହୁଥିବା ବେଳେ ନେହେରୁ ଦେଶରେ ଭାରିଶିଳ୍ପ ଉପରେ ଜୋର ଦେଲେ । ୧୯୫୫ ମସିହା ଗାନ୍ଧୀଜୟନ୍ତୀ ଦିନ ମାନ୍ଦ୍ରାଜରେ ରେଳକୋଚ କାରଖାନା ସ୍ଥାପନ କରିବା ସମୟରେ ପଣ୍ଡିତଜୀ ତାଙ୍କର ଭାଷଣରେ ଏ ଯୁକ୍ତିର ଉତ୍ତର ଦେଇଛନ୍ତି । ସେ କହିଥିଲେ,

ଯଦି ଗାନ୍ଧିଜୀ ଆଜି ବଞ୍ଚି ଥାନ୍ତେ ତେବେ ସେ ଏ କାରଖାନା ପ୍ରତିଷ୍ଠାକୁ ନିଶ୍ଚୟ ସ୍ୱାଗତ କରିଥାନ୍ତେ । କାରଣ ଯେଉଁ କାରଖାନା ଦ୍ୱାରା ଯଥେଷ୍ଟ ସଂଖ୍ୟାରେ ଲୋକଙ୍କୁ କାମ ଯୋଗାଯାଇ ପାରିବ ଏବଂ ଦେଶର ବେକାରି ସମସ୍ୟା ଦୂରୀଭୂତ କରିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯାଇ ପାରିବ, ତାହା ସ୍ୱାଗତଯୋଗ୍ୟ । ଏଥିରେ ଗାନ୍ଧିଜୀ ବିଶ୍ୱାସ କରୁଥିଲେ । ଶ୍ରୀମନ୍ନାରାୟଣଙ୍କ ଲିଖିତ "ଗାନ୍ଧୀଆନ୍ ପ୍ଲାନ୍" ପୁସ୍ତକରେ ଗାନ୍ଧିଜୀ ନିଜେ ମୁଖବନ୍ଧ ଲେଖି କହିଛନ୍ତି ଯେ ସେ ବଡ଼ ବଡ଼ ଶିଳ୍ପର ବିରୋଧୀ ନୁହନ୍ତି, ବିଦ୍ୟୁତ୍ ଶକ୍ତିର ବିରୋଧୀ ନୁହନ୍ତି, ଏପରିକି ଆଣବିକ ଶକ୍ତିର ମଧ୍ୟ ବିରୋଧୀ ନୁହନ୍ତି । ଯେଉଁଥିରେ ବହୁସଂଖ୍ୟାରେ ଲୋକଙ୍କୁ କାମ ଯୋଗାଯାଇ ପାରିବ, ତାହାହିଁ ତାଙ୍କର ନୀତି । ତେଣୁ ଗାନ୍ଧୀନୀତି ଓ ଜହର-ଲାଲ ନେହେରୁଙ୍କ ନୀତି ଭିତରେ କୌଣସି ପାର୍ଥକ୍ୟ ନାହିଁ । ଶିଳ୍ପର ବିକାଶ ଦ୍ୱାରା ତଥା ଅର୍ଥନୈତିକ ବିକାଶ ଦ୍ୱାରା ଭାରତର କୋଟି କୋଟି ଜନସାଧାରଣଙ୍କର ଜୀବନ-ଧାରଣର ଉନ୍ନତି କରିବା ଓ ବେକାରି ସମସ୍ୟା ସମାଧାନ କରିବା ହେଉଛି ସେ ନୀତି । ଜବାହାରଲାଲ ଭାରି ଶିଳ୍ପ ଉପରେ ଗୁରୁତ୍ୱ ଦେଇ ନ ଥିଲେ ଆଜି ଭାରତରେ ଶିଳ୍ପ ବିସ୍ତାର ସମ୍ଭବ ହୋଇ ପାରି ନ ଥାନ୍ତା । କାରଣ ଇସ୍ପାତ ଏକ ମୌଳିକ ଶିଳ୍ପ । ଇସ୍ପାତ ନ ହେଲେ ଲେଦ୍ ମେସିନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯନ୍ତ୍ରପାତି ପର୍ଯ୍ୟନ୍ତ କିଛି ଉତ୍ପାଦନ କରାଯାଇ ପାରିବ ନାହିଁ । ବଡ଼ ବଡ଼ କଳକାରଖାନା ବିନା କୃଷିର ଉନ୍ନତି ଚିନ୍ତା କରାଯାଇ ପାରିବ ନାହିଁ । ଆଧୁନିକ କୃଷିରେ ସାର ଦରକାର, ପୋକମରା ଔଷଧ ଦରକାର, ଆଧୁନିକ ଯନ୍ତ୍ରପାତି ଦରକାର । ତେଣୁ କୃଷିର ବିକାଶ ପାଇଁ, କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଭାରି ଶିଳ୍ପ ପ୍ରତିଷ୍ଠା ଏକାନ୍ତ ପ୍ରୟୋଜନ । ପଣ୍ଡିତ ନେହେରୁ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ କୃଷିର ବିକାଶ ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ସ୍ଥାପନ କରିଥିଲେ ।

ଆମ ଦେଶରେ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ କୃଷି ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆ ଯାଇଥିଲା । ବଡ଼ ବଡ଼ ନଦୀ ଯୋଜନା ସାହାଯ୍ୟରେ ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଲକ୍ଷ୍ୟ ଥିଲା । ସୋଭିଏତ ୟୁନିୟନର ଲେନିନ ଦେଶର ବିକାଶ ପାଇଁ ଏହିପରି ଚିନ୍ତା କରିଥିଲେ ଏବଂ ଏକ ସୂତ୍ର ପ୍ରଣୟନ କରିଥିଲେ । ତା' ହେଉଛି, ବିଦ୍ୟୁତ୍‌ଶକ୍ତି + ସୋଭିଏତ୍ ଶକ୍ତି = ସମାଜବାଦ । (Electric Power + Soviet Power = Socialism). ପଣ୍ଡିତ ନେହେରୁଙ୍କର ଏଥିରେ ଖୁବ୍ ବିଶ୍ୱାସ ଥିଲା । କାରଣ ସେ ଜାଣିଥିଲେ ବିଦ୍ୟୁତଶକ୍ତିର ବିକାଶ ନ ହେଲେ ଦେଶର ଅଭ୍ୟୁତ୍ଥାନ ବା ସମାଜବାଦ ହୋଇ ପାରିବ ନାହିଁ । ତେଣୁ ସେ ସେତେବେଳେ ଦେଶରେ ଅନେକ (Multipurpose Project) ଆରମ୍ଭ କରିଥିଲେ । ସେଥି ଭିତରୁ ହୀରାକୁଦ ବନ୍ଧ ଅନ୍ୟତମ । ଏ ବନ୍ଧର ଉଦ୍‌ଘାଟନ ଉତ୍ସବ ସମୟରେ ପଣ୍ଡିତ ନେହେରୁ ଗୋଟିଏ କଥା କହିଥିଲେ । ତାହା ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ସେ କହିଥିଲେ, ପ୍ରାଚୀନ ଭାରତରେ ବହୁ ମନ୍ଦିର ନିର୍ମାଣ କରାଯାଇଛି । କିନ୍ତୁ ଆଧୁନିକ ଭାରତର ମନ୍ଦିର ହେଉଛି ଏଇ ବନ୍ଧ ଯୋଜନା, ଶିଳ୍ପ ଯୋଜନା । ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ଧାରଣର ମାନ ଉନ୍ନତ ହୋଇ ପାରିବ । ତେଣୁ ସେ କୃଷିକୁ ଅବହେଳା କରିଥିଲେ ବୋଲି ଯେଉଁମାନେ ଯୁକ୍ତି କରନ୍ତି, ତାହା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ଚୀନ ଓ ଭାରତବର୍ଷର ପଚିଶ ବର୍ଷର ଇତିହାସକୁ ଆମେରିକାନ ଅର୍ଥନୀତିଜ୍ଞମାନେ ଅଧ୍ୟୟନ କରିଛନ୍ତି । ସେ ପ୍ରମାଣିତ କରିଛନ୍ତି ଯେ ସମାଜବାଦକୁ ଗ୍ରହଣ କରି ଏବଂ ଦ୍ରୁତଗତିରେ ଦେଶର ଉନ୍ନୟନ କରି ଚୀନ ଦେଶରେ କୃଷି କ୍ଷେତ୍ରରେ ଯାହା ଉନ୍ନତି ହୋଇଛି, ଭାରତବର୍ଷରେ ତା' ଅପେକ୍ଷା ଅଧିକ ଉନ୍ନତି ହୋଇଛି । ଚୀନଦେଶରେ ଯେତିକି ଉତ୍ପାଦନ ବଢ଼ିଛି, ଭାରତବର୍ଷରେ ତା' ଅପେକ୍ଷା ଅଧିକ ଉତ୍ପାଦନ ବଢ଼ିଛି । ମାତ୍ର ପଚିଶ ବର୍ଷ ଭିତରେ ଭାରତର ଉତ୍ପାଦନ ଦ୍ୱିଗୁଣିତ ହୋଇଛି । ଜଳସେଚନର ବ୍ୟବସ୍ଥା, ଉନ୍ନତ କୃଷି ପ୍ରଣାଳି ପ୍ରବର୍ତ୍ତନ ଓ ସାର ଉତ୍ପାଦନ ପ୍ରଭୃତି ନ ହୋଇଥିଲେ ଭାରତର ଉତ୍ପାଦନ ଦ୍ୱିଗୁଣିତ ହେବା କେବେ ସମ୍ଭବ ହୋଇ ନଥାନ୍ତା ।

ଭାରତବର୍ଷକୁ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଅନ୍ୟତମ ଦାନ, ବିଜ୍ଞାନ । ଯେତେ ଜାତୀୟ ଲବରେଟରୀ, ଗବେଷଣାଗାର ଭାରତବର୍ଷରେ ସ୍ଥାପିତ ହୋଇଛି, ପଣ୍ଡିତ ନେହେରୁଙ୍କ ସମୟରେ ସେ ସବୁର ମୂଳଦୁଆ ପଡ଼ିଥିଲା । ଆଜି ଆଣବିକ ଶକ୍ତିର ବିକାଶରେ ଭାରତ ଯେଉଁ ଅଗ୍ରଗତି କରିଛି, କେବଳ ଜବାହାରଲାଲ ନେହେରୁଙ୍କ ପାଇଁ ତାହା ସମ୍ଭବ ହୋଇଛି । ସେ ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ ଓ ବିଜ୍ଞାନ କଂଗ୍ରେସର ପ୍ରତ୍ୟେକ ଅଧିବେଶନରେ ଯୋଗ ଦେଉଥିଲେ । ତାଙ୍କ ହୃଦୟରେ ବୈଜ୍ଞାନିକମାନଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ରହିଥିଲା । ମଧ୍ୟସ୍ତରୀୟ କାରିଗରୀ ଜ୍ଞାନରେ ଭାରତବର୍ଷ ପୃଥିବୀରେ ଶ୍ରେଷ୍ଠ ଆସନ ହାସଲ କରିଛି । ଆଜି ହଜାର ହଜାର ଭାରତୀୟ ଭାରତ ବାହାରେ ପୃଥିବୀର ବିଭିନ୍ନ ଦେଶରେ ଯାଇ କାର୍ଯ୍ୟ କରୁଛନ୍ତି ଏବଂ ଭାରତବର୍ଷର ଯାହା ଆବଶ୍ୟକତା ତାହା ମଧ୍ୟ ମେଣ୍ଟନ ହୋଇଛି । ଏ ସଫଳତା ପଛରେ ଜବାହାରଲାଲ ନେହେରୁଙ୍କର ନୀତି ଓ ଆଦର୍ଶ ବିଶେଷ ଭାବରେ କାର୍ଯ୍ୟ କରିଛି । କାରଣ ବିଜ୍ଞାନ ବିନା କୌଣସି ଦେଶର ଅଗ୍ରଗତି କେବେହେଲେ ସମ୍ଭବ ହୁଏନାହିଁ ।

ଭାରତବର୍ଷର ବଳିଷ୍ଠ ବୈଦେଶିକ ନୀତି ଆଜି ସମଗ୍ର ପୃଥିବୀକୁ ଆଶାର ଆଲୋକ ଦେଖାଇ ପାରିଛି । ସମସ୍ତେ ଜାଣନ୍ତି, ନିରପେକ୍ଷ ବୈଦେଶିକ ନୀତି ପୃଥିବୀରେ ନୂଆ କଥା ନୁହେଁ । ସୁଇଜରଲାଣ୍ଡ ପରି ଗୋଟିଏ ଦେଶ ସବୁବେଳେ ନିରପେକ୍ଷ ବୈଦେଶିକ ନୀତି ଅନୁସରଣ କରି ଆସିଛି ; କିନ୍ତୁ ଏ ନୀତି ହେଉଛି, ଏକ ନକାରାତ୍ମକ ନୀତି । ଅର୍ଥାତ୍ ଯୁଦ୍ଧ ହେଲେ କୌଣସି ପକ୍ଷରେ ଯୋଗ ନ ଦେଇ ଚୁପ୍ ଚାପ୍ ରହିଥିବା ସୁଇଜରଲାଣ୍ଡର ନୀତି । ଏହାହିଁ ହେଉଛି Neutrality. କିନ୍ତୁ ଜବାହାରଲାଲ ନେହେରୁ

ଯେଉଁ ନୀତିର ପ୍ରବର୍ତ୍ତନ କଲେ ତାହା ନକାରାତ୍ମକ ନୁହେଁ । ତା' ହେଉଛି, ସକାରାତ୍ମକ । ଅର୍ଥାତ୍ ଏ ନୀତିର ଏକ ନିର୍ଦ୍ଦିଷ୍ଟ ଭୂମିକା ଅଛି । କ'ଣ ସେ ଭୂମିକା ? ତା' ହେଉଛି ସାମ୍ରାଜ୍ୟବାଦ ବିରୋଧୀ ଭୂମିକା, ଉପନିବେଶବାଦ ବିରୋଧି ଭୂମିକା । ପୃଥିବୀର ନବ ସ୍ୱାଧୀନ ଦେଶଗୁଡ଼ିକୁ ଏକତ୍ର କରି ଦୁଇ ବିବାଦମାନ ଗୋଷ୍ଠୀ ଭିତରୁ ସେଗୁଡ଼ିକୁ ଅଲଗାକରି ସ୍ଥାୟୀ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟକରିବା ହେଉଛି ଏହି ବୈଦେଶିକ ନୀତିର ଆଭିମୁଖ୍ୟ । କୋରିଆରେ ଯୁଦ୍ଧ ହୋଇଛି, ଭିଏତନାମରେ ଯୁଦ୍ଧ ହୋଇଛି, କିନ୍ତୁ ସେଠାରେ ଉଭୟଗୋଷ୍ଠୀ ଭାରତବର୍ଷକୁ ନିରପେକ୍ଷ ଦେଶ ବୋଲି ସ୍ୱୀକାର କରିଛନ୍ତି ।

ଆମେରିକାର ରକ୍ଷଣଶୀଳ ଗୋଷ୍ଠୀର ଏକ ସମ୍ବାଦପତ୍ର "Time Magazine" ଭାରତବର୍ଷକୁ ପ୍ରାୟ ଅଧିକାଂଶ ସମୟରେ ସମାଲୋଚନା କରି ଆସିଛି । କିନ୍ତୁ ୧୯୫୮ ମସିହାରେ ଜବାହାରଲାଲ ନେହେରୁଙ୍କ ସମ୍ପର୍କରେ ଏ କାଗଜ ପ୍ରକାଶ କଲା ଯେ "ନେହେରୁ ଭାରତବର୍ଷରେ ବୁଦ୍ଧଙ୍କ ପରି ବସିଛନ୍ତି । ଅଥଚ ପୃଥିବୀର ସବୁ ଦେଶ ଆସି ତାଙ୍କୁ ସମ୍ମାନ ଜଣାଉଛନ୍ତି ।

ଭାରତ ତ ଏକ ଅନୁନ୍ନତ ଦେଶ । ତା'ର ଧନ ସମ୍ପଦ ନାହିଁ । ଆମେରିକା ପରି ସେ ଧନଶାଳୀ ନୁହେଁ ବା ଏକ ଗୋଷ୍ଠୀ ଶାସନାଧୀନ, ସୋଭିଏତ୍ ୟୁନିଅନ ପରି ବିରାଟ ଦେଶ ନୁହେଁ । ତଥାପି ପଣ୍ଡିତ ନେହେରୁ ଭାରତବର୍ଷକୁ ଏତେ ଉଚ୍ଚକୁ ନେଇ ଯାଇଥିଲେ ଯେ, ଯାହା ଫଳରେ ଭାରତବର୍ଷର ସମ୍ମାନ ପୃଥିବୀରେ ଯଥେଷ୍ଟ ପରିମାଣରେ ବଢ଼ି ଯାଇଥିଲା । ଆଜି ଭାରତର ଶାସନ ଓ ସମାଜକୁ ଯଦି କେହି ଧ୍ରୁବତାରା ପରି ପରିଗ୍ରହନା କରୁଥାଏ, ତାହା ହେଉଛି, ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନୀତି । ସମସ୍ତ କ୍ଷେତ୍ରରେ ତାଙ୍କର ଦିଗ୍‌ଦର୍ଶନ, ମୌଳିକ ଦୃଷ୍ଟିକୋଣ ଓ ରାଷ୍ଟ୍ରନୀତି ଆମର ଅନୁସରଣୀୟ । ସେ ହେଉଛନ୍ତି ପ୍ରକୃତ ନବ ଭାରତର ନିର୍ମାତା ବା ବିଧାଣୀ ।

ଭାରତବର୍ଷ ପରି ଏକ ଅନୁନ୍ନତ ଦେଶକୁ ନିଜର ମୌଳିକ ଦୃଷ୍ଟିକୋଣରେ ଅତି ଅଳ୍ପ ସମୟ ମଧ୍ୟରେ ପଣ୍ଡିତ ଜବାହାରଲାଲ ନେହେରୁ ଏକ ସମୃଦ୍ଧ ଓ ସମ୍ମାନନୀୟ ଆସନକୁ ଆଣି ପାରିଥିଲେ । ତାଙ୍କରି ନୀତି ଏବଂ ଆଦର୍ଶକୁ ଅନୁସରଣକରି ଅଳ୍ପକାଳ ଭିତରେ ଏହି ଅନୁନ୍ନତ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ, କୃଷି କ୍ଷେତ୍ରରେ, ବିଜ୍ଞାନ କ୍ଷେତ୍ରରେ ଭାରତର ଅନ୍ୟ ଉନ୍ନତ ରାଜ୍ୟ ସହିତ ସମକକ୍ଷ କରି ଗଢ଼ିବାକୁ ଆମେ ସଂକଳ୍ପ ବଦ୍ଧ ।

## ଦାରିଦ୍ର୍ୟମୁକ୍ତ ସମାଜରେ କଳା ପ୍ରତିଭାର ବିକାଶ ସମ୍ଭବ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ଓଡ଼ିଶାରେ ଶିଳ୍ପ ପ୍ରସାରର ପ୍ରଚେଷ୍ଟା ଏକ ଦାରିଦ୍ର୍ୟମୁକ୍ତ ସମାଜ ଗଠନ କରିବା ନିମନ୍ତେ ଓଡ଼ିଶାବାସୀଙ୍କ ବହୁକାଳର ଆଶାଆକାଂକ୍ଷାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି । ନଭେମ୍ବର ୩ ତାରିଖ ସଂଧ୍ୟାରେ କଟକ ଜିଲ୍ଲାର ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗ୍ରାଁ ପାଟଠାରେ ଗଣକବି ବୈଷ୍ଣବ ପାଣିଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଏକ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଥିଲେ । ସେ କହିଲେ ଯେ ଯେ କୌଣସି ସମାଜର ଅଭିବୃଦ୍ଧି ପାଇଁ ଶିଳ୍ପର ପ୍ରସାର ଅପରିହାର୍ଯ୍ୟ । ବର୍ତ୍ତମାନ ସମଗ୍ର ଭାରତବର୍ଷରେ ଅର୍ଥନୈତିକ ସମୃଦ୍ଧି ପାଇଁ ଯେଉଁ ବିରାଟ ପଟୁଆର ବାହାରିଛି, ସେ ପଟୁଆରରେ ଅଗ୍ରଗାମୀ ହେବାକୁ ହେଲେ ଓଡ଼ିଶାକୁ ତ୍ୱରାନ୍ୱିତ ପଦକ୍ଷେପରେ ଆଗେଇ ଯିବାକୁ ହେବ । ଓଡ଼ିଶାରେ ଏହି ମାତ୍ରା ଆରମ୍ଭ ହୋଇଛି ଏବଂ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଏ ଯାତ୍ରା ଅପ୍ରତିହତ ରହିବ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ମୁଖ୍ୟତଃ ରାଜନୈତିକ ଅସ୍ଥିରତା ଯୋଗୁଁ ବହୁକାଳ ଧରି ରାଜ୍ୟର ଅଗ୍ରଗତି ସମ୍ଭବ ହୋଇନାହିଁ । ସୁଖର କଥା, ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଓଡ଼ିଶାରେ ସମୃଦ୍ଧିର ଏକ ନୂତନ ଦିଗନ୍ତ ଉନ୍ମୋଚିତ ହୋଇଛି । ଅଳ୍ପକାଳ ମଧ୍ୟରେ ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟ ରୂପେ ଗଢ଼ିବା ପାଇଁ ଓଡ଼ିଶାବାସୀଙ୍କ ମନରେ ସଂକଳ୍ପ ଜାତ ହୋଇଛି । ଏହି ସଂକଳ୍ପକୁ ବାସ୍ତବରେ ପରିଣତ କରିବା ପାଇଁ ଓଡ଼ିଶାରେ ବିପୁଳ ପ୍ରାକୃତିକ ସଂପଦ ରହିଛି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯଥେଷ୍ଟ ସମ୍ବଳ ଯୋଗାଇ ଦିଆଯାଉଛି ।

କବି ବୈଷ୍ଣବ ପାଣିଙ୍କ ବହୁମୁଖୀ କଳାପ୍ରତିଭା ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଅକଥନୀୟ ଦାରିଦ୍ର୍ୟର କଶାଘାତ ସତ୍ତ୍ୱେ କବି ଓଡ଼ିଆ ଗୀତିନାଟ୍ୟ ପରଂପରାକୁ ଯେଉଁ ଅବଦାନ ଦେଇ ଯାଇଛନ୍ତି ତାହା ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ ରୂପେ ଚିର ଜାଜ୍ୱଲ୍ୟମାନ ହୋଇ ରହିଥିବ । କବି ଓ ଲେଖକମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପୂର୍ଣ୍ଣ ବିକାଶ ନିମନ୍ତେ ଦାରିଦ୍ର୍ୟରୂପୀ କଳଙ୍କ ଦୂର କରିବାକୁ ହେବ ବୋଲି ସେ କହିଥିଲେ ।

ଉତ୍ସବ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଗଣକବିଙ୍କର ଏକ ପ୍ରତିକୃତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ଥାନୀୟ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗୌର ମୋହନ ସାହୁ ସ୍ୱାଗତ ଭାଷଣ ଦେବା ପରେ ମାହାଙ୍ଗା ଅଂଚଳର ଗ୍ରାମବାସୀମାନଙ୍କ ପକ୍ଷରୁ ଶ୍ରୀ କାର୍ତ୍ତିକ ସାହୁ ମାନପତ୍ର ପାଠ କରିଥିଲେ ।

# ବିନୋବା



ସତ୍ୟାନନ୍ଦ ଚମ୍ପତିରାୟ

ପୁରାଣରେ ପଢ଼ିବା ଭଳି ମଣିଷଟିଏ—ବୈଦିକ ଯୁଗର ମୁନି ଋଷିଙ୍କ ପରି କେବଳ ଜୀବନଟି ଅତିବାହିତ କରି ନାହାନ୍ତି, ନଶ୍ୱର ଶରୀରଟାକୁ ମଧ୍ୟ ପୌରାଣିକ ରୀତିରେ ପ୍ରାୟୋପବେଶନ କରି ପୌନାରଠାରେ ତ୍ୟାଗ-କଲେ ଦୀପାବଳି ଅମାବାସ୍ୟା ଦିନ ସକାଳ ସାଢ଼େ ନଅଟାରେ । ବିଂଶ ଶତାବ୍ଦୀର ଆଠ ଦଶକରେ ଏପରି ମନୁଷ୍ୟ ଏହି ପୃଥିବୀରେ ଚଳପ୍ରଚଳ ହେଉଥିଲେ ବୋଲି ବିଶ୍ୱାସ ହେଉନାହିଁ —ଆଉ ଦଶ କୋଡ଼ିଏ ବର୍ଷପରେ ଯେଉଁ-ମାନେ ଜନ୍ମଗ୍ରହଣ କରିବେ ସେମାନେ ସନ୍ଥ ବିନୋବାଙ୍କୁ କାବ୍ୟ କବିତା ବା ଗଳ୍ପ ଉପନ୍ୟାସର ଏକ କାଳ୍ପନିକ ଚରିତ୍ର ବୋଲି ବିଚାରିବେ । ତାଙ୍କର ଜୀବନଟା ଯେପରି ସ୍ୱର୍ଗ ଛଡ଼ା, ମରଣଟା ମଧ୍ୟ ସେହିପରି କଳ୍ପନାତୀତ ।

ପଣ୍ଡିତ ଜବାହରଲାଲ ନେହରୁ ମହାତ୍ମା ଗାନ୍ଧିଙ୍କର ରାଜନୈତିକ ଦାୟାଦ ଥିଲେ, କିନ୍ତୁ ତାଙ୍କର ଆଧ୍ୟାତ୍ମିକ ଦାୟାଦ ଥିଲେ ବିନୋବା ଭାବେ । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ସେ ଖାଲି ତାଙ୍କର ପ୍ରାର୍ଥନା ସଭା ପ୍ରଥା ଚାଲୁ ରଖି-ନଥିଲେ, ତାଙ୍କର ସମସ୍ତ ରଚନାତ୍ମକ ଓ ଗଠନ ମୂଳକ ପ୍ରଥା ମଧ୍ୟ ସେ କରି ଯାଉଥିଲେ । ରାଜନୀତିର କୋଳାହଳ ଓ କାମନାଠାରୁ ଅନେକ ଦୂରରେ ରହି ଦଳମତନିର୍ବିଶେଷରେ ଭିନ୍ନ ଭିନ୍ନ ରାଜନୀତିଜ୍ଞ ଓ ଶାସକମାନଙ୍କଠାରୁ ସେ ଶ୍ରଦ୍ଧା ଓ ସମ୍ମାନ ପାଉଥିଲେ । ତାଙ୍କର ଆଶୀର୍ବାଦ ଓ ପରାମର୍ଶ ପାଇବାକୁ ଭାରତର ସବୁ ପ୍ରଧାନମନ୍ତ୍ରୀ ଓ ଅନେକ ମୁଖ୍ୟମନ୍ତ୍ରୀ ପୌନାର ଆଶ୍ରମକୁ ଏକାଧିକ ଥର ଯାଇଛନ୍ତି । କିନ୍ତୁ ତାଙ୍କୁ କେହି କେବେ ପ୍ରଭାବିତ କରି ପାରିନାହାନ୍ତି । ତାଙ୍କର ବିବେକ ଓ ବିଚାର ସିଦ୍ଧ ସିଦ୍ଧାନ୍ତରୁ ତାଙ୍କୁ କେହି ହଟାଇ ଦେଇ ପାରିନାହାନ୍ତି ।

## ବାଲ୍ୟ କାଳ ଓ ଶିକ୍ଷା

ବିଗତ ଶତାବ୍ଦୀର ଶେଷ ଭାଗରେ ୧୧ ସେପ୍ଟେମ୍ବର ୧୮୯୫ ଦିନ ନରହରି ଭାବେଙ୍କର ଯେଉଁ ଶିଶୁ ପୁତ୍ର ଜନ୍ମଲାଭ କରିଥିଲା, ତାର ନାମ ରଖାଯାଇଥିଲା ବିନାୟକ ନରହରି । ତାଙ୍କର ମାତା ରୁକ୍ମିଣୀ ଦେବୀଙ୍କର ସହଜ ଧର୍ମ ବିଶ୍ୱାସ ବିନାୟକ ଭାବେଙ୍କୁ ଚିରଦିନ ପ୍ରଭାବିତ କରିଥିଲା । ଦଶବର୍ଷ ବୟସରେ ସେ କଠୋର ବ୍ରହ୍ମଚାରୀ ବ୍ରତ ଦୀକ୍ଷା ନେଇ-ଥିଲେ । ଦିନକୁ ଥରେ ମାତ୍ର ଆହାର ଓ ତୃଣ ଶଯ୍ୟାରେ ଶୟନ ଏହି ବ୍ରତର କାୟିକ ସଂକଳ୍ପ । ସଦାଚାର ଓ ସମୟାନୁବର୍ତ୍ତିତା ଏହି- ବ୍ରତର ମାନସିକ ପ୍ରତିଜ୍ଞା । ପ୍ରାୟୋପବେଶନ ପୂର୍ବକ ଶରୀର ତ୍ୟାଗ କରିବା ପର୍ଯ୍ୟନ୍ତ ସେ ଏହି ବ୍ରତ ଉଭୟ କାୟିକ ଓ ମାନସିକ ଦିଗରୁ ପାଳନ କରିଥିଲେ ।

କଲେଜରେ ପ୍ରଥମ ବର୍ଷ ପଢ଼ିବା ବେଳେ ଇଂରେଜୀ ଶିକ୍ଷା ପ୍ରତି ତାଙ୍କର ବିତୃଷ୍ଣା ଆସିବାରୁ ସେ ତାଙ୍କର ମାଙ୍କ ଆଗରେ ତାଙ୍କର ଶିକ୍ଷାର ସବୁ ପ୍ରମାଣ ପତ୍ର ନିଆଁରେ ଗୋଟି ଗୋଟି କରି ପୋଡ଼ି ଦେଇଥିଲେ । ତାପରେ ସେ ସଂସ୍କୃତ ଭାଷା ଓ ହିନ୍ଦୁ ଦର୍ଶନ ପଢ଼ିବାକୁ ବାରଣସୀ ଯାଇଥିଲେ । କାଶୀଠାରେ ପଢ଼ିବା ବେଳେ ସେ ଗାନ୍ଧିଜୀ-ଙ୍କର ଗୋଟିଏ ବକ୍ତୃତା ପଢ଼ିଥିଲେ । ସେହି ବକ୍ତୃତାରେ ଗାନ୍ଧିଜୀ ଭାରତର ରାଜାମାନଙ୍କୁ ତାଙ୍କର ବହୁମୂଲ୍ୟ ଅଳଙ୍କାର ଓ ମଣିମୁକ୍ତା ଗରୀବମାନଙ୍କର ଉପକାର ନିମନ୍ତେ ଦାନ କରି ଦେବାକୁ ଆବେଦନ କରିଥିଲେ । ସେହି ବକ୍ତୃତା ବିନାୟକ ଭାବେଙ୍କୁ ଏତେ ଭଲ ଲାଗିଥିଲା ଯେ ସେ ପାଠ ଛାଡ଼ି ହଠାତ୍ ଦିନେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଯୋଗଦେବାକୁ ପହଞ୍ଚିଥିଲେ । ଗାନ୍ଧିଜୀ ତାଙ୍କୁ 'ବିନୋବା' ବୋଲି ଡାକୁଥିଲେ । ମରାଠୀ ଭାଷାରେ 'ବା', ଓଡ଼ିଆ ଭାଷାରେ 'ବାବୁ' ଶବ୍ଦ ପରି । ବିନାୟକ ବାବୁ ବଦଳରେ ସେ ହୋଇଗଲେ "ବିନୋବା" ।

ସାବରମତୀ ଆଶ୍ରମର କଠିନ ପରିଶ୍ରମ ବିନୋବାଙ୍କ ଦୁର୍ବଳ ଶରୀର ସହି ପାରି ନଥିଲା । ତେଣୁ ଗାନ୍ଧିଜୀ ତାଙ୍କୁ ଗୋଟିଏ ବର୍ଷ ଛୁଟି ନେଇ ସ୍ୱାସ୍ଥ୍ୟର ଉନ୍ନତି କରିବାକୁ ଆଦେଶ ଦେଇଥିଲେ । ବିନୋବା ସେହି ବର୍ଷଟି ଆଉଥରେ ସଂସ୍କୃତ ଓ ହିନ୍ଦୁ ଦର୍ଶନ ପଢ଼ି ଅତିବାହିତ କଲେ । ଛୁଟିର ବର୍ଷ ଯେଉଁ ଦିନ ପୂରିଲା ଠିକ ସେହି ଦିନ ବିନୋବା

ଆଉଥରେ ଯାଇ ସାବରମତୀ ଆଶ୍ରମରେ ଯୋଗ ଦେଲେ । ସମୟାନୁବର୍ତ୍ତିତା ତାଙ୍କର ବ୍ରତର ଏକ ସଂକଳ୍ପ ଓ ସେଥି-ନିମନ୍ତେ ସେ ଗାନ୍ଧିଜୀଙ୍କର ପ୍ରିୟଥିଲେ ।

ପ୍ରତ୍ୟେକ ଧର୍ମର ମୂଳତତ୍ତ୍ୱ ଜାଣିବା ନିମନ୍ତେ ବିଭିନ୍ନ ଧର୍ମର ପ୍ରଧାନ ଗ୍ରନ୍ଥ ସେହି ଭାଷାରେ ପଢ଼ି ବୁଝିବା ନିମନ୍ତେ ସେ ଆଗ୍ରହୀ ହୋଇଥିଲେ । ସଂସ୍କୃତ ଓ ଇଂରେଜୀରେ ଯଥେଷ୍ଟ ଜ୍ଞାନ ଥିବା ଯୋଗୁ ବେଦ ଓ ବାଇବେଲ୍ ସେ ପଢ଼ିସାରି, କୋରାନ୍ ପଢ଼ିବା ନିମନ୍ତେ ଆରବୀ ଭାଷା ଶିକ୍ଷା କରିଥିଲେ । ସେହି ସମୟରେ ସାବରମତୀ ନିକଟରେ ଥିବା ଗ୍ରାମମାନଙ୍କରେ ସେ ପ୍ରୌଢ଼ ଶିକ୍ଷା ଦେବା ନିମନ୍ତେ ଯାଉଥିଲେ । ୧୯୧୯ରେ ରାଓଲଟ୍ ଆଇନ ବିରୁଦ୍ଧରେ ସତ୍ୟାଗ୍ରହ କରିବାକୁ ଗାନ୍ଧିଜୀ ଯେତେବେଳେ ଗଲେ, ସେ ସାବରମତୀ ଆଶ୍ରମ ଦାୟିତ୍ୱରେ ବିନୋବାଙ୍କୁ ରଖି-ଯାଇଥିଲେ । ଦୁଇ ବର୍ଷ ପରେ ଓ୍ୱାର୍ଦ୍ଧାଠାରେ ଗାନ୍ଧିଜୀ ଗୋଟିଏ ନୂତନ ଆଶ୍ରମ ସ୍ଥାପନ କରିଥିଲେ ଓ ବିନୋବା ସେହି ଆଶ୍ରମର ଦାୟିତ୍ୱରେ ରହିଲେ ।

ସ୍ୱାଧୀନତା ସଂଗ୍ରାମରେ ବିନୋବା ପ୍ରଥମେ ୧୯୨୩ରେ ନାଗପୁରଠାରେ ସତ୍ୟାଗ୍ରହ କରି ଜେଲ ଯାଇଥିଲେ । ୧୯୪୦ରେ ଇଂରେଜ ସରକାର ଭାରତବାସୀଙ୍କୁ ପରାମର୍ଶ ନକରି ଦ୍ୱିତୀୟ ମହାସମରରେ ମିତ୍ରଶକ୍ତିଙ୍କ ସପକ୍ଷରେ ଭାରତକୁ ଯୁଦ୍ଧରେ ଜଡ଼ିତ କରି ଦେଇଥିବାରୁ, ତାର ପ୍ରତିବାଦ କରି ମହାତ୍ମାଗାନ୍ଧି ବ୍ୟକ୍ତିଗତ ସତ୍ୟାଗ୍ରହର ଆହ୍ୱାନ ଦେଇଥିଲେ । ବିନୋବା ସେହି ସତ୍ୟାଗ୍ରହ ସମରର ପ୍ରଥମ ସତ୍ୟାଗ୍ରହୀ ରୂପେ ଯୋଗ ଦେବା ସମ୍ମାନ ଲାଭ କରିଥିଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ବେଳେ ବିନୋବା ଆଉଥରେ ଜେଲ ଯାଇଥିଲେ ।

ଜେଲ ଭିତରେ ସେ ଦକ୍ଷିଣ ଭାରତର ଭାଷା ତେଲଗୁ, ତାମିଲ, କନ୍ନଡ଼ ଓ ମାଲୟାଲମ୍ ଶିକ୍ଷା କରିଥିଲେ । ଆଗରୁ ତାଙ୍କର ହିନ୍ଦି, ମରାଠୀ, ଇଂରେଜୀ ଓ ଫରାସୀ ଭାଷା ବିଷୟରେ ବ୍ୟୁତ୍ପତ୍ତି ଆସିଯାଇଥିଲା ପରେ ପରେ ସେ ବଙ୍ଗାଳୀ ଭାଷା ମଧ୍ୟ ଶିଖିଥିଲେ ।

ସମାଜ ସଂସାର ନିମନ୍ତେ ଗାନ୍ଧିଜୀ ତାଙ୍କୁ ଅଧିକ ସକ୍ରିୟ ହେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ହରିଜନ-ମାନଙ୍କର ସାମାଜିକ ଅଧିକାର ପୁନଃ ପ୍ରତିଷ୍ଠା କରିବାକୁ ହିନ୍ଦୁ ମନ୍ଦିର ଭିତରେ ହରିଜନମାନଙ୍କ ପ୍ରବେଶ ସେତେ-ବେଳେ ଏକ ଆନ୍ଦୋଳନରେ ପରିଣତ ହୋଇଥିଲା । ସେହି ଆନ୍ଦୋଳନର ପ୍ରଧାନ ସେନାପତି ଥିଲେ ବେଦଜ୍ଞ ବ୍ରାହ୍ମଣ ବିନୋବା । ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ଯୁକ୍ତିର ଶାସ୍ତ୍ର ସମତ ଓ ପାଣ୍ଡିତ୍ୟପୂର୍ଣ୍ଣ ଉତ୍ତର ଦେବାରେ ସେ ପାରଦର୍ଶିତା ଲାଭ କରିଥିଲେ । ସେ ଯୁକ୍ତି ଓ ସତ୍ୟାଗ୍ରହ ଦ୍ୱାରା ଅନେକ ମନ୍ଦିରରେ ହରିଜନ ପ୍ରବେଶ କରାଇ ରକ୍ଷଣଶୀଳ ବ୍ରାହ୍ମଣ ସମ୍ପ୍ରଦାୟର ବିରାଗଭାଜନ ହୋଇଥିଲେ । କେରଳ ରାଜ୍ୟର ବୈକମ ମନ୍ଦିର ଭିତରକୁ ହରିଜନ ପ୍ରବେଶ କରାଇବା ନିମନ୍ତେ ସେତେବେଳେ ସେ ସଫଳ ସତ୍ୟାଗ୍ରହ କରିଥିଲେ । ପ୍ରସିଦ୍ଧ ଗୁରୁ ବାୟୁର ମନ୍ଦିର ଭିତରକୁ ହରିଜନ ପ୍ରବେଶ ନ ହୋଇ ପାରିବାରୁ, ସେ ମଧ୍ୟ ମନ୍ଦିର ଭିତରକୁ ଯାଇ ନ ଥିଲେ । ୧୯୫୩ରେ ବିହାରର ଦେଓଘରଠାରେ ବୈଦ୍ୟନାଥ ମନ୍ଦିର ଭିତରକୁ ଅଣ ହିନ୍ଦୁମାନଙ୍କ ସହ ପ୍ରବେଶ କରିବାବେଳେ ଅନ୍ଧବିଶ୍ୱାସୀ ହିନ୍ଦୁମାନେ ତାଙ୍କୁ ଆକ୍ରମଣ କରିଥିଲେ । ହରିଜନମାନଙ୍କୁ ସାମାଜିକ ନ୍ୟାୟ ଦେବା ନିମନ୍ତେ ବିନୋବା ସବୁବେଳେ କହୁଥିଲେ ।

୧୯୪୭ରେ ଭାରତର ବିଭାଜନ ତାଙ୍କମନରେ ଗଭୀର ବେଦନା ଓ ବ୍ୟଥା ଦେଇଥିଲା । ଓ୍ୱାର୍ଦ୍ଧାଠାରେ ଏକ ସମ୍ମିଳନୀରେ ସେ ଭାରତର ବିଭାଜନକୁ "ହିମାଳୟତୁଲ୍ୟ ଭ୍ରମ" ବୋଲି ବର୍ଣ୍ଣନା କରିଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ସେ ଦିଲ୍ଲୀଠାରେ ଗାନ୍ଧିଜୀଙ୍କ ପରି ଆଉଥରେ ପ୍ରାର୍ଥନା ସଭା ଆରମ୍ଭ କରି ଶରଣାର୍ଥୀମାନଙ୍କ ମଧ୍ୟରେ ଆଶାର ସଂଚାର କରିପାରିଥିଲେ ।

ମାର୍ଚ୍ଚ ୧୯୪୮ରେ ସେବା ଗ୍ରାମଠାରେ ତାଙ୍କରି ପୌରୋହିତ୍ୟରେ ଅନୁଷ୍ଠିତ ଗୋଟିଏ ସମ୍ମିଳନୀରେ "ସର୍ବୋଦୟ" ଜନ୍ମ ନେଇଥିଲା । ସେଦିନଠାରୁ ବିନୋବା ପଦଯାତ୍ରା କରି ଭାରତରେ ପ୍ରତ୍ୟେକ ପ୍ରଦେଶ ଭ୍ରମଣ କରିଥିଲେ । ୧୯୫୧ରେ ହାଇଦ୍ରାବାଦଠାରେ ସର୍ବୋଦୟ ସମାଜର ତୃତୀୟ ବାର୍ଷିକ ଅଧିବେଶନରେ ଯୋଗ ଦେବା ନିମନ୍ତେ ସେ ସେବାଗ୍ରାମଠାରୁ ଚାଲି ଚାଲି ପାଞ୍ଚଶହ କିଲୋ-ମିଟର ଯାତ୍ରା କରିଥିଲେ । ଅଧିବେଶନ ପରେ ଫେରିବା-ବେଳେ ସେ ତେଲେଙ୍ଗାନା ଅଞ୍ଚଳ ଭିତର ଦେଇ ଆସିଥିଲେ । ସେତେବେଳେ ତେଲେଙ୍ଗାନାରେ ଉଗ୍ରପନ୍ଥୀ କମ୍ୟୁନିଷ୍ଟମାନେ ଭୂମିହୀନ ଚାଷୀମାନଙ୍କୁ ସଂଗଠିତ କରି ଏକ ସଶସ୍ତ୍ର ବିପ୍ଳବ ଆରମ୍ଭ କରିଥାଆନ୍ତି । ହତ୍ୟା ଓ ଲୁଟତରାଜ ଭିତରେ ତେଲେଙ୍ଗାନାର ଅଧିବାସୀମାନେ ଆତଙ୍କ ଗ୍ରସ୍ତ । ସେହି ପରିସ୍ଥିତିରେ ପୋଚମ୍ପଲ୍ଲି ଗ୍ରାମରେ ଛପନ ବର୍ଷ ବୟସ ପଦଯାତ୍ରୀ ରାତ୍ରି ଯାପନ କରିଥିଲେ । ପରଦିନ ବ୍ରାହ୍ମ-ମୁହୂର୍ତ୍ତରେ ପ୍ରାର୍ଥନାପରେ ବିନୋବା ଉପସ୍ଥିତ ଗ୍ରାମବାସୀଙ୍କୁ ଭୟକୁ ଭୟ ନ କରିବା ପାଇଁ ଓ ହିଂସାର ପ୍ରତିରୋଧ ଅହିଂସା ଭାବରେ କରିବା ପାଇଁ ଉପଦେଶ ଦେଉଥିଲେ । ସେହି ସମୟରେ ଜଣେ ହରିଜନ ଚାଷୀ ନିଜର ଭୂମି ନ ଥିବା ଯୋଗୁଁ ଭୋଗୁଥିବା ଦାରିଦ୍ର୍ୟର ପ୍ରତିକାର କିପରି ହେବ ବୋଲି ତାଙ୍କୁ ପଚାରିଥିଲେ । ସେହି ଅଶିକ୍ଷିତ ଦରିଦ୍ର ହରିଜନ ବିନୋବାଙ୍କୁ ସ୍ପଷ୍ଟଭାଷାରେ କହିଥିଲା ଯେ ଅତୃପ୍ତ କ୍ଷୁଧାର ଅସୀମ ଜ୍ୱାଳା ଅତ୍ୟନ୍ତ ଅସହାୟ ଓ ନିରୀହ ଚାଷୀଙ୍କୁ ମଧ୍ୟ ନିର୍ଭୀକ ଓ ହିଂସ୍ର କରି ଦେଇଛି । ଅହିଂସା ବ୍ରତ ଯାହାର ଜୀବନ ଧର୍ମ, ସେହି ବିନୋବା ଏହି କ୍ଷୁଧିତ ମାନବର ଅନ୍ତର ଭିତର ଦେଖି ଚକିତ ଓ ବିମୂଢ଼ ହୋଇ ଯାଇଥିଲେ । ଉଦର ଜ୍ୱାଳାର ଅସହ୍ୟ ପୀଡ଼ା ହିଂସା ଓ ଅହିଂସା ଭିତରେ ବିଚାର କରିବାକୁ ବା ମାନବିକତା ଓ ପଶୁତ୍ୱ ଭିତରେ ତାରତମ୍ୟ ଦୂର କରିବାକୁ ମନୁଷ୍ୟକୁ ସୁଯୋଗ ଦିଏ ନାହିଁ । ସେହି ସମୟରେ ବିନୋବାଙ୍କର ମନେ ପଡ଼ିଥିଲା ଅନେକ ଦିନତଳେ ଗାନ୍ଧିଜୀ ଦେଇଥିବା

ସେହି ଭାଷଣ, ଯାହା ବିନୋବାଙ୍କୁ ଟାଣି ନେଇଥିଲା ତାଙ୍କ ପାଖକୁ ।

ବିନୋବା ସେହି ସଭାରେ ଯେଉଁ ଭାଷଣ ଦେଲେ ତାହା ଗାନ୍ଧିଜୀଙ୍କର ସେହି ଭାଷଣର ପୁନରାବୃତ୍ତି । ସେ ରାଜାମାନଙ୍କୁ ଅଳଙ୍କାର ଦାନ କରିବା ବଦଳରେ ଧନୀ ଚାଷୀମାନଙ୍କୁ ଉଦ୍‌ବୃତ୍ତ ଜମି ଦାନ କରିବାକୁ ନିବେଦନ କରିଥିଲେ । ପାଣି ପବନ ପରି ଜମି ମଧ୍ୟ ଈଶ୍ୱରଙ୍କ ଦାନ ଓ ତାହା କୌଣସି ଲୋକର ବ୍ୟକ୍ତିଗତ ସମ୍ପତ୍ତି ହେବା ଅନୁଚିତ ବୋଲି ସେ ସେହି ସଭାରେ କହିଥିଲେ । ଗଭୀର ଆତ୍ମ ବିଶ୍ୱାସ ଓ ଦୃଢ଼ ନିଷ୍ଠାର ସହ ବିନୋବ ଗ୍ରାମର ଧନୀଲୋକଙ୍କୁ ନିବେଦନ କରି କହିଥିଲେ ଯେ ଗାଁ'ର ପ୍ରତ୍ୟେକ ଭୂମିହୀନ ଚାଷୀପରିବାର ନିମନ୍ତେ ଅନ୍ତତଃ ଗୋଟିଏ ଏକର ଜମି ସମସ୍ତେ ମିଶି ଦାନ କରନ୍ତୁ । ଏ ନିବେଦନରେ ହିଂସାର ଧମକ ବା ପ୍ରତିଦାନର ଲୋଭ ନ ଥିଲା । ମାନବିକତା ଦୃଷ୍ଟିରୁ ଉଦାର ହୃଦୟାବେଗର ଏକ ପ୍ରତୀକ ସୃଷ୍ଟି କରିବା ନିମନ୍ତେ ଏହା ଏକ ବିନୀତ ଆବେଦନ ମାତ୍ର । ଏହି ସମ୍ପୂର୍ଣ୍ଣ ନୂତନ ଚିନ୍ତାଧାରା ପୋଚମ୍ ପଲ୍ଲୀ ଗ୍ରାମର ସେହି କମନୀୟ ପ୍ରଭାତର ସନ୍ଧାଲୋକ ଅଧ୍ୟୁଷିତ ଲୋକମାନଙ୍କୁ ବିହ୍ୱଳ କରି ଦେଇଥିଲା ।

ସନ୍ଥ ଓ ଋଷିମାନଙ୍କ ପ୍ରାର୍ଥନା ବିଫଳ ହୁଏ ନାହିଁ । ସେହି ଗ୍ରାମର ଧନୀ ଜମିଦାରର ରାମଚନ୍ଦ୍ର ରେଡ୍ଡି ବିନୋବାଙ୍କ ଆହ୍ୱାନର ଉତ୍ତରରେ ନିଜର ଏକ ଶହ ଏକର ଜମି ଦାନ କରି ଦେବାକୁ ଘୋଷଣା କରିଥିଲେ । ସେ

ପ୍ରଭାତରେ ଭୂଦାନ ଯଜ୍ଞର ପ୍ରଥମ ଆହୁତି ଦିଆଯାଇଥିଲା । ବିନୋବା ପ୍ରଥମେ ପୃଥିବୀକୁ ଦେଖାଇ ଦେଲେ ଯେ ଧନୀ-ଦରିଦ୍ରଙ୍କ ଭିତରେ ଥିବା ଶ୍ରେଣୀଗତ ସଂଘର୍ଷ ଓ ଯୁଗ ଯୁଗ ବ୍ୟାପୀ ପାର୍ଥକ୍ୟ ଘୁଞ୍ଚାଇବା ନିମନ୍ତେ ସଶସ୍ତ୍ର ବିପ୍ଳବ ଅବଶ୍ୟମ୍ଭାବୀ ନୁହେଁ, ଆବଶ୍ୟକ ମଧ୍ୟ ନୁହେଁ । ହୃଦୟର ପରିବର୍ତ୍ତନ ଓ ମନର ମିଳନ ପ୍ରେମର ସହ ହୋଇପାରେ । ଏହି ପ୍ରେମ ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ସଫଳତାର ସହ ପ୍ରୟୋଗ କରାଯାଇ ପାରେ ବୋଲି ବିନୋବା ପ୍ରମାଣିତ କରି ଦେଇଥିଲେ । ବିନୋବା ତେଲେଙ୍ଗାନାର ଗ୍ରାମରୁ ଗ୍ରାମକୁ ପଦଯାତ୍ରା କରିଥିଲେ । ଦୀର୍ଘ ଏକାବନ ଦିନ ସେହି ହିଂସା ବିକ୍ଷୁବ୍‌ଧ ତେଲେଙ୍ଗାନା ଭିତରେ ନିରସ୍ତ୍ର ଏହି ସନ୍ନ୍ୟାସୀ ବାର ହଜାର ଦୁଇଶହ ଏକର ଜମି ଭିକ୍ଷା ସଂଗ୍ରହ କରିଥିଲେ । ଏହି ଏକାବନ ଦିନର ପଦଯାତ୍ରା ତେଲଙ୍ଗାନାରେ ଜାଗି ଉଠିଥିବା ଉଗ୍ର କମ୍ୟୁନିଜମ୍‌କୁ ସଫଳତାର ସହ ଅଟକାଇ ଦେଇଥିଲା ।

ଏହି ସାଫଲ୍ୟ ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଏବଂ ବିଶ୍ୱର ବଡ଼ ବଡ଼ ରାଜନୀତିଜ୍ଞମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଶ୍ରେଣୀ ତାରତମ୍ୟର ସମାଧାନ ସଂଘର୍ଷ ବିନା ହୋଇ ଯାଇପାରେ ବୋଲି ଅହିଂସା ଉପାୟରେ ସ୍ୱାଧୀନତା ଲାଭ କରିଥିବା ରାଷ୍ଟ୍ରରେହିଁ ପ୍ରମାଣିତ ହୋଇପାରେ ।

ଭୂଦାନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବରେ ୧୯୫୨ରେ ଗୟାଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଆରମ୍ଭ କରାଯାଇଥିଲା । ଏହି ନୂତନ ଭାବଧାରାରେ ବିହ୍ୱଳ ହୋଇ ଜୟପ୍ରକାଶ ଓ ନବକୃଷ୍ଣ ଚୌଧୁରୀଙ୍କ ପରି ଚିନ୍ତାଶୀଳ ଜନନାୟକମାନେ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ । ଭୂଦାନ ଆନ୍ଦୋଳନ କୃଷି-ଭିତ୍ତିକ ଅର୍ଥନୈତିକ ରାଷ୍ଟ୍ର ଭାରତ ନିମନ୍ତେ ଏକ ସହଜ ତଥା ଉତ୍କୃଷ୍ଟ ପନ୍ଥା ବୋଲି ବିବେଚିତ ହୋଇଥିଲା । ଭାରତରେ ପାଞ୍ଚକୋଟି ଏକର ଜମି ଦାନ ସୂତ୍ରରେ ମିଳିବା ଲକ୍ଷ୍ୟ ରଖାଯାଇଥିଲା ।

କିନ୍ତୁ ଏହି ଆନ୍ଦୋଳନରେ ଯୋଗ ଦେଇଥିବା ଲୋକମାନଙ୍କର ନିଷ୍ଠା ଅପେକ୍ଷା ଉତ୍ସାହ ବେଶୀ ହୋଇଯାଇଥିଲା । ଭୂଦାନ ଭଲ ଭାବରେ ଚେର ନ ଧରୁଣୁ ଗ୍ରାମଦାନ, ଶ୍ରମଦାନ, ଜୀବନଦାନ ପ୍ରଭୃତି ଅନେକ ଶାଖା ପ୍ରଶାଖା ମୂଳ ବୃକ୍ଷର ଜୀବନୀଶକ୍ତି କ୍ଷୟ କରି ଦେଲା । ବହୁ ଆକାଂକ୍ଷିତ ଅମ୍ଳାନ ସୂର୍ଯ୍ୟ ପ୍ରଭାତ ସମୟରୁହିଁ ବର୍ଷାକାଳୀନ ମେଘ ଭିତରେ ଲୁଚିଯିବା ପରି ଭୂଦାନ ଯଜ୍ଞ ଅତି କମ୍ ସମୟରେ ଦୁର୍ବଳ ସଙ୍ଗଠନ ଓ ତୋଷାମଦକାରୀ ସଙ୍ଗଠନମାନଙ୍କଦ୍ୱାରା ଚିରଦିନ ନିମନ୍ତେ ଲୁଚିଗଲା ।

୧୯୫୯ ମସିହାରେ ଆମ ଓଡ଼ିଶାର ପୁରପଲ୍ଲୀରେ "ଶତମାର୍ଗ ଆନ୍ଦୋଳନ" ଚାଲିଥାଏ । ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରିଆରେ ଗାଁକୁ ଗାଁ ରାସ୍ତା ପଡୁଥାଏ—ବୈଦିକ ରୀତିରେ । ଏହି ଆନ୍ଦୋଳନକୁ ବିନୋବାଜୀ ଏହି ଲେଖକ ପାଖକୁ ଶ୍ରମଦାନ ବିଷୟ ଉପରେ ଏକ ପତ୍ର ଲେଖି ଆଶୀର୍ବାଦ ପ୍ରଦାନ କରିଥିଲେ ।

ଭୂଦାନ ଯଜ୍ଞପରି ଅନ୍ୟ ଏକ କ୍ରାନ୍ତିକାରୀ ଘଟଣା ୧୯୬୦ରେ ବିନୋବା ମଧ୍ୟପ୍ରଦେଶରେ ପଦଯାତ୍ରା କଲାବେଳେ ଘଟିଥିଲା, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶର ସୀମାରେ ବହି ଯାଉଥିବା ଚମ୍ବଲ ନଦୀର ଘନ ବନାନୀ ପୂର୍ଣ୍ଣ ପର୍ବତମୟ ଉପତ୍ୟକା ଅନେକ ଦୁର୍ଦ୍ଧର୍ଷ ଡକାୟତଙ୍କର ବାସ ସ୍ଥାନ । ଏହି ନିର୍ମମ ଓ ନିଷ୍ଠୁର ଡକାୟତମାନଙ୍କ ଅତ୍ୟାଚାର ସେ ଅଞ୍ଚଳରେ ଏକ ଭୟାବହ ଓ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା । ସେହି ପରିବେଶ ଭିତରେ ପଞ୍ଚଷଠୀ ବର୍ଷ ବୟସ୍କ କ୍ଷୀଣକାୟ ବୃଦ୍ଧ ବିନୋବା ଏକାକୀ ଗ୍ରାମରୁ ଗ୍ରାମକୁ ଯାଇ ଲୋକମାନଙ୍କୁ ଭୟଶୂନ୍ୟ ହେବାକୁ ଉପଦେଶ ଦେଉଥିଲେ ।

ସେହି ସମୟରେ ଗୋଟିଏ ସନ୍ଧ୍ୟା ପ୍ରାର୍ଥନାସଭା ପରେ ଜଣେ ନାରୀ ବିନୋବାଙ୍କୁ ଏକ ରୋମାଞ୍ଚ କାରୀ ଘଟଣା ବର୍ଣ୍ଣନା କରିଥିଲେ । ସେ ଜଣେ ଦୁର୍ଦ୍ଧର୍ଷ ଡକାୟତର ସ୍ତ୍ରୀ । ସାମାଜିକ ନିର୍ଯ୍ୟାତନାରେ ଜର୍ଜରିତ ଜଣେ ସାଧାରଣ ଓ ଭଦ୍ର ଗୃହସ୍ଥ ତାର ଅତ୍ୟାଚାରୀଙ୍କ ବିରୁଦ୍ଧରେ ଉତ୍ତେଜିତ ହୋଇ ପ୍ରତିବାଦ କଲାବେଳେ ଆକସ୍ମିକ ଭାବରେ ସେହି ଅତ୍ୟାଚାରୀର ମୃତ୍ୟୁ ହୋଇ ଯାଇଥିଲା । ପରେ ପୋଲିସ ଓ ସାମାଜିକ ପ୍ରତିପ୍ରତିଶାଳୀ ବ୍ୟକ୍ତିଙ୍କ ଆଗରେ ସେ ଶାନ୍ତ

ଭଦ୍ର ଗୃହସ୍ଥ ନିଷ୍ଠୁର ନରହନ୍ତା ହୋଇଗଲେ । ସେହି ଲୋକ ନିମନ୍ତେ ସ୍ନେହଶୀଳ ପରିବାର ତ୍ୟାଗ କରି ଚମ୍ବଲ ଉପତ୍ୟକାରେ ଆଶ୍ରୟ ନେବା ଏବଂ ଜେଲ ଓ ଫାଶୀ ମଧ୍ୟରେ ଗୋଟିଏ ଜୀବନକୁ ବାଛିନେବା ବ୍ୟତୀତ ଅନ୍ୟ ଉପାୟ ନଥିଲା । ସେହିପରି ଅନେକ ଦୁର୍ଦ୍ଧର୍ଷ ଡକାୟତ ସୃଷ୍ଟି ହୋଇଛନ୍ତି ଚମ୍ବଲ ନଦୀର ଜଳ ପାନକରି ।

ଦୁର୍ଦ୍ଧର୍ଷ ଡକାୟତଙ୍କ ହୃଦୟ ଭିତରେ ଲୁପ୍ତପ୍ରାୟ ଯେଉଁ ମାନବିକତା ଓ ସାମାଜିକ ମୂଲ୍ୟବୋଧ ରହିଥିଲା, ତାଉପରେ ଅଟଳ ବିଶ୍ୱାସ ରଖି ବିନୋବା ସେହି ଡକାୟତମାନଙ୍କୁ ଆଇନ ଓ ସମାଜ ପାଖରେ ବିନା ସର୍ତ୍ତରେ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଆହ୍ୱାନ ପ୍ରଥମେ ଅବିଶ୍ୱାସ, ଓ ପରେ ବିଦ୍ରୁପ ଓ ତାଚ୍ଛଲ୍ୟ ଉଦ୍ରେକ କରିଥିଲା କିନ୍ତୁ ଡକାୟତମାନଙ୍କର ପାଷାଣ ହୃଦୟ ଭିତରେ ଯେଉଁ ସାମାଜିକ ଚେତନା ଲୁଚିରହିଥିଲା, ତା ଯୋଗୁ ତାଙ୍କୁ ମାନସିଂହ ଦଳରୁ କୋଡ଼ିଏ ଜଣ ଡକାୟତ ତାଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ । ବିଶ୍ୱ ଇତିହାସରେ ଏହା ଏକ ରୋମାଞ୍ଚକାରୀ ଘଟଣା । ହୃଦୟ ପରିବର୍ତ୍ତନର ଏ ଉଦାହରଣରେ ସମଗ୍ର ପୃଥିବୀ ଚକିତ ହୋଇଯାଇଥିଲା ।

ସେପ୍ଟେମ୍ବର ୧୯୬୨ରେ ବିନୋବା (ବର୍ତ୍ତମାନର ବାଂଲାଦେଶ ଓ ସେତେବେଳର) ପୂର୍ବ ପାକିସ୍ଥାନରେ ସର୍ବୋଦୟ, ଆଦର୍ଶ ଓ ଭୂଦାନ ଯଜ୍ଞ ପ୍ରଚାର କରିବାକୁ ଯାଇଥିଲେ । ଉଭୟ ଭାରତ ଓ ପାକିସ୍ଥାନ ସରକାରଙ୍କ ନିମନ୍ତେ ଏହା ଏକ ବିଷମ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ପୂର୍ବ ପାକିସ୍ଥାନର ଜନସାଧାରଣ ଶାନ୍ତିର ପ୍ରତୀକ ବିନୋବାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ୧୯ ଦିନର ଏହି ପଦଯାତ୍ରାରେ ବିନୋବା ଅନେକ ଭୂମିହୀନ ଚାଷୀଙ୍କୁ ଭୂଦାନ ସୂତ୍ରରେ ପାଇଥିବା ବହୁ ଜମି ଦାନ କରିଥିଲେ ।

ବିନୋବାଙ୍କ ସାମାଜିକ ସେବା ଓ ତ୍ୟାଗ ସମସ୍ତ ମାନବ ସମାଜର ଆଦର୍ଶକୁ ଅନୁପ୍ରାଣିତ କରୁଥିଲା ଏବଂ ବିଶ୍ୱ ତାହାର ସ୍ୱୀକୃତି ଜଣାଇଥିଲା । ୧୯୫୮ରେ ମାଗାସେସେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମାନବ ସେବା ନିମନ୍ତେ ପୁରସ୍କାର ଦିଆଯାଇଥିଲା କିନ୍ତୁ ବିନୋବା ଏହି ପୁରସ୍କାର ଗ୍ରହଣ କରିବାକୁ ମନା କରିଦେଇଥିଲେ । ବିଖ୍ୟାତ ମାନବିକତାବାଦୀ ବେଟ୍ରାଣ୍ଡ ରସେଲ ଆଣବିକ ଅସ୍ତ୍ର ବିରୋଧରେ ଏକ ଆନ୍ତର୍ଜାତିକ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେବା ନିମନ୍ତେ ବିନୋବାଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ତାଙ୍କ ପଦଯାତ୍ରା କାର୍ଯ୍ୟକ୍ରମକୁ ଛାଡ଼ି ବିନୋବା ସେହି ଶୋଭାଯାତ୍ରାରେ ଯୋଗ ଦେବାକୁ ମନା କରି ଦେଇଥିଲେ । ଡିସେମ୍ବର ୧୯୬୪ରେ ମହାମାନ୍ୟ ପୋପ ପଲ-୬ ଭାରତକୁ ଆସିଥିବା ବେଳେ ବିନୋବାଙ୍କୁ ତାଙ୍କ ସମ୍ମାନର ପ୍ରତୀକ ସ୍ୱରୂପ ଏକ ସ୍ୱର୍ଣ୍ଣ ମୋହର ଦେବାକୁ ଇଚ୍ଛା କରିଥିଲେ । କିନ୍ତୁ ବିନୋବା ବ୍ୟକ୍ତିଗତ ଭାବରେ ତାହା ଗ୍ରହଣ କରି ନପାରିବାରୁ ପୋପ୍ ସେହି ପଦକଟି ଭାରତର ପ୍ରଧାନ ମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ହାତରେ ବିନୋବାଙ୍କ ପାଖକୁ ପଠାଇ ଦେଇଥିଲେ ।

୧୯୫୧ରୁ ୧୯୬୭ ପର୍ଯ୍ୟନ୍ତ ଭାରତର ବିଭିନ୍ନ ପ୍ରାନ୍ତରେ ପଦଯାତ୍ରା କରି ପ୍ରାୟ ଅଶି ହଜାର କିଲୋମିଟର ଭ୍ରମଣ କରିବା ଭିତରେ ବିନୋବା ୧୯୫୫ରେ ଓଡ଼ିଶାକୁ ଆସିଥିଲେ । ପୁରୀରେ ସର୍ବସେବା ସଂଘର ଏକ ଜାତୀୟ ଅଧିବେଶନ ମଧ୍ୟ ହୋଇଥିଲା । ସେତେବେଳେ ଓଡ଼ିଶାବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ । ମଧ୍ୟପ୍ରଦେଶର ଧାମ ନଦୀ କୂଳରେ ପୌନାରଠାରେ ଏକ ଆଶ୍ରମ ସ୍ଥାପନ କରି ବିନୋବା ସେଠାରେ ସ୍ୱେଚ୍ଛାରେ ଶରୀର ତ୍ୟାଗ କଲା ପର୍ଯ୍ୟନ୍ତ ରହିଥିଲେ ।

ଫେବୃଆରୀ ୧୯୬୫ରେ ଦକ୍ଷିଣ ଭାରତରେ ହିନ୍ଦି ଭାଷା ବିରୁଦ୍ଧରେ ଜନ ଜାଗରଣ ହୋଇ ହିଂସାକାଣ୍ଡ ଘଟିଥିଲା । ବିନୋବା ହିନ୍ଦି ଭାଷାକୁ କାହା ଉପରେ ଲଦି ଦେବା ବା ଇଂରେଜୀ ଭାଷାକୁ ଗୁରୁତ୍ୱ ଦେବା ବିରୋଧୀ ଥିଲେ । ତେଣୁ ସେ ୧୨ ଫେବୃଆରୀ ୧୯୬୫ ଦିନ ଅନଶନ ଆରମ୍ଭ କରିଥିଲେ । ଶେଷରେ କେନ୍ଦ୍ର ଘରୋଇ ମନ୍ତ୍ରୀ ଶ୍ରୀ ଗୁଲଜାରୀଲାଲ ନନ୍ଦାଙ୍କ ବ୍ୟକ୍ତିଗତ ଅନୁରୋଧ ଓ ପ୍ରତିଶ୍ରୁତି ଯୋଗୁଁ ବିନୋବା ତାଙ୍କର ଅନଶନ ଭାଙ୍ଗିଥିଲେ ।

ଗୋ ସମ୍ପଦର ରକ୍ଷଣ ତାଙ୍କ ନିମନ୍ତେ ଏକ ପ୍ରଧାନ ବିଷୟ ଥିଲା । ଗୋବଧ ବିରୁଦ୍ଧରେ ତାଙ୍କ ଅଭିଯାନ ଯୋଗୁଁ ଭାରତର କେରଳ ଓ ପଶ୍ଚିମବଙ୍ଗ ବ୍ୟତୀତ ଅନ୍ୟ ସବୁ ରାଜ୍ୟ ଗୋବଧ ବିରୋଧୀ ଆଇନ ପ୍ରଣୟନ କରିଥିଲେ । ତାଙ୍କୁ ସବୁ ରାଜ୍ୟରେ ଗୋବଧ ଆଇନାନୁଯାୟୀ ନିରୋଧ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ପଶ୍ଚିମବଙ୍ଗ ଓ କେରଳରେ କାର୍ଯ୍ୟକାରୀ ନ ହୋଇଥିବାରୁ, ୨୨ ଅପ୍ରେଲ ୧୯୭୯ଠାରୁ ସେ ଅନଶନ କରିଥିଲେ । ଶେଷରେ ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ବିନୋବାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ୧୯୮୦ ସୁଦ୍ଧା ଗୋବଧ ବନ୍ଦ କରିବାକୁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବେ । କିନ୍ତୁ ୧୯୮୦ ବେଳକୁ ମୋରାରଜୀ ସରକାରଙ୍କ ପତନ ହୋଇଥିବାରୁ ଏ ବିଷୟରେ ବିଶେଷ ଅଗ୍ରଗତି ହୋଇପାରି ନଥିଲା ।

ପୌନାରଠାରେ ୫ ନଭେମ୍ବର ୧୯୮୨ ଦିନ ବିନୋବା ହୃଦରୋଗରେ ଆକ୍ରାନ୍ତ ହେଲେ । ଚିକିତ୍ସକମାନଙ୍କ ଚିକିତ୍ସା ଫଳରେ ସେ ସୁସ୍ଥ ହୋଇ ଯାଇଥିଲେ ମଧ୍ୟ, ତାଙ୍କର ଧାରଣା ହେଲା ଯେ ତାଙ୍କର ଆତ୍ମା ଏଥର ତାଙ୍କ ଶରୀର ସହ ସହଯୋଗ କରିବାକୁ ସମ୍ମତ ହେଉନାହିଁ, ତେଣୁ ସେ ୮ ନଭେମ୍ବରଠାରୁ ଖାଦ୍ୟ, ଔଷଧ ଓ ଜଳ ତ୍ୟାଗ କରି ପ୍ରାୟୋପବେଶନ କରି ଇଚ୍ଛା ମୃତ୍ୟୁ ବରଣ କରିବାକୁ ସ୍ଥିର କଲେ । ଏହି ନିଷ୍ପତ୍ତିରେ ସମଗ୍ର ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇଲା । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ନିଜେ ପୌନାର ଯାଇ ତାଙ୍କୁ ଖାଦ୍ୟ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ ବିନୋବା ତାଙ୍କ ସଂକଳ୍ପରେ ଅଟଳ ରହିଲେ ।

ପ୍ରାୟ ଏକ ସପ୍ତାହ କାଳ ନିର୍ଜଳ ଉପବାସ କରିଥିଲେ ମଧ୍ୟ ସେ କେବେ ଜ୍ଞାନ ହରାଇ ନଥିଲେ । ତାଙ୍କ ମୁହଁରେ



ସର୍ବଦା "ରାମ ହରି" ଜପ ଚାଲୁଥାଏ, ଘରର ଭିତରୁ ବାରମ୍ବାର ଦୁଇ ହାତ ମୁଣ୍ଡ ଉପରକୁ ଆଣି ସୃଷ୍ଟିକର୍ତ୍ତାଙ୍କୁ ନମସ୍କାର ଜଣାଇବା ବନ୍ଦ ହେଉନଥାଏ । ଡାକ୍ତରମାନଙ୍କ ଅନୁରୋଧରେ ଜିଭ ସଫା କରିବା ନିମନ୍ତେ ସେ ପାଟି ଖୋଲୁଥାନ୍ତି, ତାଙ୍କ ଦେହରେ ଉତ୍ତାପ ସଂଚରଣ କରିବାକୁ ହାତ ପାପୁଲିକୁ ଆସ୍ତେ ଆସ୍ତେ ଆଉଁଶି ଦିଆହେଉଥାଏ । ମୃତ୍ୟୁର ମାତ୍ର ଘଣ୍ଟାଏ ପୂର୍ବରୁ ଜଣେ ଫରାସୀ ଶିଷ୍ୟା ଶ୍ରୀମତୀ ଆର୍ଲେଟ୍ ମାଥ୍ୟୁ ତାଙ୍କୁ କିଛି ପାଣି ପିଇବାକୁ ଅନୁରୋଧ କରିଥିଲେ । କିନ୍ତୁ ହାତରେ ଠାରି ମନା କରି ଦେଇଥିଲେ, ଯେଉଁ ଅଟଳ ସଂକଳ୍ପ ଜୀବନ ସାରା ତାଙ୍କର ଗୁଣ ବର୍ଦ୍ଧନ କରିଥିଲା, ସେହି ସଂକଳ୍ପ ମୃତ୍ୟୁ ପର୍ଯ୍ୟନ୍ତ ଅଟଳ ରହି ଯାଇଥିଲା ।

ଦୀପାବଳୀ ଅମାବାସ୍ୟା ପୂର୍ବାହ୍ନ ସାଢ଼େ ନ'ଟା ବେଳେ ସେହି ମହାନ୍ ଆତ୍ମା ତାଙ୍କର ନଶ୍ୱର ଶରୀର ତ୍ୟାଗ କରି ପରମ- ଧାମ ଆଶ୍ରମରୁ ସ୍ୱଧାମ ପରମଧାମକୁ ଉଡ଼ି ଯାଇ ଥିଲା । ଏହି ଦିବସରେ ଭଗବାନ୍ ମହାବୀର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରଭୃତି ଯୋଗଜନ୍ମା ଭାରତୀୟମାନେ ଆଗରୁ ଦେହ ତ୍ୟାଗ କରିଥିଲେ ।

ସେ କ୍ଷୀଣକାୟ ହୋଇ ମଧ୍ୟ ଅଦମ୍ୟ ଇଚ୍ଛାଶକ୍ତିର ଅଧିକାରୀ ଥିଲେ । ତାଙ୍କ ଶରୀରର ଓଜନ ତାଙ୍କ ଜୀବଦ୍ଦଶା ଭିତରେ କେବେ ଚାଳିଶ କିଲୋଗ୍ରାମରୁ ଅଧିକ ନଥିଲା । କିନ୍ତୁ ବାରବର୍ଷ ବୟସରେ ନିଜ ମାଙ୍କ ଅନୁରୋଧ ରକ୍ଷାନକରି ଇଂରେଜୀ ଶିକ୍ଷାର ପ୍ରତ୍ୟେକ ପ୍ରମାଣପତ୍ର ଗୋଟିକ ପରେ ଗୋଟିଏ ଜାଳି ଦେବା ଦିନଠାରୁ ଅଠାଅଶି ବର୍ଷ ବୟସରେ ନିଜ କନ୍ୟା-ତୁଲ୍ୟା ଇନ୍ଦିରା ଗାନ୍ଧୀଙ୍କ ଅନୁରୋଧକୁ ଏଡ଼ାଇ ଦେଇ ଅନଶନ ପୂର୍ବକ ଶରୀର ତ୍ୟାଗ କରିବା ସିଦ୍ଧାନ୍ତରେ ଅଟଳ ରହିବା ପର୍ଯ୍ୟନ୍ତ, ନିଜ ବିବେକ ଓ ବିଚାର ସିଦ୍ଧ ସିଦ୍ଧାନ୍ତକୁ ଲୋକାଚାର ବା ଅନ୍ୟମାନଙ୍କ ଅନୁରୋଧ, ବିଦ୍ରୂପ ଅଥବା ରାଗ ଦ୍ୱେଷ ଦ୍ୱାରା ପ୍ରଭାବିତ ହୋଇ ସେ ପରିବର୍ତ୍ତନ କରିନାହାଁନ୍ତି । ଏଥିପାଇଁ ଗାନ୍ଧିଜୀ ତାଙ୍କୁ ଅନେକ ଦିନ ତଳେ କହିଥିଲେ, "ତୁମର ମୂଲ୍ୟ ନିରୂପଣ କରିବାକୁ ମୁଁ ଅସମର୍ଥ"

ଆଚାର୍ଯ୍ୟଙ୍କ ଦେହାବସାନ ଭାରତ ଇତିହାସରେ ଏକ ଯୁଗର ପରି ସମାପ୍ତି ଘଟାଇଲା । ଶାନ୍ତି, ପ୍ରେମ ଓ କର୍ମ ଭିତରେ ସତ୍ୟର ଅନୁସନ୍ଧାନ ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ତାଙ୍କର ପୂଜ୍ୟ ଗୁରୁ ଦେବ ମହାତ୍ମା ଗାନ୍ଧିଙ୍କ ପରି ସେ ପ୍ରତ୍ୟେକ ଅଶ୍ରୁ ବିନ୍ଦୁ ପୋଛିବାକୁ ଚାହୁଁଥିଲେ । ମାନବ ସମାଜର ତ୍ରାଣ ନିମନ୍ତେ ସେ ଜ୍ଞାନ-କର୍ମ ସମୁଚ୍ଚୟକୁ ନିଜ ଧର୍ମ ରୂପେ ଗ୍ରହଣ କରିଥିଲେ । ଧନ ଓ ସାମାଜିକ ଉତ୍ପାଦନକୁ ସମଭାବରେ ବଣ୍ଟନ କରିବା ନୈତିକ ଆଦର୍ଶହିଁ ଭୂଦାନ ଓ ଶ୍ରମ ଦାନର ଭିତ୍ତିଭୂମି ଥିଲା ।

ସେ ନିଜ ନିମନ୍ତେ ଦେହ ଧାରଣ କରି ନଥିଲେ । ତାଙ୍କର ଜନ୍ମ ପରହିତ ନିମନ୍ତେ ଉତ୍ସର୍ଗ ହୋଇଥିଲା । ସେ ଜଗତକୁ ଏକ ଓ ଅବିଚ୍ଛେଦ୍ୟ ବୋଲି ବିଚାର କରି, ସମସ୍ତଙ୍କୁ 'ଜୟ ଜଗତ" ବୋଲି ସମ୍ଭାଷଣ କରୁଥିଲେ । ଗୀତା ପ୍ରବଚନରେ ତାଙ୍କ ବିବେଚନା ଓ ବିଚାର ବିନୋବାଙ୍କ ଆଧ୍ୟାତ୍ମିକ ଚିନ୍ତାଧାରାର ପରିଚାୟକ, ଭାରତର ଆତ୍ମା ଏବଂ ମାନବ ସମାଜର ଆଧ୍ୟାତ୍ମିକ ଆକାଂକ୍ଷାର ସେ ଥିଲେ ଏକ ମୂର୍ତ୍ତିମନ୍ତ ପ୍ରତୀକ, । ଜୀବାତ୍ମା ଏବଂ ଜଗତ୍‌କୁ ଅଚ୍ଛାଦିତକରି ରହିଥିବା ପରମାତ୍ମାଙ୍କ ମଧ୍ୟରେ ଥିବା ସଂପର୍କହିଁ ଧର୍ମର ଗୂଢ଼ତତ୍ତ୍ୱ ବୋଲି ସେ କହୁଥିଲେ ।

ଧର୍ମ ଓ ବିଜ୍ଞାନ ମଧ୍ୟରେ ଏକ ସମନ୍ୱୟ ସୂତ୍ର ସେ ଖୋଜି ଚାଲିଥିଲେ । ପ୍ରକୃତ ବିଜ୍ଞାନ ଧର୍ମ-ବିରୋଧୀ ବା ଧର୍ମ-ଭିତ୍ତିକ ନୁହେଁ, ଏହା ଆଧ୍ୟାତ୍ମିକ, ତେଣୁ ବୈଜ୍ଞାନିକଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ସୁସ୍ପଷ୍ଟ ବୋଲି ବିନୋବାଙ୍କର ମତ, ସମାଜର ଶାନ୍ତି ଓ ସମୃଦ୍ଧି ନିମନ୍ତେ ବେଦାନ୍ତ ଓ ବିଜ୍ଞାନର ଘନିଷ୍ଠ ସହଯୋଗ ଏକାନ୍ତ ଆବଶ୍ୟକ । ବେଦାନ୍ତ ଓ ବିଜ୍ଞାନ-ର ସହଯୋଗ ବିଶ୍ୱାସ ମାଧ୍ୟମରେହିଁ ହୋଇ ପାରିବ । ବିଶ୍ୱାସ ବିନା ବେଦାନ୍ତ ବା ବିଜ୍ଞାନ ମାନବ ଜାତିର ଉପ-କାର କରିବାକୁ ଅକ୍ଷମ । ବେଦାନ୍ତ-ବିଶ୍ୱାସ-ବିଜ୍ଞାନ ହିଁ ମନୁଷ୍ୟକୁ ସଂକୀର୍ଣ୍ଣ ସ୍ୱାର୍ଥରୁ ଫେରାଇ ବିସ୍ତୀର୍ଣ୍ଣ ବିଶ୍ୱମୁଖୀ କରାଇ ପାରିବ ।

ତାଙ୍କର ଜୀବନ ଈଶ୍ୱର-ସମର୍ପିତ । ଧନଠାରୁ ଆହୁରି କ୍ଷୁଦ୍ର ପଦାର୍ଥ ଓ ସବୁଠୁ ବେଶୀ ନିପୀଡ଼ିତଙ୍କ ମଧ୍ୟରେ ସର୍ବାଧିକ ଅବହେଳିତ ଜୀବ ଭିତରେ ସେ "ଈଶାବାସ୍ୟ ମିଦଂ ସର୍ବଂ"ର ସତ୍ତା ଦେଖି ପାରୁଥିଲେ । ତାଙ୍କର ଈଶ୍ୱର ଭକ୍ତିର ପଟାନ୍ତର ନାହିଁ, ତାଙ୍କ ଶରୀର ତାଙ୍କ ଆତ୍ମା ଦ୍ୱାରାହିଁ ପ୍ରତିପାଳିତ ଓ ପୋଷିତ ହେଉଥିଲା । ସେହି ଅମର ଆତ୍ମାହିଁ ତାଙ୍କର ଆଶ୍ରୟ ଏବଂ ପ୍ରତି କ୍ଷଣରେ ସେହି ଆତ୍ମା, ମୋକ୍ଷ ଲାଭ ନିମନ୍ତେ ଉଦ୍ଗମନ କରି ଚାଲୁ-ଥିଲା ।

ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଭାଷାରେ, " ସେ ପ୍ରାଚୀନ ଜ୍ଞାନ ଭିତରେ ନିମଜ୍ଜିତ ରହି-ଥିଲେ ମଧ୍ୟ ଧର୍ମାନ୍ଧ ନଥିଲେ । ସେ ସମସ୍ତ ଧର୍ମର ମୂଳଗ୍ରନ୍ଥ ମନନ କରିଥିବାରୁ ପ୍ରକୃତି ଧର୍ମର ବିରୋଧୀ କୌଣସି ନିୟମ ବା ପଦ୍ଧତିର ଆଡ଼ମ୍ବର ତାଙ୍କ ନିମନ୍ତେ ଅନାବଶ୍ୟକ ଥିଲା । ସେ ଆମର ଋଷି ଓ ଦ୍ରଷ୍ଟାମାନଙ୍କର ଦୀର୍ଘ ପରମ୍ପରାର ଅନ୍ୟତମ ଉଜ୍ଜ୍ୱଳ ରତ୍ନ ଏବଂ ତାଙ୍କରି ଆଶୀର୍ବାଦ ଭାରତୀୟଙ୍କ ନିମନ୍ତେ ସଦା ସର୍ବଦା ଅମୃତ ବର୍ଷୀ ହେଉ । "

# ସଙ୍କଟହାରିଣୀ ମାଆ

# ଦୁର୍ଗାଙ୍କୁ

## ଭକ୍ତିପୂତ ଅର୍ଘ୍ୟ ଓ ନୈବେଦ୍ୟ ବାଢ଼ିବେ !

ମାତ୍ର ଏ ବର୍ଷର ପ୍ରଳୟଙ୍କରୀ ବନ୍ୟା ମାଛଚାଷୀମାନଙ୍କର ସକଳ ଆଶା ଭରସା ଭାଙ୍ଗି ଦେଇଛି !

ତଥାପି ପୋଖରୀ ଖଣ୍ଡିକୁ ପୁଣି ସଜକରି ଆପଣଙ୍କୁ ଆଗେଇବାକୁ ପଡ଼ିବ !!

ସ୍ୱଳ୍ପ ସୁଧରେ କୃଷିଭିତ୍ତିକ ବ୍ୟାଙ୍କ୍ ଋଣ ନେଇ ବନ୍ୟାଞ୍ଚଳ ମାଛଚାଷୀମାନେ ପୋଖରୀ ସଜାଡ଼ିବାରେ କିଛି ଅସୁବିଧା ନାହିଁ ।

*ଏଇ ଶୀତଦିନେ ଆମର ସହଜ ବନ୍ଧୁ।*

## ବିଲାତି ରୋହି



ଗୁଣ୍ଡି ଜାଆଁଳ ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ ହେଉଛି । ସେଇ ଜାଆଁଳ ସଂଗ୍ରହ କରି ମାଛଚାଷ କରନ୍ତୁ । ଉଜୁଡ଼ା ପୋଖରୀ ପୁଣି ହସି ଉଠିବ ।

*ଯୋଗାଯୋଗ—*

ଜିଲ୍ଲା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ, ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ।

**ମତ୍ସ୍ୟ ନିର୍ଦ୍ଦେଶାଳୟ**

ସୂଚନା ସେବା, ଓଡ଼ିଶା

କଟକ-୭୫୩୦୦୭

# ଜହରଲାଲ

ରାଧାମୋହନ ଗଡ଼ନାୟକ

ମୁକ୍ତି-ସମରେ ସେନାପତି ଥିଲ
ଦୀପ୍ତ ତରୁଣ ସୂର୍ଯ୍ୟ,
ମୁକ୍ତ ଭାରତେ ନେତା ହୋଇଥିଲ
ଜନତାର ପ୍ରିୟ ପୂଜ୍ୟ ।
ଜହରଲାଲ,
ଦେଶ ଲାଗି ତୁମେ ଢାଳି ଦେଇଥିଲ
ଧମନୀର ତବ ଲାଲ୍ କିନଲ୍ ।୧।

ଜଗତ ଜନର କଲ୍ୟାଣ ଥିଲା
ଜୀବନର ତବ ଲକ୍ଷ୍ୟ,
ବରି ନେଇଥିଲ ଝଡ଼ ଝଞ୍ଜାକୁ
ଉତଳା ସାଗର ବକ୍ଷ
ଜହରଲାଲ,
ମେଲି ଦେଇଥିଲ ତରଣୀ ତୁମର,
ଉଡ଼ାଇ ପ୍ରଣୟ- ପୁଲକ-ପାଲ ।୨।

ପୀଡ଼ିତ ଦଳିତ ମାନବ ଜାତିର
ଲୋଡ଼ୁଥିଲ ତୁମେ ମୁକ୍ତି
ଅନ୍ତରେ ତବ ସ୍ୱପ୍ନ ମହାନ୍,
କଣ୍ଠେ ଅଭୟ ଉକ୍ତି
ଜହରଲାଲ,
"ଜାଗରେ ଜାଗରେ ଭ୍ରାନ୍ତ ଜନତା,
ମୈତ୍ରୀର ପଥେ ସ୍ୱରରେ ଚାଲ ।"।୩।

ଭିତରେ ଭିତରେ ରକ୍ତ ପିଆସା,
ମୁଖେ ମୁଖେ ଅନୁରକ୍ତି,
ଜଗତର ଏକ ଶକ୍ତି କିପରି
ଶୋଷୁଥିଲା ଆନ ଶକ୍ତି ।
ଜହରଲାଲ,
ଦୃଷ୍ଟି ତୁମରି ଭେଦି ପାରିଥିଲା,
ରାଷ୍ଟ୍ରନୀତିର ଇନ୍ଦ୍ରଜାଲ ।୪।

ପଞ୍ଚଶୀଳର ପୁଣ୍ୟଚେତନ
ସଞ୍ଚୟ କରି ମର୍ମେ
ଭରୁଥିଲ ତାର ଶିରୀ ଶାଶ୍ୱତ
ବିପୁଳ କର୍ମେ କର୍ମେ
ଜହରଲାଲ,
ତବ ମୁଖ ଆଶେ ଚାହିଁ ରହିଥିଲ
ଧରାଲୁଣ୍ଠିତ ବିଶ୍ୱଭାଲ ।୫।

ଜାତିର ଦୂତ ଜଗତର ପଥେ
ମୁଗ୍ଧ ସେନେହ ସଖ୍ୟେ
ଶାନ୍ତି-କପୋତ ଛାଡ଼ି ଦେଇଥିଲ
ମୁକ୍ତ ଗଗନ-ବକ୍ଷେ ।
ଜହରଲାଲ,
ପଦେ ପଦେ ତୁମେ ଚୁହିଁ ପାରିଥିଲ,
ଜେତେ ଉତ୍କଟ ଦୁନିଆ ଚାଲ ।୬।

ବିପୁଳ ବିଶାଳ ଶିଶୁ ସଂସାରେ
ଦେଖି ପାରିଥିଲ ତୃଷା,
ଶିଶୁର ଜଗତେ ଜନର ଜନକ,
ଆଗାମୀ ଯୁଗର ସ୍ରଷ୍ଟା ।
ଜହରଲାଲ,
ପଦେ ପଦେ ତୁମେ ଚୁହିଁ ପାରିଥିଲ
ଭବିଷ୍ୟତର ଦୁନିଆ ହାଲ୍ ।୭।

ଜୀବନରେ ତୁମେ ଜୀବନ-ବିଜୟୀ
ହୋଇଥିଲ ଦିବା ରାତ୍ରି,
ମରଣରେ ପୁଣି ମରଣ-ବିଜୟୀ
ଅମୃତ ପଥ-ଯାତ୍ରୀ ।
ଜହରଲାଲ,
ମହାକାଳ ବୁକେ ଜୈତ୍ର ପତାକା
ଅମର ତୁମର ଜୀବନ ସାଲ ।୮।

---

କ୍ୱାଟରସ ନଂ ସି । ୪୫
ୟୁନିଟ୍—୮
ଭୁବନେଶ୍ୱର—୩

## ସମୃଦ୍ଧି ପଥେ ଓଡ଼ିଶା

ବନ୍ୟା, ବାତ୍ୟା ଓ ମରୁଡ଼ି ଓଡ଼ିଶାର ଚିର ସହଚର । କିନ୍ତୁ ଏ ସବୁ ପ୍ରାକୃତିକ ଦୁର୍ବିପାକ ରାଜ୍ୟର ପ୍ରଗତିକୁ ପ୍ରତିହତ କରି ପାରିନି । ବିଶେଷ କରି ବର୍ତ୍ତମାନର ସରକାର ସମସ୍ତ ପ୍ରତିବନ୍ଧକ ଅତିକ୍ରମ କରି ଓଡ଼ିଶାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ଏହାକୁ ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଦୃଢ଼ପ୍ରତିଜ୍ଞ ।

### ସମୃଦ୍ଧିଶାଳୀ ଓଡ଼ିଶା ନିର୍ମାଣ ଦିଗରେ ବିଗତ ଦୁଇ ବର୍ଷ ମଧ୍ୟରେ କେତେକ ଫଳପ୍ରଦ ପଦକ୍ଷେପ

※ ୧୯୮୦ ଜୁନ୍ ସୁଦ୍ଧା ରାଜ୍ୟରେ ୯,୧୦୦ଟି କ୍ଷୁଦ୍ର ଶିଳ୍ପ ଥିବା ସ୍ଥଳେ ଗତ ଦୁଇ ବର୍ଷ ମଧ୍ୟରେ ଅଧିକା ୪,୭୦୦ ଶିଳ୍ପ ପ୍ରତିଷ୍ଠିତ ହୋଇଛି ।

※ ପ୍ରାୟ ୨୬,୭୦୦ ବ୍ୟକ୍ତିଙ୍କର କର୍ମସଂସ୍ଥାନ ହୋଇ ପାରିବା ଭଳି ୩୮୦ କୋଟି ଟଙ୍କା ବିନିଯୋଗରେ ୧୦୭ଟି ମଧ୍ୟମ ଓ ବୃହତ୍ ଶିଳ୍ପ କାରଖାନାର ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି ।

※ ୧,୦୮୬ କୋଟି ଟଙ୍କା ବିନିଯୋଗରେ ୨୦୩ଟି ମଧ୍ୟମ ଓ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଗଲଣି ।

※ ଡାଲି ଜାତୀୟ ଫସଲ ସମେତ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଅଧିକ ଦୁଇଲକ୍ଷ ହେକ୍ଟର ଜମିରେ ଏହି ଫସଲ କରାଯାଉଛି ।

※ ଗତ ଦୁଇବର୍ଷରେ ପ୍ରଦତ୍ତ କୃଷି ଋଣର ପରିମାଣ ୩୯ କୋଟିରୁ ୬୭ କୋଟିକୁ ବୃଦ୍ଧି ପାଇଛି ଏବଂ ଅଧିକ ଦୁଇଲକ୍ଷ ଚାଷୀ ସମବାୟ ପରିସରଭୁକ୍ତ ହୋଇଛନ୍ତି ।

※ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୮ କୋଟି ଟଙ୍କା ବିନିଯୋଗରେ ୭୭ ହଜାର ଗରିବ ପରିବାରଙ୍କୁ ଉତ୍ଥାନ କରାଯାଇଛି ।

※ ରାଜ୍ୟର ବିଦ୍ୟୁତ ଉତ୍ପାଦନ ୧୯୮୫ ସୁଦ୍ଧା ୯୧୪ ମେଗାୱାଟ୍‌ରୁ ୧,୪୭୪ ମେଗାୱାଟକୁ ବୃଦ୍ଧି ପାଇବ । ତାଳଚେର ସଂପ୍ରସାରଣ ଯୋଜନା ସମେତ ରେଙ୍ଗାଲି, ଅପର୍ କୋଲାବ୍ ଓ ଅପର ଇନ୍ଦ୍ରାବତୀ ଯୋଜନାରୁ ୫୬୦ ମେଗାୱାଟ୍ ବିଦ୍ୟୁତ୍ ମିଳି ପାରିବ ।

※ ରାଜ୍ୟର ଚାଷୋପଯୋଗୀ ୬୬ ଲକ୍ଷ ହେକ୍ଟର ଜମିରୁ ୧୭·୩୯ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା ଥିବା ସ୍ଥଳେ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଅଧିକା ୬ ଲକ୍ଷ ହେକ୍ଟରକୁ ଜଳସେଚନ ସୁବିଧା ମିଳିବ ।

ସୂଚନା ଓ ଲୋକ ସଂପର୍କ ବିଭାଗ

ଓଡ଼ିଶା ସରକାର

# ଜାତିର ସେବାରେ
# କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଡକ୍ଟର ବୈଦ୍ୟନାଥ ମିଶ୍ର

୧୯୬୨ ମସିହା ଅଗଷ୍ଟ ୨୪ ତାରିଖରେ ଆରମ୍ଭ ହୋଇଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଦୁଇ ଦଶନ୍ଧି ପୂର୍ଣ୍ଣ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ (୧) କୃଷି ମହା ବିଦ୍ୟାଳୟ (୧୯୫୪ ମସିହାରେ ପ୍ରତିଷ୍ଠିତ), (୨) ପଶୁ ବିଜ୍ଞାନ ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ (୧୯୫୫ ମସିହାରେ ପ୍ରତିଷ୍ଠିତ), (୩) ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ (୧୯୬୪ ମସିହାରେ ପ୍ରତିଷ୍ଠିତ) ଓ (୪) କୃଷି ଇଞ୍ଜିନିୟରିଙ୍ଗ ଓ ବୈଷୟିକ ମହା ବିଦ୍ୟାଳୟ (୧୯୬୬ ମସିହାରେ ପ୍ରତିଷ୍ଠିତ) ଏକତ୍ର ଅବସ୍ଥିତ । ୧୯୮୧-୮୨ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟର ବ୍ୟାପକ ଅଭିବୃଦ୍ଧି ଘଟିଛି । ଏଥି ସହ ନୂଆ କଲେଜମାନ ଖୋଲିବା ଓ ରହିଥିବା ବିଭାଗଗୁଡ଼ିକରେ ସ୍ନାତକୋତ୍ତର ବିଭାଗ ଖୋଲିବା ଅନ୍ତର୍ଭୁକ୍ତ । ରାଜ୍ୟ ସରକାର ଓ ଭାରତୀୟ କୃଷି ଗବେଷଣା ପରିଷଦର ସକ୍ରିୟ ସହଯୋଗ କ୍ରମେ ଏ ସମସ୍ତ କାର୍ଯ୍ୟ ସମ୍ଭବପର ହୋଇପାରିଛି । ଭାରତୀୟ କୃଷି ଗବେଷଣା ପରିଷଦର ପରିଦର୍ଶନକାରୀ ଦଳଙ୍କ ସୁପାରିଶ କ୍ରମେ, ରହିଥିବା ବିଷୟ ତଥା ନୂତନ ବିଭାଗଗୁଡ଼ିକ ଖୋଲିବା କାର୍ଯ୍ୟ ଦୀର୍ଘଦିନ ଧରି ବିଚାରାଧୀନ ଥିଲା । ବିଶ୍ୱବିଦ୍ୟାଳୟ ଦ୍ୱାରା ଆଗତ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର କେବଳ ଯେ ରହିଥିବା ବିଷୟ ଓ ମହାବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା ଦିଗରେ ସମର୍ଥନ କରିଥିଲେ ତା' ନୁହେଁ; ଭାରତୀୟ କୃଷି ଗବେଷଣା ପରିଷଦ ଦୁଇଟି ନୂଆ ବିଭାଗ ଖୋଲିବା ସଂକ୍ରାନ୍ତରେ ଯେଉଁ ମତ ଦେଇଥିଲେ, ତା ପରିବର୍ତ୍ତେ ଗୋଟିଏ ଦ୍ୱିତୀୟ କୃଷି ମହାବିଦ୍ୟାଳୟ ଓ ଭୁବନେଶ୍ୱର ଠାରେ ଗୋଟିଏ ଗୃହ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଗୋପାଳପୁର ସମୁଦ୍ରକୂଳରେ ଗୋଟିଏ ମତ୍ସ୍ୟସମ୍ପଦ ମହାବିଦ୍ୟାଳୟ ଖୋଲିବା ପାଇଁ ସକ୍ରିୟ ସହଯୋଗ କରିଥିଲେ ।

ଏହି ବିଶ୍ୱବିଦ୍ୟାଳୟ ବିକାଶ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ୧୯୮୧-୮୨ ଶିକ୍ଷା ବର୍ଷଠାରୁ ଚିପ୍ଲିମାଠାରେ ଅନ୍ୟ ଗୋଟିଏ କୃଷି ମହାବିଦ୍ୟାଳୟ ଖୋଲିବା ସକାଶେ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ରାଜ୍ୟ ସରକାର ଟ ୨୦,୫୦,୦୦୦ଙ୍କା ଯୋଗାଇ ଦେଇଥିଲେ । ଓଡ଼ିଶା କୃଷି ଉନ୍ନୟନ ପ୍ରୋଜେକ୍ଟ ଅନ୍ତର୍ଗତ ଚିପ୍ଲିମା ଆଞ୍ଚଳିକ ଗବେଷଣା କେନ୍ଦ୍ର ଭିତିଭୂମି ଯୋଗୁଁ ଏହି କଲେଜ ଖୋଲିବା ସୁବିଧାଜନକ ହେଲା । ଏହି ମହାବିଦ୍ୟାଳୟ ପାଇଁ ୯୨୫ ଏକର ଜମି ବ୍ୟବସ୍ଥା କରିଥିବା ଯୋଗୁଁ ଆମେ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ । କୃଷିର ଅଣ-ସ୍ନାତକ ପାଠ୍ୟକ୍ରମରେ (ବି. ଏସ୍‌ସି. ଏଜି.) ଛାତ୍ର ଗ୍ରହଣ ସଂଖ୍ୟା ୧୯୨ରୁ ୨୪୦କୁ ବୃଦ୍ଧି କରାଯାଇଛି । ଚିପ୍ଲିମାଠାରେ ଆଉ ଗୋଟିଏ କୃଷି ମହାବିଦ୍ୟାଳୟ ଖୋଲିବା ଫଳରେ ଛାତ୍ର ଗ୍ରହଣ ପାଇଁ ୪୮ଟି ସ୍ଥାନ ବୃଦ୍ଧି ହୋଇଛି । ଏଥି ସହ ରାଜ୍ୟ ସରକାରଙ୍କର ଆଉ ଗୋଟିଏ ନିଷ୍ପତ୍ତି ହେଲା, ଗୋପାଳପୁର ସମୁଦ୍ରକୂଳରେ ମତ୍ସ୍ୟସମ୍ପଦ ମହାବିଦ୍ୟାଳୟ ଖୋଲିବା । ଏହି ମହାବିଦ୍ୟାଳୟ ୧୬ଜଣ ଛାତ୍ରଙ୍କୁ ନେଇ ଭୁବନେଶ୍ୱର ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ଖୋଲିଛି । ସଂପ୍ରତି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ରମ୍ଭେଇ-ଲୁଣାସ୍ଥିତ କୃଷକ ତାଲିମ କେନ୍ଦ୍ର କୋଠାବାଡ଼ିଗୁଡ଼ିକୁ ଏହି ମହାବିଦ୍ୟାଳୟକୁ ଯୋଗାଇଦେବେ ଓ ୧୯୮୨-୮୩ ଶିକ୍ଷାବର୍ଷଠାରୁ ଉକ୍ତ ମହାବିଦ୍ୟାଳୟ ଭୁବନେଶ୍ୱରରୁ ରମ୍ଭେଇ-ଲୁଣାକୁ ସ୍ଥାନାନ୍ତରିତ କରାଯିବ ।

ଦୀର୍ଘକାଳଧରି ଭୁବନେଶ୍ୱର କୃଷିମହାବିଦ୍ୟାଳୟ ପରିସଂଖ୍ୟାନର ଏକ ଅଣ-ସ୍ନାତକ ବିଭାଗ ହୋଇ ରହିଥିଲା । ଏହା ୧୯୮୧-୮୨ ଶିକ୍ଷା ବର୍ଷଠାରୁ ସ୍ନାତକୋତ୍ତର ବିଭାଗକୁ ଉନ୍ନୀତ କରାଯାଇଛି । ଏହା ବ୍ୟତୀତ ଭାରତୀୟ କୃଷି ଗବେଷଣା ପରିଷଦର ଅନୁମୋଦନ କ୍ରମେ ଏବଂ ରାଜ୍ୟସରକାରଙ୍କ ଅନୁମୋଦନ କ୍ରମେ ଏହି ମହାବିଦ୍ୟାଳୟ ସହ ବିହନ ଟେକ୍‌ନୋଲୋଜିରେ ଏକ ଅଣ-ସ୍ନାତକ ବିଭାଗ ସଂଶ୍ଳିଷ୍ଟ । ଭାରତୀୟ କୃଷି ଗବେଷଣା ପରିଷଦର ସ୍ୱୀକୃତି ପ୍ରଦାନକାରୀ ଦଳ ଆର୍ଥିକ ସାହାଯ୍ୟ ନିମନ୍ତେ ଭାରତୀୟ କୃଷି ଗବେଷଣା ପରିଷଦକୁ ସୁପାରିଶ କରିବା ପାଇଁ ସଂପ୍ରତି ଅଣ-ସ୍ନାତକ ବିଭାଗ ପରିଦର୍ଶନ କରିଥିଲେ । ସେହିଭଳି ପଶୁବିଜ୍ଞାନ ଓ ପଶୁଚିକିତ୍ସା ମହାବିଦ୍ୟାଳୟରେ ସରକାରଙ୍କ ସ୍ୱୀକୃତି ଅନୁଯାୟୀ ତିନୋଟି ନୂଆ ବିଷୟ ଯଥା:- ଗାଇନୋକୋଲୋଜିର, ବ୍ୟାକ୍‌ଟେରିଓଲୋଜି ଓ ଭିରୋଲୋଜି ପାରା ସାଇଟୋଲୋଜିରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି ।

ଭାରତୀୟ କୃଷି ଗବେଷଣା ପରିଷଦର ସ୍ୱୀକୃତି ପ୍ରଦାନକାରୀ ଦଳ ଉପରୋକ୍ତ ପାଠ୍ୟକ୍ରମଗୁଡ଼ିକ ସମେତ ପି. ଏଚ୍. ଡି. ପାଠ୍ୟକ୍ରମକୁ ସ୍ୱୀକୃତି ଦେବା ପାଇଁ ଖୁବ୍ ଶୀଘ୍ର ଏହି ମହାବିଦ୍ୟାଳୟ ପରିଦର୍ଶନରେ ଆସିବେ ।

କୃଷି ଇଞ୍ଜିନିୟରିଂ ଓ ବୈଷୟିକ ମହାବିଦ୍ୟାଳୟରେ ୧୯୮୧-୮୨ ଶିକ୍ଷାବର୍ଷ ପର୍ଯ୍ୟନ୍ତ କୌଣସି ସ୍ନାତକୋତ୍ତର ପାଠ୍ୟକ୍ରମ ନ ଥିଲା । ଏପରିକି ଏହି ମହାବିଦ୍ୟାଳୟରେ ଗୋଟିଏ ହେଲେ ସ୍ୱୟଂ ସଂପୂର୍ଣ୍ଣ ଶିକ୍ଷା ଦାନ ବ୍ୟବସ୍ଥା ନ ଥିଲା । ୧୯୮୧-୮୨ ମଧ୍ୟରେ ଏହି ଅଭାବ ପୂରଣ ହୋଇଛି । ଏଥି ମଧ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦର ପରିଦର୍ଶକ ଦଳଙ୍କ ସୁପାରିଶ କ୍ରମେ ପ୍ରତ୍ୟେକ ବିଭାଗରେ ଜଣେ ଜଣେ ବିଭାଗୀୟ ମୁଖ୍ୟ ଥାଇ ପାଞ୍ଚଟି ବିଭାଗ ପାଇଁ ମହାବିଦ୍ୟାଳୟରେ ଗୋଟିଏ ଫ୍ୟାକଲିଟ୍ ବୋର୍ଡ ରହିଛି । ଏହା ବ୍ୟତୀତ, କୃଷି ଯନ୍ତ୍ରପାତି, ବିଦ୍ୟୁତଶକ୍ତି ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ ଇଞ୍ଜିନିୟରିଂ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇଛି । ଏଥିପାଇଁ ସଂପ୍ରତି ଭାରତୀୟ କୃଷି ଗବେଷଣା ପରିଷଦର ସ୍ୱୀକୃତି ଦଳ ଏହି ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ ।

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସହ ପ୍ରତ୍ୟକ୍ଷଭାବେ ସଂଶ୍ଳିଷ୍ଟ ଉପରୋକ୍ତ ବିଷୟ ଗୁଡ଼ିକ ବ୍ୟତୀତ କୃଷି ଇଞ୍ଜିନିୟରିଂ ଓ ବୈଷୟିକ କଲେଜରେ ଥିବା ଭିତ୍ତିଭୂମିକୁ ଉପଯୋଗ କରି ସିଭିଲ ଓ ମେକାନିକାଲ ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମ ଖୋଲାଯିବା ପାଇଁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ଏକ ବୈଷୟିକ ବିଶ୍ୱବିଦ୍ୟାଳୟ ହିସାବରେ ଏହାର ମର୍ଯ୍ୟାଦା ବୃଦ୍ଧି ପାଇବ ଏବଂ ଏହି କ୍ଷେତ୍ରରେ ଉକ୍ତ ବିଶ୍ୱବିଦ୍ୟାଳୟକୁ ପନ୍ତନଗର କୃଷି ବିଶ୍ୱବିଦ୍ୟାଳୟ ସହ ତୁଳନା କରାଯାଇ ପାରିବ ଯେଉଁ ବିଶ୍ୱବିଦ୍ୟାଳୟରେ କି ଏହି ଧରଣର ଇଞ୍ଜିନିୟରିଂ ପାଠ୍ୟକ୍ରମ ରହିଛି । ଦୁଇଗୋଟି ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମର ସ୍ଥାନ ସଂଖ୍ୟା ୩୦ ଲେଖାଏଁ ରଖାଯାଇଛି । ବିଗତ ବର୍ଷ ରାଉରକେଲାସ୍ଥିତ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ ଏବଂ ବୁର୍ଲାସ୍ଥିତ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବା ପାଇଁ ହୋଇଥିବା ମିଳିତ ପ୍ରବେଶିକା ପରୀକ୍ଷାରେ ଓ୍ୱେଟିଂ ଲିଷ୍ଟରେ ରହିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ଏଠାରେ ନାମ ଲେଖାଇବା ପାଇଁ ପ୍ରାର୍ଥୀ ମନୋନୀତ କରାଯାଇଥିଲା । ଚଳିତ ବର୍ଷ (୧୯୮୨-୮୩) ବିଭିନ୍ନ ଅଣ୍ଡର ଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ତାଲିକା ମଧ୍ୟରୁ ଏହି ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ ମନୋନୀତ କରାଯିବ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୧୯୮୧-୮୨ ବର୍ଷ ପାଇଁ ମତ୍ସ୍ୟ ବିଜ୍ଞାନ କଲେଜ ଏବଂ ଗୃହବିଜ୍ଞାନ କଲେଜ (ସ୍ଥାନ ସଂଖ୍ୟା -୨୦)ରେ ସିଧାସଳଖ ଆବେଦନ ପତ୍ର କରିଆରେ ଛାତ୍ର ଗ୍ରହଣ କରାଯାଇଥିଲା । ଚଳିତ ବର୍ଷ ଏହି ଦୁଇଟି କଲେଜରେ ନାମ ଲେଖାଇବା ପାଇଁ, ପ୍ରବେଶିକା ପରୀକ୍ଷାର ଉତ୍ତୀର୍ଣ୍ଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ଶିକ୍ଷାର୍ଥୀ ମନୋନୀତ କରାଯିବ ।

ପାଞ୍ଚଗୋଟି ମୌଳିକ ବିଜ୍ଞାନ ପାଠ୍ୟକ୍ରମରେ ଅନର୍ସ ଶ୍ରେଣୀ ଖୋଲି ଏହି ବିଶ୍ୱବିଦ୍ୟାଳୟ ମୌଳିକ ବିଜ୍ଞାନ ମହାବିଦ୍ୟାଳୟର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି । ଯେଉଁସବୁ ବିଷୟରେ ଅନର୍ସ ଖୋଲାଯାଇଛି ସେଗୁଡ଼ିକ ହେଲା-ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର, ଗଣିତ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ । ପ୍ରତ୍ୟେକଟିରେ ୧୬ଟି ଲେଖାଏଁ ସ୍ଥାନ ଅଛି ।

## ୧୯୮୨-୮୩ ବର୍ଷ ପାଇଁ ନିର୍ଦ୍ଧାରିତ ଉନ୍ନୟନମୂଳକ କାର୍ଯ୍ୟକ୍ରମ

ଏହି ବିଶ୍ୱବିଦ୍ୟାଳୟ ପକ୍ଷରୁ ପାରମ୍ପରିକ ବ୍ୟବସ୍ଥା ସ୍ୱରୂପ ଦିଆଯାଉଥିବା ପି. ଏଚ୍. ଡି. ପାଠ୍ୟକ୍ରମ ସାଙ୍ଗକୁ କୃଷି ଓ ପଶୁ ବିଜ୍ଞାନ ପାଠ୍ୟକ୍ରମ କୋର୍ସ ପ୍ରୋଗ୍ରାମ ବ୍ୟବସ୍ଥା କରାଯାଉଛି । ଭାରତୀୟ କୃଷି ଗବେଷଣା ପରିଷଦର ଆକ୍ରିଡେସନ୍ ଦଳ ଇତିମଧ୍ୟରେ କୃଷି ବିଜ୍ଞାନ ବିଭାଗ ପରିଦର୍ଶନ କରି ସାରିଛନ୍ତି ଏବଂ ଯେ କୌଣସି ମୁହୂର୍ତ୍ତରେ ସେମାନଙ୍କର ସୁପାରିଶ୍ ପହଞ୍ଚି ଯାଇ ପାରେ । ଫାର୍ମ ଫରେଷ୍ଟ୍ରିରେ ଏକ ଅଣ୍ଡର ଗ୍ରାଜୁଏଟ୍ ଶ୍ରେଣୀ ଖୋଲିବା ବିଷୟ ବିଚାରାଧୀନ ରହିଛି । କାଳକ୍ରମେ କୋରାପୁଟ ଜିଲ୍ଲା ସିମିଳିଗୁଡ଼ାସ୍ଥିତ ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ଥିବା ଭିତ୍ତିଭୂମିକ ସୁବିଧାସୁଯୋଗ ଉପଯୋଗ କରାଯାଇ ସିମିଳିଗୁଡ଼ାଠାରେ ଅନ୍ୟ ଏକ କୃଷି ମହାବିଦ୍ୟାଳୟ ଖୋଲାଯାଇ ପାରେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ଏକ ସ୍ୱୟଂ ସଂପୂର୍ଣ୍ଣ ଇଞ୍ଜିନିୟରିଂ ପାଠ୍ୟକ୍ରମ ଖୋଲିବା ଉଦ୍ଦେଶ୍ୟରେ ସିଭିଲ ଓ ମେକାନିକାଲ ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମ (ଖୋଲାଯାଇ ସାରିଲାଣି) ସାଙ୍ଗକୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମ ଖୋଲିବା ସକାଶେ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଉଛି । ଇଞ୍ଜିନିୟରିଂ ଡ଼ିଗ୍ରୀ ପାଠ୍ୟକ୍ରମ ଖୋଲାଯିବା ଫଳରେ ରାଜ୍ୟରେ ବହୁଦିନର ଚାହିଦା ପୂରଣ ହୋଇ ପାରିବା ସଙ୍ଗେ ସଙ୍ଗେ ଏହି ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ବୃଦ୍ଧି ପାଇଛି । ଏହି ନୂତନ ବ୍ୟବସ୍ଥା ବିଭିନ୍ନ ମହଲରେ ବେଶ୍ ଆଦୃତ ହୋଇଛି ।

ଚଳିତ ବର୍ଷ ଯେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ରଖାଯାଇଛି ସେଥିମଧ୍ୟରୁ ଚିପିଲିମାଠାରେ ଖୋଲାଯାଇଥିବା ନୂତନ କୃଷି କଲେଜର କୋଠା ନିର୍ମାଣ କାର୍ଯ୍ୟ (ବ୍ୟୟ ଅଟକଳ ୫୦ ଲକ୍ଷ ଟଙ୍କା), ଭୁବନେଶ୍ୱରଠାରେ ଗୃହ ବିଜ୍ଞାନ କଲେଜ (ବ୍ୟୟ ଅଟକଳ ୫ ଲକ୍ଷ ଟଙ୍କା) ଗୋପାଳପୁର ସମୁଦ୍ର କୂଳରେ (ରଙ୍ଗେଇଲୁଣ୍ଡା) ମତ୍ସ୍ୟ ବିଜ୍ଞାନ କଲେଜ, ଭୁବନେଶ୍ୱରଠାରେ ସିଭିଲ୍ ଓ ମେକାନିକାଲ ଡ଼ିଗ୍ରୀ ପାଠ୍ୟକ୍ରମ ନିମନ୍ତେ କୋଠା ନିର୍ମାଣ, ନୂତନ ହଷ୍ଟେଲ (୭ ଓ ୮ ନମ୍ବର ହଷ୍ଟେଲ) ଏବଂ କୃଷକ ହଷ୍ଟେଲ ନିର୍ମାଣ






କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
CHIEF MINISTER


ମାବର୍ତ୍ତନ ଉତ୍ସବ

କାର୍ଯ୍ୟ ଯାହାର ଶିଳାନ୍ୟାସ ହୋଇ ସାରିଛି) ଏବଂ ୫ଲକ୍ଷ ଟଙ୍କା ବ୍ୟୟରେ ଗୃହ ବିଜ୍ଞାନ କଲେଜ ପାଇଁ ମହିଳା ହଷ୍ଟେଲ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ନୂଆ କରି ଖୋଲଯାଇଥିବା ବିଭାଗଗୁଡ଼ିକୁ ସ୍ଥାନ ଦେବା ପାଇଁ କୃଷି କଲେଜ, ପଶୁବିଜ୍ଞାନ କଲେଜ ଏବଂ କୃଷି ଇଂଜିନିୟରିଂ କଲେଜ କୋଠାର ସଂପ୍ରସାରଣ ନିମନ୍ତେ ବ୍ୟବସ୍ଥା କରାଯାଉଛି । ବିଭିନ୍ନ ଗବେଷଣା କେନ୍ଦ୍ରରେ ମଧ୍ୟ ବହୁତ କୋଠାବାଡ଼ି ନିର୍ମିତ ହେବ । ବିଶ୍ୱବିଦ୍ୟାଳୟର ମୁଖ୍ୟ ହତା ମଧ୍ୟରେ ଜଳଯୋଗାଣ ବ୍ୟବସ୍ଥାର ଉନ୍ନତି ବିଧାନ ସକାଶେ ସମ୍ପ ସମେତ ଏକ ଜଳମଞ୍ଚ ନିର୍ମାଣ କାର୍ଯ୍ୟ ବାବଦରେ ୪ଲକ୍ଷ ଟଙ୍କା ମଞ୍ଜୁର କରାଯାଉଛି । ଜନସ୍ୱାସ୍ଥ୍ୟ ବିଭାଗ ଏହି କାର୍ଯ୍ୟ ହାତକୁ ନେବା ପାଇଁ ସମ୍ମତ ହୋଇଛନ୍ତି ।

## ବିଶ୍ୱବିଦ୍ୟାଳୟ ହତା, ରାସ୍ତା ଇତ୍ୟାଦି

ରାଜ୍ୟ ସରକାରଙ୍କ ସଦୟ ସହଯୋଗକ୍ରମେ ଅନ୍ୟ ଏକ ଅଗ୍ରଗତି ସାଧିତ ହୋଇ ପାରିଛି । ବିଶ୍ୱବିଦ୍ୟାଳୟର କୋଠାବାଡ଼ି ଓ ଷ୍ଟାଫ୍ କ୍ୱାଟର ନିର୍ମିତ ହୋଇଥିବା ଏ ୧୩୭.୨୮ ଡ଼ି ପରିମିତ ଜମି ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତରିତ ହୋଇଛି । ମଝିରେ ଥିବା ଖାଲି ଯାଗା ପାଇଁ ପ୍ରିମିୟମ୍ ଛାଡ଼ କରାଯିବା ସଙ୍ଗେ ସଙ୍ଗେ ନାମକୁ ମାତ୍ର ଏକର ପିଛା ବାର୍ଷିକ ଏକ ଟଙ୍କା ଲେଖାଏଁ ଖଜଣା ଧାର୍ଯ୍ୟ କରାଯାଇଛି । ବିଶ୍ୱବିଦ୍ୟାଳୟ ନାମରେ ମଧ୍ୟ ଜମି ରେଜିଷ୍ଟ୍ରି କରାଯାଇଛି । ବିଶ୍ୱବିଦ୍ୟାଳୟ ହତାରେ ଥିବା ମୁଖ୍ୟ ରାସ୍ତା ବ୍ୟତୀତ ଅନ୍ୟାନ୍ୟ ରାସ୍ତାଗୁଡ଼ିକ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନଥିଲା ଯାହାଫଳରେ ହତା ମଧ୍ୟରେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଜମି ହସ୍ତାନ୍ତର କରିବା ସଙ୍ଗେ ସଙ୍ଗେ ରାସ୍ତାଗୁଡ଼ିକୁ ପିଚୁ ରାସ୍ତାରେ ପରିଣତ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା । ନଅ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ପୁରାଦମ୍ଭରେ ଚାଲିଛି ।

ବିଶ୍ୱବିଦ୍ୟାଳୟ ସଂପ୍ରସାରଣ ଏବଂ ଅଧିକ ସଂଖ୍ୟକ କ୍ୱାଟର ନିର୍ମାଣ ପାଇଁ ବିଶ୍ୱବିଦ୍ୟାଳୟ ହତାରେ ଥିବା ଖାଲି ଯାଗାଗୁଡ଼ିକୁ ହସ୍ତାନ୍ତର କରିବା ସକାଶେ ଚଳିତ ବର୍ଷ କାର୍ଯ୍ୟକ୍ରମ ରଖାଯାଇଛି । ଏହାବ୍ୟତୀତ ବିଶ୍ୱବିଦ୍ୟାଳୟର କୋଠାବାଡ଼ି ତଥା ଜମି ଉପରେ ବେଆଇନ୍‌ଭାବେ ଦଖଲ କରିଥିବା ଲୋକମାନଙ୍କୁ ଦଖଲ ଉଚ୍ଛେଦ କରିବା ପାଇଁ ବିଶ୍ୱବିଦ୍ୟାଳୟ ସମ୍ବିଧାନ ସଂଶୋଧନ କରିବା କିମ୍ବା ଓଡ଼ିଶା ସରକାରୀ ଜାଗାବାଡ଼ି (ବେଆଇନ ଦଖଲକାରୀଙ୍କ ଉଚ୍ଛେଦ) ଆଇନ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ କ୍ଷମତା ପ୍ରଦାନ କରାଯିବା ପାଇଁ ମଧ୍ୟ କାର୍ଯ୍ୟକ୍ରମ ରହିଛି ।

ଏହା ବ୍ୟତୀତ, ଜମି ହସ୍ତାନ୍ତରିତ ହେବା ପରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଜରିଆରେ ହୁଡ଼କୋ ଠାରୁ ଅନୁରୂପ ଋଣ ଆଣି ଭାରତୀୟ କୃଷି ଗବେଷଣା ପରିଷଦଠାରୁ ମିଳିଥିବା ୧୫ଲକ୍ଷ ଟଙ୍କା ମିଶାଇ ମୋଟ ୪୫ ଲକ୍ଷ ଟଙ୍କା ଅଟକଳରେ କର୍ମଚାରୀମାନଙ୍କ ପାଇଁ ଅଧିକ ବାସଗୃହ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ।

## କର୍ମଚାରୀ ନିଯୁକ୍ତି

୧୯୮୧-୮୨ ମଧ୍ୟରେ ବିଶ୍ୱବିଦ୍ୟାଳୟ ବିଧିବଦ୍ଧ ମନୋନୟନ କମିଟି ଜରିଆରେ ଓ ଆଡ଼ହକ୍‌ଭାବେ ପ୍ରାୟ ୧୫୦ଟି ଟେକ୍‌ନିକାଲ୍ ଚାକିରୀରେ ଲୋକ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ଖାଲିଥିବା ଚାକିରୀଗୁଡ଼ିକ ସହିତ ଭାରତୀୟ କୃଷି ଗବେଷଣା ପରିଷଦ ଓ ଅନ୍ୟାନ୍ୟ ପରିକଳ୍ପନାର ଚାକିରୀଗୁଡ଼ିକ ପୂରଣ କରିବା ବ୍ୟତୀତ, ଚଳିତ ବର୍ଷ କେତେକ ନୂତନ କଲେଜ ଓ ଉପାଧ୍ୟାୟର ଶ୍ରେଣୀରେ ଖାଲିଥିବା ନୂତନ ଚାକିରୀଗୁଡ଼ିକ ପାଇଁ ବିଜ୍ଞାପନ ପ୍ରକାଶ କରାଯାଉଛି ।

## ଗବେଷଣା କାର୍ଯ୍ୟ

ଗତ ସମାବର୍ତ୍ତନ ଉତ୍ସବରେ କୁଳପତି ଦେଇଥିବା ବିବରଣୀରେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ଫାର୍ମ ପରିକଳ୍ପନାର ଗବେଷଣାତ୍ମକ ସଫଳତା ସଂପର୍କରେ ସୂଚନା ଦିଆଯାଇଛି । ରାଜ୍ୟର କୃଷି ବୈଷୟିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଏତଦ୍‌ବ୍ୟତୀତ, ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମ, ଭାରତୀୟ କୃଷି ଗବେଷଣା ପରିଷଦ ଜରିଆରେ ବିଶ୍ୱବିଦ୍ୟାଳୟର ଗବେଷଣାମୂଳକ ଦକ୍ଷତାର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିକ ଉନ୍ନୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସାଧନ କରିପାରିଛି । ବିଶ୍ୱବିଦ୍ୟାଳୟ ଗବେଷଣା ମାଧ୍ୟମରେ ଯେଉଁ ଜଟିଳ ସନ୍ଦର୍ଭ ଉପସ୍ଥାପିତ କରିଛନ୍ତି, ତାହାର ବୈଷୟିକ ଦୃଷ୍ଟିଭଙ୍ଗୀ ବିଷୟକୁ ନେଇ ୧୯୮୦ ମସିହା ମଇ ମାସରେ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ପ୍ରୋଜେକ୍ଟ ଫଣ୍ଡିଂ କମିଟି ଏହାକୁ ଯୋଗ୍ୟବୋଲି ଅନୁମୋଦନ କରିଥିଲେ । ୧୯୮୦ ମସିହା ଜୁନ୍ ମାସରେ ଅହମଦାବାଦ୍ ଏମ୍. ପି. କେ. ଭି. ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏ. ଡି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଗବେଷଣାମୂଳକ ସମୀକ୍ଷା କମିଟି ଗଠନ କରାଯାଇଥିଲା । ସବିଶେଷ ଗବେଷଣାମୂଳକ ସମୀକ୍ଷାକୁ ଭିତ୍ତି କରି ଗବେଷଣା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ସୁଦୃଢ଼ କରିବା ଲାଗି ୩.୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସବ୍-ପ୍ରୋଜେକ୍ଟ ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମର ଆଭ୍ୟନ୍ତରୀଣ ଆନୁଷ୍ଠାନିକ ବୈଜ୍ଞାନିକ ପ୍ୟାନେଲ୍‌ର ଷଷ୍ଠ ଅଧିବେଶନରେ ଅନୁମୋଦନ କରାଯାଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ନିମନ୍ତେ ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମ ରାଜ୍ୟକୁ ୧୦ଟି କୃଷି ଜୋନ୍‌ରେ ବିଭକ୍ତ କରିଛନ୍ତି । ଏଥି ନିମନ୍ତେ ଫିଜିଓଗ୍ରାଫିକ୍ ମାନ, ଜଳବାୟୁ, ମୃତ୍ତିକା ଓ ଶସ୍ୟ ଉତ୍ପାଦନ କ୍ଷମତାକୁ ବିଷୟକୁ ନିଆଯାଇଛି । ଜି. ଉଦୟଗିରିଠାରେ (ଉତ୍ତର-ପୂର୍ବ ଘାଟ ଅଞ୍ଚଳ) ଏକ ଆଞ୍ଚଳିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଏହାଛଡ଼ା ଭୁବନେଶ୍ୱର (ପୂର୍ବ, ଦକ୍ଷିଣ-

ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ), କେନ୍ଦୁଝର (ଉତ୍ତର-କେନ୍ଦ୍ରୀୟ ଅଞ୍ଚଳ), ସିମିଳିଗୁଡ଼ା (ପୂର୍ବଘାଟ ଉଚ୍ଚଭୂମି ଅଞ୍ଚଳ), ଚିପ୍ଲିମା (ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳ) ଠାରେ ଅବଶିଷ୍ଟ ୪ଟି ଆଞ୍ଚଳିକ ଗବେଷଣା କେନ୍ଦ୍ର ଖୋଲଯାଇଛି । ଏତଦ୍‌ବ୍ୟତୀତ ରାଣୀତାଲ୍ (ବାଲେଶ୍ୱର), ମତୋ (ବାଲେଶ୍ୱର) (ଉତ୍ତର-ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ), ଉମରକୋଟ କୋରାପୁଟ (ପୂର୍ବଘାଟ ମାଳଭୂମି ଅଞ୍ଚଳ), ଭବାନୀପାଟଣା (କଳାହାଣ୍ଡି)—ପଶ୍ଚିମ ଅସମତଳ ଅଞ୍ଚଳ); ଅନୁଗୁଳ (ଢେଙ୍କାନାଳ)—(କେନ୍ଦ୍ରୀୟ ଟେବଲ ଲ୍ୟାଣ୍ଡ୍ ଜୋନ୍) ଓ ବର୍ତ୍ତମାନ ରହିଥିବା ୬ଟି ଉପ-କେନ୍ଦ୍ର ଯଥା: ଯଶୀପୁର (ମୟୂରଭଞ୍ଜ)—ଉତ୍ତର କେନ୍ଦ୍ରୀୟ ପ୍ଲାଟିଉ-ଜୋନ୍; କେନ୍ଦ୍ରାପଡ଼ା (କଟକ), କେଶପୁର ଓ ବ୍ରହ୍ମପୁର (ଗଞ୍ଜାମ)—ପୂର୍ବ ଓ ଦକ୍ଷିଣ-ପୂର୍ବ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ପଟାଙ୍ଗୀ (ପୂର୍ବଘାଟ ମାଳଭୂମୀ ଅଞ୍ଚଳ) ଏବଂ ଜୟପୁର (କୋରାପୁଟ)—ଦକ୍ଷିଣ-ପୂର୍ବ ଘାଟ ଅଞ୍ଚଳ) । ଜି. ଉଦୟଗିରିଠାରେ ୮୪'୩୨ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଉପ-କେନ୍ଦ୍ର ପ୍ରତିଷ୍ଠା କରିବା ସକାଶେ ପ୍ରଥମ ବିଷୟର ପରିକଳ୍ପନା ରିପୋର୍ଟ ଭାରତୀୟ କୃଷି ଗବେଷଣା ପରିଷଦର ବିଶେଷଜ୍ଞଙ୍କଦ୍ୱାରା ପରୀକ୍ଷା କରାଯାଇଛି ଏବଂ ଆଶା କରାଯାଏ ଯେ ବ୍ୟୟ ଅଟକଳ ଅପେକ୍ଷା ଅଧିକ ମୂଲ୍ୟରେ ଏହି ପ୍ରସ୍ତାବଟି ଅନୁମୋଦନ ଲାଭ କରିବ । ଅନ୍ୟ ପାଞ୍ଚଟି ନୂତନ ଉପ-କେନ୍ଦ୍ରଗୁଡ଼ିକର ଉପ-ପରିକଳ୍ପନା ରିପୋର୍ଟଗୁଡ଼ିକ ମଧ୍ୟ ପ୍ରସ୍ତୁତ ସରିଛି । ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମର ଆର୍ଥିକ ସହାୟତାରେ ଆଗାମୀ ୫ବର୍ଷ ନିମନ୍ତେ ମୋଟ ଆର୍ଥିକ ବ୍ୟୟ ୫ କୋଟି ଟଙ୍କା ହେବ ।

ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରତ୍ୟେକ ଗବେଷଣା ଫାର୍ମର ବ୍ୟୟ-ଲାଭ ବିଶ୍ଳେଷଣର ଗଭୀର ଅନୁଧ୍ୟାନ କରିବା ସକାଶେ ଉଦ୍ୟମ କରାଯାଉଛି । ଏଦିଗରେ କେତେକ ପ୍ରାରମ୍ଭିକ କାର୍ଯ୍ୟ ହୋଇଛି ଏବଂ ଗତ ୪ବର୍ଷ ହେଲା ଉକ୍ତ ଫାର୍ମଗୁଡ଼ିକ ତଥ୍ୟ ସଂକଳନ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଅନୁଧ୍ୟାନ ଯେ କେବଳ ଗବେଷଣା ପରିକଳ୍ପନା ତଥା ବହୁଳ ସ୍ତରର କାର୍ଯ୍ୟକାରୀତାର ମୂଲ୍ୟାୟନ କରିବ ତା'ନୁହେଁ, ପରନ୍ତୁ ରହିଥିବା ସମ୍ବଳର ଉପଯୁକ୍ତ ଉପଯୋଗ ନିମନ୍ତେ ଫଳପ୍ରଦ ଅଗ୍ରଗତି ପାଇଁ ପଥ ପ୍ରଦର୍ଶନ କରିବ ।

## ଭାରତୀୟ କୃଷି ଗବେଷଣା ପରିଷଦ ଜରିଆରେ କେନ୍ଦ୍ରୀୟ ସାହାଯ୍ୟ

ଷଷ୍ଠ ଯୋଜନା କାଳରେ କେନ୍ଦ୍ରୀୟ ସାହାଯ୍ୟ ଜରିଆରେ ଭାରତୀୟ କୃଷି ଗବେଷଣା ପରିଷଦ ୨୩୫ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାକାଳ ୧୯୮୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବାରୁ ୧୯୮୩ ଶେଷସୁଦ୍ଧା ଆମେ ଯଦି ଉକ୍ତ ଅର୍ଥକୁ ସଂପୂର୍ଣ୍ଣ ଉପଯୋଗ କରିପାରିବୁ, ତା'ହେଲେ ଏହି ପରିମାଣ ବୃଦ୍ଧି କରାଯିବ ବୋଲି ଭାରତୀୟ କୃଷି ଗବେଷଣା ପରିଷଦ ବିଶ୍ୱବିଦ୍ୟାଳୟକୁ ପ୍ରତିଶ୍ରୁତି ଦେଇଛନ୍ତି । ଚଳିତ ବର୍ଷ ମଧ୍ୟରେ ଯୋଗାଇ ଦିଆଯାଇଥିବା ପ୍ରାରମ୍ଭିକ ପାଣ୍ଠିର ପୂର୍ଣ୍ଣ ସଦୁପଯୋଗ ନିମନ୍ତେ ଆମର ଉଦ୍ୟମ ହେବା ଆବଶ୍ୟକ ।

ଭାରତୀୟ କୃଷି ଗବେଷଣା ପରିଷଦ ସହାୟତାରେ ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ମଧ୍ୟରେ ଯେଉଁ ୬ଟି ନୂତନ ପରିକଳ୍ପନା ଆରମ୍ଭ କରିଛନ୍ତି ସେଗୁଡ଼ିକ ହେଲା; (୧) ରାଜ୍ୟର ହରିଜନ ଓ ଅନଗ୍ରସର ଲୋକମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ, (୨) ପାନ ଗଛର ରୋଗ ନିରାକରଣ ସକାଶେ ସମନ୍ୱିତ ଗବେଷଣା ପ୍ରୋଜେକ୍ଟ, (୩) ଏକାଧିକ ରାଜ୍ୟ ପାଇଁ କାଜୁ ଗବେଷଣା ପ୍ରୋଜେକ୍ଟ, (୪) କେନ୍ଦୁଝରଠାରେ ଶସ୍ୟ ଉତ୍ପାଦନର ଉନ୍ନତିବିଧାନ ପାଇଁ ଗବେଷଣାମୂଳକ ପରିକଳ୍ପନା, (୫) ହୀରାକୁଦ କମାଣ୍ଡ୍ ଏରିଆ ଅନ୍ତର୍ଗତ ଚିପ୍ଲିମାଠାରେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ସକାଶେ ଗବେଷଣା ଓ ତାଲିମର ସଂପ୍ରସାରଣ ବ୍ୟବସ୍ଥା ଏବଂ (୬) ଭୁବନେଶ୍ୱରଠାରେ ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ପାଇଁ ଥିବା ଗବେଷଣା ଓ ତାଲିମ ବ୍ୟବସ୍ଥାର ସଂପ୍ରସାରଣ । ଏସବୁ ପରିକଳ୍ପନା କାର୍ଯ୍ୟକାରୀ କରିବା ସକାଶେ କେତେକ କର୍ମଚାରୀ ନିଯୁକ୍ତି ପାଇଛନ୍ତି ଓ ଏ ଦିଗରେ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ଭାରତୀୟ କୃଷି ଗବେଷଣା ପରିଷଦ କେନ୍ଦୁଝରଠାରେ ଏକ କୃଷି ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ମଞ୍ଜୁର କରିଛନ୍ତି । ଏହି କେନ୍ଦ୍ରରେ କ୍ଷୁଦ୍ର ଚାଷୀମାନଙ୍କୁ ତାଲିମ ଦିଆଯିବ ଓ ଏକ ପକ୍ଷରେ ସଂପ୍ରତି ବ୍ୟବହାର କରାଯାଉଥିବା କାରିଗରୀ କୌଶଳର ଉପଯୋଗ କରାଯିବା ସଙ୍ଗେ ସଙ୍ଗେ ଅନ୍ୟ ପକ୍ଷରେ ଅଧିକ ଅମଳ କିପରି କରାଯାଇ ପାରିବ, ସେ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ଦିଆଯିବ । ଏହା ଛଡ଼ା ଭାରତୀୟ କୃଷି ଗବେଷଣା ପରିଷଦ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ା ଓ ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାରେ ଦୁଇଟି କୃଷି ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ନିକଟରେ ଆର୍ଥିକ ସାହାଯ୍ୟ ଦେବେ ବୋଲି ସୂଚନା ଦେଇଛନ୍ତି ।

ଏହି ବିଶ୍ୱବିଦ୍ୟାଳୟ ଫାର୍ମ ପରିଚାଳନା ତଥ୍ୟ ୟୁନିଟ୍ ଜରିଆରେ ଅନେକ ମୂଲ୍ୟାୟନ ଅଧ୍ୟୟନ କରୁଛନ୍ତି । ଅଳ୍ପ ସଂଖ୍ୟକ ରିପୋର୍ଟ ମଧ୍ୟ ପ୍ରକାଶ କରାଯାଇଛି । ଏହା ବ୍ୟତୀତ, ଏହି ବିଶ୍ୱବିଦ୍ୟାଳୟ କମାଣ୍ଡ ଏରିଆ ଉନ୍ନୟନ ଏଜେନ୍ସିକୁ ଭିତ୍ତିକରି ମୂଲ୍ୟାୟନ ଅଧ୍ୟୟନ ତଥା ମହାନଦୀ-ବିରୂପା ପ୍ରୋଜେକ୍ଟ ଅଞ୍ଚଳର ଜଳ ପରିଚାଳନା ପ୍ରୋଜେକ୍ଟର ପ୍ରାନ୍ତ ରେଖା ସର୍ଭେ ଏବଂ ସୁଇଜରଲ୍ୟାଣ୍ଡ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଜରିଆରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମର ସର୍ଭେ କାର୍ଯ୍ୟ ହାତକୁ ନେଇଛନ୍ତି । ଏହିସବୁ କାର୍ଯ୍ୟ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ, ଆଦିବାସୀ ଓ ହରିଜନ ଗବେଷଣା ପ୍ରତିଷ୍ଠାନ, ସରାଭାଇ କେମିକାଲ୍‌ସର ଓ ଆର: କି: ଗ୍ରୁପ୍ ଭଳି ଅନ୍ୟାନ୍ୟ

ଅନୁଷ୍ଠାନର ସହଯୋଗକ୍ରମେ କଟକ ଓ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି ।

ଏହି ବିଶ୍ୱବିଦ୍ୟାଳୟ ଜାତୀୟ ବିହନ ପରିକଳ୍ପନା-୨ ଅନୁଯାୟୀ ଆଳୁ, ଚିନାବାଦାମ ଓ ଧାନ ବିହନର ମୂଳଭିତ୍ତି ତଥା ପ୍ରଜନନଜ ଉତ୍ପାଦନ ପାଇଁ ରାଜ୍ୟ ବିହନ କର୍ପୋରେସନ ସହ ସହଯୋଗ କରିଛନ୍ତି । ସମ୍ବଲପୁର ଓ ପଠା ଫାର୍ମରେ ଛୋଟ କମଣ ପ୍ଲାଣ୍ଟ ବସାଇବା ପାଇଁ ଗୋଟିଏ ପ୍ରସ୍ତାବ ବିଚାରାଧୀନ ରହିଛି ।

ଗତବର୍ଷ ମଧ୍ୟରେ ୭୫୦ ଟି ପରିବାର 'ପରୀକ୍ଷାଗାରରୁ ଜମି' (ଲ୍ୟାବ୍ ଟୁ ଲ୍ୟାଣ୍ଡ) କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଥିବାସ୍ଥଳେ ଚଳିତ ବର୍ଷ ୨,୦୦୦ ପରିବାର ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବେ । ପରୀକ୍ଷାଗାରରୁ ଜମିକୁ ବୈଷୟିକ ସ୍ଥାନାନ୍ତର ସଂପର୍କିତ ସଘନ କାର୍ଯ୍ୟ ପାଇଁ ଆମର ଗବେଷଣା କେନ୍ଦ୍ର ତଥା ଫାର୍ମଗୁଡ଼ିକ ଦ୍ୱାରା କେତେକ ଗ୍ରାମକୁ ସଂଶ୍ଳିଷ୍ଟ କରିବା ସକାଶେ ପ୍ରସ୍ତାବ ମଧ୍ୟ ରହିଛି । ଏହି ବିଶ୍ୱବିଦ୍ୟାଳୟ କୃଷି ଓ ପଶୁପାଳନ ଏବଂ ମତ୍ସ୍ୟ ଚାଷ ତଥା ଗୃହ ବିଜ୍ଞାନ ସଂପର୍କିତ ସେସ୍ ଫଣ୍ଡ୍ ଅନୁଯାୟୀ ଭାରତୀୟ କୃଷି ଗବେଷଣା ପରିଷଦରୁ ଆର୍ଥିକ ସାହାଯ୍ୟ ପାଇବା ପାଇଁ ଅଧିକ ପରିକଳ୍ପନା ପଠାଇବା ବିଷୟ ଚିନ୍ତା କରୁଛନ୍ତି । ଗୃହ ବିଜ୍ଞାନ ମହାବିଦ୍ୟାଳୟ ନିମନ୍ତେ ୟୁନିସେଫ୍‌ରୁ ଆର୍ଥିକ ସାହାଯ୍ୟ ପାଇବା ସକାଶେ ଚଳିତ ବର୍ଷ ପରିକଳ୍ପନାମାନ ପଠାଯିବ । ବିଦେଶୀ ସାହାଯ୍ୟ ପାଇବା ନିମନ୍ତେ ମାର୍ଗ ପ୍ରସ୍ତୁତ କରୁଥିବା ଭାରତ ସରକାରଙ୍କର ଏକ ଅନୁଷ୍ଠାନ ପିପୁଲ୍‌ସ ଆକ୍‌ସନ୍ ଫର୍ ଡେଭଲପ୍‌ମେଣ୍ଟ, ଇଣ୍ଡିଆରୁ ଆର୍ଥିକ ସାହାଯ୍ୟ ଲାଭ କରିବା ପାଇଁ ମଧ୍ୟ ପରିକଳ୍ପନାମାନ ପଠାଯିବ । ଗବେଷଣାରେ ଯୁକ୍ତରାଷ୍ଟ୍ର ଆମେରିକାର ମିଶୋରି ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ଲାଟ୍ରୋବେ ବିଶ୍ୱବିଦ୍ୟାଳୟର ସହଯୋଗ ଲାଗି ପ୍ରଥମକରି ଅନେକ ଗୁଡ଼ିଏ ପରିକଳ୍ପନା ପଠାଯାଇଛି ।

ଏହି ବିଶ୍ୱବିଦ୍ୟାଳୟ ରାଜ୍ୟ କୃଷି ବିଭାଗ ଏବଂ ପଶୁ ପାଳନ ଓ ପଶୁ ଚିକିତ୍ସା ବିଭାଗ ସହଯୋଗକ୍ରମେ ସରକାରୀ ବିଭାଗ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସଂପୂର୍ଣ୍ଣ ସମନ୍ୱୟ ରକ୍ଷା କରିବା ଦିଗରେ ଉଦ୍ୟମ କରୁଅଛି । ଗତ କେତେ ବର୍ଷ ହେଲା ପ୍ରଥମ ଥର ପାଇଁ ରାଜ୍ୟର ମୁଖ୍ୟ ଶାସନ ସଚିବ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଓ ସରକାରଙ୍କ ଉନ୍ନୟନ ବିଭାଗଗୁଡ଼ିକର ଅଫିସରମାନଙ୍କୁ ନେଇ ଏକ ବୈଠକ ଡକାଇଥିଲେ ଓ ଉକ୍ତ ବୈଠକରେ ଉନ୍ନୟନ ବିଭାଗଗୁଡ଼ିକ ଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ସହିତ ପୂର୍ଣ୍ଣ ସହଯୋଗ ଯେପରି ବୃଦ୍ଧି ପାଇବ ସେ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟରେ କୃଷି ସଂପର୍କିତ ୨୦ ଦଫା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଲାଗି କୃଷି ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରେ ସମସ୍ତ ପ୍ରକାର ସହଯୋଗ ମିଳିଥିଲା । ସେହିଭଳି ପଶୁପାଳନ, ପଶୁ ଚିକିତ୍ସା, ମତ୍ସ୍ୟ ଚାଷ, ଜଙ୍ଗଲ ବିଭାଗ ଓ ଗୋଷ୍ଠୀ ଉନ୍ନୟନ ବିଭାଗର ଅଫିସରମାନଙ୍କ ସହଯୋଗକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ । କୃଷିର ବିକାଶ ପାଇଁ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ କୃଷି ଅଭିମୁଖ୍ୟ କମିଟିରେ ବିଶ୍ୱବିଦ୍ୟାଳୟ ଜଣେ ଲେଖାଏଁ ସିନିୟର ବୈଜ୍ଞାନିକଙ୍କୁ ଉପସ୍ଥାପିତ କରିଛନ୍ତି ।

ଏହି ବିଶ୍ୱବିଦ୍ୟାଳୟ "ଚାଷୀର ସଂବାଦ", "ଚାଷୀର ସାଥୀ", "ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମାଚାର" ପ୍ରକାଶନରେ ପରିବର୍ତ୍ତନ ଆଣି "ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଗବେଷଣା ସମାଚାର" ଶୀର୍ଷକ ଏକ ନୂତନ ପୁସ୍ତିକା ପ୍ରବର୍ତ୍ତନ କରିଛନ୍ତି ଓ ଏହା ବିଶେଷ ଭାବେ ଆଦୃତ ହୋଇଛି । ଏହା ଛଡ଼ା, ବିଭିନ୍ନ ସଂସ୍ଥାର ଆବଶ୍ୟକତା ପରିପୂରଣ ନିମନ୍ତେ ସାମୟିକ ଭାବେ ବହୁ ସଂଖ୍ୟକ ଗବେଷଣାତ୍ମକ ଓ ସଂପ୍ରସାରଣ କ୍ଷୁଦ୍ର ପୁସ୍ତିକା ପ୍ରକାଶିତ ହୋଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଗବେଷଣା ପତ୍ରିକା ପ୍ରତି ତିନି ମାସରେ ପ୍ରକାଶ କରାଯାଇଥାଏ ଏବଂ ଏଥିରେ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶ କରିଥାନ୍ତି । ଏ ସବୁ ଗବେଷଣାମୂଳକ ଓ ସଂପ୍ରସାରଣ କାର୍ଯ୍ୟବିଧି ଏବଂ ପୁସ୍ତକ ପ୍ରକାଶନ ଦ୍ୱାରା ବିଶ୍ୱବିଦ୍ୟାଳୟର ସୁଖ୍ୟାତି ବୃଦ୍ଧି ପାଇଛି । ଏତଦ୍‌ଭିନ୍ନ ଛାତ୍ର ଓ କୃଷି, ପଶୁପାଳନ, ମତ୍ସ୍ୟଚାଷ, ଓ ଜଙ୍ଗଲ ବିଭାଗର ସରକାରୀ ଅଫିସରଙ୍କ ସକ୍ରିୟ ସହଯୋଗକ୍ରମେ ଅନେକଗୁଡ଼ିଏ ପାଠଚକ୍ର, ଆଲୋଚନା ଚକ୍ର, କର୍ମଶାଳା ଓ ତାଲିମ୍ କାର୍ଯ୍ୟକ୍ରମ କୃଷକମାନଙ୍କ ନିମନ୍ତେ ସଂଗଠିତ ହୋଇଛି । ଏ ସବୁ ଦ୍ୱାରା ବିଶ୍ୱବିଦ୍ୟାଳୟ ଓ ସରକାରଙ୍କ ମଧ୍ୟରେ ରହିଥିବା ତାରତମ୍ୟ ଅନେକ ପରିମାଣରେ ହ୍ରାସ ପାଇଛି । ସେମାନେ ସଂପ୍ରତି ମିଳିତ ଭାବେ ଓଡ଼ିଶାର କୃଷି ବିକାଶ ଘଟାଇବା ପାଇଁ ଉଦ୍ୟମ କରୁଛନ୍ତି । ଏହା ଫଳରେ ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନଧରି ରହିଥିବା କେତେକ ସମସ୍ୟାର ସମାଧାନ ହୋଇଛି ଓ କେତେକ ସମସ୍ୟା ସମାଧାନ ପର୍ଯ୍ୟାୟରେ ଆସି ପହଞ୍ଚିଛି ।

ଏହି ବିଶ୍ୱବିଦ୍ୟାଳୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ଏକକାଳୀନ ଅନୁଦାନ । ରାଜ୍ୟ ଋଣ-ଯୋଜନା ବାବଦ ଏକକାଳୀନ ଅନୁଦାନ । ରାଜ୍ୟ ସରକାର ପ୍ରତି ବର୍ଷ ୯୨ ଲକ୍ଷ ଟଙ୍କା ବିଶ୍ୱବିଦ୍ୟାଳୟକୁ ଅନୁଦାନ ସୂତ୍ରରେ ଦେବା କଥା । ବିଗତ ୪ ବର୍ଷ ଧରି ଏହି ଟଙ୍କା ବିଶ୍ୱବିଦ୍ୟାଳୟକୁ ଦିଆଯାଇ ନ ଥିବାରୁ ୧୯୮୨ ଅପ୍ରେଲ ପହିଲା ସୁଦ୍ଧା ଏ ବାବଦରେ ୧୩୧ ଲକ୍ଷ ଟଙ୍କା ବକେୟା ପଡ଼ିଛି । ସରକାରଙ୍କ କୃଷି ଓ ସମବାୟ ବିଭାଗ ସଂପ୍ରତି ଏ ବିଷୟ ହୃଦୟଙ୍ଗମ କରିଛନ୍ତି ଏବଂ ସରକାର ଏ ସମସ୍ୟାର ଏକ ଅନୁକୂଳ ସମାଧାନ ଦ୍ରୁତ କରିବେ ବୋଲି ଆଶା କରାଯାଏ ।

କୁଳପତି,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## କୃଷି ବୈଜ୍ଞାନିକ ସେମାନଙ୍କ ଜ୍ଞାନ କୌଶଳ ଚାଷୀମାନଙ୍କ ନିକଟରେ ପହଞ୍ଚାଇ ଦିଅନ୍ତୁ

—ମୁଖ୍ୟମନ୍ତ୍ରୀ

ଅଗଷ୍ଟ ୨୪ ତାରିଖରେ କେନ୍ଦୁଝରଠାରେ ଏକ ଆଞ୍ଚଳିକ କୃଷି ବିଜ୍ଞାନ କେନ୍ଦ୍ର ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆୟୋଜିତ ଜନ ସମାବେଶରେ ଉଦ୍‌ବୋଧନ ଦେଇ କହିଲେ ଯେ କୃଷି-ବିଜ୍ଞାନକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇ ଦେବା କ୍ଷେତ୍ରରେ ଏହି ଅନୁଷ୍ଠାନ ବିଶେଷ ସହାୟକ ହେବ । ସେ କହିଲେ ଯେ କୃଷି କ୍ଷେତ୍ରରେ ଆମ ଦେଶ ଯାହା ଅଗ୍ରଗତି କରିଥାଉନା କାହିଁକି, ଓଡ଼ିଶା ବହୁ ପଛରେ ପଡ଼ିଛି । ଓଡ଼ିଶାକୁ ଖାଦ୍ୟ ଉତ୍ପାଦନରେ ଏକ ବଳକା ରାଜ୍ୟ ବୋଲି କୁହା ଯାଉଥିଲେ ମଧ୍ୟ ପ୍ରକୃତରେ ଏହା ଏକ ବଳକା ରାଜ୍ୟ ନୁହେଁ । ଆମ ରାଜ୍ୟରେ ଖାଦ୍ୟ ପଦାର୍ଥର ଚାହିଦା କ୍ରମେ ବଢ଼ି ବଢ଼ି ଚାଲିଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି ଏବଂ ସେମାନଙ୍କ ପାଇଁ ଅଧିକ ଖାଦ୍ୟର ଆବଶ୍ୟକତା କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏହା ବ୍ୟତୀତ ମରୁଡ଼ି ହେତୁ ଖାଦ୍ୟ ପଦାର୍ଥର ଉତ୍ପାଦନ କମିଯାଇଛି । ଖାଦ୍ୟର ଅଭାବ ପୂରଣ କରିବା ପାଇଁ ଚଳିତ ବର୍ଷ ୨୫ ଲକ୍ଷ ଟନ୍ ଗହମ ବିଦେଶରୁ ଆମଦାନୀ କରିବାକୁ ପଡୁଛି । ଏ ସମସ୍ୟାର ସମାଧାନ ପାଇଁ ଆମର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ । ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଜଳସେଚନ ବ୍ୟବସ୍ଥାକୁ ବୃଦ୍ଧି କରିବାକୁ ହେବ । ମାତ୍ର ଜଳସେଚନ ବ୍ୟବସ୍ଥାର ଉନ୍ନତି ଘଟାଇବା କ୍ଷେତ୍ରରେ କେତେକ ସମସ୍ୟା ରହିଛି । ଯେତେ ଚେଷ୍ଟା କଲେ ମଧ୍ୟ ରାଜ୍ୟର ସମସ୍ତ ଜମିକୁ ଜଳ ଯୋଗାଇ ଦେବା ସମ୍ଭବ ହେବନାହିଁ । ଓଡ଼ିଶାରେ ସର୍ବାଧିକ ୬୦ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଣ କରାଯାଇ ପାରିବ । ଆମ ରାଜ୍ୟର ଜଳସେଚନ ବ୍ୟବସ୍ଥାର ଉନ୍ନତି ଘଟାଇ ତାକୁ ଦୁଇଗୁଣ କରାଯିବାର ପଦକ୍ଷେପ ନିଆଯାଇଛି । ମାତ୍ର କି ପ୍ରକାର ଜମିରେ କି ପ୍ରକାର ଫସଲ ଲାଭଜନକ ଭାବରେ କରାଯାଇ ପାରିବ, ସେ ଜ୍ଞାନ କୌଶଳ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିଲେ, କୃଷିର ଉନ୍ନତି ହେବା ସଙ୍ଗେ ସଙ୍ଗେ ଅଧିକ ଖାଦ୍ୟ ଉତ୍ପାଦନ କରାଯାଇ ପାରିବ । ଏହି ଜ୍ଞାନ ଚାଷୀମାନଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ପୂର୍ବେ ଯେଉଁ କୃଷି ପ୍ରଦର୍ଶନ ଫାର୍ମସବୁ କରାଯାଇଥିଲା, ତାହାର କୌଣସି ଜ୍ଞାନ ଲୋକମାନଙ୍କ ନିକଟରେ ଯଥାଯଥ ଭାବରେ ପହଞ୍ଚି ପାରୁନଥିଲା । ଏହା ଫଳରେ ଆଶାଜନକ ଉପକାର ମିଳି ପାରୁନଥିଲା । କୃଷି ବିଜ୍ଞାନ କୌଶଳକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା କୃଷି ବିଜ୍ଞାନୀମାନଙ୍କର ପ୍ରଧାନ ଦାୟିତ୍ୱ । ଜଳସେଚନ ସୁବିଧା କମ୍ ଥିବା ଜମିରେ ଫସଲ ନିର୍ବାଚନ ତଥା ମିଶ୍ରିତ ଫସଲ କରି ଅଧିକ ଉତ୍ପାଦନ କରାଯାଇ ପାରିବ । ଏ ସଂପର୍କରେ ଆବଶ୍ୟକୀୟ ଜ୍ଞାନ ଚାଷୀମାନଙ୍କୁ ଯୋଗାଇ କୃଷି ବୈଜ୍ଞାନିକମାନେ ସେମାନଙ୍କୁ ଉଦ୍‌ବୁଦ୍ଧ କରିପାରିବେ । କୃଷି ଓ ଶିଳ୍ପ ଉଭୟ ପରିପୂରକ । କୃଷି ବିଜ୍ଞାନୀମାନଙ୍କୁ ଏଥିପାଇଁ ସବୁଠାରୁ ବେଶୀ ସମ୍ମାନ ଦିଆଯାଉଛି । ଆଗାମୀ ୫ ବର୍ଷ ମଧ୍ୟରେ କୃଷିର ଉନ୍ନତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଥିଲେ ।

କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ଏହି ସଭାରେ ଯୋଗଦେଇ କହିଲେ ଯେ କୃଷି ଗବେଷଣା ଲବ୍‌ଧ ଜ୍ଞାନ ଚାଷୀମାନଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ ଏହି ଗବେଷଣା କେନ୍ଦ୍ର ସହାୟକ ହେବ ଏବଂ ଆମ ରାଜ୍ୟକୁ ପଞ୍ଜାବ ଓ ହରିୟାନା ସହିତ କୃଷି କ୍ଷେତ୍ରରେ ସମକକ୍ଷ କରିବାକୁ ପଡ଼ିବ ।

ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର କହିଲେ ଯେ କୃଷି ବିଜ୍ଞାନର ପ୍ରୟୋଗାତ୍ମକ ବ୍ୟବସ୍ଥା କରିପାରିଲେ, ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆମେ ସ୍ୱାବଲମ୍ବନଶୀଳ ହୋଇପାରିବା । ମିଶ୍ରିତ ଫସଲ ପର୍ଯ୍ୟାୟ ବିଶେଷ ଲାଭଜନକ ହୋଇପାରିଛି । ପ୍ରତି ଗ୍ରାମରେ ଜଣେ ଲେଖାଏଁ ଲୋକଙ୍କୁ ଉପଯୁକ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ଏ ବିଷୟରେ ବୁଝାଇବାକୁ ହେବ । କେଂପସରାଠାରେ ଏ ପ୍ରକାର ଉଦ୍ୟମର ଆରମ୍ଭ ମୁଖ୍ୟମନ୍ତ୍ରୀ ଗତ ଡ଼ିସେମ୍ବର ମାସରେ କରିଛନ୍ତି । ଫଳରେ ଆଦିବାସୀ ଓ ଜୁଆଙ୍ଗମାନେ ଅଧିକ ମକା ଓ ଅନ୍ୟାନ୍ୟ ଫସଲ ଅମଳ କରିପାରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଥିଲେ ।

ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ ଯେ ଭାରତର ଅର୍ଥନୀତି କୃଷିଭିତ୍ତିକ । ସମଗ୍ର ଦେଶର ଶତକଡ଼ା ୧୦ ଭାଗ ଜଳ ସଂପଦ ଓଡ଼ିଶାରେ ଅଛି । ଏସବୁର ଉପଯୁକ୍ତ ବିନିଯୋଗ ଆବଶ୍ୟକ । ଏହା ବ୍ୟତୀତ ଭୂତଳ ଜଳ ସଂପଦକୁ ବିନିଯୋଗ କରିବାକୁ ହେବ । ଶ୍ରୀ ପଟ୍ଟନାୟକ କହିଲେ ଯେ ଗତ ୨ ବର୍ଷ ମଧ୍ୟରେ ଜଳସେଚନ ବ୍ୟବସ୍ଥାର ଯଥେଷ୍ଟ ଉନ୍ନତି ଘଟିଛି । ଏହା ବ୍ୟତୀତ ଜଳସେଚନ ସୁବିଧା ନ ଥିବା ଅଞ୍ଚଳରେ ଫସଲ ନିର୍ବାଚନ କରି ଚାଷ କରିବା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି ବୋଲି ସେଚ ରାଷ୍ଟ୍ରମନ୍ତ୍ରୀ କହିଥିଲେ ।

ଉତ୍ସବରେ ମୁଖ୍ୟମନ୍ତ୍ରୀ ସମାଚାର ବାର୍ତ୍ତା 'ଉନ୍ନତି' ର ଉନ୍ମୋଚନ କରିଥିଲେ । କୃଷି ଓ ବୈଷୟିକ ବିଶ୍ୱ-ବିଦ୍ୟାଳୟର କୁଳପତି ଏହି ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ ।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଶାଳପଡ଼ାଠାରେ ଏକ ବାଳିକା ହାଇସ୍କୁଲ ଉଦ୍‌ଘାଟନ ଏବଂ ଘାଟଗାଁଠାରେ ଆଉ ଏକ ବାଳିକା ହାଇସ୍କୁଲର ଶିଳାନ୍ୟାସ କରି ନାରୀଶିକ୍ଷାର ଉନ୍ନତି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ । ଶିକ୍ଷାଲାଭ ପରେ ନାରୀମାନେ ଶିକ୍ଷାନୁଷ୍ଠାନ ଏବଂ କେତେକ ନିର୍ଦ୍ଦିଷ୍ଟ ଶିଳ୍ପ କାରଖାନାରେ ନିଯୁକ୍ତି ପାଇ-ପାରିବେ । ତେଣୁ, ସମାଜରେ ଥିବା କୁସଂସ୍କାରକୁ ଭୁଲି ନାରୀମାନେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

# ଶକ୍ତିର ବିକଳ୍ପ ଉତ୍ସ

ଶ୍ରୀ ରମଚନ୍ଦ୍ର ମିଶ୍ର

ସଭ୍ୟତାର ବୃଦ୍ଧି ଓ କ୍ରମୋନ୍ନତି ମୂଳରେ ଶକ୍ତିର ବ୍ୟବହାର ରହିଛି । ଚଳନଶୀଳତା ବା ଉତ୍ତାପରେ ଥିବା ଶକ୍ତିକୁ ମନୁଷ୍ୟ ଆହରଣ କରି ସମାଜର ସୁଖ ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି କରିବା ନିମନ୍ତେ ବ୍ୟବହାର କରି ଆସିଛି । ବର୍ତ୍ତମାନ ଶକ୍ତିର ପ୍ରଧାନ ଉତ୍ସଗୁଡ଼ିକ ହେଉଛି—କୋଇଲା, ପେଟ୍ରୋଲ, ପ୍ରାକୃତିକ ଗ୍ୟାସ୍, ତେଜସ୍କ୍ରିୟ ଧାତୁ ଓ ଜଳର ସମ୍ଭାବନୀୟ ଶକ୍ତି । କିନ୍ତୁ ଏହି ଉତ୍ସଗୁଡ଼ିକ ଏବେ ଯେଉଁପରି ବ୍ୟବହାର ହୋଇ କ୍ଷୟ ହେଉଛି, ସେଥିରୁ ଆଶଙ୍କା ହୁଏ ଯେ କେବଳ ଜଳ ବ୍ୟତୀତ ଅନ୍ୟ ଉତ୍ସଗୁଡ଼ିକ ଆଉ ବେଶୀ ଦିନ ଯିବ ନାହିଁ । ପୁଣି, କୋଇଲା ବା ତେଜସ୍କ୍ରିୟ ଧାତୁରୁ ଶକ୍ତି ଆହରଣ କରିବା ପରେ ଯେଉଁ ଅବଶେଷ ରହିଯାଉଛି ତାହା ଆମ ପୃଥିବୀର ସୀମିତ ବାତାବରଣକୁ ଦୂଷିତ କରି ଦେଇ ମନୁଷ୍ୟର ସାମାଜିକ ଭବିଷ୍ୟତ ଉପରେ ଆଞ୍ଚ ଆଣୁଛି ।

ତେଣୁ, ବୈଜ୍ଞାନିକମାନେ ଏବେ ଆଗାମୀ ଯୁଗର ଶକ୍ତି ନିମନ୍ତେ ନୂତନ ଉତ୍ସ ଅନୁସନ୍ଧାନ କରୁଛନ୍ତି । ଏହି ନୂତନ ବିକଳ୍ପ ଉତ୍ସଗୁଡ଼ିକ ସୌର ଶକ୍ତି, ଭୂଗର୍ଭ ତାପ ଶକ୍ତି ଓ ସାମୁଦ୍ରିକ ଶକ୍ତି । ଏହି ଶକ୍ତିର ଉତ୍ସଗୁଡ଼ିକ ପ୍ରକୃତି ଦତ୍ତ, ଅସୀମ ଓ ବାତାବରଣର ଅନୁକୂଳ ହେବାରୁ ଆଶାପ୍ରଦ ।

ସୌର ଶକ୍ତି—ସବୁ ନୂତନ ଉତ୍ସ ଭିତରେ ସୌର ଶକ୍ତି ବିଶେଷ ଆଶା ଓ ଉତ୍ସାହ ପ୍ରଦ । ଏହା ବାତାବରଣକୁ ନିର୍ମଳ ରଖେ । ଏହା ସମସ୍ତଙ୍କ ନିମନ୍ତେ ସୁଲଭ ଏବଂ ଏହି ଅମୂଲ୍ୟ ଶକ୍ତି ବିନା ମୂଲ୍ୟରେ ମିଳୁଛି । ତୃତୀୟତଃ ଏହା ଅସୀମ ଓ ଏହି ଶକ୍ତି ଅଶେଷ । କିନ୍ତୁ ଏହାର ଏକ ଦୋଷ ହେଉଛି ଯେ ସୌର ଶକ୍ତି କେବଳ ନିର୍ମଳ ଦିବାଲୋକରେ ପାଇବାକୁ ହୁଏ । ମେଘାଚ୍ଛନ୍ନ ଆକାଶ ବା ରାତ୍ରିରେ ଏହି ଶକ୍ତି ଆମକୁ ମିଳେ ନାହିଁ । ଦ୍ୱିତୀୟ ଅସୁବିଧା ହେଉଛି ଯେ ଏହି ଶକ୍ତି ପ୍ରତ୍ୟେକ ବର୍ଗ ଫୁଟରେ ଅନେକ କମ୍ ପରିମାଣରେ ମିଳେ ।

ମୃତ୍ତିକା ଗର୍ଭରୁ ଜାତ ହୋଇଥିବା ଇନ୍ଧନ ବା ତେଜସ୍କ୍ରିୟ ଇନ୍ଧନ ଅନେକ ବର୍ଷ ପର୍ଯ୍ୟନ୍ତ ରଖାଯାଇ ପାରିବ ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ କରାଯାଇ ପାରିବ । ତେଣୁ ଶକ୍ତି ଯେଉଁଠି ଆବଶ୍ୟକ ସେହି ସ୍ଥାନକୁ ଶକ୍ତିର ଏହି ଇନ୍ଧନଗୁଡ଼ିକ ନିଆଯାଇ, ଶକ୍ତି ଯେବେ ଓ ଯେଉଁ ପରିମାଣରେ ଆବଶ୍ୟକ, ସେହି ପରିମାଣରେ ଓ ସେହି ସମୟରେ ଏହି ଇନ୍ଧନରୁ ଶକ୍ତି ଆହରଣ କରାଯାଇ ପାରିବ । କିନ୍ତୁ ସୌର ଶକ୍ତି ସେହି ସୁବିଧା ଦେବାକୁ ଅକ୍ଷମ । ସୌର ଶକ୍ତିକୁ ସ୍ଥାନରୁ ସ୍ଥାନାନ୍ତର ପ୍ରେରଣ କରିବାକୁ ହେଲେ ଏହାକୁ ବିଦ୍ୟୁତ୍ ଶକ୍ତିରେ ପରିଣତ କରିବାକୁ ହେବ । ଦ୍ୱିତୀୟ ଗୁରୁତର ସମସ୍ୟା ହେଲା ସୂର୍ଯ୍ୟଙ୍କର ବିନା ମୂଲ୍ୟରେ ବିତରିତ ଶକ୍ତିକୁ ସଂଗ୍ରହ କରିବା ନିମନ୍ତେ ବହୁମୂଲ୍ୟ ଉପକରଣର ଆବଶ୍ୟକତା ।

ସୌର ଶକ୍ତିର ବ୍ୟବହାର ନିମନ୍ତେ ଭାରତ ଏବଂ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ଗଭୀର ଓ ଅଭିଜ୍ଞାତ ଗବେଷଣା ଚାଲିଛି । ଭାରତର ଅଧିକାଂଶ ସ୍ଥାନରେ ବର୍ଷର ଦଶ ମାସରୁ ଅଧିକ ଦିନ, ପ୍ରତ୍ୟହ ଆଠରୁ ଦଶ ଘଣ୍ଟା ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ଯଥେଷ୍ଟ ତୀବ୍ର ଓ ସାଧାରଣତଃ ସମାନ ଭାବରେ ମିଳେ । ଏହି କାରଣରୁ ଭାରତ ସୌର ଶକ୍ତି ବ୍ୟବହାର କରିବା ନିମନ୍ତେ ଆଗ୍ରହୀ ଓ ଯଥେଷ୍ଟ ଅଗ୍ରଗତି କରିଛି । ୧୯୫୦ରେ ନୂଆଦିଲ୍ଲୀର ଜାତୀୟ ଗବେଷଣାଗାର ସୌର ଶକ୍ତି ବ୍ୟବହାର ନିମନ୍ତେ ଗବେଷଣା ଆରମ୍ଭ କରିଥିଲେ । ସେହିଦିନଠୁ ଭାରତରେ ସୌର ଶକ୍ତି ବ୍ୟବହାର ନିମନ୍ତେ କେତେକ ପରୀକ୍ଷାମୂଳକ ଯନ୍ତ୍ର ନିର୍ମାଣ ହୋଇଥିଲେ ମଧ୍ୟ, ବଡ଼ ଧରଣରେ ବ୍ୟବହାର ଯୋଗ୍ୟ ଯନ୍ତ୍ର ଏ ପର୍ଯ୍ୟନ୍ତ ଆବିଷ୍କାର କରା ଯାଇନାହିଁ ।

ଭାରତ ସରକାର ଏଥି ନିମନ୍ତେ ଏକ ତ୍ରିମୁଖୀ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାର ତିନିଗୋଟି ଦିଗ ହେଲା—(୧) ପ୍ରତ୍ୟକ୍ଷ ଶକ୍ତି-ରୂପାନ୍ତର କୌଶଳ (ଯଥା—ଆଲୋକ-ବିଦ୍ୟୁତ୍ କୋଷ) ର ନିର୍ମାଣ, (୨) ଅନ୍ୟ ସୌର-ଶକ୍ତି ବ୍ୟବହାରକାରୀ କୌଶଳର ନିର୍ମାଣ ଓ (୩) ସୌର ଶକ୍ତି ତଥ୍ୟ ସଂଗ୍ରହ କେନ୍ଦ୍ର ସ୍ଥାପନ । Ministry of Science and Technology ଏବଂ Ministry of Energy ଅଧୀନରେ ଏହି କାର୍ଯ୍ୟକ୍ରମଗୁଡ଼ିକ Bharat Heavy Electricals, Ltd. Central Electronics Ltd. ଓ Indian Meteorological Department ଦ୍ୱାରା ପ୍ରସ୍ତୁତ କରା ଯାଉଅଛି । ଭାରତର ଅନେକ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସଂସ୍ଥା ଏହି ଯୋଜନା ସହ ସଂପୃକ୍ତ ।

ଆଜି ଆଲୋକ-ବିଦ୍ୟୁତ୍ କୋଷ ବା Photo-Electric Cell ହିଁ କେବଳ ଏକମାତ୍ର କୌଶଳ ଯେଉଁଥିରୁ ସୌର-ବିଦ୍ୟୁତ୍ ଶକ୍ତି ମିଳି ପାରୁଛି । ଏହି କୋଷଗୁଡ଼ିକରେ କୌଣସି ଚଳମାନ ଅଂଶ ନାହିଁ । ଏହା ଦୁଇ ଗୋଟି

ବସ୍ତୁର ପତଳା ସ୍ତର ଦ୍ୱାରା ନିର୍ମିତ । ସେଥିରୁ ଗୋଟିଏ ଅର୍ଦ୍ଧ-ପରିବାହୀ ବା Semi-Conductor ଯଥା ସିଲିକନ୍‌ରେ ନିର୍ମିତ । ଅନ୍ୟ ଆସ୍ତରଣଟି ଆଲୁମିନିୟମ୍ ବା ରୁପା ନିର୍ମିତ । ଆଲୋକ ସଂପାତ ଏହି ଦୁଇ ଆସ୍ତରଣ ଭିତରେ ଇଲେକ୍‌ଟ୍ରନ୍ ପ୍ରବାହ ସୃଷ୍ଟି କରେ । ଏହି ଇଲେକ୍‌ଟ୍ରନ୍ ପ୍ରବାହର ବିପରୀତ ଦିଗରେ ବିଦ୍ୟୁତ ପ୍ରବାହ ହୁଏ ଓ ଏହି ବିଦ୍ୟୁତ୍ ପ୍ରବାହକୁ ତାର ଦ୍ୱାରା ଆହରଣ କରାଯାଇ ବ୍ୟବହାର କରାଯାଇପାରେ । ବିଦ୍ୟୁତ୍ ବ୍ୟବହାର କରୁଥିବା ଯେ କୌଣସି କାର୍ଯ୍ୟ ଏହି ଆଲୋକ-ବିଦ୍ୟୁତ୍ କୋଷ ଦ୍ୱାରା ସଂପନ୍ନ ହୋଇପାରିବ ।

ପାଞ୍ଚ ବର୍ଷ ତଳେ ଏହି ଆଲୋକ-ବିଦ୍ୟୁତ୍ କୋଷ ଗୋଟିକର ଦାମ୍ ପ୍ରାୟ ୧,୫୦୦ ଟଙ୍କା ଥିଲା । କିନ୍ତୁ ଏବେ ତା'ର ଦାମ୍ ପ୍ରାୟ ୨୫୦ ଟଙ୍କାକୁ ଖସି ଆସିଲଣି । ତଥାପି ଏହା ଅତି ବେଶୀ ଦାମ୍ ହେଉଛି ଏବଂ ଏଥିରୁ ବ୍ୟବସାୟିକ ଭାବରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇ ପାରିବନାହିଁ । କିନ୍ତୁ ହିସାବ କରି ଦେଖାଯାଇଛି ଯେ ସାଧାରଣ ଟର୍ଚ୍ଚ ଲାଇଟ୍‌ର ବ୍ୟାଟେରୀ ତୁଳନାରେ ଏହି ଆଲୋକ-ବିଦ୍ୟୁତ୍ କୋଷରୁ ପ୍ରାୟ ଅଧା ଦାମ୍‌ରେ ବିଦ୍ୟୁତ୍ ମିଳି ପାରୁଛି । ଏହି ବିଦ୍ୟୁତ୍ କୋଷରୁ ଘଣ୍ଟା ଓ କାଲ୍‌କୁଲେଟର ଯନ୍ତ୍ର ନିମନ୍ତେ ବିଦ୍ୟୁତ୍ ବ୍ୟବହାର ଏବେ ବ୍ୟବସାୟିକ ଭିତ୍ତିରେ ପ୍ରଚଳନ ହୋଇଗଲଣି ।

ଏହି ଆଲୋକ-ବିଦ୍ୟୁତ୍ କୋଷର ଦାମ ଆହୁରି କମିଯିବ ଏବଂ ଭବିଷ୍ୟତରେ ଏହାର ଦାମ୍ ପରଶରୁ ଶହେ ଗୁଣ କମି ଯିବ ବୋଲି ଆଶା କରା ଯାଉଅଛି ।

ଅନ୍ୟ ସୌର-ଶକ୍ତି ବ୍ୟବହାର କୌଶଳ ନିର୍ମାଣ ଯୋଜନାରେ ଭାରତ ସରକାର ଛଅ ଗୋଟି ପ୍ରକଳ୍ପ ଗୁରୁତ୍ୱ ଦେଉଛନ୍ତି । ସେଥିରୁ ସର୍ବପ୍ରଧାନ ହେଲା—ସୌର-ଚାଳିତ ପାଣି ପମ୍ପ, ସୌର-ବିଦ୍ୟୁତ୍ କେନ୍ଦ୍ର, ସୌର-ଶକ୍ତି ଦ୍ୱାରା ଜଳ-ବିଶୁଦ୍ଧି କରଣ ଏବଂ ଜଳରୁ ଲୁଣ ବାହାର କରିବା ପଦ୍ଧତି, ସୌର ଶକ୍ତି ଦ୍ୱାରା ବାତାନୁକୂଳ ବା ଏୟାର କଣ୍ଡିସନିଂ, ସୌର-ଶକ୍ତି ଦ୍ୱାରା ଜଳ ଉତ୍ତପ୍ତ କରିବା ଏବଂ ସୌର-ଉତ୍ତାପର ବ୍ୟବହାର ଯଥା ରାନ୍ଧିବା ଇତ୍ୟାଦି ।

ଏବେ ଭାରତର ପ୍ରଥମ ସୌର-ବିଦ୍ୟୁତ୍ କେନ୍ଦ୍ର, ମାଡ୍ରାଜର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲଜିଠାରେ ନିର୍ମାଣ କରାଯାଇଛି । ଭାରତ ହେଭି ଇଲେକ୍‌ଟ୍ରିକାଲ୍ସ ଲିମିଟେଡ୍ ଓ ପଶ୍ଚିମ ଜର୍ମାନୀର ମିଳିତ ଉଦ୍ୟମରେ ଏହି ଦଶ କିଲୋଓ୍ୱାଟ୍ ଉତ୍ପାଦନକ୍ଷମ ସୌର-ବିଦ୍ୟୁତ୍ କେନ୍ଦ୍ରରେ ଦୁଇ ପ୍ରଧାନ ବିଭାଗ ରହିଛି । ସୌର-ଶୋଷଣ ଏବଂ ସୌର-ରୂପାନ୍ତରୀକରଣ ପ୍ରଥମ ବିଭାଗରେ ସୌର ଆଲୋକ-ଉତ୍ତାପକୁ ଯଥେଷ୍ଟ ଭାବରେ ଓ ସୁସଂହତ ଭାବରେ ଶୋଷଣ କରିବାକୁ ବ୍ୟବସ୍ଥା ରହିଛି ଏବଂ ଦ୍ୱିତୀୟ ଭାଗରେ ଏହି ଶକ୍ତିକୁ ବିଦ୍ୟୁତ୍‌ଶକ୍ତିରେ ପରିବର୍ତ୍ତନ କରିବାକୁ ବ୍ୟବସ୍ଥା ରହିଛି । ଏହି ପରୀକ୍ଷା ଫଳରେ ଏଥର ଭାରତରେ ସୌର-ବିଦ୍ୟୁତ୍ କେନ୍ଦ୍ର ଆହୁରି ବଡ଼ ଆକାରରେ ନିର୍ମାଣ କରାଯାଇ ପାରିବ ବୋଲି ଆଶା କରାଯାଉଛି ।

ପୃଥିବୀର ସତେଇଶ ଗୋଟି ଦେଶରେ ଏହି, ସୌର-ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ଗବେଷଣା ଚାଲିଛି । ୧୯୭୨ ଖ୍ରୀଷ୍ଟାବ୍ଦରେ କ୍ରିମିଆର ସିମ୍‌ଫରପଲଠାରେ ସୋଭିଏତ୍ ଋଷ ପ୍ରଥମ ସୌର-ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କରିଥିଲା । ୧୯୭୮ରେ ନାଇଜର ନଦୀ ତୀରରେ ଆଫ୍ରିକାର ମାଲୀ ଦେଶରେ ପୃଥିବୀର ବୃହତ୍ତମ ସୌର—ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ହୋଇଥିଲା । ଦକ୍ଷିଣ ଇଟାଲିରେ ଇଟାଲି, ଫ୍ରାନ୍ସ ଓ ଜର୍ମାନ ସହଯୋଗରେ ଗୋଟିଏ ୧,୦୦୦ କିଲୋଓ୍ୱାଟ ସୌର-ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କରାଯାଇଅଛି । ଏଥିରେ ୮,୪୦୦ ବର୍ଗ ଗଜ କ୍ଷେତ୍ର ବିଶିଷ୍ଟ "ହେଲିଷ୍ଟାଟ୍"—ଦର୍ପଣ ଦ୍ୱାରା ସୂର୍ଯ୍ୟାଲୋକକୁ ଏକ ଉଚ୍ଚ ଗମ୍ବୁଜ ଉପରେ ଅବସ୍ଥିତ (**steam boiler**) ଉପରେ ପ୍ରତିଫଳନ କରାଯାଇ ବାଷ୍ପ ଉତ୍ପାଦନ କରାଯାଇ ଏକ **Turbo-generator** ଚାଳନା କରାଯାଉଅଛି । ଆମେରିକାର ସାଣ୍ଡିଆ ପରୀକ୍ଷାଗାରଠାରେ ଗୋଟିଏ ପାଞ୍ଚ କିଲୋଓ୍ୱାଟ୍ ବିଦ୍ୟୁତ୍—କେନ୍ଦ୍ର ନିର୍ମାଣ ହୋଇଛି । ଇଟାଲିର ଜେନୋଆ ବିଶ୍ୱ-ବିଦ୍ୟାଳୟର ପ୍ରଫେସର ଫ୍ରାନ୍‌ସିଆ ଗୋଟିଏ ୪୦୦ କିଲୋଓ୍ୱାଟ୍ ସୌର ପରୀକ୍ଷା କେନ୍ଦ୍ରର ଯୋଜନା କରିଛନ୍ତି । ଖବର କାଗଜରେ ପ୍ରକାଶିତ (ହିନ୍ଦୁସ୍ଥାନ୍ ଟାଇମ୍‌ସ୍ ୧୯ ଅକ୍ଟୋବର ୧୯୮୦) ଖବରରୁ ଜଣାପଡ଼େ ଯେ ଲଦାଖର ଲେହଠାରୁ ୧୫ କିଲୋମିଟର ଦୂରରେ ୧୦,୫୦୦ ଫୁଟ ଉଚ୍ଚରେ ଥିବା ଗୋଟିଏ ଗ୍ରାମକୁ ସୌର-ବିଦ୍ୟୁତ୍ ଶକ୍ତି ଦ୍ୱାରା ଆଲୋକିତ କରାଯାଇଅଛି । ଏହି ସୌର-ବିଦ୍ୟୁତ୍ ଶକ୍ତି ଆଲୋକ-ବିଦ୍ୟୁତ୍ କୋଷରୁ ଆହରଣ କରାଯାଉଅଛି । ପୃଥିବୀର ପ୍ରଥମ ସୌର-ବିଦ୍ୟୁତ୍ ଆଲୋକିତ ଜନ ବସତି ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନାରେ ଥିବା ଶୁଶୁଲୀ ଗ୍ରାମ ।

ବର୍ତ୍ତମାନ ପ୍ରତ୍ୟେକ ଦେଶ ସୌର-ଶକ୍ତି ବିନି ଯୋଗ ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ ସୌର-ଶକ୍ତି ବିନିଯୋଗ ନିମନ୍ତେ ବର୍ଷକୁ ପ୍ରାୟ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଫ୍ରାନ୍ସରେ ଏଥି ନିମନ୍ତେ ୧୯୭୮ରେ ପ୍ରାୟ ପଚାଶ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

## ଭୂଗର୍ଭ-ତାପ ଶକ୍ତି

ପୃଥିବୀର ଗର୍ଭ ଅତ୍ୟନ୍ତ ଉତ୍ତପ୍ତ । ତେଣୁ ଏହି ଧରଣୀ ଭିତରେ ଉତ୍ତାପ ଭାବରେ ପ୍ରଚୁର ଶକ୍ତି ରହିଛି ଯାହା ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ ହୋଇ ପାରିବ । ଭୂଗର୍ଭ-ତାପ ଶକ୍ତି ଏକ ଅସରନ୍ତି ଉତ୍ସ ଏବଂ ବସ୍ତୁତଃ ଯେ କୌଣସି ଭୌଗଳିକ ପରିବେଶ ମଧ୍ୟରେ ଏହା ମିଳି ପାରିବ ।

ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ୍ ଋଷ, ଆଫ୍ରିକା ମହାଦେଶର ଇଥିଓପିଆ, ଭାରତ ଓ ଜାପାନ ଭୂଗର୍ଭ-ତାପ ଶକ୍ତିର ପ୍ରାଚୁର୍ଯ୍ୟରେ ଭରପୁର ବୋଲି ସମୀକ୍ଷା କରାଯାଇଅଛି । ୧୯୦୪ ଖ୍ରୀଷ୍ଟାବ୍ଦରେ ଟୁସେନୀର ଲାର୍ଦାରେଲୋଠାରେ ଇଟାଲୀୟ ଇଂଜିନିୟରମାନେ ଭୂଗର୍ଭରେ ଖୋଳାଯାଇଥିବା ଗଭୀର ନଳକୂପରୁ ଉତ୍ତପ୍ତ ବାଷ୍ପ ଆହରଣକରି ତଦ୍ୱାରା

ଟର୍ବୋ ଜେନେରେଟର ଚଳାଇ ବିଦ୍ୟୁତ୍ ଉତ୍ପାଦନ କରିଥିଲେ ଆଜି ଏହି ବିଦ୍ୟୁତ୍ କେନ୍ଦ୍ରରୁ ବାର୍ଷିକ କୋଡ଼ିଏ କୋଟି ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୁଏ । ଓଡ଼ିଶାର ଗଞ୍ଜାମ, କୋରାପୁଟ, ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାରେ ବର୍ଷକୁ ଆମର ପ୍ରାୟ ସେତିକି ବିଦ୍ୟୁତ୍ ଶକ୍ତି ବ୍ୟବହାର ହେଉଛି, ନିଉଜିଲାଣ୍ଡ ଓ କାଲିଫୋର୍ଣ୍ଣିଆରେ ମଧ୍ୟ ଭୂଗର୍ଭସ୍ଥ ବାଷ୍ପ ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ହେଉଛି ।

ଆମ ଭାରତରେ ଅନେକ ସ୍ଥାନରେ ଉଷ୍ଣପ୍ରସ୍ରବଣ ରହିଛି । ଓଡ଼ିଶାର ଅତ୍ରିଠାରେ ଉଷ୍ଣପ୍ରସ୍ରବଣରୁ ବାହାରୁଥିବା ଜଳର ଉତ୍ତାପ ପ୍ରାୟ ୯୫° ସେଣ୍ଟିଗ୍ରେଡ୍ । ଏହି ବିଦ୍ୟୁତ୍ ଉତ୍ପାଦନର ସମ୍ଭାବନା ଏବେ ଭାରତ ସରକାର ଓ ଜାତିସଂଘ ଉନ୍ନୟନ ଯୋଜନା ଦ୍ୱାରା ପରୀକ୍ଷା କରାଯାଉଛି । ହରିଆନାର ସୋହନା, କୁଲୁ ଉପତ୍ୟକାରେ ମଣିକରଣ, ଲାଦାଖର ପୁଗା ଓ ଗୁଜରାଟର କାମ୍ବେଠାରେ ଭୂଗର୍ଭରୁ ବାଷ୍ପ ନିଷ୍କାସନ ନିମନ୍ତେ ଅନୁସନ୍ଧାନ ଚାଲିଛି ! ଏହି ପ୍ରାକୃତିକ ତାପଜ ଉତ୍ସଗୁଡ଼ିକରୁ ୪୦୦ ମେଗାୱାଟ୍ ବିଶିଷ୍ଟ ତାପଜ-କେନ୍ଦ୍ର ଚାଲି ପାରିବ ବୋଲି ଆଶା କରାଯାଉଛି । ଏବେ ତେଜସ୍କ୍ରିୟ ଧାତୁରୁ ଉତ୍ପନ୍ନ ହେଉଥିବା ଆଣବିକ ବିଦ୍ୟୁତ୍ କେନ୍ଦ୍ରର ମୂଳ ଖର୍ଚ୍ଚ ଅଟକଳ କିଲୋୱାଟ୍ ପ୍ରତି ପ୍ରାୟ ୪,୦୦୦ ଟଙ୍କା ହେଲା ବେଳେ ଭୂଗର୍ଭ ତାପଜ ବିଦ୍ୟୁତ୍ କେନ୍ଦ୍ରର ମୂଳଧନ ଖର୍ଚ୍ଚ ଅଟକଳ କିଲୋୱାଟ୍‌କୁ ପ୍ରାୟ ୧,୫୦୦ ଟଙ୍କା ହେଉଛି । ତେଣୁ ଆଣବିକ ବିଦ୍ୟୁତ୍ ଶକ୍ତି ଅପେକ୍ଷା ଭୂଗର୍ଭ ତାପଜ ବିଦ୍ୟୁତ୍ ଶକ୍ତି ଯଥେଷ୍ଟ ଶସ୍ତା ପଡ଼ିବ ।

ଫିଲିପାଇନ୍‌ରେ ଏବେ ୬୮ଟି ଭୂଗର୍ଭ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୧,୦୦୫ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଛି । ଓଡ଼ିଶାର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ଏହା ପ୍ରାୟ ଦୁଇ ଗୁଣ ।

ଅନୁସନ୍ଧାନ ଓ ଗବେଷଣାରୁ ଜଣାଯାଇଛି ଯେ ଭୂଗର୍ଭ-ତାପଜ ବିଦ୍ୟୁତ୍ ପୃଥିବୀର ସବୁଠୁ ଶସ୍ତା ବିଦ୍ୟୁତ୍ ଶକ୍ତି ଓ ଏହି ଉତ୍ତାପ ପ୍ରାୟ ଅସୀମ ।

ସାମୁଦ୍ରିକ ଶକ୍ତି—ସମୁଦ୍ରର ଜୁଆର ଓ ଭଟ୍ଟାରୁ ଯଦି ଶକ୍ତି ଆହରଣ କରାଯାଇ ବ୍ୟବହାର କରାଯାଇପାରିବ, ତାହେଲେ ଶକ୍ତି-ସଂକଟର ଦୁଃସ୍ୱପ୍ନ ସ୍ୱପ୍ନରେହିଁ ରହିଯିବ ।

ଜୁଆରରୁ ଉତ୍ପନ୍ନ ଶକ୍ତି ବ୍ୟବହାର ଦିଗରେ ଭାରତ ଏବେ ନୂତନ ପଥ ଆବିଷ୍କାର କରିବା ନିମନ୍ତେ ଆଗ୍ରହୀ । ଏହି ଶକ୍ତି ପ୍ରକୃତିଗତ, ଅସରନ୍ତି, ନିର୍ମଳ ଏବଂ ନୂତନ ।

କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ ଗବେଷଣା କେନ୍ଦ୍ର ଜାତିସଂଘ ଉନ୍ନୟନ ଯୋଜନାଠାରୁ ପ୍ରାୟ ଦେଢ଼କୋଟି ଟଙ୍କା ସାହାଯ୍ୟ ପାଇ ଜୁଆରରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ଅନୁସନ୍ଧାନ କରୁଛନ୍ତି । ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼େ ଯେ ଗୁଜରାଟର କାମ୍ବେ ଉପସାଗରରେ ୬,୦୦୦ ରୁ ୭,୦୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ସମ୍ଭାବନା ରହିଛି । କାମ୍ବେ ଉପସାଗରର ପ୍ରାୟ ୩୦ ଫୁଟ (୯ମିଟର) ଉଚ୍ଚ ଜୁଆର ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ସୁଲଭ । ହୁଗୁଳି ନଦୀର ସୁନ୍ଦରବନ ମୁହାଣଠାରେ ମଧ୍ୟ ଏହି ଅନୁସନ୍ଧାନ ଚାଲିଛି । କିନ୍ତୁ ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାଯାଏ ଯେ ହୁଗୁଳି ମୁହାଣ ଅପେକ୍ଷା କାମ୍ବେ ଉପସାଗର ଅଧିକ ଲୋଭନୀୟ । ପାଞ୍ଚ ମିଟରରୁ କମ୍ ଉଚ୍ଚତାରେ ଜୁଆର ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଆକର୍ଷଣୀୟ ନୁହେଁ । ଓଡ଼ିଶାର ଗୋପାଳପୁରଠାରେ ବୁଢ଼ାବଳଙ୍ଗ ମୁହାଣର ଜୁଆର କେବେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷମ ହେବ ତାହା ଅନୁସନ୍ଧାନ ସାପେକ୍ଷ ।

ସାଧାରଣ ବୋଧଗମ୍ୟ ଭାଷାରେ କହିବାକୁ ଗଲେ ଅନେକ ବନ୍ଧ ଓ ଦ୍ୱାର (**Gate**) ଦ୍ୱାରା ଗଠିତ ଗୋଟିଏ ପରିକଳ୍ପନାଦ୍ୱାରା ସମୁଦ୍ରର ଜଳକୁ ଜୁଆର ସମୟରେ ଗୋଟିଏ ବିସ୍ତୀର୍ଣ୍ଣ ମୁହାଣରେ ଆବଦ୍ଧ କରି ରଖାଯାଏ । ଭଟ୍ଟା ସମୟରେ ଏହି ଜଳକୁ ଜଳ-ବିଦ୍ୟୁତ୍ ଉତ୍ପାଦନ କରିପାରୁଥିବା (**Low-head turbine**) ଦେଇ ଶୀଘ୍ର ଖଲାସ କରି ଦିଆଯାଏ ଏବଂ ସେହି ସମୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ । ଏହି ପ୍ରକ୍ରିୟା ଦିନକୁ ଦୁଇଥର ପୁନରାବୃତ୍ତି ହୋଇଥାଏ । ପ୍ରାକୃତିକ ଭାବରେ ଏବଂ ଏହି ବିଦ୍ୟୁତଶକ୍ତି (**Peaking power**) ରୂପେ ବ୍ୟବହାର କରାଯାଇଥାଏ । ଅଧିକ ସଂଖ୍ୟାରେ ବନ୍ଧ (**Dam**) ଓ (**Gate**)ନିର୍ମାଣକରି ବେଶୀ ପରିମାଣର ଜଳ ବ୍ୟବହାର କରାଯିବା ଉପରେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଓ ଅର୍ଥନୀତି ନିର୍ଭର କରେ ।

ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶରେ କେନ୍ଦ୍ରୀୟ ବିଦ୍ୟୁତ୍ ସଂସ୍ଥା (**Central Electricity Authority** ର **Chairman** ଙ୍କ ଅଧ୍ୟକ୍ଷତାରେ ଗଠିତ ଗୋଟିଏ କମିଟି ଜୁଲାଇ ୧୯୮୦ରେ ଏହି ଜୁଆରରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ବିଷୟରେ ବ୍ୟାପକ ଅନୁସନ୍ଧାନ କରିବାକୁ ମତ ଦେଇଛନ୍ତି । ଏଥିନିମନ୍ତେ ଭାରତୀୟ ମୁଦ୍ରାରେ ପ୍ରାୟ ୭ କୋଟି ଟଙ୍କା ଓ ବୈଦେଶିକ ମୁଦ୍ରା ପ୍ରାୟ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି ।

ଏଥିନିମନ୍ତେ ସ୍ୱଳ୍ପ-ସମୟ-ବ୍ୟାପୀ ଓ ଦୀର୍ଘ-ସମୟ-ବ୍ୟାପୀ ଦୁଇ ସ୍ତରରେ ଯୋଜନା ହୋଇଛି । ପ୍ରଥମ ଯୋଜନାରେ ୧୭ ଗୋଟି ସ୍ଥାନରେ ଗଭୀର ଓ ଅଗଭୀର ସମୁଦ୍ରରେ ଜୁଆରର ଉଚ୍ଚତା ଓ ଅନ୍ୟ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଅଛି । ଦ୍ୱିତୀୟ ଯୋଜନାରେ ଜୁଆର ବିଷୟରେ ବିଶଦ ତଥ୍ୟ ସଂଗ୍ରହ, ପଟୁମାଟି ପଡ଼ିବା, ପରିବେଶ ଓ ପାଣିପାଗର ଗବେଷଣା ଇତ୍ୟାଦି ବିଷୟ ଅବସ୍ଥା ପ୍ରତିବର୍ଷ ଭିତରେ କରାଯିବ ।

ସାଇବେରିଆର ପାନ୍‌ଝିନ୍‌ସ୍କି ଉପସାଗର, ଇଂଲଣ୍ଡର ସେଭେର୍ଣ୍ଣ ନଦୀ ମୁହାଣ, ଫ୍ରାନ୍‌ସର ବ୍ରିଟାନୀ ବେଳାଭୂମି ରାନ୍‌ସ ମୁହାଣ ପ୍ରଭୃତି ସ୍ଥାନରେ ଜୁଆର-ଭିତ୍ତିକ ବିଦ୍ୟୁତର କେନ୍ଦ୍ର ଅବସ୍ଥିତ ।

ରାନ୍ସ ମୁହାଣରେ ଜୁଆରର ଉଚ୍ଚତା ପ୍ରାୟ ୩୬ ଫୁଟ (୧୧.୩ ମିଟର) ଏବଂ ଏଠାରେ ସମୁଦ୍ର ଜଳକୁ ପ୍ରାୟ କୋଡ଼ିଏ ବର୍ଗ କିଲୋମିଟର ଭୂମିରେ ଆବଦ୍ଧ କରି ରଖାଯାଏ । ଉପସାଗରର ମୁହଁରେ ୭୧୦ ମିଟର ଦୀର୍ଘ ବନ୍ଧ ନିର୍ମାଣ କରାଯାଇଛି ଓ ଏଥିରୁ ୫୬୫ କିଲୋୱାଟ୍ ବିଦ୍ୟୁତ୍ ଉପାଦନ ହେଉଛି ।

ବର୍ତ୍ତମାନ ଜୁଆର ଶକ୍ତିରୁ ଉପାଦିତ ବିଦ୍ୟୁତ୍ ଶକ୍ତିର ଦାମ ଅପେକ୍ଷାକୃତ ବେଶୀ କିନ୍ତୁ ବିଜ୍ଞାନର ଅଗ୍ରଗତି ଓ କୋଇଲାର ଦାମ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହି ଜୁଆର-ଉପାଦିତ ବିଦ୍ୟୁତ୍ ବ୍ୟବହାର ନିମନ୍ତେ ଶସ୍ତା ହେବ ବୋଲି ଆଶା କରାଯାଏ ।

ବାୟୁଜ ବିଦ୍ୟୁତ୍ ଶକ୍ତି—ବାୟୁର ଗତିରୁ ବିଦ୍ୟୁତ୍ ଶକ୍ତି ଉପାଦନ କରି ତାହା ବ୍ୟବହାର କରିବା ବିଷୟରେ ଏବେ ଭାରତରେ ଗବେଷଣା ଓ ଅନୁସନ୍ଧାନ ଚାଲିଛି ।

ବାୟୁର ଗତିକୁ ଅବରୋଧ କରି ସେହି ଶକ୍ତିକୁ ପଂଖାର ବ୍ଲେଡ଼ ଘୁରାଇବା ପାଇଁ ବ୍ୟବହାର ମନୁଷ୍ୟ ବହୁ ବର୍ଷହେଲା କରିଆସୁଛି । ହଲାଣ୍ଡ ଓ ଡେନ୍‌ମାର୍କରେ ବାୟୁ-ଚାଳିତ କଳ ଦ୍ୱାରା ଜଳ ଉତ୍ତୋଳନ ଓ ଜଳ-ନିଷ୍କାସନ କାର୍ଯ୍ୟ ବହୁ ବର୍ଷ ହେଲା ଚାଲି ଆସିଛି । ଓଡ଼ିଶାର ଖୋର୍ଦ୍ଧା ସହରରେ ଉଚ୍ଚ-ଇଂରାଜୀ ବିଦ୍ୟାଳୟ ନିକଟରେ ଶ୍ରୀ ଡଡ୍‌ସୱାର୍ଥ ଏକ wind mill ୧୯୩୯ରେ ବସାଇ ତାଙ୍କ ବଗିଚାରେ ଜଳ-ସେଚନ କରୁଥିଲେ ।

ଭାରତର ବିଭିନ୍ନ ସ୍ଥାନରେ ବାୟୁର ବେଗ ଏହି wind mill ଚଳାଇବା ନିମନ୍ତେ ଯଥେଷ୍ଟ ବୋଲି ଜଣାଯାଇଛି । ବର୍ଷର ପ୍ରତ୍ୟେକ ଦିନ ବାୟୁର ବେଗ ଭାରତର ବିଭିନ୍ନ ସ୍ଥାନରେ ନିରୂପଣ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏହି ତଥ୍ୟ ସଂଗ୍ରହହେବା ପରେ ବାୟୁର ଚଳନ-ଶକ୍ତିରୁ ବିଦ୍ୟୁତ୍ ଉପାଦନ କରିବା କେତେଦୂର ସମ୍ଭବ ତାହା ସ୍ଥିର କରାଯିବ ।

ଓଡ଼ିଶାରେ ଶକ୍ତିର ବିକଳ୍ପ ଉତ୍ସ ବ୍ୟବହାର ନିମନ୍ତେ କୌଣସି ବିଶେଷ ଯୋଜନା କାର୍ଯ୍ୟକାରୀ ହୋଇନାହିଁ ଅଥଚ ଓଡ଼ିଶାରେ ସୌର ଶକ୍ତି, ବାୟୁର ବେଗ, ଜୁଆର ଶକ୍ତି ଯଥେଷ୍ଟ ବେଶୀ ।

ଓଡ଼ିଶାରେ ଏବେବି ଫୁଲବାଣୀ, କୋରାପୁଟ, କଳାହାଣ୍ଡି ବା ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଅନେକ ସ୍ଥାନ ଅଛି ଯେଉଁଠିକୁ ବିଦ୍ୟୁତ୍ ଲାଇନ୍ ନେବା ଅତ୍ୟନ୍ତ ବ୍ୟୟ ସାପେକ୍ଷ । ଅଥଚ wind mill ଦ୍ୱାରା ଉଠା ଜଳସେଚନ କରି-ପାରିଲେ ସେଠାରେ କମ୍ ଖର୍ଚ୍ଚରେ ଜଳସେଚନ ହୋଇପାରନ୍ତା । ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଅଞ୍ଚଳରେ ମଧ୍ୟ ଚିଲିକା ଯୋଗୁଁ ବିଦ୍ୟୁତ୍ ଲାଇନ୍‌ର ସଂପ୍ରସାରଣ କଷ୍ଟସାଧ୍ୟ, ଅଥଚ ଛୋଟ ବଡ଼ wind mill ଦ୍ୱାରା ଉଠାଜଳସେଚନ କରାଯାଇ ପାରିବ । ସେପରି ସୌର ଶକ୍ତି ଦ୍ୱାରା desalinatin ଓ distilling ଦ୍ୱାରା ସମୁଦ୍ର ଜଳରୁ ଲୁଣ ବାହାର କରିବା ଓ ସମୁଦ୍ର ଜଳକୁ ଜଳସେଚନ ଉପଯୋଗୀ କରିବା ବିଷୟରେ ବିଶେଷ ଧ୍ୟାନ ଦିଆଯାଇନାହିଁ । ଅଥଚ ନୂଆଦିଲ୍ଲୀର ଅଭିଜାତ ହୋଟେଲଗୁଡ଼ିକରେ ଗାଧୋଇବା ନିମନ୍ତେ ଗରମ ପାଣି ଆଜି ସୌର-ଶକ୍ତିଦ୍ୱାରା ତାପିତ ।

ଓଡ଼ିଶା ପରି ରାଜ୍ୟରେ ଆଜିଠୁ ଏ ବିଷୟରେ ଦୃଷ୍ଟି ଦିଆଯାଇ ଅନୁସନ୍ଧାନ ଓ ଗବେଷଣା କାର୍ଯ୍ୟରେ ସଂପର୍କ ରଖିବା ଉଚିତ ଓ ପରୀକ୍ଷା ସ୍ତରରେ ସୌର-ଶକ୍ତି ଓ ବାୟୁର ଚଳନ ଶକ୍ତିର ବ୍ୟବହାର ଆରମ୍ଭ କରିବାକୁ ଚେଷ୍ଟା ହେବା ଆବଶ୍ୟକ ।

—ଏ ଦେଶରେ ହିନ୍ଦୁ, ବୌଦ୍ଧ, ଜୈନ, ମ୍ଲେଚ୍ଛ, ଯବନ ଆଦି ଥିଲେ; କିନ୍ତୁ ସମସ୍ତେ ଥିଲେ ଭାରତୀୟ । ଆଜି ଇତିହାସର ବିବର୍ତ୍ତନ ଧାରାରେ ଏହି ଦେଶର ସେ ମଧୁର ସମନ୍ୱୟ ନଷ୍ଟ ହୋଇନାହିଁ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟାନ୍, ପାର୍ଶି ସମସ୍ତଙ୍କ ମଧ୍ୟରେ ବିଭେଦ ଓ ପାର୍ଥକ୍ୟ ସତ୍ତ୍ୱେ ଯେଉଁ ଗଭୀର ସମାନତା ଓ ମୈତ୍ରୀ ବିଦ୍ୟମାନ, ତାହା ଭୁଲିଗଲେ ଆମେ ଭାରତମାତାର ରୂପକୁ ଭୁଲିଯିବା ।

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**



# ଗୂଢ଼ ପ୍ରବନ୍ଧରୁ ଦୃଢ଼ ସମ୍ବନ୍ଧ

**ସ୍ୱର୍ଗତ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ସଂପର୍କିତ ସ୍ମୃତି ସ୍ମରଣ**

ଶ୍ରୀ ନୀଳମାଧବ ପାଣିଗ୍ରାହୀ

ମୋର ଗୁରୁ ହୋଇ ନ ଥିଲେ ସୁଦ୍ଧା ଗୁରୁବର ଭକ୍ତିଭାଜନ, ବୟସରେ ଖୁବ୍ ବଡ଼ ହୋଇ ନ ଥିଲେ ବି ପ୍ରୌଢ଼ତ୍ୱରେ ମୋ ଅପେକ୍ଷା ଉତ୍ତୁଙ୍ଗ ବହୁମାନାସୀନ ଓ ବହୁ ଊର୍ଦ୍ଧ୍ୱବର୍ତ୍ତୀ, ମୋର ଜ୍ଞାତି ହୋଇ ନ ଥିଲେ ସୁଦ୍ଧା ସୁଜ୍ଞାତ ଏବଂ ଆମର ଅଭିଜ୍ଞତମ, ମାନନୀୟ ଅଧ୍ୟାପକ-ମଣ୍ଡଳୀର ସମ୍ଭବତଃ ପ୍ରାଜ୍ଞତମ ଓ ପ୍ରଧାନତମ ବ୍ୟକ୍ତି ସଦ୍ୟସ୍ୱର୍ଗତ ପ୍ରାଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ଜନ୍ମ ହୋଇଥିଲା ମୋ ଅଞ୍ଚଳରେ, ସେ ମୋ ଜିଲ୍ଲାରେ । ସେ ଗୋଟିଏ ଅବଜ୍ଞାତ ପଲ୍ଲୀର ଗୋଟିଏ ନାତିଶିକ୍ଷିତ—ବରଂ ଶିକ୍ଷା-ଲୋକବର୍ଜ୍ଜିତ, ସମ୍ଭବତଃ କୃଷି-ସାରତମସାବୃତ ଓ ଶିକ୍ଷାବିମୁଖ, ହଳଧର ପରିବାରରେ ଚଳିତ ବିଂଶ ଶତାବ୍ଦୀର ପ୍ରଥମଦଶକରେ, ବୋଧହୁଏ ଖ୍ରୀ: ୧୯୧୦ ରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ପଶ୍ଚିମ ଓଡ଼ିଶାରେ ଶିକ୍ଷାଳୟମାନଙ୍କର ସଂଖ୍ୟା ଥିଲା ଖୁବ୍ ସୀମିତ, ଶିକ୍ଷାପ୍ରତି ଜନସାଧାରଣଙ୍କ ଆଗ୍ରହ ଥିଲା ଅତ୍ୟନ୍ତ ଅପଭାର, ଶିକ୍ଷାର ସୁବିଧା ବି ଥିଲା ଖୁବ୍ କମ୍ ।

ଏପରି ପ୍ରତିକୂଳ ପରିସ୍ଥିତିରେ ଜନ୍ମଲାଭ କରି ଲୌକିକ ଶସ୍ୟକ୍ଷେତ୍ର କର୍ଷଣବୃତ୍ତିରୁ କୌଣସି ମତେ ଖସି ଆସି

ଜ୍ଞାନକ୍ଷେତ୍ରରେ ପଣି ବିଶେଷତଃ ସଂସ୍କୃତ ଓ ପାଲି ଭାଷାରେ ନିରନ୍ତର, ନିରଳସ, ମୁଖ୍ୟତଃ ନିଜେ ନିଜେ ହଳକର୍ଷଣ କରି ସମ୍ବଲପୁର୍, ମଫସଲ୍‌ର 'ପହ୍ଲଦ' ଯେଉଁ ଫସଲ୍ ଫଳାଇଥିଲେ ତାର ପଟାନ୍ତର ନାହିଁ । ସେଦିନର 'ପହ୍ଲଦ' ହେଲେ ଜ୍ଞାନବିଷ୍ଣୁଙ୍କର ପରମ-ପ୍ରିୟଭକ୍ତ ପ୍ରହ୍ଲାଦ—କାଳକ୍ରମେ ପ୍ରାଧ୍ୟାପକ ପ୍ରହ୍ଲାଦ ପ୍ରଧାନ । ବୃଷଳ କୃଷକବଟୁ ପ୍ରାଧ୍ୟାପକ ପ୍ରଧାନ ଯେପରି କଠୋର ତପସ୍ୟାବଳରେ କ୍ରମଶଃ ବ୍ରହ୍ମର୍ଷିତ୍ୱ ଅର୍ଜନ କରିଥିଲେ ତାହା ମନେ ପକାଇ ଦିଏ ପୁରାଣର ବିଶ୍ୱାମିତ୍ରଙ୍କ ତପଃସାଧନା । ମାତ୍ର ବିଶ୍ୱାମିତ୍ର ଥିଲେ ବହୁସମ୍ବଳ, ବହୁସାଧନର ଅଧିକାରୀ, ଆମର ଏଇ ତପସ୍ୱୀ ଥିଲେ ନିଃସମ୍ବଳ, ଅସାଧନ । ସଂସ୍କୃତ ଓ ପାଲିରେ ଜ୍ଞାନାର୍ଜନ ପାଇଁ କି ଅଧ୍ୟବସାୟ କରି ନ ଥିଲେ ସେ? ବିଷୟ ବିଶେଷରେ କେଡ଼େ ଗଭୀର ଜ୍ଞାନର ଅଧିକାରୀ ହୋଇଥିଲେ ପ୍ରାଧ୍ୟାପକ ପ୍ରଧାନ । ତାଙ୍କ ଅବିଶ୍ରାନ୍ତ ଶ୍ରମଜାତ ଜ୍ଞାନଶସ୍ୟର ଆଦାୟ ଓ ବିନିଯୋଗ କରା-ଯାଇ ପାରିଲେ ନିଃସନ୍ଦେହରେ ଜ୍ଞାନରଙ୍କ ହୋଇ ପାରିବ ଆମର ଏ ଯୁଗର ସଂସ୍କୃତ ଜ୍ଞାନଭୀରୁ ତଥା ସଂସ୍କୃତଜ୍ଞାନୀଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ପରାଙ୍‌ମୁଖ ଜାତି । ଯେଉଁ ଜାତିର କୋଟିଏ ସଂଖ୍ୟକ କିମ୍ବା ତହିଁରୁ ହୁଏତ ଅଧିକସଂଖ୍ୟକ ଲୋକ ଗୋଟିଏ ସୁଦ୍ଧା ସଂସ୍କୃତ ଶ୍ଳୋକର ବିଶୁଦ୍ଧ ଉଚ୍ଚାରଣରେ ଅପଟୁ । ଅଥଚ ଏ ଜାତିର ପୂର୍ବ-ପୁରୁଷମାନେ ଜ୍ଞାନର ବିଭିନ୍ନ ଶାଖାରେ—ଭାଷା, ସାହିତ୍ୟ, କାବ୍ୟ, ନାଟକ, ବ୍ୟାକରଣ, ଅଳଙ୍କାର, ସଂଗୀତ, ନୃତ୍ୟ, ଜ୍ୟୋତିଷ, ଚିକିତ୍ସା ପ୍ରଭୃତି ବିଷୟରେ,—ସ୍ମୃତି ଶ୍ରୁତି, ଧର୍ମ, ପୁରାଣାଦିରେ ଯେଉଁସବୁ ସଂସ୍କୃତ ଗ୍ରନ୍ଥ ଓ ଶାସ୍ତ୍ର ପ୍ରଣୟନ କରି ଯାଇଛନ୍ତି, ସେଗୁଡ଼ିକ ହଜାର ହଜାର ସଂଖ୍ୟାରେ ଆମ ରାଜ୍ୟର ସରକାରୀ ମ୍ୟୁଜିୟମ୍ ତଥା ଅନ୍ୟତ୍ର ସଂଗୃହୀତ ଓ ସଂରକ୍ଷିତ । କି ଲଜ୍ଜାର କଥା ଆଜି ସେଇ ସଂସ୍କୃତ ଗ୍ରନ୍ଥ-ଗୁଡ଼ିକର ନକଲ୍ କରିବାକୁ ମଧ୍ୟ ଆମର ଅକଲ୍ ଅଣ୍ଟୁ ନାହିଁ । ଆହୁରି ଲଜ୍ଜାର କଥା, ବହିର୍ଭାରତୀୟ ସଂସ୍କୃତଜ୍ଞ ଲୋକ ଆସି ମ୍ୟୁଜିୟମ୍‌ରକ୍ଷିତ ଆମରି ସଂପଦର ସଦ୍-ବ୍ୟବହାର କରି ଆମକୁ ଅଜ୍ଞ, ଅଳସୁଆ, ଅପାରଗ ବୋଲି ପ୍ରମାଣିତ କରୁଛନ୍ତି ।

ସଂସ୍କୃତଚର୍ଚ୍ଚାର ଏଇ ପୃଷ୍ଠଭୂମିରେ ସ୍ୱର୍ଗତ ସଂସ୍କୃତ ପ୍ରାଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ମୂର୍ତ୍ତି ଓ କୃତି ମୋର ମନୋ ନେତ୍ର ସମ୍ମୁଖରେ ଆହୁରି ଦେଦୀପ୍ୟମାନ ଦ୍ୟୁତିରେ ଉଦ୍‌ଭାସିତ ହେଉଛି ।

ଅନେକ ପଣ୍ଡିତ ଓ ଜ୍ଞାନୀ ସାଧାରଣତଃ ପର-ପାଣ୍ଡିତ୍ୟ କାତର, ମତ୍ସର ତଥା ଅହମିକାଗ୍ରସ୍ତ ହୋଇ ଥାଆନ୍ତି ମାତ୍ର ପ୍ରାଧ୍ୟାପକ ପ୍ରଧାନ ଥିଲେ ସେ ଦିଗରେ ଏକ ପ୍ରବିରଳ ବ୍ୟତିକ୍ରମ, ଅବିକଳ ବିପରୀତ । ରୂପରେ, ବେଶଭୂଷାରେ ସେ ଯେପରି ଥିଲେ ପ୍ରଦର୍ଶନପରାଙ୍ମୁଖ, ଆତ୍ମପ୍ରଚାରରେ ଥିଲେ ତତୋଽଧିକ ପରାଙ୍ମୁଖ । ତାଙ୍କ ନିଜର—ଏପରି କି ଅନ୍ୟ ଗୁଣୀଙ୍କ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ବନ୍ଧୁ ସମାବେଶରେ, ସଭାସମିତିରେ, ସର୍ବତ୍ର ଆମର ସ୍ୱର୍ଗତ ଗୁଣୀପ୍ରଧାନ ପ୍ରାଧ୍ୟାପକ ପ୍ରହ୍ଲାଦ ନିଜକୁ ତୃଣାଦପି ନୀଚସ୍ଥାନରେ ରଖୁଥିଲେ ଓ ତାଙ୍କ ଅପେକ୍ଷା ଜ୍ଞାନକନିଷ୍ଠ ବ୍ୟକ୍ତିଙ୍କୁ ତଥା ସେମାନଙ୍କ କୃତିଗୁଡ଼ିକୁ ମର୍ଯ୍ୟାଦାମଣ୍ଡିତ ଓ ଭୂତିଭୂଷିତ କରି ଉପସ୍ଥାପିତ କରୁଥିଲେ । ନିଃସାର ରବାଡ଼ମ୍ବର କେବେହେଲେ ତାଙ୍କର କୌଣସି ଭାଷଣରେ ଶୁଣିବାକୁ ମିଳୁ ନ ଥିଲା । ତାଙ୍କ ବାଣୀ ଥିଲା ସରଳ, ସଂଯତ, ଶିକ୍ଷାପ୍ରଦ, ପ୍ରସାଦ-ଗୁଣଯୁକ୍ତ ଓ ସାର-ଗର୍ଭକ ।

ଆଧୁନିକ କାଳରେ ସ୍ୱଭାବ କବି ଗଙ୍ଗାଧରଙ୍କ ପରେ ମୋ ଜିଲ୍ଲାର ଯେଉଁ କେତେଜଣ ବ୍ୟକ୍ତି ଜ୍ଞାନ, ସାହିତ୍ୟ, ସଂସ୍କୃତି, ଭାଷା ପ୍ରଭୃତିର ପ୍ରବକ୍ତାରୂପେ ପ୍ରାଧାନ୍ୟ ଓ ପ୍ରାଥମ୍ୟର ଅଧିକାରୀ, ପ୍ରାଧ୍ୟାପକ ପ୍ରଧାନ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ, ସମ୍ଭବତଃ ଅଗ୍ରଗଣ୍ୟ । ତାଙ୍କ ସହିତ ମୋ ପରି ନଗଣ୍ୟର ସଂପର୍କ ସ୍ଥାପିତ ହୋଇଥିଲା ଆଜିକୁ ପ୍ରାୟ ୧୬ବର୍ଷ ପୂର୍ବେ ।

ବୋଧହୁଏ ୧୯୬୬ ସାଲର ଗୋଟିଏ ଉତ୍ତପ୍ତ ଅପରାହ୍ଣ—ସ୍ଥାନ ବାଣୀବିହାର । ସରକାରୀ ବାସଭବନର ଅଳିନ୍ଦରେ ପଦଚାରଣରତ ଜଣେ ନାତିଘନକେଶ ମାତ୍ର ଦୀପ୍ତଲଲାଟ-ଶୋଭୀ ମସ୍ତକ ବହନ କରିଥିବା ଜଣେ ବ୍ୟକ୍ତି—ସେ ହିଁ ଥିଲେ ମୋର ପ୍ରଥମ ସାକ୍ଷାତ୍‌କାରର ପ୍ରାଧ୍ୟାପକ ପ୍ରଧାନ । ଶରୀରର କଟି ଦେଶରୁ ଜାନୁର ବେଶ୍ କିଛି ତଳ ଭାଗ ଯାଏ ଆବୃତ ହୋଇଥିଲା ଖୁବ୍ ମୋଟା ଗାନ୍ଧୀଲୁଗାରେ, କଟିର ଉପରି ଭାଗ ସଂପୂର୍ଣ୍ଣ ଅନାବୃତ । ମନେହେଲା—ହୁଏତ (The half-naked fakir) ର ପୁଅ !

ଜାଣିଥିଲି, ପ୍ରାଧ୍ୟାପକ ପ୍ରଧାନ ଜ୍ଞାନାର୍ଜନ ବ୍ୟପଦେଶରେ ବିଦେଶଯାତ୍ରା ମଧ୍ୟ କରିଥିଲେ । ତେଣୁ ଭାବି ଥିଲି, ମୁଁ ତାଙ୍କୁ ନିଶ୍ଚୟ ଦେଖିବାକୁ ପାଇବି ସେଇଭଳି ବେଶରେ ଯାହା ଆଜି ଆମ ନିର୍ଲଜ୍ଜଦେଶର ଅନେକ ଶିକ୍ଷିତମାନ୍ୟ ଓ ଭାରତୀୟ ସଂସ୍କୃତି ବିଷୟରେ ଥେସିସ୍ ଲେଖି ଡକ୍ଟରେଟ୍ ଉପାଧି ଧାରଣ କରିଥିବା ବ୍ୟକ୍ତି ଧାରଣ କରିଥାଆନ୍ତି ତଦ୍‌ବିଷୟକ ସଭାସମିତିରେ, ବିବାହ ସମାବେଶରେ, ସଙ୍ଗୀତ ଆସରରେ ଏପରି କି ନିଜର ପିତୃଶ୍ରାଦ୍ଧବାସରରେ । ଅବକାରୀ ବିଭାଗର ଜଣେ କର୍ମଚାରୀରୂପେ ମୁଁ ନିଜେ ପିନ୍ଧିଥିଲି ଖୁବ୍ ଚିକ୍‌କଣ, କଡ଼ା ଇସ୍ତ୍ରି କରା ଫିଟ୍‌ଫାଟ୍ ଡ୍ରେସ୍ । ତେଣୁ ବିଶ୍ୱାସ ହେଲା ନାହିଁ, ମୋ ସମ୍ମୁଖରେ ଥିବା ଅର୍ଦ୍ଧନଗ୍ନ ଫକୀରବେଶୀ ବ୍ୟକ୍ତିଟି ପ୍ରାଧ୍ୟାପକ ପ୍ରଧାନ ।

ଯାହାହେଉ, ସଂସ୍କୃତର ସ୍ନାତକୋତ୍ତରକକ୍ଷାର ଛାତ୍ରୀ ମୋର କନ୍ୟା ଶାରଦାକୁ ନେଇ ମୁଁ ସେଇ ଅବସ୍ଥାରେ ଭେଟିଲି ସେଇ ତଥାକଥିତ— imposing —ବ୍ୟକ୍ତିତ୍ୱରହିତ, ମୋଟା ଖଦଡ଼୍ ପରିହିତ, ଅନାଗରିକ ଚେହେରାବନ୍ତ ଓଷ୍ଠର ଗୋଟିଏ କୋଣରେ ଆପାତତଃ ନିର୍ବୋଧତା ଦ୍ୟୋତକ ସରଳ ସ୍ମିତ ଯୁକ୍ତ ମାତ୍ର ଜଟିଳଜ୍ଞାନସିଦ୍ଧିବନ୍ତ, ମହାଜ୍ଞାନୀ ବୌଦ୍ଧାବତାରୀ ବ୍ୟକ୍ତିଙ୍କୁ ।

ପୂର୍ବରୁ ଘନିଷ୍ଠ ପରିଚୟ ନ ଥିଲା ମାତ୍ର ମୋର ନାମଟି ପଶ୍ଚରି ଶୁଣିବା ସଙ୍ଗେ ସଙ୍ଗେ ପ୍ରାଧ୍ୟାପକଙ୍କ ପ୍ରଥମ ପ୍ରଶ୍ନ ହେଲା, "ଆପଣ କେତେ ବର୍ଷ ପୂର୍ବେ 'ଝଙ୍କାର' ପ୍ରକାଶିତ ଗୋଟିଏ ପ୍ରବନ୍ଧରେ ଦୀନକୃଷ୍ଣ ଦାସଙ୍କ ରସ-କଲ୍ଲୋଳର ଅଶୁଦ୍ଧ ପଠିତ 'ଗୁଢ଼ ପ୍ରବନ୍ଧ'ର ଶୁଦ୍ଧ ପାଠ 'ସୁଢ଼ପ୍ରବନ୍ଧ' ଏବଂ 'ଛାୟା ଲଗେ ପ୍ରୀତି'ର ଶୁଦ୍ଧପାଠ 'ଛାୟାଲଗେ ପ୍ରୀତି' ବୋଲି ପ୍ରମାଣ କରିଥିଲେ କି ?" ମୋର ବିନୀତ ଆସ୍ତିସୂଚକ ମସ୍ତକ ସଞ୍ଚାଳନରେ ପ୍ରାଧ୍ୟାପକଙ୍କ ଓଷ୍ଠବିଧୃତ 'ନିର୍ବୋଧତା' ବ୍ୟଂଜକ ସ୍ମିତଟିର ରୂପ, ଦୈର୍ଘ୍ୟ ଓ ପରିଣାହର ଅଚିରାତ୍ ବିସ୍ମୃତି ମୋତେ ବୁଝାଇ ଦେଲା—ବୁଦ୍ଧି ଓ ବୋଧଶକ୍ତି ତଥା ସ୍ମରଣ ଶକ୍ତିରେ କେଡ଼େ ସମୃଦ୍ଧ ଥିଲା ସେଇ ପ୍ରୌଢ଼, ଅବିନ୍ୟସ୍ତକେଶ ମସ୍ତକ—ଯାହା ମୋର ଅକିଞ୍ଚିତ୍କର ଲେଖାଟିର ସ୍ମୃତିଟିକୁ ବର୍ଷବର୍ଷକାଳ ସଞ୍ଚିତ କରି ରଖିଥିଲା । ଆହୁରି, ମୋ ଘର ସମ୍ବଲପୁର ଜିଲ୍ଲା ବୋଲି ଜଣା ପଡ଼ିବା ପରେ ପ୍ରାଧ୍ୟାପକ ପ୍ରଧାନଙ୍କ ଚକ୍ଷୁଦ୍ୱୟରେ ଲକ୍ଷ୍ୟ କଲି ଏକ ପ୍ରସାଦ ଦ୍ୟୋତକ, ମୋ ପ୍ରତି ଶୁଭାଶୀର୍ବାଦ ଦ୍ୟୋତକ ଦୀପ୍ତି! 'ଗୁଢ଼ପ୍ରବନ୍ଧ' ଶବ୍ଦରୁହିଁ ତାଙ୍କ ସହିତ ମୋର 'ଦୃଢ଼ସମ୍ବନ୍ଧ'ର ସୂତ୍ରପାତ !

ତା'ପରେ କ୍ରମଶଃ ତାଙ୍କ ସହିତ ସାକ୍ଷାତ୍କାର ହେଲା ଅନେକ ବାର । ସଂସ୍କୃତ ଭାଷା ଓ ସଂସ୍କୃତ ସାହିତ୍ୟ ପ୍ରତି ମୋର ଅନୁରକ୍ତି, ସଂସ୍କୃତ ସଂଗୀତଗ୍ରନ୍ଥ ସହିତ ମୋର ଯତ୍କିଞ୍ଚିତ୍ ପରିଚୟ, ସ୍ଥାନେ ସ୍ଥାନେ ଉପସ୍ଥିତ ମୋର ସନ୍ଦେହ ନିରାକରଣ ନିମନ୍ତେ ପ୍ରାଧ୍ୟାପକ ପ୍ରଧାନଙ୍କ ଅକୁଣ୍ଠ ସହଯୋଗ ଓ ସନ୍ଦେହ ମୋଚନ—ସର୍ବୋପରି ଯେଉଁ ସ୍ଥଳରେ ତାଙ୍କ ନିଜର ଦୃଢ଼ପ୍ରତ୍ୟୟାଭାବ, ସେଠାରେ ନିଃସଙ୍କୋଚ, ଉଦାରତାପୂର୍ଣ୍ଣ, ଅକ୍ଷମତା ସ୍ୱୀକୃତି—ଏସବୁ ମୋ ଦୀନଚିତ୍ତରେ ପ୍ରାଧ୍ୟାପକ ପ୍ରଧାନଙ୍କ ପ୍ରତି ସୃଷ୍ଟି ଥିଲା ଏକ ଭକ୍ତିଭାବିତ, ଗୁଣଲୁବ୍ଧ ଆକର୍ଷଣ, ଯାହା ଆଜି ତାଙ୍କ ତିରୋଧାନରେ ତିଳିଏ ହେଲେ ବ୍ୟାହତ ହୋଇ ନାହିଁ । ଦେହୀ ପ୍ରାଧ୍ୟାପକ ପ୍ରଧାନଙ୍କ ତିରୋଧାନ ଘଟିଚି, ସତ୍ୟ, ମାତ୍ର ତାଙ୍କ ସ୍ମୃତି ଓ କୃତି ପ୍ରତି ମୋର ତଥା ଅସଂଖ୍ୟ ଗୁଣଜ୍ଞାନମୁଗ୍ଧ ବ୍ୟକ୍ତିଙ୍କ ଆକର୍ଷଣ ଅବ୍ୟାହତ ରହିଥିବ ।

ସନ୍ଦେହ ନାହିଁ, ସ୍ୱର୍ଗଲୋକରେ ମାଁ ସରସ୍ୱତୀ ତାଙ୍କ ବରପ୍ରାପ୍ତ ପ୍ରିୟ ସନ୍ତାନଟିକୁ କୋଳରେ ବସାଇ ଥିବେ । ହୁଏତ ବା ଦେବ ସଭାରେ ସ୍ୱର୍ଗତ ପ୍ରଧାନ ତାଙ୍କ ବିଚକ୍ଷଣ ଅଭିଜ୍ଞତାର ଭୂରି ଭୂରି ନିଦର୍ଶନରେ ପ୍ରସନ୍ନ କରୁଥିବେ ସ୍ୱର୍ଗୀୟ ଗୁଣିପରିଷଦକୁ ।

ପ୍ରାଧ୍ୟାପକ ପ୍ରଧାନ ମୋ ଜିଲ୍ଲାର । ମାତ୍ର ଏ କଥା କହି ମୁଁ ତାଙ୍କ ସ୍ମୃତିର ଅବମାନନା କରିଛି । ସେ କେବଳ ମୋ ଜିଲ୍ଲାର ନୁହନ୍ତି, ସେ ସାରା ଓଡ଼ିଶାର, ସାରା ଭାରତର—ପୃଥିବୀର ସମସ୍ତ ସଂସ୍କୃତପ୍ରେମୀ ଦେଶର—ଦେଶ ନିର୍ବିଶେଷରେ ସଂସ୍କୃତ ବିଦ୍ୟାର୍ଥୀ, ସଂସ୍କୃତ ରସିକ, ଜ୍ଞାନ ପିପାସୁ—ସମସ୍ତଙ୍କର ।

ସ୍ୱର୍ଗତ ପ୍ରାଧ୍ୟାପକ ପ୍ରଧାନଙ୍କ ବିଧବା—କି ଅମାୟିକ, ସରଳ, ବାତ୍ସଲ୍ୟମୟ ତାଙ୍କ ଆଚରଣ, ବଚନ ଓ ବ୍ୟବହାର ! ଈଶ୍ୱର ତାଙ୍କୁ ତଥା ତାଙ୍କ ପୁତ୍ର-କନ୍ୟାଦି ପରିଜନଙ୍କୁ ଧୈର୍ଯ୍ୟ ଦିଅନ୍ତୁ ବିୟୋଗକ୍ଳେଶ ଅତିକ୍ରମ କରିବାକୁ ।" ସେମାନଙ୍କ ବିୟୋଗ କ୍ଳେଶପ୍ରବାହରେ ମୋର ଅଶ୍ରୁବିନ୍ଦୁ ମିଶାଇ ପ୍ରାଧ୍ୟାପକ ପ୍ରଧାନଙ୍କ ସ୍ମୃତି ପ୍ରତି ମୋର ବିନମ୍ର ପ୍ରଣତି ଜଣାଉଛି ।

ସ୍ୱର୍ଗତ ପ୍ରାଧ୍ୟାପକ ପ୍ରଧାନଙ୍କ ଆତ୍ମା ! ଆପଣଙ୍କ ସ୍ମୃତି ଏ ଦେଶର ଅଗଣିତ ଗୁଣମୁଗ୍ଧ ବ୍ୟକ୍ତିଙ୍କ ଜ୍ଞାନପଥର ପାଥେୟ ହୋଇ ରହିଥିବ, ଆପଣ ଆମର ମନେ ରହିଥିବେ, ରହିଥିବେ । ଇତି ଶମ୍ !

—ଗ୍ରାମାଞ୍ଚଳରେ କୃଷିର ଉନ୍ନତି ଓ ଶିଳ୍ପର ବିସ୍ତାର ଉପରେ ବେକାରୀ ସମସ୍ୟାର ସମାଧାନ ବହୁ ପରିମାଣରେ ନିର୍ଭର କରୁଛି । ଗ୍ରାମାଞ୍ଚଳର ଦ୍ରୁତ ଉନ୍ନତି ଉପରେ ସହରାଞ୍ଚଳର ଜନବହୁଳତା, ଅସ୍ୱାସ୍ଥ୍ୟକର ପରିବେଶ ଓ ଅପରାଧ ବହୁ ପରିମାଣରେ କମିଯାଇ ପାରିବ । ସାଧାରଣ ଶିକ୍ଷାର ବିସ୍ତାର ଯେପରି ଦ୍ରୁତ ଗତିରେ ହେଉଛି, ବିଜ୍ଞାନ ଓ କାରିଗରୀ ଶିକ୍ଷାର ସେପରି ବିସ୍ତାର ହେଉନାହିଁ । ଶିଳ୍ପ ବିସ୍ତାର ସହିତ ଏହାର ଅଙ୍ଗାଙ୍ଗୀ ସଂପର୍କ । ଏହାକୁ ଅବହେଳା କରାଯାଇ ନ ପାରେ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

## ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁ ଘଟଣାର ପଂଜିକରଣ ଅବଶ୍ୟ କରଣୀୟ

# କାରଣ ଜାଣନ୍ତି କି

# ?

ନିମ୍ନଲିଖିତ କାର୍ଯ୍ୟ ଲାଗି ଜନ୍ମ ପ୍ରମାଣପତ୍ରରୁ ବୟସର ପ୍ରମାଣ ମିଳିଥାଏ—

† ବିଦ୍ୟାଳୟରେ ଭର୍ତ୍ତି
† ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତି
† ପାସପୋର୍ଟ ହାସଲ
† କର୍ମ ନିଯୁକ୍ତି ଲାଭ
† ଭୋଟ ଦାନ ଅଧିକାରର ସୁଯୋଗ
† ବୀମା ପଲିସି ଲାଭ

ନିମ୍ନଲିଖିତ କ୍ଷେତ୍ରରେ ମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ ହୁଏ—

† ସଂପତ୍ତିର ଉତ୍ତରାଧିକାର ଲାଭ
† ବୀମା ଧନ ପ୍ରାପ୍ତି
† ସଂପତ୍ତି ଦାବୀର ଫଇସଲା

ସର୍ବୋପରି ରାଷ୍ଟ୍ର ପକ୍ଷରେ ଜନ୍ମ ଓ ମୃତ୍ୟୁର ପଂଜିକରଣ ଭବିଷ୍ୟତର ନାଗରିକମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ତଥା ସୁନ୍ଦର ଜୀବନ ଯାପନ ଉଦ୍ଦେଶ୍ୟରେ ଯୋଜନା ପ୍ରଣୟନ ଲାଗି ପ୍ରୟୋଜନୀୟ ମୌଳିକ ତଥ୍ୟ ଓ ପୂର୍ବାଭାସ ସଂଗ୍ରହ ସମ୍ଭବପର ହୁଏ ।

ଜନ୍ମ ଓ ମୃତ୍ୟୁ ପଂଜିକରଣ ଆଇନ, ୧୯୬୯ ଅନୁଯାୟୀ ସମସ୍ତଙ୍କ ପାଇଁ ଜନ୍ମ ଓ ମୃତ୍ୟୁର ପଂଜିକରଣ କରାଇବା ବାଧ୍ୟତାମୂଳକ ଅଟେ ।

ଯଥା ସମୟରେ ଏବଂ ତୁରନ୍ତ ଜନ୍ମ ଓ ମୃତ୍ୟୁର ପଂଜିକରଣ କରନ୍ତୁ । ବିଳମ୍ବରେ ପଂଜିକରଣ ମଧ୍ୟ କରଣୀୟ ।

ରେଜିଷ୍ଟ୍ରାର ଜେନେରାଲ
ଭାରତ ସରକାର
ନୂଆଦିଲ୍ଲୀ



# ଓଡ଼ିଶାର ଦାସକାଠିଆ

ଶ୍ରୀ ବୈଦ୍ୟନାଥ ଗାୟକରତ୍ନ ଶର୍ମା

ଉତ୍କଳ ଦାସକାଠିଆ ପରିଷଦର ସଭାପତି; ମଞ୍ଚ, ଚଳଚ୍ଚିତ୍ର, ଆକାଶବାଣୀ, ଗ୍ରାମଫୋନ ଓ ଦୂରଦର୍ଶନ ଶିଳ୍ପୀ, ଉପାଧିଭୂଷିତ ଓ ସ୍ୱର୍ଣ୍ଣପଦକପ୍ରାପ୍ତ, ଦିଲ୍ଲୀ ଆକାଶବାଣୀ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ସ୍ୱତନ୍ତ୍ର ପୁରସ୍କାରପ୍ରାପ୍ତ ଦାସକାଠି ସଙ୍ଗୀତଜ୍ଞ ବୈଦ୍ୟନାଥ ଗାୟକରତ୍ନ ଶର୍ମା ଓଡ଼ିଶାର ଘରେ ଘରେ ସୁପରିଚିତ ।

ଗଞ୍ଜାମଜିଲ୍ଲା ଛତ୍ରପୁର ତାଲୁକା ଅନ୍ତର୍ଗତ ନଗରତିହ ଗ୍ରାମରେ ୨୩।୮।୧୯୧୮ରେ ଶ୍ରୀ ଶର୍ମା ଭୂମିଷ୍ଠ ହୋଇଥିଲେ । ସେ ପଞ୍ଚମ ଶ୍ରେଣୀ ପାଶ୍ କରିବା ପରେ ୧୯୨୮ରେ ଦାସକାଠିଆ ଶିକ୍ଷା କରିବା ପାଇଁ ମନ ବଳାଇଲେ । ସାନଭାଇ ଶ୍ରୀ ଭୀମସେନ ଶତପଥୀ ପାଳିଆ ହେବାକୁ ଆଗ୍ରହ ପ୍ରକାଶ କଲେ । ପିତା ସୋମନାଥ ଶତପଥୀ ଦୁଇପୁଅଙ୍କୁ ଗଞ୍ଜାମ ଜିଲ୍ଲାର ଖଣ୍ଡରା ଗ୍ରାମକୁ ନେଇ ଗାୟକ ରତ୍ନ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି କଳା ଶିକ୍ଷା ଦେଲେ । ଦୁଇବର୍ଷ କଳା ଶିକ୍ଷା କରିବା ପରେ ଦୁଇ ଭାଇ ପିତାଙ୍କ ସହିତ ଯାଇ ଏହି କଳା ବିଭିନ୍ନ ସ୍ଥାନରେ ପରିବେଷଣ କଲେ । ଇତି ମଧ୍ୟରେ ପିତାଙ୍କର ଦେହାନ୍ତ ହେଲା । ୧୯୪୬ରେ ଗଞ୍ଜାମ ଜିଲ୍ଲା ବିରୁଡ଼ି ରାଜ ଦରବାରରୁ ଗାୟକରତ୍ନ ଶର୍ମା ଉପାଧି ଓ ମକର କୁଣ୍ଡଳ ପୁରସ୍କାର ଲାଭ କରିବା ପରଠାରୁ ଶତପଥୀ ସଂଜ୍ଞା ଲୋପ ପାଇଲା ଏବଂ ସେ ବୈଦ୍ୟନାଥ ଗାୟକ ରତ୍ନ ଶର୍ମା ନାମରେ ପରିଚିତ ହେଲେ ।

୧୯୫୪ ଅଗଷ୍ଟ ୧୫ ରେ ଓଡ଼ିଶା ସରକାରଙ୍କ ଲୋକ ସଂପର୍କ ବିଭାଗ ତରଫରୁ ପ୍ରଥମେ ଭୁବନେଶ୍ୱରରେ ଦାସ କାଠିଆ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ । ୧୯୫୭ରେ ଆକାଶବାଣୀ ଦିଲ୍ଲୀର ଲୋକନୃତ୍ୟ ସଙ୍ଗୀତ ପ୍ରତିଯୋଗିତାରେ କଟକ ତରଫରୁ ଯୋଗଦେଇ ଏବଂ ସେଥିରେ ପ୍ରଥମ ସ୍ଥାନ ହାସଲ କରି ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କଠାରୁ ପୁରସ୍କାର ଲାଭ କରିଥିଲେ । ୧୯୫୮ରେ ଲୋକସଂପର୍କ ବିଭାଗ ତରଫରୁ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗ ଦେଇ ଆକାଶବାଣୀରୁ ଆଉ ଗୋଟିଏ ବିଜୟ ଘଣ୍ଟି ପୁରସ୍କାର ପାଇଥିଲେ ।

ଏଚ୍. ଏମ୍. ଭି. ଗ୍ରାମଫୋନ ତରଫରୁ ତାଙ୍କର ୧୦ଟି ରେକର୍ଡ କରାଯାଇଛି । ୧୯୭୯ରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ୧୯୮୨ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଜାତୀୟ ପୁରସ୍କାର ପାଇଛନ୍ତି ।

ଭଗବାନ ରାମଚନ୍ଦ୍ର ଯାଉଥାନ୍ତି ଲଙ୍କା ପଥରେ । ଲକ୍ଷ୍ୟସ୍ଥଳରେ ପୂର୍ବରୁ କପିଦଳଙ୍କ ସହ ସୁବେଳା ପର୍ବତରେ ସେ ଅବସ୍ଥାନ କଲେ । ରାବଣ ତାର ଚର ମୁଖରୁ ଏହି ସମ୍ବାଦ ଶୁଣି ଶ୍ରୀରାମଙ୍କ ସୈନ୍ୟ ଦଳନାର୍ଥେ ପୁଷ୍ପକ ବିମାନରେ ବସି ବୀର ବାଜାମାନ ବଜାଇ ଆକାଶ ମାର୍ଗରେ ଆଗମନ କଲେ । ଲକ୍ଷ୍ମଣ ଏହା ଜାଣିପାରି ଶ୍ରୀରାମଙ୍କୁ କହିଲେ– ହେ ପ୍ରଭୁ, ଯୁଦ୍ଧରେ ବୀରବାଜା ନ ବାଜିଲେ କ୍ଷତ୍ରିୟମାନଙ୍କର ରୁଧିରରେ କ୍ରୋଧର ତରଙ୍ଗ ଖେଳେ ନାହିଁ । ଆମ ନିକଟରେ ବାଜା ନ ଥିବାରୁ ଆମର ସୈନ୍ୟମାନେ ଯୁଦ୍ଧରେ ନିସ୍ତେଜ ହେବାର ଆଶଙ୍କା ଦେଖାଯାଉଛି ।

ଏହା ଶୁଣି ରାମଚନ୍ଦ୍ର ବିଶ୍ୱକର୍ମାଙ୍କୁ ସ୍ମରଣ କରନ୍ତେ ସେ ଆସି ଦଣ୍ଡାୟମାନ ହେଲେ । ଶ୍ରୀରାମ କହିଲେ– ଯୁଦ୍ଧ ପାଇଁ ଆମମାନଙ୍କର ଆବଶ୍ୟକ ହେଉଥିବାରୁ ଆମକୁ କିଛି ବାଜା ସାହାଯ୍ୟ କର । ସେ କହିଲେ–ହେ ପ୍ରଭୁ, ଆପଣଙ୍କ ଆଜ୍ଞା ହେଲେ ଜଙ୍ଗଲଜାତ କାଷ୍ଠର ବାଜା ଯୋଗାଇ ପାରିବି । ଶ୍ରୀରାମଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସେହି ଜଙ୍ଗଲରୁ ଖଣ୍ଡେ ଲମ୍ବ ପରିମିତ ଗୋଟାଳିଆ ଶିଶୁକାଠ ଦୁଇହଳ ଆଣି ଦୁଇହାତରେ ଧରି ବ୍ୟବହାର କରିପରି ବାଦ୍ୟଯନ୍ତ୍ର ପ୍ରସ୍ତୁତ କରି ଶ୍ରୀରାମଙ୍କ କର କମଳରେ ଅର୍ପଣ କଲେ । ପ୍ରଭୁ ରାମଚନ୍ଦ୍ର ସେହି ବାଦ୍ୟଯନ୍ତ୍ରକୁ ପରିଦେଖଣ କରି ବିଶ୍ୱକର୍ମାଙ୍କୁ ପଚାରିଲେ–ଏହି ବାଦ୍ୟଯନ୍ତ୍ରର ନାମ କ'ଣ? ସେ କହିଲେ–ହେ ପ୍ରଭୁ ସୃଷ୍ଟି ସର୍ଜନାଠାରୁ ଏହି ବାଦ୍ୟଯନ୍ତ୍ରର ଜନ୍ମ ନ ଥିଲା । ଏହା କେବଳ ଆପଣଙ୍କ କରୁଣାରୁ ଆବିଷ୍କୃତ ହୋଇଅଛି । ଏଣୁ ଏହାର ନାମ ରାମତାଳି ରଖାଯାଉ । ଏହା ଶୁଣି ଲକ୍ଷ୍ମଣ ସମେତ କପିଦଳ ଉକ୍ତ ବାଦ୍ୟଯନ୍ତ୍ରର ନାମ ରାମତାଳି ରଖାଯିବା ପାଇଁ ନିବେଦନ କରନ୍ତେ ସେହି ବାଦ୍ୟଯନ୍ତ୍ରର ନାମ ରାମତାଳି ନାମରେ ନାମିତ ହେଲା ।

ବିଶ୍ୱକର୍ମା ପୁଣି ଦୁଇଖଣ୍ଡ ଗ୍ରଖଣ୍ଡେ ଲମ୍ବ ପରିମିତ କାଠ ଆଣି ଲକ୍ଷ୍ମଣଙ୍କ ହାତରେ ପ୍ରଦାନ କଲେ । ରାମଚନ୍ଦ୍ର ପଚାରିଲେ ଏହି ବାଦ୍ୟଯନ୍ତ୍ରର ନାମ ଲକ୍ଷ୍ମଣତାଳି ହେବ କି? ଲକ୍ଷ୍ମଣ କହିଲେ ହେ ପ୍ରଭୁ, ଆମ୍ଭେ ସମସ୍ତେ ଆପଣଙ୍କର ଦାସ । ଆମ୍ଭେମାନେ ଏହି ବାଦ୍ୟଯନ୍ତ୍ର ପରିବେଷଣ କରିବୁ । ଏଣୁ ଏହାର ନାମ ଦାସକାଠି ବୋଲି ନାମିତ ହେଉ । ପ୍ରଭୁଙ୍କ ସ୍ୱୀକାରରେ ସେହି ବାଦ୍ୟଯନ୍ତ୍ରର ନାମ ଦାସକାଠି ନାମରେ ନାମିତ ହେଲା ।

ରାମତାଳିର ଆକୃତି ଓ ବ୍ୟବହାର ବିଧି:— ଗ୍ରଖଣ୍ଡେ ଲମ୍ବ ପରିମିତ ଦୁଇମୁଙ୍ଗ ଅଳ୍ପ ସରୁଥିବା ଦୁଇଟି ଫାଳିକିଆ କାଠ ଗୋଟିଏ ହାତରେ ଧରିଲେ, ତାହା ଗୋଟିଏ ଗୋଟାଳିଆ କାଠ ଭଳି ଦେଖାଯାଏ । ସେହି ଦୁଇଖଣ୍ଡକୁ ଗୋଟିଏ ହାତରେ ଧରି ଏକ ଦିଗରେ ଉକ୍ତ ହାତର ଚାରି ଆଙ୍ଗୁଠି ଓ ଅନ୍ୟ ଦିଗରେ ଉକ୍ତ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା ଯାକିଧରି କରପଲ୍ଲବର ବିକାଶ ଓ ସଙ୍କୋଚନରେ ଚାଳନ କଲେ ବିଭିନ୍ନ ତାଳମାନ ଉଠୁଚେ । ମଣିବନ୍ଧର କ୍ଷିପ୍ର ଚାଳନାରେ ଗିଡ଼ିଗିଡ଼ି ଶବ୍ଦରେ ଗୋଟିଏ ସୁନ୍ଦର ଶ୍ରୁତିପ୍ରିୟ ବାଦ୍ୟ ଉପୁଜି ହୁଏ । ଏହା ଦୁଇ ହାତରେ ଦୁଇହଳ ବ୍ୟବହାର ହୁଏ । ଆଧୁନିକ ଯୁଗରେ ଉକ୍ତ ବାଦ୍ୟ-ଯନ୍ତ୍ରର ଦୁଇମୁଙ୍ଗରେ କ୍ଷୁଦ୍ର କ୍ଷୁଦ୍ର ଘୁଙ୍ଗୁର ମଧ୍ୟ ଖଞ୍ଜା ଗଲାଣି ।

ଦାସକାଠିର ଆକୃତି ଓ ବ୍ୟବହାର ବିଧି:— ଦୁଇଖଣ୍ଡ ଗ୍ରଖଣ୍ଡେ ଲମ୍ବ ପରିମିତର ଚାରି ପାଲିଆକିଆ କାଠ, ଉର୍ଦ୍ଧ୍ୱ ଭାଗ ଅଳ୍ପସରୁ । ତାକୁ ବାଆଁ ହାତରେ ଧରି ବିଶି ଆଙ୍ଗୁଠିକୁ ମଝିରେ ରଖି ଏକ ଦିଗରେ ଉକ୍ତ ହାତର ତିନୋଟି ଆଙ୍ଗୁଳି ଓ ଅନ୍ୟ ଦିଗରେ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା ସେହି କାଠି ଦୁଇଖଣ୍ଡର ଉପରଭାଗକୁ ଯାକି ଧରିବାକୁ ହୁଏ । ତଳଭାଗକୁ ଡାହାଣ ହାତର ଦିଗରେ, ଚାରି ଆଙ୍ଗୁଠି ଅନ୍ୟ ଦିଗରେ ବୃଦ୍ଧାଙ୍ଗୁଳି ଦ୍ୱାରା ପରିବେଷଣ କଲେ ବିଭିନ୍ନ ତାଳମାନ ଉଠୁଚେ ।

ସାଗର ପାରି ହେବା ପାଇଁ ଶ୍ରୀରାମ ରାମତାଳି ଯନ୍ତ୍ରବାଦନ କରି ରତ୍ନାକରକୁ ସ୍ତୁତି କରୁଥିବା ସମୟରେ ଲକ୍ଷ୍ମଣ ଦାସକାଠିଯନ୍ତ୍ର ବାଦନ କରି ଶ୍ରୀରାମଙ୍କୁ ସାମୟିକ ଅବସର ଦେବାପାଇଁ "ରାମ ଯେ, ହରି ନାମ ଯେ, ନବୀନ ସୁନ୍ଦର ରାମ ଯେ" ଦୁହା ଧରନ୍ତି । ରାମଚନ୍ଦ୍ର ମଧ୍ୟ, ସମୟେ ସମୟେ, ଲକ୍ଷ୍ମଣଙ୍କୁ ଭାଇ ବୋଲି ସମ୍ବୋଧନ କରନ୍ତି । ସେହି ପରମ୍ପରା ଅନୁସାରେ ଦାସକାଠି ଶିଳ୍ପୀ-ମାନେ,"ରାମ ଯେ, ହରି ନାମ ଯେ" ଏବଂ "ଭାଇ" ବୋଲି ସମ୍ବୋଧନ ବ୍ୟବହାର କରନ୍ତି । ରାମାୟଣରେ ଏହି ବିଷୟ ସ୍ପଷ୍ଟ ଭାବରେ ଲେଖା ନ ଥିଲେ ମଧ୍ୟ ସଂକ୍ଷିପ୍ତ ଆକାରରେ ଲେଖା ଯାଇଛି ।

ଲବ କୁଶ ଦୁଇଭାଇ ରାମତାଳି ବାଦ୍ୟଯନ୍ତ୍ର ଓ ଦାସକାଠି ବାଦ୍ୟଯନ୍ତ୍ର ଧରି ବାଲ୍ମୀକେୟ ଋଷିଙ୍କ ଆଶ୍ରମରେ ରାମାୟଣ ଗାୟନ କରୁଥିଲେ ବୋଲି ରାମାୟଣରୁ ପ୍ରମାଣ ମିଳେ । ଏଣୁ ଏହି ବାଦ୍ୟଯନ୍ତ୍ର ରାମାୟଣ ଯୁଗରୁ ସୃଷ୍ଟି ହୋଇଛି ।

ଏତଦ୍‌ବ୍ୟତୀତ ଓଡ଼ିଆ ଭାଷାରେ ପଣ୍ଡିତ ଶ୍ରୀ ଦାମୋଦର ସାହିତ୍ୟାଚାର୍ଯ୍ୟ, ତାଳଚେରଙ୍କ ପ୍ରଣୀତ "ପ୍ରମୋଦ ଅଭିଧାନ"ର ପୃ—୧୨୦୭ ତୃତୀୟ ସ୍ତମ୍ଭର ୧୪ ଶବ୍ଦରେ ଲେଖା ଅଛି : ଦାସକାଠି ରାମତାଳି କାଠର ଦୁଇଖଣ୍ଡି ଝୁମୁକା ଲଗା ବାଦ୍ୟଯନ୍ତ୍ର ।

ଏଣୁ ରାମାୟଣ ଯୁଗରୁ ଏହି ବାଦ୍ୟଯନ୍ତ୍ରର ସୃଷ୍ଟି ବୋଲି ଅକାଟ୍ୟ ପ୍ରମାଣ ମିଳେ । କ୍ରମେ "ଧର୍ମର ଜୟ, ପାପର କ୍ଷୟ" ପ୍ରଥାରେ ରାବଣ ବଂଶର ଅବସାନ ହେଲା । ସେହିଦିନଠାରୁ ରାମଚନ୍ଦ୍ରଙ୍କର ଦାସ ଲକ୍ଷ୍ମଣ ସହିତ ବାନର କୁଳ ସେହି ବାଦ୍ୟଯନ୍ତ୍ର ମାଧ୍ୟମରେ ଶ୍ରୀରାମଙ୍କ ଗୁଣ କୀର୍ତ୍ତନ କଲେ ।

## ଦାସକାଠି କଳାକାର ଓ କ୍ରମବିକାଶ

ମୋର ଗୁରୁଦେବ ୰ଗାୟକରତ୍ନ କୃଷ୍ଣଚନ୍ଦ୍ର ସାହୁଙ୍କ ଶ୍ରୀମୁଖରୁ ମୁଁ ଯାହା ଶୁଣିଅଛି ତାହା ଏଠାରେ କହିବାକୁ ଯାଉଛି । ଅନେକ ବର୍ଷ ପୂର୍ବେ ଗଞ୍ଜାମ ଜିଲ୍ଲା ଗଣ୍ଡଳାଗ୍ରାମ ନିବାସୀ ୰ମନୁସାହୁ ନାମକ ଜଣେ ବ୍ୟକ୍ତି ଶ୍ରୀ ଜଗନ୍ନାଥ-ଜୀଙ୍କ ଦର୍ଶନ ନିମନ୍ତେ ପୁରୀଧାମକୁ ଯାଇଥିଲେ । ସେଠାରେ ସେହି ସମୟରେ ଅରୁଣସ୍ତମ୍ଭ ନିକଟରେ ଜଣେ ଆଦିବାସୀ ଚକ୍ଷୁହୀନ ବୃଦ୍ଧବ୍ୟକ୍ତି ରାମତାଳି ଧରି ଜଗନ୍ନାଥଙ୍କ ସ୍ତୁତିଗାନ କରୁଥିଲେ । ସ୍ୱର୍ଗୀୟ ସାହୁ ସେଥିରେ ଆଗ୍ରହାନ୍ୱିତ ହୋଇ ତାହାଙ୍କୁ ନିଜ ଗ୍ରାମକୁ ଡକାଇ ସେହିପରି ବାଦ୍ୟଯନ୍ତ୍ର ନିର୍ମାଣ କରାଇ ତାହାଙ୍କୁ ଗୁରୁରୂପେ ଅର୍ଚ୍ଚନାକରି ଏହି କଳା ଶିକ୍ଷା ଲାଭକରି ବନ୍ଦନା, ନାବକେଳି, ଭୂତକେଳି, କୋଳିଗିଆ, ନଟୁଗେରି, ରାଧାକୃଷ୍ଣ ମିଳନ ପ୍ରଭୃତି ବିଷୟମାନ ପରିବେଷଣ କଲେ । ସେତେବେଳେ ଗୋଟିଏ ବୈଠକରେ ଏହା ଜଣକ ଦ୍ୱାରା ପ୍ରଦର୍ଶିତ ହେଉଥିଲା । ତା'ପରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିକଟସ୍ଥ ସଦାବର୍ତ୍ତ ନୂଆଗ୍ରାମର ୰କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଶ୍ରୀ ସାହୁଙ୍କୁ ଗୁରୁକରି ତାଙ୍କଠାରୁ ଏହି କଳା ଶିକ୍ଷା ଲାଭକଲେ । ସେ ମହାଶୟ ଏହାର ଅଭିବୃଦ୍ଧି କରାଇ ଭାଗବତର ବିଭିନ୍ନ ଅଧ୍ୟାୟ, ରାମାୟଣର ବିଭିନ୍ନ ବିଷୟ ଓ ଗାଉଁଲି ଗୀତ ସମ୍ମିଶ୍ରିତ କରି ପରିବେଷଣ କଲେ । ସେତେବେଳେ ତାହାଙ୍କର ଜଣେ ସହଯୋଗୀ ଆବଶ୍ୟକ ହେଲା । ତେଣୁ ଜଣେ ସହଯୋଗୀ ତଥା ପାଳିଆଙ୍କୁ ସାଙ୍ଗରେ ନେଇ ବୈଠକ ପଦ୍ଧା ଦେଖି ପୋଷାକରେ ଘେର ତଥା କୁଞ୍ଚପିନ୍ଧି କଳାକୋଟ ଲଗାଇ ବେକଠାରୁ ପାଦ ପର୍ଯ୍ୟନ୍ତ—ଦୁଇସୁରିଆ ଓଢ଼ଣୀ ଲମ୍ବାଇ, ଅଣ୍ଟାରେ ଅଣ୍ଟା ପାଟିଆ ପିନ୍ଧି, କପାଳରେ ହରିମନ୍ଦିର ତିଳକକାଟି, କାନରେ ସୁନାର ନୋଳିଲଗାଇ, ମସ୍ତକରେ ଟୋପି, ଗୋଡ଼ରେ ଲୁହାର ଚୋଡ଼ର ପିନ୍ଧି ଏହା ପରିବେଷଣ କଲେ । ସେତେବେଳେ ଏହି କଳାର ନାମ ଦାସକାଠି ବୋଲି ନାମିତ ହେଲା । କାରଣ ତା' ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ଦାସିରି ନାମରେ ଏକ ତେଲଗୁ ବ୍ରାହ୍ମଣଜାତି ଦାସକାଠି ବାଦନକରି ଜୀବିକାର୍ଜ୍ଜନ କରନ୍ତି । ତାହା ସେ କାଳରୁ ସେ ଜାତିର ପରମ୍ପରା

ଥିଲ । ଏହା ମଧ୍ୟ ପ୍ରମୋଦ ଅଭିଧାନର ୧୨୦୭ ପୃଷ୍ଠାରେ ଲେଖା ଅଛି ଯେ ଦାସକାଠିଆ ଗଞ୍ଜାମରେ ଦାସକାଠି ଯନ୍ତ୍ର ବଜାଇ ଗୀତ ବୋଲିବା କେତକ ଜାତିର ଲୋକ ।

ତେଣୁ ଗଞ୍ଜାମ ଜିଲ୍ଲାବାସୀ ଦାସକାଠି ବାଦ୍ୟଯନ୍ତ୍ର ସହିତ ପୂର୍ବରୁ ପରିଚିତ ଥିଲେ ।

ସ୍ୱର୍ଗୀୟ ପାଣିଗ୍ରାହୀ ଯେଉଁ ପାଳିଆ ସୃଷ୍ଟି କଲେ ସେ ଦାସକାଠି ବାଦନ କରୁଥିବା ହେତୁ ଲୋକେ ଏହାକୁ ଦାସକାଠିଆ ବୋଲି ନାମିତ କଲେ । ରାମତାଳି ବାଦ୍ୟଯନ୍ତ୍ର ସହିତ ଲୋକେ ଆଦ୍ୟରୁ ପରିଚିତ ନ ଥିବା ହେତୁ ରାମତାଳି ନାମଟି ଗୋପନ ହୋଇଗଲା ।

୰ପାଣିଗ୍ରାହୀଙ୍କଠାରୁ ଗଞ୍ଜାମ ଜିଲ୍ଲା ଖଣ୍ଡରା ଗ୍ରାମର ସ୍ୱର୍ଗତ ଦୁର୍ଲ୍ଲଭ ସାହୁ ଏ କଳା ଶିକ୍ଷା ନେଇଥିଲେ । ସ୍ୱର୍ଗତ ସାହୁ ଏହି କଳାରେ ପୂର୍ବ ନିର୍ଦ୍ଧାରିତ ବିଷୟମାନ ପରିବେଷଣ କରିବା ସଙ୍ଗେ ସଙ୍ଗେ ସେଥିରେ ନୃତ୍ୟ ଅଭିନୟ ଓ ହାସ୍ୟରସ ସଂଯୋଜିତ କରି ମହାଭାରତର ନବରସାତ୍ମକ ବର୍ଣ୍ଣିତ କାହାଣୀ ଯଥା :—ଚନ୍ଦ୍ରାବତୀ ହରଣ ନୀଳେନ୍ଦ୍ରି ହରଣ, ଶୋଭାବତୀ ହରଣ ପ୍ରଭୃତି ବିଷୟମାନ ପରିବେଷଣକରି ଶ୍ରୋତାଙ୍କ ପ୍ରିୟପାତ୍ର ହୋଇଥିଲେ । ଗଞ୍ଜାମ ଜିଲ୍ଲାସ୍ଥିତ ପାରୁଲାଗଡ଼ ରାଜଦରବାରରୁ ଗାୟକ-ଭୂଷଣ ଉପାଧିପ୍ରାପ୍ତ ହୋଇଥିଲେ । ସେତେବେଳେ ଯୁଗ ସହ ଖାପଖୁଆଇବା ପାଇଁ ହରିକଥା ଆଲୋଚନା ବହୁତ ଦରକାର ହେଉଥିଲା । ତହିଁର କାରଣ ସେବେଳକୁ ଗଞ୍ଜାମ ଜିଲ୍ଲା ଆନ୍ଧ୍ର ପ୍ରଦେଶ ଅନ୍ତର୍ଭୁକ୍ତ ଥିଲା । ତେଣୁ ଏହି ଜିଲ୍ଲାର ଓଡ଼ିଆ ଆଦିବାସୀମାନେ ତେଲଗୁ ଜାଣିବା ପାଇଁ ବାଧ୍ୟ ହେଉଥିଲେ । ତେଲୁଗୁରେ ମନୋରଞ୍ଜନ ପାଇଁ ହରିକଥା ନାମରେ ଏକ ପ୍ରକାର ଲୋକନୃତ୍ୟ ସଙ୍ଗୀତ ଅଛି । ସେଥିରେ ଜଣେ ମାତ୍ର ଛିଡ଼ାହୋଇ ଗାନ, ଅଭିନୟ, ନୃତ୍ୟ ଇତ୍ୟାଦି ପ୍ରଦର୍ଶନ କରିବେ ଏବଂ ତାହାଙ୍କୁ ବାଦ୍ୟଯନ୍ତ୍ର ଧରି ସହଯୋଗୀମାନେ ବୈଠକରେ ସହଯୋଗିତା କରିବେ । ସେହି ଲୋକନୃତ୍ୟରେ ନବରସାତ୍ମକ କାହାଣୀ ପରିବେଷଣ ହୁଏ । ଓଡ଼ିଆ ଭାଇମାନଙ୍କୁ ସେହିପରି ଆନନ୍ଦ ଦେବାକୁ ନବରସାତ୍ମକ ବର୍ଣ୍ଣିତ ହରଣଗୁଡ଼ିକ ଗାୟନ କରିବା ପାଇଁ ଯଥେଷ୍ଟ ଆବଶ୍ୟକ ଥିଲା । ଅନେକ କ୍ଷେତ୍ରରେ ତେଲଗୁର ହରିକଥା ଓ ଓଡ଼ିଆର ଦାସକାଠିଆ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି ହେଉଥିଲା ।

ସେହି ସମୟକୁ ଗଞ୍ଜାମର କାଁ ଭାଁ ସ୍ଥାନରେ ମଧ୍ୟ ଦାସକାଠି ଶିଳ୍ପୀମାନେ ଦେଖା ଯାଉଥିଲେ ।

ସ୍ୱର୍ଗୀୟ ସାହୁଙ୍କ ପରେ ତାହାଙ୍କ ଜ୍ୟେଷ୍ଠପୁତ୍ର ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ ତାହାଙ୍କ କନିଷ୍ଠଭାଇ ଶ୍ରୀ କାଳୀଚରଣ ସାହୁଙ୍କୁ ସହଯୋଗୀ କରି ଏହି କଳା ଶିକ୍ଷାଲାଭ କଲେ । ସେ ମହାଶୟ ପୂର୍ବ ନିର୍ଦ୍ଧାରିତ ବିଷୟମାନ ପରିବେଷଣ କରିବା ସଙ୍ଗେ ସଙ୍ଗେ ନୂଆ ନୂଆ ଅନେକ ବିଷୟକୁ ରୂପରେଖଦେଇ ଅଭିନୟ, ଛଟା, ତଥା ଭଙ୍ଗୀ, ନୃତ୍ୟ, ହାସ୍ୟରସ, ବୀରରସ ସଂଯୋଜିତକରି ପୂର୍ବର ବେଶ ପୋଷାକ ବଦଳାଇ ରାମଲକ୍ଷ୍ମଣ ବେଶସାଜି ଅର୍ଥାତ୍ ପାଟପିନ୍ଧି ଗାୟକ ନୀଳବର୍ଣ୍ଣର ପାଳିଆ ହଳଦିଆ ବର୍ଣ୍ଣର କୋଟ ପିନ୍ଧି କପାଳରେ ରାମାନନ୍ଦିଚିତା ମଧ୍ୟରେ ସିନ୍ଦୂର ସିଥି କାଟି, ମସ୍ତକରେ ପଗଡ଼ି ବାନ୍ଧି ଗୋଡ଼ରେ ଘାଗୁଡ଼ି ତଥା ଘୁଙ୍ଗୁର ବାନ୍ଧି, ନୂଆନୂଆ କେତେକ ସୁର ତଥା ବୃତ୍ତସୃଷ୍ଟି କରି ପରିବେଷଣ କଲେ । ଗଞ୍ଜାମ ଜିଲ୍ଲା ସୁରଙ୍ଗି ରାଜଦରବାରରୁ ଗାୟକରତ୍ନ ଉପାଧି ଓ ଭୂଷଣ ଲାଭକରି ଦାସକାଠିର ସର୍ବଶ୍ରେଷ୍ଠ କଳାକାର ରୂପେ ପରିଚିତ ହେଲେ । ସେହିବେଳକୁ ଏହି କଳାର ଆଦର କ୍ରମଶଃ ବଢ଼ିବାରୁ ଅନେକ ଦଳ ତାହାଙ୍କୁ ଗୁରୁକରି ଏହି କଳା ଶିକ୍ଷାନେଲେ । ସ୍ୱର୍ଗୀୟ ଗାୟକ-ରତ୍ନଙ୍କଠାରୁ ଗଞ୍ଜାମ ଜିଲ୍ଲା କୃଷ୍ଣଚନ୍ଦ୍ର ନଗରଡ଼ିହ ଶାସନର ଶ୍ରୀ ବୈଦ୍ୟନାଥ ଶତପଥୀ ବୈଦିକ ବ୍ରାହ୍ମଣ ଅର୍ଥାତ୍ ମୁଁ ମୋର ଭାଇ ଶ୍ରୀ ଭୀମସେନ ଶତପଥୀଙ୍କୁ ସହଯୋଗୀ କରି ୧୯୨୯ ସମୟରେ ଏହି କଳା ଶିକ୍ଷାନେଲି । ମୁଁ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅର୍ଥାତ୍ ପୁରାଣମାନ ପରିବେଷଣ କରିବା ସଙ୍ଗେ ସଙ୍ଗେ ଦେଶରେ ପଞ୍ଚବାର୍ଷିକ ଯୋଜନାର ସଂଗୀତ ସଂଲଗ୍ନକରି ଗାୟନ କରୁଅଛି । ଓଡ଼ିଶାରେ ଏବକୁ ମୋର ଛାତ୍ର ଓ ଉପଛାତ୍ର ମଧ୍ୟ ପ୍ରାୟ ୩୦ ଦଳ ଅଛନ୍ତି ।



# ଉମା

ଛବିଶ ବର୍ଷର ଉମା, ଛଅଟି ସନ୍ତାନ:
ଦିବାରାତ୍ରି କୋଳାହଳେ ଶୋଷୁଥାନ୍ତି ପ୍ରାଣ ।
କୋଟରେ ପଶିଛି ନେତ୍ର, ପାଣ୍ଡୁର ବଦନ,
ଶୀର୍ଣ୍ଣକାୟ, ରକ୍ତହୀନ, ଶିଥିଳ ଚରଣ ।

* * *

ଛଅଟି ଆତ୍ମଜ ରକ୍ତ ମାଂସ ଯାନ୍ତି ଶୋଷି,
କାହାକୁ ଜଗତେ ଦିନେ ନ କରେ ସେ ଦୋଷୀ ।
କୁକ୍କୁଟ ଶାବକ ସମ ରହିଥାନ୍ତି ଘେରି,
ଆଜୀବନ ବନ୍ଦୀ, ପଦେ ସେବା ଲୁହାବେଡ଼ି:

* * *

ଏହି ସେହି ଉମା: ବିଭା ଦଶଟି ବରଷ,
ଶିକ୍ଷା, ରୂପେ, ଗୁଣେ ଯେବା ଥିଲା ଆଦରଶ ।

* * *

ଏହି ସେ ଚଞ୍ଚଳା ଉମା: ଯା' ନୟନଭଙ୍ଗୀ,
ଯହିଁ ମୁଗ୍ଧ ହେଉଥିଲା କାନନ କୁରଙ୍ଗୀ ।
ପ୍ରାଣଭରା ହାସ୍ୟେ ଲାସ୍ୟେ ତା' ଗତି ଛଟକେ,
ଲେଖନୀ ମୁନରେ କାବ୍ୟ କବିତା ଅଟକେ ।

* * *

ଏହି ସେହି ଉମା : ସେହି ସ୍ୱପ୍ନମାୟାବିନୀ,
ଆଜି ପ୍ରେତପୁର ଛାୟା, ଅଥବା ଡାକିନୀ ।

ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ (ରଚନାକାଳ—୧୯୪୧)

ଚାଳିଶ ବର୍ଷ ତଳେ ରଚିତ ଏଇ କବିତାଟିରେ କବି ବୈକୁଣ୍ଠନାଥ ନାରୀର ଏ ଯେଉଁ ଦୟନୀୟ ଜୀବନଚିତ୍ର ଦେଇଛନ୍ତି, ଆଜି ମଧ୍ୟ ସମାଜରେ ପ୍ରାୟ ସେଇ ଅବସ୍ଥା ଲାଗି ରହିଛି । ଅଳ୍ପ ବୟସରେ ବିବାହ କରି ବହୁ ସନ୍ତାନର ଜନନୀ ହୋଇ ଆମ ଗାଁ ଗହଳିର ଘରେ ଘରେ କେତେ ଯେ 'ଉମା' ଆଜି ରୋଗ, ଦୁଃଖ, ଅଜ୍ଞାନ ଓ ଯନ୍ତ୍ରଣାରେ ସଢୁଛନ୍ତି, ତାର କଳନା ନାହିଁ । କେତେ ରୂପ, କେତେ ଲାବଣ୍ୟ ଓ କେତେ ଆଦର୍ଶ ଆଜି ଅକାଳରେ ମଉଳି ଯାଉଛି । ଏଥିପାଇଁ ଦାୟୀ କିଏ ଜାଣନ୍ତି ?

ମୁଁ, ଆପଣ, ସେମାନେ, ଆମେ ସମସ୍ତେ ଓ "ଏଇ ସମାଜ"

ନାରୀ ଜାତିକୁ ଏହି ଦୁଃଖ, ନିର୍ଯାତନା ଓ ବନ୍ଧନରୁ ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବାର ଦାୟିତ୍ୱ ଆମ ସମସ୍ତଙ୍କର ।

* ଚାଲନ୍ତୁ ଆଜିଠାରୁ ଏ ଦିଗରେ ଉଦ୍ୟମ ଆରମ୍ଭ କରିବା ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ
ଭୁବନେଶ୍ୱର

# ଅଣ ଜଳସେଚିତ ଅଞ୍ଚଳରେ ଚକବନ୍ଦୀ

ଶ୍ରୀ ଅନନ୍ତ କୁମାର ଦାସ

ବିକ୍ଷିପ୍ତ ଟୁକୁରା ଟୁକୁରା ଅଣଜଳସେଚିତ ଜମି କୃଷକର ମଙ୍ଗଳ ସାଧନ ଦିଗରେ ପ୍ରଧାନ ଅନ୍ତରାୟ-- ଏ ପରିପ୍ରେକ୍ଷୀରେ ମହାଭାରତ ସଭାପର୍ବର ୮୦ ଶ୍ଳୋକରେ ମହର୍ଷି ନାରଦ ଧର୍ମରାଜ ଯୁଧିଷ୍ଠିରଙ୍କୁ ଉପଦେଶ ଛଳରେ ପଚାରିଥିଲେ :--

"କଶ୍ଚିତ୍ ରାଷ୍ଟ୍ରେ ତଡ଼ାଗାନି ପୂର୍ଣ୍ଣାନିଚ ବୃହନ୍ତିଚ ।
ଭାଗଶୋ ବିନିଷ୍ଟାନିନ ନ କୃଷି ଦୈବମାତୃକା ।।"

ଅର୍ଥାତ୍ ହେ ଯୁଧିଷ୍ଠିର ! ତୁମ ରାଜ୍ୟରେ ବଡ଼ ବଡ଼ ପୂର୍ଣ୍ଣ ଜଳାଧାରମାନ କରିଛ ତ ? ଜମିବାଡ଼ି ମାନ ଖଣ୍ଡ ବିଖଣ୍ଡିତ ହୋଇ ନଷ୍ଟ ହେଉନାହିଁତ ? କୃଷି କେବଳ ଆକାଶର ବର୍ଷା ଜଳକୁ ଅପେକ୍ଷା କରି ନାହିଁତ ?

ମହାଭାରତ ଯୁଗ ପରେ, ଆସେମାନେ ଆଧୁନିକ ଯୁଗର ବ୍ୟବସ୍ଥା ଲକ୍ଷ୍ୟ କରିବା । ପ୍ରତ୍ୟେକ ଚାଷୀ ତା'ର କୃଷି କ୍ଷେତ୍ରର ଆୟତନ ବୃଦ୍ଧି କରିବାକୁ ସତତ ଆଗ୍ରହୀ । କାରଣ ଜମି ପାଖରେ ଆଉ ଖଣ୍ଡିଏ ଜମି ଏପରିକି ଅଧିକ ମୂଲ୍ୟ ଦେଇ କିଣିବାର ଆବେଗତା ଏହାର ପ୍ରମାଣ ଦିଏ । ଚାଷୀକୁଳର ଅଭିଳଷିତ ଆକାଂକ୍ଷାକୁ ଆଇନର ଛାଞ୍ଚରେ ପୂରଣ କରିବା ଲାଗି ଆଜିର ଚକବନ୍ଦୀ ଯୋଜନା । କାଳକ୍ରମେ ଉତ୍ତରାଧିକାରୀ ସୂତ୍ରେ, ଜମିର ଭାଗ ବଣ୍ଟାଆରା ହେବା ସଙ୍ଗେ ସଙ୍ଗେ ବିକ୍ରି, ଦାନ, ବନ୍ଧକ ଦ୍ୱାରା ଜମିର ଆକାର ଏତେ ଛୋଟ ହୋଇ ଗଲାଣି ଯେ, ଜଣେ କ୍ଷୁଦ୍ର ଚାଷୀର ଏକ ଏକର ପର୍ଯ୍ୟନ୍ତ ଜମି ଦଶ-ପନ୍ଦର ସ୍ଥାନରେ ଖେଳାଇ ହୋଇ ପଡ଼ିଛି । ଏତଦ୍-ବ୍ୟତୀତ ଜମିଦାରୀ ଉଚ୍ଛେଦ ଓ ଭୂସଂସ୍କାର ଆଇନ କାର୍ଯ୍ୟକାରୀ ହେବାରୁ ଚାଷୀର ସତ୍ୱ ଧାର୍ଯ୍ୟ ଓ ବଳକା ଜମି ବଣ୍ଟନ ଯୋଗୁଁ କୃଷି କ୍ଷେତ୍ର ସବୁ ଅଧିକ ଖଣ୍ଡ ବିଖଣ୍ଡିତ ହେଲା । ଆମ ଦେଶର ଶତକଡ଼ା ୮୦ ଭାଗରୁ ଊର୍ଦ୍ଧ୍ୱ ଲୋକ ଏହି ପ୍ରକାର କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ ଯୋଗୁଁ, ସେମାନଙ୍କ ଆର୍ଥିକ ଅବସ୍ଥା କିପରି ସ୍ୱଚ୍ଛଳ ହେବ ସେଥିଲାଗି ବିଭିନ୍ନ ଦୃଷ୍ଟି କୋଣରୁ ଚିନ୍ତା କରାଯାଇ କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ସକାଶେ ପ୍ରତ୍ୟେକ କୃଷକକୁ ଗୋଟିଏ ସ୍ଥାନରେ ତା'ର ସମସ୍ତ ଜମି ଅବୋରି ଦେବା ଆବଶ୍ୟକ ବୋଲି ପ୍ରଖ୍ୟାତ ଅର୍ଥନୀତିଜ୍ଞ W. A. Moreland ୧୯୧୨ ରେ ମତବ୍ୟକ୍ତ କରିଥିଲେ । କୃଷି କ୍ଷେତ୍ର ଖଣ୍ଡ ବିଖଣ୍ଡିତ ନ ହେବା ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ନିଖିଳ ଭାରତ କୃଷି ପରିଷଦ ୧୯୧୭ ରେ ଓ Royal Commissioner, Agriculture ୧୯୨୮ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳତଃ ପ୍ରାଦେଶିକ ଓ କେନ୍ଦ୍ର ସ୍ତରରେ ଏକ ବୈପ୍ଳବିକ ଚିନ୍ତାଧାରା ସୃଷ୍ଟି ହେଲା । ଏହି କାର୍ଯ୍ୟର ଅଗ୍ରଦୂତ ଭାବେ ପଞ୍ଜାବ ରାଜ୍ୟରେ ୧୯୨୦ରେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ ହେଲା । ପରେ ପରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଅନ୍ୟାନ୍ୟ ରାଜ୍ୟରେ ଚକବନ୍ଦୀ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆଇନମାନ ପ୍ରଣୟନ କରାଗଲା । ଖଣ୍ଡ ବିଖଣ୍ଡିତ ଚାଷ ଜମିକୁ ଏକାଠି କରି ଚାଷୀର ଆର୍ଥିକ ମାନଦଣ୍ଡ ଉନ୍ନତି ଦ୍ୱାରା, କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଆଣିବା ପାଇଁ ଏବଂ ଗାଁ ଗହଳରେ ସବଳ, ସ୍ୱଚ୍ଛଳ ଓ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଆମ ରାଜ୍ୟରେ ୧୯୬୦-୬୧ରୁ ଚକବନ୍ଦୀ ଯୋଜନା ପରୀକ୍ଷାମୂଳକ ଭାବେ ଆରମ୍ଭ ହେଲା ଏବଂ ୧୯୭୨ରେ ଏଥିଲାଗି ଆଇନ ପ୍ରଣୀତ ହୋଇ ୧୯୭୩ ମସିହା ଅଗଷ୍ଟ ୧୦ ତାରିଖରୁ କାର୍ଯ୍ୟକାରୀ ହେଲା । ଏ ପର୍ଯ୍ୟନ୍ତ ୫,୦୩୩ ମୌଜାରେ ୮,୨୭,୮୯୩ ହେକ୍ଟର ଜମିରେ ପର୍ଯ୍ୟାୟକ୍ରମେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ କରାଯାଇ ୧,୪୩୨ ମୌଜାରେ ୧,୩୨,୮୪୬ ହେକ୍ଟର ଜମିରେ କାର୍ଯ୍ୟ ଶେଷ ହୋଇଛି ।

ଆମ ରାଜ୍ୟରେ ମୋଟ ଚାଷ ଉପଯୋଗୀ ଜମି ୮୬ ଲକ୍ଷ ୪୬ ହଜାର ହେକ୍ଟର ମଧ୍ୟରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକାର ଜଳସେଚନ ଯୋଜନା ମାଧ୍ୟମରେ ୧୦ ଲକ୍ଷ ୬୬ ହଜାର ହେକ୍ଟର ଜମିକୁ ଜଳଯୋଗାଇ ଦିଆଯାଉଅଛି । ଅବଶିଷ୍ଟ ୭୬ ଲକ୍ଷ ୮୦ ହଜାର ହେକ୍ଟର ଅର୍ଥାତ୍ ୮୬ ଭାଗ ଜମି ବର୍ଷା ଉପରେ ମୁଖ୍ୟତଃ ନିର୍ଭର କରେ । ଏହି ବିସ୍ତୃତ ଅଣଜଳସେଚିତ ଅଞ୍ଚଳ ଉପରେ କୋଟି କୋଟି କୃଷକ ଓ ଶ୍ରମିକ ଜୀବନ ଧାରଣ ପାଇଁ ନିର୍ଭର କରନ୍ତି । କିନ୍ତୁ ଆମ ରାଜ୍ୟରେ ପ୍ରାୟ ପ୍ରତିବର୍ଷ ଦୈବ ଦୁର୍ବିପାକ ଯୋଗୁଁ "ଜଳ ବିହୁନେ କୃଷି ନାଶ

ବା

ଜଳ ବହୁଳେ କୃଷି ନାଶ"ର ଶରବ୍ୟ ହୋଇ କୃଷି ଉପରେ ନିର୍ଭରଶୀଳ ଚାଷୀକୁଳ ଅବର୍ଣନୀୟ ଦୁଃଖ

ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି । କଥାରେ ଅଛି "ଚାଷୀ ଛୁଡ଼ିଲେ ବରଷେ" । ଯଦି ବର୍ଷଯାକର ପରିଶ୍ରମର ଫଳ ପ୍ରଳୟଙ୍କରୀ ବନ୍ୟା ବା ନିଦାଘ ମରୁଡ଼ିରେ ନଷ୍ଟ ହୋଇ ଯାଏ, ତା ହେଲେ କୃଷକର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡେ ଏବଂ ସେ ଆଗାମୀ ବର୍ଷ ପାଇଁ ଇନ୍ଦ୍ରଙ୍କ କରୁଣାକୁ ଅପେକ୍ଷା କରେ । କୋଟି କୋଟି କୃଷିଜୀବୀଙ୍କ ନିର୍ଯ୍ୟାତନାକୁ ଦୃଷ୍ଟିରେ ରଖି ଭାରତୀୟ କୃଷି କମିଶନ ୧୯୭୬ ମସିହାରେ ଦୃଢ଼ମତ ବ୍ୟକ୍ତ କଲେ ଯେ, ଅଣ ଜଳସେଚିତ, ସମତଳ ଓ ଭୂତଳ ଜଳ ସଂପଦଥିବା ଅଞ୍ଚଳ ଚକବନ୍ଦୀ ପାଇଁ ଉପଯୁକ୍ତ ହୋଇଥିବାରୁ ସେ ସବୁ ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ଚକବନ୍ଦୀ କାର୍ଯ୍ୟକାରୀ ହେବା ବାଞ୍ଛନୀୟ ଏବଂ ଜଳସେଚିତ ଅଞ୍ଚଳରେ ଚାଷୀମାନେ ଏପରି ଦୁର୍ବିପାକର ସମ୍ମୁଖୀନ ହେଉ ନ ଥିବାରୁ ସେ ଅଞ୍ଚଳକୁ ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ କରିବା ଉଚିତ ।

ଅଣଜଳସେଚିତ ଅଞ୍ଚଳରେ ପ୍ରଥମେ ହରିଆନାର ମହେନ୍ଦ୍ରଗଡ଼ ଓ ଭିଓ୍ୱାନି ଜିଲ୍ଲାରେ ଚକବନ୍ଦୀ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ବାସ୍ତବରେ ଏହା ସେଠାରେ କୃଷକମାନଙ୍କୁ ଏପରି ଭାବରେ ଉତ୍ସାହିତ କଲା ଯେ, ରାଜ୍ୟ ସରକାର ତୁରନ୍ତ ଅଣଜଳସେଚିତ ଅଞ୍ଚଳଗୁଡ଼ିକୁ ଚକବନ୍ଦୀ ପରିସରଭୁକ୍ତ କରିବାକୁ ସ୍ଥିର କଲେ । ସେହିପରି ଆମ ରାଜ୍ୟର ଅନ୍ୟ ଅଞ୍ଚଳ ସହିତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବସ୍ତା ଥାନା ଅଣ ଜଳସେଚିତ ହୋଇଥିଲେ ମଧ୍ୟ ଏ ଅଞ୍ଚଳରେ ଚକବନ୍ଦୀ ପାଇଁ ଅନୁକୂଳ ପରିବେଶ ଦୃଷ୍ଟିରୁ ଯୋଜନାଟି ପୁରା ଥାନାରେ ଆରମ୍ଭ କରାଯାଇ ଏପର୍ଯ୍ୟନ୍ତ ୭୮ଟି ମୌଜାରେ ପୂର୍ଣ୍ଣାଙ୍ଗ ହୋଇପାରିଛି ।

ଉକ୍ତ ଥାନାରେ ଯେଉଁ ଗ୍ରାମମାନଙ୍କରେ ଚକବନ୍ଦୀ କାର୍ଯ୍ୟ ଶେଷ ହୋଇଛି, ତନ୍ମଧ୍ୟରୁ ଗାଙ୍ଗୁଡ଼ା ଓ ଟିଗିରିଆ ଗ୍ରାମରେ ଚକବନ୍ଦୀ ପରେ କୃଷକମାନେ କେତେଦୂର ଲାଭବାନ ହୋଇଛନ୍ତି, ତା'ର ଏକ ସମୀକ୍ଷା କରାଯାଇଥିଲା । ଏହି ଦୁଇଟି ମୌଜାରେ ପ୍ରତ୍ୟେକ ଚାଷୀଙ୍କୁ ସମୀକ୍ଷକ ଦଳ ବ୍ୟକ୍ତିଗତ ଭାବରେ ଭେଟି ଚକବନ୍ଦୀର ପୂର୍ବ ଓ ପର ଚାଷର ଆୟବ୍ୟୟର ହିସାବ ଉପରେ ତଥ୍ୟ ସଂଗ୍ରହ କରିଥିଲେ । ସେ ସମୀକ୍ଷାରୁ ଜଣାଯାଏ ଯେ ରାସାୟନିକ ସାର ପ୍ରୟୋଗ ଓ ଆଧୁନିକ ଧରଣର କୃଷିପ୍ରଣାଳୀ ଅନୁସରଣ ନ କରି ମଧ୍ୟ ଚାଷଖର୍ଚ୍ଚ ହ୍ରାସ ଓ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ଯୋଗୁଁ ଚାଷୀମାନେ ଶତକଡ଼ା ୨୫ରୁ ୩୧ ଭାଗ ପର୍ଯ୍ୟନ୍ତ ଲାଭବାନ ହୋଇ ଅଛନ୍ତି । ଗାଙ୍ଗୁଡ଼ା ଗ୍ରାମର ମହେନ୍ଦ୍ର ବେହେରା ନାମ ଜନୈକ ହରିଜନ ଚାଷୀଙ୍କର ଚକବନ୍ଦୀ ପୂର୍ବରୁ ଏ୧'୨୪ଡ଼ି ଜମି ୧୩ଟି ସ୍ଥାନରେ ଥିଲା । ଚକବନ୍ଦୀରେ ତାଙ୍କର ଜମି ଏକତ୍ର ହେବାରୁ ସେ ପୂର୍ବ ଅପେକ୍ଷା ୨୬୦ ଟଙ୍କା ଅଧିକ ଲାଭବାନ ହେବାର ପ୍ରକାଶ କରିଥିଲେ । ସେହିପରି ଟିଗିରିଆ ମୌଜାରେ ନଟବର ଦଣ୍ଡପାଟଙ୍କର ୧୧ଟି ସ୍ଥାନରେ ଥିବା ଏ୧'୬୮ଡ଼ି. ଜମି ଚକହେବା ପରେ ପୂର୍ବ ଅପେକ୍ଷା ୧୮୪ଟଙ୍କା ଲାଭବାନ ହେଲେ ।

ଭୂତଳ ଜଳ ସଂପଦ ତଦନ୍ତ ରିପୋର୍ଟରୁ ଜଣାଯାଏ କି ଓଡ଼ିଶାର ପ୍ରାୟ ସମସ୍ତ ସମତଳ ଅଞ୍ଚଳ ଭୂତଳ ଜଳ ସଂପଦରେ ପୂର୍ଣ୍ଣ । ଅଗଭୀର କୂପ, ନଳକୂପ ଓ ଉଠାଜଳସେଚନର ବ୍ୟବସ୍ଥା ଦ୍ୱାରା ଉକ୍ତ ଜଳ ସଂପଦର ସଦୁପଯୋଗକରି ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ କୃଷି କ୍ଷେତ୍ରକୁ ଶସ୍ୟଶ୍ୟାମଳା କରାଯାଇପାରିବ । ଏକାଠି ଜମି ନ ହେଲେ କୃଷକ ବ୍ୟକ୍ତିଗତ ଉଦ୍ୟମରେ ଭୂତଳ ଜଳ ସଂପଦ ବ୍ୟବହାରକରି ଜମିକୁ ଜଳସେଚିତ କରିବା ସୁବିଧାରୁ ବଞ୍ଚିତ ହୁଏ । ଜାତୀୟକରଣ ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥା, ଘରୋଇ ଜଳସେଚନ ବ୍ୟବସ୍ଥା ପାଇଁ କେବଳ ଯେଉଁ କୃଷକ ମାନଙ୍କର ଏକାଠି ଜମିଅଛି ସେମାନଙ୍କୁ ଶତକଡ଼ା ୫୦ ଭାଗ ରିହାତି ହାରରେ ଋଣ ମଞ୍ଜୁର କରୁଛନ୍ତି । ଯେତେପ୍ରକାର ଉନ୍ନତ ବିହନ, ସାର, କୃଷି ଯନ୍ତ୍ରପାତି ଯୋଗାଇଲେବି ଟୁକୁରା ଟୁକୁରା ଜମି ଯଦି ଏକାଠି ହୋଇ ଘଡ଼ି-ସଂସ୍କାର ନ ହୁଏ, ତାହେଲେ ଆଶାନୁରୂପ ଫଳଫଳିବା ଅସମ୍ଭବ । ପଞ୍ଜାବ, ହରିଆନା ଓ ଉତ୍ତରପ୍ରଦେଶ ଇତ୍ୟାଦି ରାଜ୍ୟରେ ଚକବନ୍ଦୀ ପରେ ଘରୋଇ ଜଳସେଚନ ବ୍ୟବସ୍ଥାକରି କୃଷକମାନେ ସେମାନଙ୍କ ଅର୍ଥନୈତିକ ସ୍ୱଚ୍ଛଳତା ଆଣିପାରିଛନ୍ତି ।

ସଂପ୍ରତି କେନାଲ ନ ଥିବା ଅଞ୍ଚଳରେ ଚକବନ୍ଦୀ ବିଭାଗ ଓ ଉଠାଜଳସେଚନ ନିଗମ ପରସ୍ପର ସହଯୋଗରେ କାର୍ଯ୍ୟକରିବା ଉଚିତ୍ । ଯେଉଁ ସମତଳ ଅଞ୍ଚଳ ଚକବନ୍ଦୀ ପରିସରଭୁକ୍ତ କରାଯିବ ସେଠାରେ ଉଠାଜଳସେଚନ ନିଗମ କେଉଁଠି ଜଳସେଚନ ପଏଣ୍ଟ ଚିହ୍ନଟ କରିଛନ୍ତି ତାହା ଚକବନ୍ଦୀ ବିଭାଗକୁ ସୂଚନା ଦେବା ଉଚିତ୍ । ଫଳତଃ ଏହି ପଏଣ୍ଟଠାରୁ ପାଣିମାହାରା ପାଇଁ ସରକାରୀ ଜମି ସଂରକ୍ଷଣ କରାଯାଇ ପାରିବ ଏବଂ ଚାଷୀକୁଳ ନିଜ ଇଚ୍ଛା ଓ ଚାହିଦା ମତେ ଚାଷକାର୍ଯ୍ୟ କରିପାରିବେ ।

ଚକବନ୍ଦୀ ପରେ ଦୀର୍ଘ ଦିନର ବହୁତ ସମସ୍ୟା ଗ୍ରାମରେ ସମାଧାନ ହୋଇ ପାରୁଛି । ଛୋଟ ଛୋଟ କିଆରୀ ମିଶିଯିବା ଦ୍ୱାରା ଅନାବଶ୍ୟକ ହିଡ଼ ଉଠିଯିବାରୁ କୃଷକ ଶତକଡ଼ା ୮ ରୁ ୧୩ ଭାଗ ମଧ୍ୟରେ ଚାଷୋପଯୋଗୀ ଜମି ପାଉଛି । ବର୍ତ୍ତମାନ ବିଭିନ୍ନ ଗ୍ରାମ ଉନ୍ନୟନ ପରିକଳ୍ପନା ଉପଯୁକ୍ତ ସ୍ଥାନରେ ସରକାରୀ ଜମି ଅଭାବ ହେତୁ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଚକବନ୍ଦୀ ସମୟରେ ଯେଉଁ ଟୁକୁରା ଟୁକୁରା ଅନାବଶ୍ୟକ ଅନାବାଦୀ ଜମିମାନ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥାଏ ସେସବୁ ଏକାଠି କରି ଆବଶ୍ୟକୀୟ ମତେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ପାଇଁ ସଂରକ୍ଷଣ କରାଯାଏ । ଏହାସହ ଗୋ ସଂପଦ ଉନ୍ନତି ଓ ଜାଳେଣୀ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ସ୍ଥାନରେ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ସଂରକ୍ଷିତ ହୁଏ ।

ପୁରପଲ୍ଲୀର ଆଉ ଗୋଟିଏ ସମସ୍ୟା ହେଉଛି ରାସ୍ତା । ସ୍ୱାଧୀନତାର ୩୪ ବର୍ଷ ବିତିଗଲେ ହେଁ, ଗମନାଗମନର ସୁବିଧା ପ୍ରତ୍ୟେକ ଗ୍ରାମକୁ ଏ ଯାବତ

ହୋଇ ପାରି ନାହିଁ । ଏଥିପାଇଁ କୋଟି କୋଟି ଟଙ୍କା ଓ ଲକ୍ଷ ଲକ୍ଷ ଟନ ଶସ୍ୟ ବିନିଯୋଗ କରାଯାଇ ଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିନାହିଁ । ତା'ର କାରଣ ହେଉଛି ଜମିରେ ବ୍ୟକ୍ତି ଗତ ମାଲିକାନା ସତ୍ତ୍ୱ ଥିବା ହେତୁ କେତେକ ମୁଷ୍ଟିମେୟ ବ୍ୟକ୍ତି ତାଙ୍କ ଜମିରେ ରାସ୍ତା କରିବା ପାଇଁ ବିରୋଧ କରନ୍ତି ବା ରାସ୍ତା ତିଆରି ହୋଇଥିଲେ ମଧ୍ୟ ତାହା ନଷ୍ଟ କରି ଦିଅନ୍ତି । କିନ୍ତୁ ଚକବନ୍ଦୀ କାର୍ଯ୍ୟକ୍ରମ ମାଧ୍ୟମରେ ତିଆରି ହେଉଥିବା ଚକ ରାସ୍ତା ଦ୍ୱାରା ସଂପୃକ୍ତ ଗ୍ରାମମାନଙ୍କୁ ସଂଯୋଗ କରାଯାଉଅଛି । ଏ ସମସ୍ତ ରାସ୍ତା ସରକାରୀ ଜମି ଭାବରେ ରେକର୍ଡ କରାଯାଉ ଥିବାରୁ ସବୁଦିନ ପାଇଁ ଉକ୍ତ ସମସ୍ୟାର ସମାଧାନ ହେଉଅଛି ।

ଗ୍ରାମର ଶାନ୍ତିମୟ ପରିବେଶକୁ ବିଭିନ୍ନ ପ୍ରକାର ମାଲି ମକଦ୍ଦମା କଳୁଷିତ କରେ । ଏହି ମକଦ୍ଦମାର ଅଦାଲତରେ ଫଏସଲ ସମୟ ସାପେକ୍ଷ ଯୋଗୁଁ ଗ୍ରାମାଞ୍ଚଳ ସର୍ବସ୍ୱାନ୍ତ ହେଉଥିବାରୁ ଚକବନ୍ଦୀ ବେଳେ ବିଭାଗୀୟ ଅଫିସରଙ୍କ ଦ୍ୱାରା ଗ୍ରାମ ଲୋକଙ୍କ ସହାୟତାରେ ଆଇନ ମୁତାବକ ତୁରନ୍ତ ଫଏସଲ ପାଇଁ ମାନ୍ୟବର ହାଇକୋର୍ଟ ମତବ୍ୟକ୍ତ କରି ଅଛନ୍ତି । ଆଜି ପଞ୍ଜାବ, ହରିଆନା ଓ ଉତ୍ତର ପ୍ରଦେଶରେ ସବୁଜ ବିପ୍ଳବ ହୋଇ କୃଷି ଅର୍ଥନୀତିର ଅଭିବୃଦ୍ଧି ହୋଇ ଥିବାର ଯାହା କୁହା ଯାଉଅଛି ତାହା କେବଳ ଚକବନ୍ଦୀ ଦ୍ୱାରା ସମ୍ଭବପର ହୋଇ ପାରିଅଛି । ଆମ ରାଜ୍ୟର ଲକ୍ଷ ଲକ୍ଷ ହେକ୍ଟର ଶୁଷ୍କ ଜମି ଚକବନ୍ଦୀ ପରେ ଉଠା ଜଳ ସେଚନ ଦ୍ୱାରା ପ୍ଳାବିତ ହୋଇ ଶସ୍ୟ ଶ୍ୟାମଳା ହେଲେ କୋଟି କୋଟି ବେକାର କୃଷକ ଓ ଶ୍ରମିକ ବର୍ଷସାରା କାର୍ଯ୍ୟକରି ତାଙ୍କ ନିଜର ଆର୍ଥିକ ମାନଦଣ୍ଡ ବଢ଼ାଇବା ସଂଗେ ସଂଗେ ରାଜ୍ୟର ସମୂହ କଲ୍ୟାଣ କରି ପାରିବେ । ତାହାଛଡ଼ା କେନାଲ ଜଳସେଚନ ଅପେକ୍ଷା ଉଠା ଜଳସେଚନ ଦ୍ୱାରା ପାଣିକୁ ନିୟନ୍ତ୍ରଣ କରି ବିଭିନ୍ନପ୍ରକାର ଶସ୍ୟ କରିବାକୁ ସକ୍ଷମ ହେବ । ତେଣୁ, ଏହି ସବୁ ସୁଫଳ ଉପଭୋଗରୁ ଅଣଜଳସେଚିତ ଅଞ୍ଚଳରେ ଥିବା କୋଟି କୋଟି କୃଷକଙ୍କୁ ବଞ୍ଚିତ କରି କେବଳ କେନାଲ ଜଳସେଚିତ ଅଞ୍ଚଳରେ ଚକବନ୍ଦୀ କାର୍ଯ୍ୟକୁ କେନ୍ଦ୍ରୀଭୂତ କରିବା ଦ୍ୱାରା ଆମ ରାଜ୍ୟର ସାମୂହିକ ଉନ୍ନତି ହେବକି ?

୧୯୮୧ ମସିହା ଜନଗଣନା ଅନୁସାରେ ପ୍ରତି ବର୍ଗ କିଲୋମିଟରରେ ଦଶ ବର୍ଷରେ ୨୮ ଜଣ ଲୋକ ବଢ଼ିଛନ୍ତି । କିନ୍ତୁ ଲୋକସଂଖ୍ୟା ବୃଦ୍ଧି ଅନୁସାରେ ଚାଷୋପଯୋଗୀ ଜମି ବଢ଼ି ନାହିଁ । ତେଣୁ, ଏହି ବର୍ଦ୍ଧିତ ଜନଶକ୍ତିର ବିନିଯୋଗ ପାଇଁ କୃଷି କ୍ଷେତ୍ରକୁ ବୈଜ୍ଞାନିକ ପ୍ରଣାଳୀରେ ବ୍ୟବହାର କରି ଅଧିକ ଉତ୍ପାଦନ କିପରି କରାଯାଇ ପାରିବ ତାହା ଆଜିର ଯୋଜନାକାରୀ ଓ ବିଶୃଙ୍ଖଳ ବ୍ୟକ୍ତିଙ୍କର ଚିନ୍ତାର ବିଷୟ । ଆମେ ଏକ କୃଷି ପ୍ରଧାନ ରାଜ୍ୟର ଅଧିବାସୀ ହୋଇଥିବାରୁ କୃଷିର ଉନ୍ନତି ଓ କୃଷି ଭିତ୍ତିକ ଶିଳ୍ପର ଅଭିବୃଦ୍ଧି ଦ୍ୱାରା ଗ୍ରାମ୍ୟ ଅର୍ଥନୀତିର ବିକାଶ ସାଧନ କରି ଜାତିର ଜନକ ବାପୁଜୀଙ୍କର ସ୍ୱପ୍ନର ଭାରତ ସଫଳ ରୂପାୟନ କରିବାରେ ସମର୍ଥ ହେବା ।

—ଭାରତ ପ୍ରତି ପ୍ରେମ ଜାନୁୟାରୀ ୨୬ ବା ଅଗଷ୍ଟ ୧୫ ତାରିଖ ଏହି ଦୁଇଟି ଦିନ ମଧ୍ୟରେ ସୀମାବଦ୍ଧ ନୁହେଁ । ଏହା ଆମ ସମଗ୍ର ଜୀବନ କାଳର ଏକ ଧ୍ୟେୟ ବସ୍ତୁ, ଏକ ଆଚରିତ ମାର୍ଗ । ଯୁଗ ଯୁଗର ସଂସ୍କୃତି ଓ ପରମ୍ପରା ଆମକୁ ଏହି ପ୍ରେରଣା ଦେଉଛି ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଉପଗ୍ରହ ମାଧ୍ୟମରେ ଜମିର ରକ୍ଷଣାବେକ୍ଷଣ

ଶ୍ରୀ ଗୋକୁଳାନନ୍ଦ ମହାପାତ୍ର

ଆପଣମାନେ ଆଜିକାଲି ରୋହିଣୀ, ଆର୍ଯ୍ୟଭଟ୍ଟ, ଆପୋଲୋ ପ୍ରଭୃତି ଭାରତୀୟ ଉପଗ୍ରହ ତଥା ଯେମିନି, ଲ୍ୟାଣ୍ଡସ୍ୟାଟ ସ୍ପଟ୍ ( Spot ) ପ୍ରଭୃତି ବିଦେଶୀ ଉପଗ୍ରହ ବିଷୟରେ ଶୁଣିଥିବେ । ଏହିସବୁ ଉପଗ୍ରହ ପ୍ରକୃତରେ କେଉଁଥିପାଇଁ ଓ ଅଜସ୍ର ଟଙ୍କା ଖର୍ଚ୍ଚରେ କାହିଁକି ହେଉଛି ? ଏ ବିଷୟରେ ଆଲୋଚନା କେବଳ ବଡ଼ ବଡ଼ ବୈଜ୍ଞାନିକମାନଙ୍କ ପାଖରେ ଆବଦ୍ଧ ନ ରହି ଆଜି ଏହା ସାଧାରଣ ନାଗରିକର ଜାଣିବାର ଜିନିଷ ହେଲାଣି । ମହାଶୂନ୍ୟକୁ ରକେଟ୍ ସାହାଯ୍ୟରେ ଉପଗ୍ରହ ନିକ୍ଷେପକରି ସେଥିରେ ବିଭିନ୍ନ ରକମର କଳ କବ୍‌ଜା ଖଞ୍ଜି ସେଥିରୁ ପାଉଥିବା ସଂକେତରୁ ଆମେ କଣ କରିପାରୁଛେ, ଏହା ଏକ ସାଧାରଣ ଆଲୋଚ୍ୟ ବିଷୟ ହୋଇଛି ।

ପ୍ରକୃତରେ କହିବାକୁ ଗଲେ ଉପଗ୍ରହ ସାହାଯ୍ୟରେ ଆଜିକାଲି Television Broadcasting ଠାରୁ ଆରମ୍ଭକରି ଟେଲିଯୋଗାଯୋଗ ସାମରିକ ପର୍ଯ୍ୟବେକ୍ଷଣ All Military Surveillance ପାଣିପାଗ ଓ ଏପରିକି ଜମିର ରକ୍ଷଣାବେକ୍ଷଣ ହୋଇପାରୁଛି । ଏହା କହିଲେ ଆପଣ ବୋଧହୁଏ ବିଶ୍ୱାସ କରିବେନାହିଁ । ବିଜ୍ଞାନର ଏହି ପ୍ରୟୋଗକୁ ଆଜିକାଲି Remote Sensing ବା ସୁଦୂର ପର୍ଯ୍ୟବେକ୍ଷଣ ବୋଲି କହୁଛନ୍ତି । ଭାରତ କଥା ଛାଡ଼ନ୍ତୁ । ଆମ ଓଡ଼ିଶାର ମୃତ୍ତିକା ସଂରକ୍ଷଣ ସଂସ୍ଥା ଏହି ବିଜ୍ଞାନକୁ ପ୍ରୟୋଗ କରି କିପରି ଉତ୍ସାହଜନକ ଫଳପ୍ରଦ କାର୍ଯ୍ୟ କରିପାରୁଛି ସେକଥା ଶୁଣିଲେ ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ।

ଏ କଥା ଅବଶ୍ୟ ସତ୍ୟ ଯେ ମହାଶୂନ୍ୟକୁ ରକେଟ ଯୋଗେ କୃତ୍ରିମ ଉପଗ୍ରହ ନିକ୍ଷେପ ବିଂଶ-ଶତାବ୍ଦୀର ମହାକାଶ ଗବେଷଣାର ଏକ ଅପୂର୍ବ କୃତିତ୍ୱ । ଭାରତରେ I.S.R.O. ବା Indian Space Research Organisation ଏହି ବିଷୟରେ ଗବେଷଣା ତଥା ପ୍ରୟୋଗମୂଳକ କାର୍ଯ୍ୟପନ୍ଥାରେ ପୃଥିବୀରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବିଶେଷତଃ S.L.V. 3 ବା Satellite Launching Vehicle ସାହାଯ୍ୟରେ ରୋହିଣୀକୁ ପୃଥିବୀକକ୍ଷରେ ସ୍ଥାପନାପରେ ପୃଥିବୀର ମହାକାଶ ଗବେଷଣା ବିଷୟରେ ଭାରତର ମର୍ଯ୍ୟଦା ବେଶ୍ ବଢ଼ିଯାଇଛି ।

ଏହାଛଡ଼ା ମହାକାଶରୁ ମିଳୁଥିବା ସଂକେତରୁ ବିଭିନ୍ନ ଫଟୋଚିତ୍ର ବା ଟେପ୍ ତିଆରିକରି ସାଧାରଣ ଦୈନନ୍ଦିନ କାର୍ଯ୍ୟରେ ଲଗାଇବା ପାଇଁ ଭାରତ ସରକାର ଏକ ଜାତୀୟ ସୁଦୂର ପର୍ଯ୍ୟବେକ୍ଷଣ ସଂସ୍ଥା ବା National Remote Sensing Agency ପ୍ରତିଷ୍ଠା କରିଛନ୍ତି । ଏହି ସଂସ୍ଥା ହାଇଦ୍ରାବାଦଠାରେ ସ୍ଥାପନ କରାଯାଇଛି ଏବଂ ବ୍ୟବସାୟିକ ଭିତ୍ତିରେ ଏହି ସଂସ୍ଥା ଯେ କୌଣସି ସରକାରୀ ବା ବେସରକାରୀ ସଂସ୍ଥା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ବା ବ୍ୟକ୍ତି ବିଶେଷଙ୍କୁ ଉପଗ୍ରହରୁ ମିଳୁଥିବା ସଂକେତରୁ ଚିତ୍ର ବା ଟେପ୍ ( C. C. T. ) ରେକର୍ଡ଼ିଂ କରି ବ୍ୟବହାର ପାଇଁ ବିକ୍ରି କରିଥାଏ ।

ବିଭିନ୍ନ ଉପଗ୍ରହ ଓ ତାର ବ୍ୟବହାର ଭିନ୍ନଭିନ୍ନ Telecommunication ବା ସୁଦୂର ଦେଶ ବିଦେଶକୁ ଟେଲିଯୋଗାଯୋଗ ପ୍ରଭୃତିପାଇଁ Geostationary ବା ସ୍ଥାଣୁ ଉପଗ୍ରହ ବ୍ୟବହାର ହେଉଥିବା ବେଳେ ଭୂପୃଷ୍ଠର ବିଭିନ୍ନ ପ୍ରାକୃତିକ ସଂପଦର ରକ୍ଷଣାବେକ୍ଷଣ ଓ ଗବେଷଣା ପାଇଁ ଭ୍ରାମ୍ୟମାଣ ଉପଗ୍ରହ ପ୍ରଥମେ ନିକ୍ଷେପ ହୋଇଥିଲା ଆମେରିକାର National Aeronautics and Space Administration (NASA) ସଂସ୍ଥା ଦ୍ୱାରା ଏହି ଉପଗ୍ରହର ପ୍ରଥମେ ନାମକରଣ ERTSI ବା Earth—Research Technology Satellite I ଥିଲା ପରେ ଏହି ନାମକୁ Land Sat I ବା ଭୂମି ଉପଗ୍ରହ ବୋଲି ନାମକରଣ କରାଯାଇଛି । ବର୍ତ୍ତମାନ ଏହି ଭୂମି ଉପଗ୍ରହ I ଟି ଅକାମି ହୋଇଗଲାଣି । କିନ୍ତୁ ଏହି ପର୍ଯ୍ୟାୟରେ ୨ୟ ଭୂମି ଉପଗ୍ରହ ୧୯୭୫ ଜାନୁୟାରୀ ମାସରୁ ମହାକାଶରେ ଭ୍ରାମ୍ୟମାଣ ଅବସ୍ଥାରେ ସଂକେତ ଦେଇ ଚାଲିଛି । ଏହାଛଡ଼ା ୩ୟ ଭୂମି ଉପଗ୍ରହ ୧୯୭୮ ମାର୍ଚ୍ଚ ୫ ତାରିଖରୁ ମଧ୍ୟ ମହାଶୂନ୍ୟରେ ଛଡ଼ାଯାଇଛି ।

ଓଡ଼ିଶାର ମୃତ୍ତିକା ସଂରକ୍ଷଣ ବିଭାଗ ବିଶ୍ୱବ୍ୟାଙ୍କର ଆର୍ଥିକ ତଥା ବୈଷୟିକ ସାହାଯ୍ୟରେ ଓଡ଼ିଶାର ଏକ ଭୂ ବିନିଯୋଗର ସଠିକ ବିବରଣୀ ଓ ମାନଚିତ୍ର କରିଛନ୍ତି । ଏହି ମାନଚିତ୍ରଟି ୨୩ଟି ରଙ୍ଗ ବିଶିଷ୍ଟ ଓ ପ୍ରତ୍ୟେକ ରଙ୍ଗଟି ଗୋଟିଏ ଗୋଟିଏ ପ୍ରକାର ଭୂମି ବିନିଯୋଗର ନିର୍ଦ୍ଦିଷ୍ଟ

ବିବରଣୀ ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ନାଲି ରଙ୍ଗଟି ଜଙ୍ଗଲ ହୋଇଥିଲାବେଳେ, ସବୁଜ ରଙ୍ଗଟି ଗୋଚରଜମି । ଏହି ମାନଚିତ୍ରରୁ ଜିଲ୍ଲାୱାରି ଜଙ୍ଗଲ, ଗୋଚରଜମି, ଧାନ ଓ ରବି ଫସଲ କେତେ ଏକରରେ କେଉଁଠି କେତେ ହେଉଛି ପ୍ରଥମେ ଜଣାପଡ଼ିଲା । ଆଗରୁ କ'ଣ ଏହା ଜଣା ନ ଥିଲା ? ଏହାର ଉତ୍ତରରେ କେବଳ ଏତିକି କୁହାଯାଇପାରେ ଯେ, ଜମି ଜମା ବିନିଯୋଗ ବା Land use Statisticsର ଏକ ସଠିକ୍ ବିବରଣୀ ଗତାନୁଗତିକ ପଦ୍ଧତିରେ ଯାହା ବାହାରି ଥାଏ, ସେଥିରେ ବହୁ ଭୁଲ୍ ତ୍ରୁଟି ରହିବା ସ୍ୱାଭାବିକ । କାରଣ ବିଭିନ୍ନ ପରିସଂଖ୍ୟାନ ଉପାୟରେ ଏହି ସବୁ କାର୍ଯ୍ୟ କଲାବେଳେ ବହୁ ଭୁଲ୍ ତ୍ରୁଟି ରହିବା ସଙ୍ଗେ ସଙ୍ଗେ ବ୍ୟକ୍ତି ବିଶେଷଙ୍କର କାର୍ଯ୍ୟ ଦକ୍ଷତା ତଥା ସାଧୁତା ଉପରେ ଏହା ନିର୍ଭର କରେ । କିନ୍ତୁ ଉପଗ୍ରହ ମାଧ୍ୟମରେ ଓଡ଼ିଶାର ଯେଉଁ ଭୂମି ବିନିଯୋଗ ମାନଚିତ୍ର କରାଗଲା ତାହା ସଂପୂର୍ଣ୍ଣ ଭିନ୍ନ ଓ ବ୍ୟକ୍ତିଗତ ଦୋଷାଦୋଷରୁ ଭୁଲ୍ ତ୍ରୁଟି ପ୍ରାୟ ଏଥିରେ ନାହିଁ । ଏହି ମାନଚିତ୍ରଟିରୁ ଜଣାପଡ଼େ ଯେ, କାଗଜପତ୍ରରେ ଜଙ୍ଗଲଥିବା ପରିମାଣ ବହୁ ଜିଲ୍ଲାରେ ପ୍ରକୃତ ଜଙ୍ଗଲର ପରିମାଣଠାରୁ ବହୁତ କମ୍ ।

ମୃତ୍ତିକା ସଂରକ୍ଷଣ ବିଭାଗର ମୃତ୍ତିକା ତଥା ଭୂ-ବିନିଯୋଗ ସର୍ଭେ ସଂସ୍ଥା ଏହି ମାନଚିତ୍ରଟିକୁ ବିଶ୍ଳେଷଣକରି ଆଜି ବହୁତ ତଥ୍ୟ ଜାଣି ପାରିଛନ୍ତି । ଉଦାହରଣ ସ୍ୱରୂପ ଓଡ଼ିଶାରେ ସମୁଦ୍ରକୂଳରେ କେଉଁଠି କେତେ ଜମି ବାଲିଚର ହୋଇଯାଇଛି ତାହା ଜାଣିବାପାଇଁ ଏହି ମାନଚିତ୍ର ବିନିଯୋଗ କରାଯାଇଥିଲା ଓ ସମୁଦ୍ର ଉପକୂଳରେ ପ୍ରାୟ ୩୦ ହଜାର ହେକ୍ଟର ଜମି ବାଲିଚର ହୋଇଯାଇଥିବା ଜଣାପଡ଼ିଲା । ବିଶ୍ୱବ୍ୟାଙ୍କ ସହାୟତାରେ ଏହିସବୁ ଜମିରେ କାଜୁଲଗାଇବା ପ୍ରସ୍ତାବ ଅଛି ଓ ଏଥିପାଇଁ ଜଗତସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ଓଲରହାଟ ନିକଟରେ ପରୀକ୍ଷାମୂଳକ ଭାବେ କାଜୁବାଦାମ ଚାଷ ଆରମ୍ଭହେବ । ଗତାନୁଗତିକ ପନ୍ଥାରେ କେଉଁଠି କେତେ ଜମି ବାଲିଚର ହେଉଛି ତାହା ଜାଣିବାପାଇଁ ହୁଏତ ବହୁସମୟ ଓ ବ୍ୟୟ ହୋଇଥାନ୍ତା । କିନ୍ତୁ ଏହି ମାନଚିତ୍ର ବିଶ୍ଳେଷଣକରି ଏହି କାର୍ଯ୍ୟଟିକୁ ମୋଟେ ୭-୮ ଦିନ ଭିତରେ କରାଯାଇ ପାରିଥିଲା । ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଏହିସବୁ ମାନଚିତ୍ର ବିଶ୍ଳେଷଣ କରିବା ପାଇଁ ଭୁବନେଶ୍ୱରଠାରେ ଏକ ଗବେଷଣାଗାର ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ଏ ପର୍ଯ୍ୟନ୍ତ ରାଜ୍ୟ ମୃତ୍ତିକା ସଂରକ୍ଷଣ ବିଭାଗ ଉପଗ୍ରହରୁ ମିଳିଥିବା ବହୁ ଫଟୋଚିତ୍ର ସଂଗ୍ରହକରି ଏହାର ବିଶ୍ଳେଷଣ କରିଛନ୍ତି ।

ଉଦାହରଣ ସ୍ୱରୂପ ହୀରାକୁଦ ଜଳସେଚିତ ଅଞ୍ଚଳର ଏକ ଫଟୋ ସଂଗ୍ରହକରି ଏହି ଅଞ୍ଚଳର କେଉଁ ଗ୍ରାମରେ କେତୋଟି ପୋଖରୀ ବା ଗଡ଼ିଆ ଅଛି ଓ ସେଥିର କ୍ଷେତ୍ରଫଳ କେତେ ଓ ଏହିସବୁ ଗଡ଼ିଆକୁ କେନାଲ ସହିତ ସଂଯୋଗ କରି—ପରେ ଏଥିରେ ଥିବା ଜଳକୁ ଶୀତ ଦିନେ ଧାନତଳି ଉଠାଇବାରେ ସାହାଯ୍ୟ କରିବା କେତେଦୂର ସମ୍ଭବ ତାହା ପରୀକ୍ଷା କରାଯାଉଛି । ଏହି ଫଟୋ ବିଶ୍ଳେଷଣ କଲାବେଳେ ଜଣାପଡ଼ିଲା ଯେ, ଗତାନୁଗତିକ ମନୁଷ୍ୟ ଆଖିକୁ ଦେଖା ଯାଉଥିବା ଆଲୋକ ତରଙ୍ଗ ଫଟୋ ଯାହାକୁ ଇଂରାଜିରେ Visible spectum କହନ୍ତି—ସେ ଫଟୋ ବିଶ୍ଳେଷଣ କଲେ ପୋଖରୀଗୁଡ଼ିକୁ ନିର୍ଣ୍ଣୟ କରିବା କଷ୍ଟକର । କାରଣ ଉପଗ୍ରହ ପ୍ରାୟ ୫୦୦ ମାଇଲ ଦୂରରୁ ଫଟୋ ନେଉଥିବାରୁ ସାଧାରଣ ଗଛ ବା Vegetation ଠାରୁ ପୋଖରୀକୁ ଅଲଗାକରି ଫଟୋରେ ଦେଖିବା କଷ୍ଟକର । ତେଣୁ Infrared ବା ବର୍ଣ୍ଣାଳିର ଅବଲୋହିତ ଅଞ୍ଚଳର ଫଟୋ ଉଠାଇ ଏହା ବ୍ୟବହାର କରିବାରୁ ଗଛଗୁଡ଼ିକର ଫଟୋ ଉପରେ କୌଣସି ପ୍ରଭାବ ରହିଲା ନାହିଁ ଏବଂ କେବଳ ଜଳାଶୟଗୁଡ଼ିକ ସ୍ପଷ୍ଟ ହୋଇ ଉଠିଲା । ହୀରାକୁଦ ଜଳସେଚିତ ଅଞ୍ଚଳରେ ଶୀତ ଦିନରେ ଧାନ ତଳି ଉଠାଇବା ପାଇଁ ପୂରା କେନାଲରେ ପାଣି ନ ଛାଡ଼ି କେବଳ ଏହିସବୁ ପୋଖରୀ ପାଖରେ ତଳି ଉଠାଇଲେ, ହୀରାକୁଦ ଜଳ ଭଣ୍ଡାରରୁ ଜଳ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଜଳସେଚିତ ଅଞ୍ଚଳରେ Water Logging ବା ଜଳ ପ୍ଲାବନରୁ ଚାଷ ଜମିକୁ ରକ୍ଷା କରିହେବ ।

ଉପଗ୍ରହ ମାଧ୍ୟମରେ ଫଟୋଚିତ୍ର ଉଠାଇ ଭୂମିର ରକ୍ଷଣାବେକ୍ଷଣ—ଏହିପରି ଭାବରେ ବହୁ ପ୍ରୟୋଗ କରିହେବ । ଏଥିପାଇଁ କେବଳ Photography in visible spectum ବା ଆଖିକୁ ଦେଖା ଯାଉଥିବା ଆଲୋକର ଫଟୋ ନ ନେଇ ବର୍ଣ୍ଣାଳିର ୪ ଟି ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟରେ ଫଟୋଚିତ୍ର ନିଆଯାଇଛି । ଏହି ତରଙ୍ଗ ଦୈର୍ଘ୍ୟ ହେଲା ।

୦.୫—ରୁ ୦.୬ ମାଇକ୍ରୋ ମିଟର .. ୪ ବ୍ୟାଣ୍ଡ୍

୦.୬—ରୁ ୦.୭ ମାଇକ୍ରୋ ମିଟର .. ୫ ବ୍ୟାଣ୍ଡ୍

୦.୭—ରୁ ୦.୮ ମାଇକ୍ରୋ ମିଟର .. ୬ ବ୍ୟାଣ୍ଡ୍

୦.୮—ରୁ ୧.୮ ମାଇକ୍ରୋ ମିଟର .. ୭ ବ୍ୟାଣ୍ଡ୍

ହୀରାକୁଦ ଜଳ ଅଞ୍ଚଳର ଚିତ୍ରକୁ ଏହି ୭ମ ବ୍ୟାଣ୍ଡ୍ ନିଆଯାଇ ବିଶ୍ଳେଷଣ କରାଯାଉଛି ।

ଏହିସବୁ କଥା ଶୁଣିଲାରୁ ଗୋଟିଏ ପ୍ରଶ୍ନ ସ୍ୱତଃ ମନରେ ଉଠେ । ଉପଗ୍ରହ ପ୍ରାୟ ୫୦୦ ମାଇଲ ଦୂରରେ ରହି ଏହିସବୁ ଫଟୋ ଉଠାଉଛି କିପରି ? ଏତେ ଦୂରରେ କ୍ୟାମେରାରେ ଫଟୋ ଉଠାଇବା କଣ ସମ୍ଭବ ? ପ୍ରକୃତରେ ଉପଗ୍ରହରେ ଥିବା କ୍ୟାମେରା ବା ଯାହାକୁ ସେନ୍‌ସର ବୋଲି କହନ୍ତି ତାହା ଗତାନୁଗତିକ ଫଟୋ କ୍ୟାମେରା ବା Conventional Camera ପରି ନୁହେଁ । ପ୍ରକୃତରେ Land Sat I ବା ପ୍ରଥମ ଭୂ ଉପଗ୍ରହରେ ୨ ରକମର Sensor ରଖାଯାଇଥିଲା । ଗୋଟିଏ ହେଉଛି RBV ଓ ଆରଟି M S S, R B V ମାନେ Retum

Ban Vidicum Camera ଓ MSS ମାନେ Mult-Spectual Scamer ମହାକାଶରେ ଅବସ୍ଥିତ ହେଲପରେ ଅଳ୍ପ ଦିନ ମଧ୍ୟରେ ଏହି RBV କ୍ୟାମରାଟି ଅଚଳ ହୋଇ ଯାଇଥିଲା । ତେଣୁ କେବଳ MSSରୁ ପାଇଥିବା ୪ ବ୍ୟାଣ୍ଡ୍ ବିଶିଷ୍ଟ ଫଟୋ ଆମର ହସ୍ତଗତ ହୋଇଛି । ଏହି ଫଟୋଗୁଡ଼ିକ ଚିରାଚରିତ ବା Conventional Method ରେ ନିଆଯାଇନାହିଁ । ଉପଗ୍ରହଟି ପୃଥିବୀ ପରିକ୍ରମା କରୁଥିବା ବେଳେ ପ୍ରାୟ ଦିନ ୯ ଟା ବେଳେ ଉପଗ୍ରହରେ ଥିବା ଗୋଟିଏ ଦର୍ପଣ ଉପଗ୍ରହର ଗତିପଥର ସମକୋଣ କରି ଅର୍ଦ୍ଧ ବୃତ୍ତାକାରରେ ଘୂରୁଥାଏ । ଏହି ସ୍ଥାନରୁ ଆଲୋକ ପୃଥିବୀ ପୃଷ୍ଠରେ ପ୍ରାୟ ୧୦୦ ବର୍ଗ ମାଇଲ ଅଞ୍ଚଳରେ ପଡ଼ି ଏଥିରୁ ପ୍ରତିଫଳିତ ହୋଇ ଚୁମ୍ବକ ଟେପ୍‌ରେ ଡିଟେକ୍‌ଟର ସାହାଯ୍ୟରେ ବୈଦ୍ୟୁତିକ ସ୍ରୋତର Voltage difference ବା ପ୍ରଭେଦ ଅନୁସାରେ ରେକର୍ଡ଼ିଂ ହୋଇଥାଏ । ପରେ ପୃଥିବୀ ପୃଷ୍ଠରେ ଥିବା ଷ୍ଟେସନ୍‌ରେ ଏହି ସଙ୍କେତଗୁଡ଼ିକ ରେକର୍ଡ଼ିଂ କରି ଏଥିରୁ ଫଟୋ ତିଆରି ହୁଏ । ଏହିସବୁ ଫଟୋ ସାଧାରଣତଃ ବିଭିନ୍ନ ବ୍ୟାଣ୍ଡ୍‌ରେ ହେଉଥିବାରୁ—ବିଭିନ୍ନ ବ୍ୟାଣ୍ଡ୍‌ର ଉପଯୋଗିତା ବିଭିନ୍ନ ହୋଇଥାଏ । ତା'ପରେ ଏହି ବିଭିନ୍ନ ବ୍ୟାଣ୍ଡ୍‌ର ଫଟୋ ଚିତ୍ରକୁ ଦୁଇ ବା ତତୋଧିକ ଏକାଧିକରେ ନେଇକରି ବିଭିନ୍ନ କିସମର ଫଟୋ ତିଆରି କରାଯାଏ ଓ ବିଭିନ୍ନ ବିଶ୍ଳେଷଣ କରିବାରେ ଏହା ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ ଜଳାଶୟ ଓ ଭୂଖଣ୍ଡ ଭିତରେ ବିଭିନ୍ନତା ବା Contrast ଆଣିବାକୁ ଆମ୍ଭେ ଅବଲୋହିତ ଅଞ୍ଚଳର ଫଟୋ ନେଲାବେଳେ ଜଙ୍ଗଲର ଅବସ୍ଥିତି ପାଇଁ ପଞ୍ଚମ ବ୍ୟାଣ୍ଡ୍‌ର ଫଟୋ ନେଇଥାଉ । ବେଳେ ବେଳେ ୨ଟି ବା ତତୋଧିକ ବ୍ୟାଣ୍ଡ୍‌ର ଫଟୋକୁ ଯନ୍ତ୍ର ସାହାଯ୍ୟରେ ଏକତ୍ର କରି ରଙ୍ଗର ବିଭିନ୍ନତା ବା Contrastକୁ ଅଧିକ ସ୍ପଷ୍ଟ କରି ଦିଆଯାଇଥାଏ । ଏହିପରି ଭାବରେ ଭୂ-ଉପଗ୍ରହଗୁଡ଼ିକରୁ ଜମିଜମା ସଂକ୍ରାନ୍ତ ତଥା ଅନ୍ୟାନ୍ୟ ବହୁ ତଥ୍ୟ ଜଣାଯାଏ ।

ଉଦାହରଣ ସ୍ୱରୂପ ଓଡ଼ିଶାର ବାଲିମେଳାଠାରୁ ତାଳଚେର ପର୍ଯ୍ୟନ୍ତ ବୈଦ୍ୟୁତିକ ଲାଇନ ନେବା ପାଇଁ କେଉଁ ପଥରେ ଗଲେ କମ୍ ଜଙ୍ଗଲ ପାହାଡ଼ ବା ନଦୀ ପଡ଼ିବ—ଆମେ ପ୍ରକୃତ ଜମିକୁ ନ ଯାଇ ଗବେଷଣାଗାରରେ ବସି ପ୍ରାଥମିକ ତଦନ୍ତରୁ ମଧ୍ୟ ଏହି ଫଟୋଚିତ୍ରର ଉପାଦେୟତାର ଯଥେଷ୍ଟ ପ୍ରମାଣ ପାଉଛୁ । ଜମି ଓ ମୃତ୍ତିକାର ଅବସ୍ଥିତି ଓ ଜଳସେଚନ ଫଳେ ବହୁବର୍ଷ ପରେ ଜମିରେ ଏହାର ପ୍ରଭାବ, ଜଳସେଚନ ପରେ ଜଳ ପ୍ଲାବନ ବା Water Logging ର ସମ୍ଭାବନା, ମୃତ୍ତିକା କ୍ଷୟର ପରିମାଣ ଓ ନଦୀ ବନ୍ଧ ଯୋଜନାମାନଙ୍କରେ କେଉଁଠି ବେଶୀ କ୍ଷୟ ହୋଇ ପଟୁ ମାଟି ଆସୁଛି—ଏ ସମସ୍ତ ଏହି ଫଟୋ ବିଶ୍ଳେଷଣ କଲେ ଜାଣି ହେଉଛି । ଉପଗ୍ରହ ତଥା ବ୍ୟୋମଯାନ ସାହାଯ୍ୟରେ ଆଲୋକଚିତ୍ର ଗ୍ରହଣ ଓ ଭୂଉକ୍ଷଣାବେକ୍ଷଣରେ ତାର ପ୍ରଭାବ ପ୍ରୟୋଗ ବିଷୟରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଗତ ସେପ୍‌ଟେମ୍ବର ମାସରେ ଟୋକିଓଠାରେ ଏକ ଆଲୋଚନାଚକ୍ରରେ ଓଡ଼ିଶାରେ ହେଉଥିବା କେତୋଟି କାର୍ଯ୍ୟ ଆଲୋଚିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା ।

(ଆକାଶ ବାଣୀ ସୌଜନ୍ୟରୁ)

ମୃତ୍ତିକା ସଂରକ୍ଷଣ ଅଫିସର



# ଡାଲି ଚାଷର ପ୍ରସାର ଓ ଉତ୍ପାଦନ ବୃଦ୍ଧି

ଡଃ ରମେଶ ଚନ୍ଦ୍ର ମିଶ୍ର

ଖାଦ୍ୟ ଗୁଣ ଦୃଷ୍ଟିରୁ ଭାତ, ଡାଲି ବା ରୁଟି, ଡାଲି ପରସ୍ପରର ଅନୁପୂରକ । ସାଧାରଣ ଅର୍ଥରେ ଭାତ ବା ରୁଟି ସହିତ ଡାଲିକୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ରୂପେ ଧରି ନିଆଯାଇଥାଏ । ମନୁଷ୍ୟର ଶାରିରୀକ ଗଠନର ଆବଶ୍ୟକତା ଦୃଷ୍ଟିରୁ ଅନ୍ୟାନ୍ୟ ଖାଦ୍ୟ ସାର ଯଥା:—ଶ୍ୱେତସାର, ସ୍ନେହସାର ଭଳି ପୁଷ୍ଟିସାର ମଧ୍ୟ ଏକ ଅପରିହାର୍ଯ୍ୟ ଖାଦ୍ୟ ସାର । ବୈଜ୍ଞାନିକମାନଙ୍କ ମତରେ ଜଣେ ପ୍ରାପ୍ତବୟସ୍କ ମନୁଷ୍ୟର ଉପଯୁକ୍ତ ଶାରୀରିକ ଓ ମାନସିକ ଅଭିବୃଦ୍ଧି ନିମିତ୍ତ ପ୍ରତିଦିନ ୮୫ ଗ୍ରାମ ପ୍ରୋଟିନ୍ ବା ପୁଷ୍ଟିସାରଯୁକ୍ତ ଖାଦ୍ୟସାର ଦରକାର । ଏହି ପ୍ରକାର ଖାଦ୍ୟ ସାର ଦୁଧ, ଛେନା, ଅଣ୍ଡା, ମାଛ ବା ମାଂସ ଇତ୍ୟାଦିରୁ ମିଳିଥାଏ । କିନ୍ତୁ ଏପରି ଖାଦ୍ୟ ପାଇଁ ଆମ ରାଜ୍ୟର ପ୍ରାୟ ଶତକଡ଼ା ୬୦ ଭାଗରୁ ଅଧିକ ଲୋକଙ୍କର ଆର୍ଥିକ ସ୍ୱଚ୍ଛଳତା ନାହିଁ । ତେଣୁ ସେମାନେ ନିୟମିତ ଖାଦ୍ୟ ସହିତ ଡାଲିକୁ ଅବିଚ୍ଛେଦ୍ୟ ଭାବରେ ଧରିନେଇ ପୁଷ୍ଟିସାରର ଆବଶ୍ୟକତାକୁ ଯଥା ସମ୍ଭବ ପୂରଣ କରି ଥାଆନ୍ତି । ଯଦିଓ ପ୍ରତିଦିନ ଖାଦ୍ୟ ସହିତ ଡାଲିର ବ୍ୟବହାରକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବା ଉପଯୁକ୍ତ ଶାରୀରିକ-ମାନସିକ ଗଠନର ଆବଶ୍ୟକତା ଦୃଷ୍ଟିରୁ ବ୍ୟବହାର କରି ନ ଥାଆନ୍ତି ତଥାପି ଖାଦ୍ୟକୁ ରୁଚିକର କରିବା-ପାଇଁ ପ୍ରାୟ ଆମ ରାଜ୍ୟର ପ୍ରତ୍ୟେକ ଲୋକ ପ୍ରତିଦିନ କିଛି ପରିମାଣର ଡାଲିକୁ ଖାଦ୍ୟ ରୂପେ ଗ୍ରହଣ କରି ଥାଆନ୍ତି । ଅଜ୍ଞାତରେ ଏହା ସେମାନଙ୍କର ପୁଷ୍ଟିସାର ଆବଶ୍ୟକତାକୁ ଯଥେଷ୍ଟ ପରିମାଣରେ ପୂରଣ କରିଥାଏ । କାରଣ ଡାଲିରେ ଶତକଡ଼ା ୨୦ରୁ ୨୫ ଭାଗ ପର୍ଯ୍ୟନ୍ତ ପୁଷ୍ଟିସାରଯୁକ୍ତ ଖାଦ୍ୟସାର ରହିଛି ।

ଆମ ରାଜ୍ୟରେ ଚାଷ କରା ଯାଉଥିବା ଡାଲିଜାତୀୟ ଫସଲମାନଙ୍କ ମଧ୍ୟରୁ ମୁଗ, ବିରି, କୋଳଥ, ହରଡ଼ ଓ ବୁଟ ପ୍ରଧାନ । ମୁଗ ଚାଷରେ ଓଡ଼ିଶା ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ଡାଲି ସାଧାରଣତଃ ତିନିଟି ଋତୁରେ ଚାଷ କରାଯାଇଥାଏ, ଯଥା —ଖରିଫ, ପ୍ରାକ୍-ରବି, ରବି ଓ ପ୍ରାକ୍-ଖରିଫ୍ । ଶତକଡ଼ା ୭୦ ଭାଗ ଚାଷ ପ୍ରାକ୍-ରବି ଓ ରବି ଋତୁରେ ହିଁ ହୋଇଥାଏ । ପ୍ରାକ୍-ଖରିଫ୍ ବ୍ୟତୀତ, ଅନ୍ୟ ସମୟରେ ଏହି ଜାତୀୟ ଫସଲ ମଧ୍ୟ ଚାଷ କରାଯାଇଥାଏ । କମ୍ ଦିନରେ ହେଉଥିବା ଧାନ କାଟି ନେଲାପରେ ନିପାଣିଆ ଜମିରେ ମୁଗ ଓ ବିରି ଇତ୍ୟାଦି ଡାଲି ଜାତୀୟ ଫସଲକୁ କେତେକାଂଶରେ ଚାଷ କରି ବୁଣି ଦିଆଯାଏ ଓ ଆଉ କେତେକାଂଶରେ ଅମୁହାଁ ବୁଣାଯାଏ । ସବୁ ଡାଲି ଜାତୀୟ ଫସଲ ସାଧାରଣତଃ କମ ପାଣି ଦରକାର କରନ୍ତି । ଏପରିକି ଖରିଫ ଫସଲ ପରେ ପରେ ଜମିରେ ସଞ୍ଚିତ ଜଳାଂଶ ମଧ୍ୟ ଫସଲ ପାଇଁ ଯଥେଷ୍ଟ ହୋଇଥାଏ । କିନ୍ତୁ ରାଜ୍ୟର ଡାଲି ଜାତୀୟ ଫସଲରୁ ଯାହା ଅମଳ ମିଳେ ତାହା ଚାହିଦା ଅନୁସାରେ କମ ହୋଇଥିବାରୁ ଆମକୁ ଅନ୍ୟ ରାଜ୍ୟରୁ ଡାଲି ଆମଦାନୀ କରିବାକୁ ପଡ଼ିଥାଏ । ଆମ ରାଜ୍ୟ ଭଳି ଆଉ କେତେକ ରାଜ୍ୟରେ ମଧ୍ୟ ଡାଲିର ଅଭାବ ପରିଲକ୍ଷିତ ହେଉଅଛି । ଏହି ଅଭାବକୁ ମେଣ୍ଟାଇ ସମସ୍ୟାର ସମାଧାନ ନିମିତ୍ତ ଦେଶର ବିଂଶ ସୂତ୍ରୀ କାର୍ଯ୍ୟକ୍ରମରେ ଡାଲି ଚାଷର ବିକାଶକୁ ଅଗ୍ରାଧିକାର ଦିଆ ଯାଇଛି । ଏହି ଅଗ୍ରାଧିକାରକୁ ସଫଳ ରୂପାୟନ କରିବାକୁ ହେଲେ ନିମ୍ନୋକ୍ତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ଉଚିତ ।

## ଉନ୍ନତ କିସମ ବିହନର ବ୍ୟବହାର

ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଉନ୍ନତ କିସମ ବିହନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ପାଇଁ ସ୍ୱୀକୃତ ଉନ୍ନତ ବିହନର ତାଲିକା ନିମ୍ନରେ ପ୍ରଦତ୍ତ ହେଲା । ମୁଗର ଉନ୍ନତ ବିହନ କିସମ ଗୁଡ଼ିକ ହେଲା ପୁଷା-ବୈଶାଖୀ, ଟି–୪୪, ହାଇବ୍ରିଡ୍ ୧୨–୪ ଏବଂ ରତିଲ ସିଲେକସନ୍ ସେଗୁଡ଼ିକ ସାଧାରଣତଃ ୬୫ରୁ ୭୦ ଦିନ ମଧ୍ୟରେ ଅମଳ ହୋଇଥାଏ । ଉନ୍ନତ ବିରି କିସମ ଗୁଡ଼ିକ ମଧ୍ୟରୁ ଟି–୯, ପନ୍ତ–ଉ୩, ଟି–୬୫, ପୁଷା ସିଲେକ୍ସନ–୧ ଉଚ୍ଚ ଅମଳକ୍ଷମ ବିହନ କିସମ ଅମଳ ଦିଅନ୍ତି । ହରଡ଼ର ଅଧିକ ଅମଳକ୍ଷମ ବିହନ କିସମ ଗୁଡ଼ିକ ଏସ୍–୫, ଟି–୨୧ ଏବଂ ଉପାସ–୧୨୦ । ସେହିପରି ବୁଟର ଉନ୍ନତ ବିହନ ଗୁଡ଼ିକ ମଧ୍ୟରୁ ଜେ. ଜି-୬୨, ଏଚ୍-୨୦୮ ଏବଂ ସି–୨୩୫ । ଦେଶୀ ବିହନ ଅପେକ୍ଷା ଅଧିକ ଅମଳ ହେଉଥିବା ମଟର ବିହନ କିସମ ଜେ. ସି -୬୬ ଏବଂ ଟି–୧୬୩ ଆମ ରାଜ୍ୟର ଚାଷୀମାନଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହୋଇ ପାରିଛି । ତେଣୁ ଉନ୍ନତ କିସମର ବିହନ ନେଇ ଠିକ୍ ସମୟରେ ବୁଣି ଉପଯୁକ୍ତ ଚାଷ ପ୍ରଣାଳୀ ଅବଲମ୍ବନ କଲେ ଠିକ୍ ଅମଳ ମିଳିଥାଏ ।

## ବିହନର ପରିମାଣ

ଉନ୍ନତ ବିହନ ବ୍ୟବହାର କଲେ ମଧ୍ୟ ଗଛ ସଂଖ୍ୟା ଠିକ୍ ପରିମାଣରେ ନ ରହିଲେ ଆଶାନୁରୂପ ଅମଳ ମିଳେ ନାହିଁ । ଆବଶ୍ୟକୀୟ ଗଛ ଉପୁଜାଇବାକୁ ହେଲେ ନିୟମିତ ପରିମାଣରେ ବିହନ ବ୍ୟବହାର କରିବା ବିଧେୟ । ଖରିଫ୍ ଋତୁ ମୁଗ ଓ ବିରି ପାଇଁ ହେକ୍ଟର ପିଛା ୨୫ କେଜି, ହରଡ଼ ୨୦ କେଜି ବିହନ ଦରକାର । ହରଡ଼କୁ ପ୍ରାକ୍-ରବି ଋତୁରେ ଚାଷ କଲେ ହେକ୍ଟର ପିଛା ୪୦ରୁ ୪୫ କେଜି ବିହନ ଦରକାର ।

## ସାର ପ୍ରୟୋଗ

ଆଜିର ବୈଜ୍ଞାନିକ ପଦ୍ଧତିରେ ନିର୍ଣ୍ଣୟ କରାଯାଇଥିବା ବିହନ କିସମର ଅମଳ ସାଧାରଣତଃ ରାସାୟନିକ ସାରର ବ୍ୟବହାର ଉପରେ ନିର୍ଭର କରେ । ରାସାୟନିକ ସାରର ପ୍ରୟୋଗ ଦରକାର ଅନୁଯାୟୀ କମ ହେଲେ ଅମଳ ମଧ୍ୟ କମ ହୁଏ । ଡାଲି ଜାତୀୟ ଫସଲର ରାସାୟନିକ ସାର ଆବଶ୍ୟକତା ଅନ୍ୟାନ୍ୟ ଫସଲଠାରୁ ଭିନ୍ନ । ପରୀକ୍ଷାରୁ ଜଣା ଯାଇଛି ଯେ ହେକ୍ଟର ପିଛା ୨୦ କିଲୋଗ୍ରାମ ଯବକ୍ଷାରଜାନ ଏବଂ ୪୦ କିଲୋଗ୍ରାମ ଫସଫରସ ଜାତୀୟ ଖାଦ୍ୟ ସାରର ପ୍ରୟୋଗ ଅଧିକ ଅମଳ ପାଇଁ ଅନୁକୂଳ । ଆମ ରାଜ୍ୟର ମୃତ୍ତିକାରେ ଯେତେ ପରିମାଣରେ ପୋଟାସ୍ ସାର ରହିଛି ତାହା ମୁଗ, ବିରି ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ପାଇଁ ଯଥେଷ୍ଟ । ଏଣୁ ଏହି ଜାତୀୟ ଫସଲରେ ପଟାସ ସାର ସାଧାରଣତଃ ବ୍ୟବହାର କରାଯାଏ ନାହିଁ । ଯବକ୍ଷାରଜାନ ଓ ଫସଫରସକୁ ଏକକ ସାର ଆକାରରେ ବ୍ୟବହାର କରାଯାଇ ପାରିବ କିମ୍ବା ଡାଇ-ଆମୋନିୟମ ଫସଫେଟ୍ ନାମକ ଏକ ପ୍ରକାର ଯୌଗିକ ସାର ଆକାରରେ ବ୍ୟବହାର କରାଯାଇ ପାରିବ । ହେକ୍ଟର ପିଛା ଏକ କ୍ୱିଣ୍ଟାଲ ଡି. ଏ. ପି. ସାର ବ୍ୟବହାର କଲେ ଆବଶ୍ୟକୀୟ ଯବକ୍ଷାରଜାନ ଓ ଫସଫରସ ସାର ଫସଲକୁ ମିଳିଥାଏ । ହରଡ଼ ବ୍ୟତୀତ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ୨।୩ ମାସରେ ଅମଳ ହେଉଥିବାରୁ ଓ ନିପାଣିଆ ଚାଷ କରା-ଯାଉଥିବାରୁ ସାରକୁ ବିହନ ବୁଣିବା ସମୟରେ ଧାଡ଼ିରେ ପ୍ରୟୋଗ କରିବା ବିଧେୟ । ଯେପରି ସାର ବିହନର ୫ -୬ ସେ. ମି. ଗଭୀରରେ ପଡ଼େ. ସାରକୁ ଛଟା ବୁଣା କଲେ ଅମଳ ବୃଦ୍ଧିରେ ବିଶେଷ ସାହାଯ୍ୟ କରେ ନାହିଁ ବରଂ ଅନାବନା ଘାସ ବଢ଼ାଇବାରେ ସାହାଯ୍ୟ କରେ ।

ମୋଟା ମୋଟି ଭାବରେ ଯଦିଓ ୨୦ କେ.ଜି. ଯବକ୍ଷାରଜାନ ଓ ୪୦ କେ.ଜି. ଫସଫରସ ସାର ବ୍ୟବହାର ପାଇଁ ଅନୁମୋଦନ କରାଯାଇଅଛି କିନ୍ତୁ ଉଚିତ ହେବ, ମାଟିର ଖାଦ୍ୟସାର ଅଂଶ ପରୀକ୍ଷା କରି ସାର ପ୍ରୟୋଗ କରିବା । କେତେକ କ୍ଷେତ୍ରରେ ଦେଖାଯାଇଅଛି ଯେ, ହେକ୍ଟର ପିଛା ୧୨ କେ.ଜି. ଯବକ୍ଷାରଜାନ ଓ ୩୦ କେ.ଜି. ଫସଫରସ ସାରରୁ ଉର୍ଦ୍ଧ୍ୱ ବ୍ୟବହାର କଲେ ଅମଳ ସେହି ଅନୁପାତରେ ବୃଦ୍ଧି ପାଏ ନାହିଁ ।

ଡାଲି ଜାତୀୟ ଫସଲରେ ଫସଫରସ ସାରର ଏକ ବିଶେଷ ଭୂମିକା ଅଛି । ମୃତ୍ତିକାରେ ଫସଫରସ ସାର ଆବଶ୍ୟକୀୟ ପରିମାଣରେ ଥିଲେ ଗଛର ଚେରରେ ଓ ମୃତ୍ତିକାରେ ଥିବା ଏକ କିସମର ଜୀବାଣୁ ସକ୍ରିୟ ହୋଇ ଉଠନ୍ତି ଓ ବାୟୁ ମଣ୍ଡଳରୁ ଯଥେଷ୍ଟ ଯବକ୍ଷାରଜାନ ଖାଦ୍ୟ ସାର ସଂଗ୍ରହ କରି ଫସଲକୁ ଯୋଗାଇ ଥାଆନ୍ତି । ଏଣୁ ଡାଲି ଜାତୀୟ ଫସଲରେ ଅଧିକ ଅମଳ ପାଇଁ ଫସଫରସ ସାରର ବ୍ୟବହାର ବିଶେଷ କରି ଆବଶ୍ୟକ ।

ଅମ୍ଳଯୁକ୍ତ ମୃତ୍ତିକାରେ ସୁପରଫସଫେଟ୍ ବା ଡି. ଏ. ପି. ବିଶେଷ ଉପକାର ଆଦାୟରେ ଦିଏ ନାହିଁ । ଏଭଳି ମୃତ୍ତିକାରେ ରକ୍ ଫସଫେଟ୍‌ର ବ୍ୟବହାର ଅମଳ ପାଇଁ ଅନୁକୂଳ । କାରଣ ଅମ୍ଳ ବିଶିଷ୍ଟ ମୃତ୍ତିକାରେ ରକ୍ ଫସଫେଟ୍ ସାର ହିଁ ଦ୍ରବୀଭୂତ ହୁଏ ଯାହା ଫଳରେ ଫସଫରସ୍ ଖାଦ୍ୟସାର ଫସଲକୁ ମିଳେ ।

## ଜୀବାଣୁ କଲଚର ପ୍ରୟୋଗ

ରାସାୟନିକ ସାର ଭଳି ଡାଲି ଜାତୀୟ ଫସଲରେ ଜୀବାଣୁ କଲଚର ବ୍ୟବହାର ଅତ୍ୟନ୍ତ ଫଳପ୍ରଦ । ଜୀବାଣୁ କଲଚର ବ୍ୟବହାର କରିବା ଫଳରେ ଅମଳ ଶତକଡ଼ା ପ୍ରାୟ ୨୦ ଭାଗ ବୃଦ୍ଧି ପାଇଥାଏ ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଏ । ଡାଲି ଜାତୀୟ ଫସଲରେ ରାଇଜୋବିୟମ ନାମକ ଏକ ପ୍ରକାର ଜୀବାଣୁ ଚେର ଗ୍ରନ୍ଥିରେ ରହି ବାୟୁ ମଣ୍ଡଳରୁ ଯବକ୍ଷାରଜାନ ସଂଗ୍ରହ କରି ଗଛକୁ ଯୋଗାଇ ଥାଆନ୍ତି । ପରୀକ୍ଷାରୁ ଜଣାଯାଇଛି ଯେ ଜୀବାଣୁ କଲଚରର ପ୍ରୟୋଗ ଫଳରେ ମାଟିରେ ହେକ୍ଟର ପିଛା ୧୫ -୨୦ କିଲୋଗ୍ରାମ ଯବକ୍ଷାରଜାନ ଖାଦ୍ୟସାର ସଂଗୃହୀତ ହୋଇ ପରବର୍ତ୍ତୀ ଫସଲ ପାଇଁ ସଞ୍ଚିତ ରହେ । ତେଣୁ ଜୀବାଣୁ କଲଚର ବିହନ ବୁଣିବା ପୂର୍ବରୁ ନିୟମାନୁଯାୟୀ ମିଶାଇ ବୁଣିବା ଉଚିତ । ଏହାର ବ୍ୟବହାର ଫଳରେ ଯବକ୍ଷାରଜାନ ଜାତୀୟ ରାସାୟନିକ ସାରର ପ୍ରୟୋଗ ଡାଲି ଜାତୀୟ ଫସଲରେ କମ୍ କରିବାକୁ ପଡ଼ିଥାଏ ।

## ଅନାବନା ଘାସ

ଅନ୍ୟାନ୍ୟ ଫସଲ ଭଳି ଡାଲି ଜାତୀୟ ଫସଲରେ ଅନାବନା ଘାସ ବିଶେଷ କରି ବର୍ଷା ଓ ଗ୍ରୀଷ୍ମ ଋତୁ ଫସଲରେ ବହୁଳ ଭାବେ ଆସେ ଓ ମାଟିରେ ଥିବା ଖାଦ୍ୟସାର ସଂଗ୍ରହ କରି ହୃଷ୍ଟପୁଷ୍ଟ ହୋଇ ବଢ଼ନ୍ତି । ଫଳରେ ଫସଲ ଆବଶ୍ୟକ ଅନୁଯାୟୀ ମାଟିରୁ ଖାଦ୍ୟସାର ପାଇ ପାରେନାହିଁ ଓ ଦୁର୍ବଳ ହୁଏ । ଏହା ବ୍ୟତୀତ ବହୁଳ ଅନାବନା ଘାସ ଅନିଷ୍ଟକାରୀ କୀଟ ଓ ରୋଗର ଗନ୍ତାଘର କହିଲେ ଚଳେ । ଏମାନେ ମୂଳ ଫସଲକୁ ଆକ୍ରମଣ କରି ଅମଳ ହ୍ରାସ କରନ୍ତି । ସର୍ବୋପରି ଅଧିକ ଅନାବନା ଘାସ ମୃତ୍ତିକାରୁ ଜଳୀୟାଂଶ ହ୍ରାସ କରିବାରେ ସାହାଯ୍ୟ କରନ୍ତି । ଏହିସବୁ ଦୃଷ୍ଟି-କୋଣରୁ ଅମଳ ବୃଦ୍ଧି ପାଇଁ ଅନାବନା ଘାସର ନିରାକରଣ ଏକାନ୍ତ ଆବଶ୍ୟକ । ପରୀକ୍ଷାରୁ ଦେଖାଯାଇଛି ଯେ ୭୦।୮୦ ଦିନରେ ଅମଳ ହେଉଥିବା ଡାଲି ଜାତୀୟ

ଫସଲରେ ଗଜା ହେବାର ୧୫।୧୮ ଦିନରେ ଥରେ ଭଲ ଭାବରେ ବଛା ବଛି କରିଦେଲେ ଫସଲ ଅନାବନା ଘାସର କୁପ୍ରଭାବରୁ ରକ୍ଷାପାଏ । ହରଡ଼ ଭଳି ଅଧିକ ଦିନରେ ଅମଳ ହେଉଥିବା ଫସଲରେ ପ୍ରାୟ ଦୁଇଥର ଘାସ ବଛାବଛି ଦରକାର । ଗଜା ହେବାର ୨୫ ଦିନ ପରେ ପ୍ରଥମ ବଛା ଓ ପ୍ରଥମ ବଛା ହେବାର ମାସକ ପରେ ଦ୍ୱିତୀୟ ବଛା ଦରକାର । ରବି ଫସଲ ନିପାଣିଆ ଜମିରେ ଚାଷ ହେଉଥିବାରୁ ଅନାବନା ଘାସ ବିଶେଷ ହୁଏ ନାହିଁ ଓ ଫସଲକୁ କ୍ଷତି କରେ ନାହିଁ । "ବର୍ଷାଦିନିଆ ମୁଗ, ବିରି ଉପରେ ଅନାବନା ଘାସର ପ୍ରଭାବ", ଏହି ପରୀକ୍ଷାରୁ ଦେଖାଯାଇଛି ଯେ ବଛା ବଛି ନକରି ଜମିକୁ ଘାସୁଆ କରି ରଖିଲେ ଅମଳ ଶତକଡ଼ା ୨୫—୩୦ ଭାଗ କମିଯାଏ ।

## ପୋକମରା ଔଷଧର ବ୍ୟବହାର

କେବଳ ଭଲ ବିହନ, ରାସାୟନିକ ସାର ଏବଂ ଜୀବାଣୁ କଲଚର କିମ୍ବା ଅନ୍ୟାନ୍ୟ ନୂତନ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କଲେ ମଧ୍ୟ ଆଶାନୁରୂପ ଅମଳ ମିଳି ନଥାଏ । କାରଣ ଏହି ଡ଼ାଲି ଜାତୀୟ ଫସଲରେ ରୋଗ ପୋକ ଆକ୍ରମଣ ଯୋଗୁଁ ଅମଳ ପ୍ରାୟ ଶତକଡ଼ା ୫୦ ଭାଗ ହ୍ରାସ ପାଇଥାଏ । ଡ଼ାଲି ଜାତୀୟ ଫସଲର ପ୍ରଧାନ ପ୍ରଧାନ ରୋଗ ହେଲା ଟିପ (ସରକୋଷ୍ପରା), ପତ୍ରପୋଡ଼ା (ଲିଫ୍ ବ୍ଲାଇଟ୍), ପାଉଁଶିଆ ଏବଂ ସାହେବୀ (ମୋଜାଇକ୍ ଭାଇରସ୍), ସାହେବୀ ରୋଗ ବ୍ୟତୀତ ଅନ୍ୟାନ୍ୟ ରୋଗର ପ୍ରତିକାର ପାଇଁ ଔଷଧ ନିରୂପଣ କରାଯାଇଅଛି । ଯାହାକି ଆଶାନୁରୂପ ରୋଗକୁ ଦମନ କରିଥାନ୍ତି । ସେହିପରି ଫସଲର ପ୍ରଧାନ ପ୍ରଧାନ ଶତ୍ରୁ ହେଲେ ପତ୍ରକଟା, ଜଉ ଓ ଫଳବିନ୍ଧା । ଏହି କୀଟଗୁଡ଼ିକ ଉଣା ଅଧିକେ ସବୁ ସମୟରେ ଓ ସବୁ ପ୍ରକାର ଡ଼ାଲି ଜାତୀୟ ଫସଲକୁ ଆକ୍ରାନ୍ତ କରି ଥାଆନ୍ତି । ଭଲ ଆଦାୟ ପାଇଁ ପ୍ରତିକାରକ ଔଷଧ ଠିକ୍ ସମୟରେ ଓ ଠିକ୍ ପରିମାଣରେ ପ୍ରୟୋଗ କରି ରୋଗ ଓ କୀଟ ଦମନ କରିବା ଏକାନ୍ତ ବାଞ୍ଛନୀୟ ।

ଡ଼ାଲି ଫସଲର ପ୍ରସାରକୁ ଆଖି ଆଗରେ ରଖି ଚଳିତ ବର୍ଷ ଖରିଫ୍ ଋତୁରେ ମୁଗ ୯୮,୦୦୦, ବିରି ୧,୩୭,୦୦୦, ହରଡ଼ ୧,୦୫,୦୦୦ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଅଛି । ଚାଷୀମାନଙ୍କୁ ଉତ୍ପାଦନ-ଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଉତ୍ସାହିତ କରାଇବା ପାଇଁ ସରକାରଙ୍କ ତରଫରୁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଅଛି । ସେଗୁଡ଼ିକ ହେଲା:—

(୧) ବିହନ, ସାର ଓ ପୋକମରା ଔଷଧକୁ ରିହାତି ଦରରେ ଯୋଗାଇବା ।

(୨) କୃଷି ପ୍ରଦର୍ଶନୀ କ୍ଷେତ୍ର ମାଧ୍ୟମରେ ନୂତନ ନୂତନ ଉତ୍ପାଦନ ଭିତ୍ତିକ କୌଶଳକୁ ଚାଷୀଙ୍କ ନିକଟରେ ଆଦୃତ କରାଇବା ।

(୩) ଚାଷୀଙ୍କ ସୁବିଧା ପାଇଁ କ୍ଷୁଦ୍ର ପ୍ୟାକେଟ୍ ଆକାରରେ ନୂଆ ନୂଆ କିସମର ବିହନକୁ ପ୍ରତି ଗ୍ରାମରେ ବଣ୍ଟନ କରିବା ।

(୪) ଚକଦାରିଆ ସଘନ ଚାଷ ଯୋଜନାକୁ ତ୍ୱରାନ୍ୱିତ କରିବା ।

ଡ଼ାଲି ଫସଲର ଅମଳ ବୃଦ୍ଧିରେ ସାହାଯ୍ୟ କରୁଥିବା ଭିନ୍ନ ଭିନ୍ନ ବିଷୟ ଉପରେ ଯାହା ସବୁ ଆଲୋଚନା କରାଗଲା ସେଗୁଡ଼ିକ ଯଦି ଚାଷୀମାନଙ୍କ ପାଖରେ ଠିକ୍ ସମୟରେ ଓ ଠିକ୍ ଭାବରେ ପହଞ୍ଚି ପାରନ୍ତା ଓ ଚାଷୀମାନେ ଯଦି ସେଗୁଡ଼ିକୁ ନିଷ୍ଠାର ସହିତ କାର୍ଯ୍ୟରେ ଲଗାନ୍ତେ, ଡ଼ାଲି ଫସଲର ଅମଳ ନିଶ୍ଚିତ ଭାବେ ବୃଦ୍ଧି ପାଆନ୍ତା ।

---

କୃଷି ଉପନିର୍ଦ୍ଦେଶକ,
ଭୁବନେଶ୍ୱର ।

—ଯେଉଁ ବୃତ୍ତିଗତ ବ୍ୟବଧାନ ଗ୍ରାମ ଓ ସହରକୁ ପୃଥକ କରୁଚି, ତାହା ହେଉଚି କୃଷି । ଗ୍ରାମରେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କର ସଂଖ୍ୟା ବେଶୀ । ସହରରେ ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ଅନ୍ୟାନ୍ୟ ବୃତ୍ତିଗି ଚାକିରି ଉପରେ ନିର୍ଭର କରୁଥିବା ଲୋକଙ୍କର ସଂଖ୍ୟା ବେଶୀ । ତେଣୁ କୃଷିର ଉନ୍ନତି ହେଉଚି ଗ୍ରାମ୍ୟ ଅର୍ଥନୀତି ପରିବର୍ତ୍ତନର ପ୍ରଥମ ସୂତ୍ର ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ମେଲେରିଆର ମହୌଷଧ

ଡାକ୍ତର ବାଙ୍କଟେଶ୍ୱର ତ୍ରିପାଠୀ

ଆୟୁର୍ବେଦୀୟ ଚିକିତ୍ସାପଦ୍ଧତି ସୃଷ୍ଟିର ପ୍ରାକ୍‌କାଳରୁ ଭାରତବର୍ଷରେ ଚଳି ଆସୁଛି । ଏହି ଚିକିତ୍ସା ପଦ୍ଧତି ଦ୍ୱାରା ସେହି କାଳରୁ ବିଷମଜ୍ୱର (Malaria)ର ବିଭିନ୍ନ ପ୍ରକାର ଲକ୍ଷଣକୁ ଯଥାର୍ଥ ଭାବେ ବିବେଚନା କରି, ଚିକିତ୍ସକମାନେ ଅଦ୍ୟାବଧି ଫଳପ୍ରଦ ଚିକିତ୍ସା କରି ଆସୁଛନ୍ତି । ଏହି ପ୍ରକାର ଜ୍ୱରକୁ ଶାସ୍ତ୍ରମତେ ୫ ଭାଗରେ ବିଭକ୍ତ କରାଯାଇଛି ।

(୧) ସନ୍ତତ :–ରସକୁ ଆଶ୍ରିତ କରି ଏହି ଜ୍ୱର ହୋଇଥାଏ । ଏହି ଜ୍ୱରରେ ଉତ୍ତାପ ସାଧାରଣତଃ ରହିଥାଏ ସାତ ଦିନ, ଦଶ ଦିନ, ଅଥବା ବାର ଦିନ ପର୍ଯ୍ୟନ୍ତ ।

(୨) ସତତ :–ରକ୍ତ ଧାତୁ ଆଶ୍ରିତ କରି ଉକ୍ତ ଜ୍ୱର ହୋଇଥାଏ । ଏହି ଜ୍ୱର ଦିନକୁ ଦୁଇଥର ଆସେ । ଥରେ ରାତିରେ ଏବଂ ଥରେ ଦିନରେ ଅଥବା ଦିନରେ ଦୁଇଥର ।

(୩) ଅନ୍ୟେଦ୍ୟୁଷ୍କ :–ମାଂସକୁ ଆଶ୍ରିତ କରି ଉକ୍ତ ଜ୍ୱର ହୋଇଥାଏ । ଏହି ଜ୍ୱର ଦିନ ଓ ରାତିରେ ମାତ୍ର ଥରେ ଆସେ ।

(୪) ତୃତୀୟକ :–ମେଦାଶ୍ରୟରେ ହୋଇଥାଏ । ତିନି ଦିନରେ ଥରେ ଜ୍ୱର ହୁଏ । ଅର୍ଥାତ୍ ଦିନେ ଛାଡ଼ି ଦିନେ ଆସେ ।

(୫) ଚତୁର୍ଥକ :–ଅସ୍ଥି, ମଜ୍ଜାଗତ ହେଲେ ସେହିପରି ମଝିରେ ଦୁଇ ଦିନ ଛାଡ଼ି ଉକ୍ତ ଜ୍ୱର ଆସିଥାଏ ।

ମାତ୍ର ଆଧୁନିକ ଚିକିତ୍ସା ବିଜ୍ଞାନର ମତାନୁସାରେ ଏହି ବିଷମ ଜ୍ୱର ( Malaria ) ପ୍ଲାଜ୍ମୋଡିୟମ୍ ଗୋଷ୍ଠୀର ଚାରି ପ୍ରକାର ରୋଗ ବାହକ ଜୀବାଣୁ ଦ୍ୱାରା ମୁଖ୍ୟତଃ ତିନି ପ୍ରକାର ଜ୍ୱର ହୁଏ ବୋଲି ବର୍ଣ୍ଣନା କରା ହୋଇଛି । ଏକ ପକ୍ଷରେ ଏନୋଫେଲିସ୍ ନାମକ ମଶା ଓ ଅନ୍ୟ ପକ୍ଷରେ ମନୁଷ୍ୟ ଜରିଆରେ ଉକ୍ତ ଜୀବାଣୁମାନେ ରକ୍ତରେ ପ୍ରବେଶ କରି ଏହି ମାରାତ୍ମକ ବ୍ୟାଧିକୁ ସୃଷ୍ଟି କରିଥାନ୍ତି । ଅଦ୍ୟାବଧି ଏହି ରୋଗର ଚିକିତ୍ସା କୁଇନାଇନ୍ ନାମକ ଏକ ଔଷଧ ଦ୍ୱାରା କରାଯାଉଛି । ଏହାର ନିରାକରଣ ପାଇଁ ବିଭିନ୍ନ ପ୍ରକାର ଆନୁଷାଙ୍ଗିକ ପ୍ରତିଷେଧକ ବ୍ୟାବସ୍ଥାମାନ ମଧ୍ୟ ଗ୍ରହଣ କରାଯାଉଛି । ଏହି ଉଦ୍ଦେଶ୍ୟରେ ଏଲୋପାଥିକ୍ ବିଭାଗ ଦ୍ୱାରା "ଜାତୀୟ ମେଲେରିଆ ନିରାକରଣ ଯୋଜନା "କାର୍ଯ୍ୟକାରୀ ହେଉଛି ।

କିନ୍ତୁ ପୂର୍ବ ବର୍ଣ୍ଣିତ ଆୟୁର୍ବେଦିକ ଶାସ୍ତ୍ର ମତେ ପାଞ୍ଚ ପ୍ରକାରର ଜ୍ୱର ଉପରୋକ୍ତ ଜୀବାଣୁ ଦ୍ୱାରା ହେଉଥିବା ତିନି ପ୍ରକାର ଜ୍ୱର ସହିତ ସମାନ ବୋଲି ପରିଲକ୍ଷିତ ହୁଏ ।

ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହି ରୋଗ ପାଇଁ ପୂର୍ବ ପ୍ରଚଳିତ ଚିକିତ୍ସା ପ୍ରଣାଳୀରେ ପରିବର୍ତ୍ତନ ଅଣାଯାଇ ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଔଷଧ ଉଦ୍‌ଭାବନ କରାଯାଇଛି । ବିଷମ ଜ୍ୱର ( Malaria ) ଯେଉଁ ପ୍ରକାର Plasmodium ଗୋଷ୍ଠୀର Parasite ମାନଙ୍କ ଦ୍ୱାରା ହେଉନା କାହିଁକି, ତାହା କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା ଅନାୟାସରେ ଆୟତ୍ତ କରାଯାଇ ପାରିବ—ଏହା ପ୍ରମାଣ କରିବା ପାଇଁ ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିରେ ପରୀକ୍ଷାମୂଳକ ଭାବେ ଏକ ନୂତନ ପଦକ୍ଷେପ ନିଆଯାଇଛି । ନିକଟରେ କେନ୍ଦ୍ରୀୟ ଗବେଷଣା ପରିଷଦ, ଆୟୁର୍ବେଦ ଓ ସିଦ୍ଧ, ନୂଆଦିଲ୍ଲୀ "ଆୟୁଷ -୬୪" ନାମକ ଏକ ଔଷଧ ଉଦ୍‌ଭାବନ କରିଛନ୍ତି । ଏହି ଔଷଧ ଦ୍ୱାରା ସମସ୍ତ ପ୍ରକାର ବିଷମ ଜ୍ୱର ( Malaria ) କୁ ସହଜରେ ଆରୋଗ୍ୟ କରିହେବ । ଏହାର ସଫଳତା ନିମନ୍ତେ ଦେଶର ବିଭିନ୍ନ ରାଜ୍ୟର ଆୟୁର୍ବେଦୀୟ ଅନୁଷ୍ଠାନମାନେ ଏକ ନିର୍ଦ୍ଦିଷ୍ଟ ଯୋଜନା ଜରିଆରେ ଉକ୍ତ କାର୍ଯ୍ୟକ୍ରମକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମର ଓଡ଼ିଶା ସରକାର ଭାରତୀୟ ଭେଷଜ ଓ ହୋମିଓପ୍ୟାଥିକ୍ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ମେଲେରିଆ ସ୍କିମ୍ ନାମରେ ଉକ୍ତ କାର୍ଯ୍ୟକ୍ରମକୁ ଗତ ୧୯୭୯-୮୦ ଆର୍ଥିକ ବର୍ଷଠାରୁ ଆରମ୍ଭ

କରିଛନ୍ତି । ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ନଅ ଗୋଟି ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ସମେତ ଭୁବନେଶ୍ୱରରେ ଥିବା ସରକାରୀ ଆୟୁର୍ବେଦିକ୍ ହସ୍‌ପିଟାଲରେ କାର୍ଯ୍ୟକାରୀ ହୋଇ ଆସୁଅଛି ।

ଯେଉଁ ଜ୍ୱର ରୋଗୀମାନେ ଉପରୋକ୍ତ ଚିକିତ୍ସାଳୟମାନଙ୍କୁ ଆସନ୍ତି ସଂପୃକ୍ତ ଚିକିତ୍ସକମାନେ ରୋଗୀମାନଙ୍କର ରକ୍ତ ( Blood Smear ) ପରୀକ୍ଷା ପାଇଁ ରଖି ସେମାନଙ୍କୁ "ଆୟୁଷ-୬୪" ବଟିକା ଦିଅନ୍ତି । ଉକ୍ତ 'ରକ୍ତ' ସର୍ଭେଲସିସ୍ ଓ୍ୱାର୍କରଙ୍କ ଦ୍ୱାରା ପ୍ରତ୍ୟେକ ଚିକିତ୍ସାଳୟରୁ ଭୁବନେଶ୍ୱରସ୍ଥ Unit ଅଫିସକୁ ପରୀକ୍ଷା ପାଇଁ ଆସେ ଓ ପରୀକ୍ଷା ପରେ ବିଷମ ଜ୍ୱର (ମେଲେରିଆ) ରୋଗୀମାନଙ୍କୁ ଚିହ୍ନଟ କରାଯାଇଥାଏ । ତତ୍ ସଙ୍ଗେ ସଙ୍ଗେ Unit ମେଡ଼ିକାଲ ଅଫିସର ତଥା ସଂପୃକ୍ତ ଚିକିତ୍ସାଳୟର ମେଡିକାଲ୍ ଅଫିସରଙ୍କ ମିଳିତ ସହଯୋଗରେ ଚିହ୍ନଟ କରାଯାଇଥିବା ମେଲେରିଆ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ପରବର୍ତ୍ତୀ ଚିକିତ୍ସା ତଥା ରକ୍ତ ପରୀକ୍ଷା କରାଯାଇ ଥାଏ । ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହେବାର ଏକ ମାସ ବ୍ୟବଧାନରେ ପୁନଶ୍ଚ ରକ୍ତ ( Blood Smear) ପରୀକ୍ଷା ପାଇଁ ପରୀକ୍ଷାଗାରକୁ ଆସେ । ଏହିପରି ପୂର୍ଣ୍ଣ ଚିକିତ୍ସା ଦୁଇଟି ପର୍ଯ୍ୟାୟରେ କରାଯାଇଥାଏ । ଏହି ଚିକିତ୍ସା ପରେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇଥାଏ ।

ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟକ୍ରମ ଜରିଆରେ ୧୯୮୧ ମସିହା ସୁଦ୍ଧା ୨,୦୮୫ ଜଣ ଜ୍ୱର ରୋଗୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ୪୯ ଜଣ ରୋଗୀଙ୍କଠାରେ ମେଲେରିଆ ପାରାସାଇଟ୍ ଥିବାର ନିରୂପଣ କରାଯାଇଛି ଏବଂ ଏମାନେ ସମସ୍ତେ ଏହି "ଆୟୁଷ-୬୪" ବଟିକା ସେବନ କରିବା ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ଆରୋଗ୍ୟ ଲାଭ କରିଛନ୍ତି । ଉକ୍ତ ରୋଗୀମାନଙ୍କଠାରେ ଏହି ଔଷଧ ପ୍ରତିକ୍ରିୟା ତଥା ଅନ୍ୟାନ୍ୟ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହେଉନାହିଁ । ଅଧିକନ୍ତୁ ମେଲେରିଆ ପାରାସାଇଟ୍ ନ ଥିବା ରୋଗୀମାନେ ଏହି ରୋଗର ଆଂଶିକ ଲକ୍ଷଣ ସହିତ ଜ୍ୱର ଭୋଗୁଥିଲେ ମଧ୍ୟ ଏହି "ଆୟୁଷ-୬୪" ( Ayush-64 ) ଔଷଧ ସେବନ କରି ଖୁବ୍ କମ୍ ସମୟରେ ଆରୋଗ୍ୟ ହୋଇଛନ୍ତି । ସେହିପରି ଯେଉଁମାନେ Malaria Paresite ଥାଇ ଜ୍ୱର ଭୋଗୁଥିଲେ, ସେମାନେ ଜ୍ୱରରୁ କେବଳ ଆରୋଗ୍ୟ ହୋଇନାହାନ୍ତି ବରଂ ପୂର୍ଣ୍ଣ ଚିକିତ୍ସା Radical treatment ପରେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ରକ୍ତରେ ମାଲେରିଆ ପାରାସାଇଟ୍ ବାହାରି ନାହିଁ କିମ୍ବା ଜ୍ୱର ଲେଉଟି ନାହିଁ ।

ପରିଶେଷରେ, ନିମ୍ନ ପ୍ରଦତ୍ତ ପରୀକ୍ଷାର ଫଳାଫଳରୁ ହୃଦ୍‌ବୋଧ ହେଉଛି ଯେ, ( Ayush-64 ) "ଆୟୁଷ-୬୪" ବଟିକା ବିଷମ ଜ୍ୱର ବା ମେଲେରିଆ ବ୍ୟାଧିରୁ ମୁକ୍ତ ହେବା ନିମନ୍ତେ ଅଧିକ ନିରାପଦ, ଆଶୁ ଫଳପ୍ରଦ ଓ କୌଣସି ପ୍ରକାର ପ୍ରତିକ୍ରିୟା ନ ଥିବା ଏକ ଆମୋଘ ଔଷଧ । କେନ୍ଦ୍ରୀୟ ଗବେଷଣା ପରିଷଦ, ଆୟୁର୍ବେଦ ଓ ସିଦ୍ଧ, ନୂଆଦିଲ୍ଲୀଙ୍କ ଉଦ୍ଭାବିତ ଏହି "ଆୟୁଷ-୬୪" ମେଲେରିଆ ରୋଗୀ ପାଇଁ ଅବ୍ୟର୍ଥ ମହୌଷଧ ।

## ଆୟୁର୍ବେଦୀୟ ପଦ୍ଧତିରେ ଚିକିତ୍ସିତ ବିଷମଜ୍ୱର (ମ୍ୟାଲେରିଆ) ରୋଗୀଙ୍କ ସଂଖ୍ୟା ଓ ଫଳାଫଳ

| କ୍ରମିକ ସଂଖ୍ୟା | ଚିକିତ୍ସାଳୟମାନଙ୍କ ନାମ | ପରୀକ୍ଷିତ ମୋଟ ରକ୍ତ କାଚ (ବ୍ଲଡ୍-ସ୍ଲାଇଡ୍) ସଂଖ୍ୟା | ପଜେଟିଭ୍ ସଂଖ୍ୟା(+) | ପୂର୍ଣ୍ଣ ଚିକିତ୍ସା ପାଇଥିବା ରୋଗୀଙ୍କ ସଂଖ୍ୟା | ମନ୍ତବ୍ୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ନାଚୁଣୀ .. | ୫୫୮ | ୧୧ | ୧୧ | ସମସ୍ତ ରୋଗୀ ଆରୋଗ୍ୟ ହୋଇଛନ୍ତି । ୫ ଜଣ ରୋଗୀ ଚିକିତ୍ସା ସମୟରେ ଅନୁପସ୍ଥିତ ଥିବାରୁ ପୂର୍ଣ୍ଣ ଚିକିତ୍ସା ପାଇ ପାରି ନାହାନ୍ତି । |
| ୨ | ଚଣ୍ଡେଶ୍ୱର .. | ୪୧୪ | ୧୨ | ୯ | |
| ୩ | ଭୁଷଣ୍ଡପୁର .. | ୧୪୮ | ୨ | ୨ | |
| ୪ | ତପୋବନ .. | ୫୯ | ୧ | ୧ | |

| ୧ | ୨ | | ୩ | ୪ | ୫ | ୬ |
|---|---|---|---|---|---|---|
| ୫ | ବାଲୁଗାଁ | .. | ୮୪ | ୨ | ୨ | |
| ୬ | କୁଣେଇଁ | .. | ୧୧୭ | ୧ | ୧ | |
| ୭ | ଭୂଆଁ | .. | ୧୯୬ | ୩ | ୩ | |
| ୮ | ସାମନ୍ତରାପୁର | .. | ୬୧ | .. | .. | |
| ୯ | ବିଶୁନିଆପଡ଼ା | .. | ୮୭ | ୨ | ୨ | |
| ୧୦ | ସରକାରୀ ଆୟୁର୍ବେଦ ହସ୍‌ପିଟାଲ, ଭୁବନେଶ୍ୱର | | ୧୮୧ | ୬ | ୬ | |
| ୧୧ | ମ୍ୟାଲେରିଆ ମେଡ଼ିକାଲ ଅଫିସ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର । | | ୧୮୦ | ୯ | ୭ | |
| | ମୋଟ | .. | ୨,୦୮୫ | ୪୯ | ୪୪ | |

ମ୍ୟାଲେରିଆ ସିମ (ଆଇ: ଏସ୍: ଏମ୍:), ଭୁବନେଶ୍ୱର ।

—ବିନା ଭୂସଂସାରରେ କୃଷିର ଉନ୍ନତି ହେଲେ ତାହା ଏକପାଖିଆ ହୋଇଯିବ । ଗୋଟିଏ ପାଖରେ ବଡ଼ବଡ଼ ଭୂମ୍ୟଧିକାରୀ, ଯେଉଁମାନେ ଯୋଜନାର ବିଭିନ୍ନ ପ୍ରକାର ସୁବିଧାନେଇ ସମୃଦ୍ଧି ଶାଳୀ ହେବେ—ଅନ୍ୟପକ୍ଷରେ ଛୋଟ ଚାଷୀ ଭୂମିହୀନ ବା ଦରିଦ୍ର ଚାଷୀହୋଇ ରହିବେ ଓ ଗୁଡ଼ିଏ କୃଷି ଶ୍ରମିକ ଦରିଦ୍ର ହୋଇ ରହିଥିବେ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ନିଖିଳ ଭାରତ ମୁଖ୍ୟ ଫାକଟରୀ ପରିଦର୍ଶକ ସମ୍ମିଳନୀରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ



ରାଜ୍ୟ ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ନଗର ଓ ଗ୍ରାମାଞ୍ଚଳ ଜଳ ଯୋଗାଣ ପରିକଳ୍ପନାର ସମୀକ୍ଷା
କରୁଛନ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ



ଆଚାର୍ଯ୍ୟ ବିନୋବା ଭାବେଙ୍କ ମହାପ୍ରୟାଣ
ଅନୁଷ୍ଠିତ ଶୋକ ସଭାରେ ମାନ୍ୟ

ସୁଲଭ ମୂଲ୍ୟ ଦୋକାନ ଉଦ୍‌ଘାଟନ କରୁଛନ୍ତି, କୃଷିମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର





ଣାର୍କ ଟେଲିଭିଜନ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ କଲର
ଟେଲିଭିଜନ୍‌ର ଉତ୍ପାଦନ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



କ ବାଣିଜ୍ୟ ମେଳାରେ "ଓଡ଼ିଶା ମଣ୍ଡପ"





ଗଣକବି ବୈଷ୍ଣବ ପାଣି ଜନ୍ମ ଶତବାର୍ଷିକୀ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ହାବିଲ୍‌ଦାର, କନ୍‌ଷ୍ଟେବଲ ଓ ସିପାହୀ ମହାସଂଘରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍‌ବୋଧନ



ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ
ବଲ୍ଲଭ ପଟ୍ଟନାୟକ




ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ଭୁବନେଶ୍ୱରସ୍ଥିତ ହୋଟେଲ କଳିଙ୍ଗ-
ଅଶୋକାର ନୂତନ ଶାଖାର ଭିତ୍ତି ପ୍ରସ୍ତର ସ୍ଥାପନ



...ନୟନ କର୍ପୋରେସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ
ପାଣ୍ଠିକୁ ଟ୧,୧୨,୧୨୪'୪୯ ପଇସାର ଏକ
ଦାନ ।



ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ବିଧାନସଭା
ସଦସ୍ୟ ଶ୍ରୀ ଜଗବନ୍ଧୁ ଦାଶ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ
ବଲ୍ଲଭ ପଟ୍ଟନାୟକଙ୍କୁ ଏକ ଲକ୍ଷ
ଟଙ୍କାର ଚେକ୍ ଦେଉଛନ୍ତି ।




ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନସୂଚକ "ଶାଲ" ଉପହାର



# ସ୍ୱାସ୍ଥ୍ୟ ବିଜ୍ଞାନରେ ଯୋଗ

ଶ୍ରୀ ରମାକାନ୍ତ କର

ସ୍ୱାସ୍ଥ୍ୟବିଜ୍ଞାନ ହେଉଛି ସ୍ୱାସ୍ଥ୍ୟର ନିୟମ ତଥା ରୋଗ ନିରାକରଣ କରିବାର ଉନ୍ନତ ବିଧାନ । ଏହା ମାନବର ସ୍ୱାସ୍ଥ୍ୟରକ୍ଷଣ ପାଇଁ ଦିଗ ପ୍ରଦର୍ଶକ । ଆଦି ପୁରୁଷ ଓ ଆଦି ଶକ୍ତିଙ୍କର ଉଦ୍ୟମରୁହିଁ ଶରୀରର ସୃଷ୍ଟି । ଏଣୁ ଏହା ନିଶ୍ଚିତ ପ୍ରାକୃତିକ, ଆଧ୍ୟାତ୍ମିକ ତଥା ଦାର୍ଶନିକ ଦୃଷ୍ଟିରୁ ବିଚାର କଲେ ଈଶ୍ୱରଙ୍କଦ୍ୱାରା ନିର୍ମିତ ଜୀବନ୍ତ-ମୂର୍ତ୍ତିର ସର୍ବାଙ୍ଗୀନ ଉନ୍ନତି ସାଧନ ହିଁ ସ୍ୱାସ୍ଥ୍ୟ । ଶରୀର ଏକ ପ୍ରାକୃତିକ ବସ୍ତୁ ଓ ଅତି ପ୍ରାକୃତିକ ଶକ୍ତିଦ୍ୱାରାହିଁ ଏହି ଅଚେତନ ବସ୍ତୁ ଚେତନଶକ୍ତି ପାଇ ଉଜ୍ଜୀବିତ ପ୍ରାକୃତିକ ଉପାୟରେ ହିଁ ସ୍ୱାସ୍ଥ୍ୟ ରକ୍ଷା ସହଜସାଧ୍ୟ ।

ସର୍ବଶ୍ରେଷ୍ଠ କଳାକାର ଈଶ୍ୱର କଂପାନୀ ରେଡ଼ିଓ ଭଳି ମାନବ ଶରୀରକୁ ଗଢ଼ି ତାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ-ଗୁଡ଼ିକ କାର୍ଯ୍ୟ କରିବା ଅବସ୍ଥାରେ ମର୍ତ୍ତ୍ୟକୁ ପ୍ରେରଣ କରୁ-ଛନ୍ତି ଏବଂ ମେକାନିକ୍ ଭଳି ବୈଜ୍ଞାନିକ ତଥା ଚିକିତ୍ସକମାନେ ସେହି ରେଡ଼ିଓର ଅଂଶଗୁଡ଼ିକର ପରୀକ୍ଷା ନିରୀକ୍ଷା ଅର୍ଥାତ୍ ରେଡ଼ିଓ ଭଳି ଶରୀରର ଅଙ୍ଗପ୍ରତ୍ୟଙ୍ଗ-ଗୁଡ଼ିକର ପ୍ରାକୃତିକ ଅଙ୍ଗ ବଦଳରେ କୃତ୍ରିମ ଅଙ୍ଗର ସଂଯୋଗାଦି କରିବାରେ ବ୍ୟସ୍ତ ରହିଛନ୍ତି । ଅବଶ୍ୟ ଏଥିରେ ଚିକିତ୍ସକମାନଙ୍କର ବାହାଦୁରୀ ନିଶ୍ଚିତଭାବରେ ଅଛି । କିନ୍ତୁ ସେମାନେ ଯେତେ ଉଦ୍ୟୋଗ କଲେ ମଧ୍ୟ ଶରୀରସ୍ରଷ୍ଟା ସାକ୍ଷାତ୍ ଈଶ୍ୱରଙ୍କ ସହିତ ତୁଲ୍ୟ ହୋଇ ପାରିବେ ନାହିଁ । ପ୍ରାକୃତିକ ଉପାୟରେ ସ୍ୱାସ୍ଥ୍ୟକୁ ରକ୍ଷଣ ନ କରି ଅପ୍ରାକୃତିକ ଉପାୟ ତଥା ଅସ୍ତ୍ରୋପଚାର ଦ୍ୱାରା କୃତ୍ରିମ ଅଙ୍ଗ ସଂଯୋଗାଦି କରିବା ଦ୍ୱାରା ମାନବ ହୁଏତ ଆରୋଗ୍ୟ ଲାଭ କରି କିଛି ଦିନ ପାଇଁ କ୍ଷଣସ୍ଥାୟୀ ଭାବରେ ପୂର୍ବାବସ୍ଥାକୁ ଫେରି ପାଉଛି, ନଚେତ୍ ମୃତ୍ୟୁ-ବରଣ କରୁଛି । ଅପ୍ରାକୃତିକ ଉପାୟ ସବୁବେଳ ପାଇଁ ନିରାପଦ କିମ୍ବା ସ୍ଥାୟୀ ନୁହେଁ । ଏହା ନିତ୍ୟ ନୁହେଁ ଅନିତ୍ୟ ।

ବର୍ତ୍ତମାନ ସମାଜରେ ମାନବ ଶରୀରକୁ ରୋଗ-ପ୍ରବେଶ ନ କରିବା ପାଇଁ ବିହିତ ପ୍ରତିଷେଧକ ବ୍ୟବସ୍ଥା ଅପେକ୍ଷା ବହୁଳ ପରିମାଣରେ ରୋଗକୁ ନିମନ୍ତ୍ରଣ କରି ରୋଗ ନିରାକରଣ ପାଇଁ ଔଷଧ ବ୍ୟବହାର ପରିଦୃଷ୍ଟ ହୁଏ । କିନ୍ତୁ ବୈଦିକ ଯୁଗରେ କିମ୍ବା ପୁରାତନ କାଳରେ ସାଧାରଣ ସମାଜରେ ସ୍ୱାସ୍ଥ୍ୟବୋଧ ପ୍ରାୟ ସମସ୍ତଙ୍କର ଥିଲା । ସେମାନେ ଶରୀରରେ ରୋଗ ପ୍ରବେଶ ନ କରିବା ପାଇଁ ବହୁଳ ପରିମାଣରେ ପ୍ରତିରୋଧକ ବ୍ୟବସ୍ଥା ଅବଲମ୍ବନ କରୁଥିଲେ ଓ ଔଷଧାଦିର ବ୍ୟବହାର ଅତି ଆବଶ୍ୟକ ହେଲେ କରୁଥିଲେ । ସେମାନେ ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ବ୍ୟବସ୍ଥା କରୁଥିଲେ କିନ୍ତୁ ସାଧାରଣ ରୋଗରେ ଅଧୈର୍ଯ୍ୟ ହୋଇ ଡାକ୍ତର ଖାନାରେ ଧାଡ଼ି ହୋଇ ଛିଡ଼ା ହେବା କିମ୍ବା ଏଣ୍ଟିବୋୟୋଟିକ ଗୁଡ଼ିଏ ଔଷଧ ବ୍ୟବହାର କରି ସୁସ୍ଥଶରୀରକୁ ବିଶାକ୍ତ କରୁ ନ ଥିଲେ ।

ସ୍ୱାସ୍ଥ୍ୟ ହିଁ ଶରୀରର ରକ୍ଷକ । ଏହି ଶରୀରର ସ୍ୱାସ୍ଥ୍ୟକୁ ରକ୍ଷା କରିବା ପାଇଁ ତା'ର ସୃଷ୍ଟିଅଛେ ବାହ୍ୟ ଓ ଅନ୍ତରରେ

ପ୍ରକୃତି ଋଷି ଦେଇଛି ସକଳ ବ୍ୟବସ୍ଥା । ପ୍ରାଚୀନ ଭାରତୀୟ ପରମ୍ପରା ଓ ଶାସ୍ତ୍ରାନୁସାରେ ବୈଦିକ ଯୁଗରୁ ଚିକିତ୍ସକ ଓ ଯୋଗୀ ଋଷିମାନେ ଯଥା ବ୍ରହ୍ମା, ଇନ୍ଦ୍ର, ଦକ୍ଷ-ପ୍ରଜାପତି, ଅଶ୍ୱିନୀ-କୁମାର, ଅଗ୍ନିବେଶ, କପିଳ, ପାତଞ୍ଜଳି ଚରକ ଶୁଶ୍ରୁତ, ଚକ୍ରଦତ୍ତ, ବାଗ୍‌ଭଟ୍ଟ ଓ ବଙ୍ଗସେନାଦି ଆୟୁର୍ବେଦ ତଥା ଯୌଗିକ ଚିକିତ୍ସକଗଣ ଭାରତୀୟ ପୁରାତନ ଯୋଗତନ୍ତ୍ରାଦିର ଅବଲମ୍ବନରେ ସିଦ୍ଧାନ୍ତରେ ଉପନୀତ ହୋଇ ନାନା ଚିକିତ୍ସା ସମ୍ବନ୍ଧୀୟ ସୂତ୍ର ପ୍ରଣୟନ କରି ଯାଇଛନ୍ତି । ଏହି ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ଓ ଯୌଗିକ ସୂତ୍ର ଉଦ୍ଭାବନ କ୍ଷେତ୍ରରେ କପିଳ ଓ ତାଙ୍କର ଶିଷ୍ୟ ପାତଞ୍ଜଳିଙ୍କ ଦାନ ଅତୁଳନୀୟ । ଏମାନଙ୍କର ଯୋଗସୂତ୍ର ଅଦ୍ୟାବଧି ମାନବର ସ୍ୱାସ୍ଥ୍ୟରକ୍ଷା ଦିଗରେ ସହାୟକ । ଆଜିକାଲି ସମାଜରେ ମଧ୍ୟ ନିମ୍ନସ୍ତର ବ୍ୟକ୍ତି-ଠାରୁ ଆରମ୍ଭ କରି ଉଚ୍ଚସ୍ତର ପର୍ଯ୍ୟନ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ଦିଗରେ ସହାୟକ ଭାବରେ ଯୋଗ ହିଁ ନିୟୋଜିତ ହୋଇ-ପାରିବ । ଏଥିପାଇଁ ଗରିବ ଧନୀର ବିଚାର ନାହିଁ । ଅର୍ଥର ବିଶେଷ ଆବଶ୍ୟକତା ନାହିଁ । ବରଂ ଆୟୁର୍ବେଦ, ହୋମିଓପାଥି କିମ୍ବା ଡାକ୍ତରୀଚିକିତ୍ସାରେ ଅର୍ଥର ଆବଶ୍ୟକତା ରହିଛି । ଏଣୁ ଯୌଗିକ ଚିକିତ୍ସା ହିଁ ସ୍ୱାସ୍ଥ୍ୟରକ୍ଷାର ପ୍ରଧାନ ଉପାଦାନ ।



ସ୍ୱାସ୍ଥ୍ୟହିଁ ସମ୍ପଦ । ଶାସ୍ତ୍ରରେ ଅଛି—"ଶରୀର ମାଦ୍ୟ ଖଳୁ ଧର୍ମ ସାଧନମ୍" ଅର୍ଥାତ୍ ମନୁଷ୍ୟର କର୍ମମୟ ଜୀବନରେ ଓ କର୍ମସାଧନ କ୍ଷେତ୍ରରେ ସାଧାରଣ ଶାରୀରିକ ସ୍ୱାସ୍ଥ୍ୟ ହିଁ ପ୍ରଥମ ଓ ପ୍ରଧାନ ଉପାଦାନ । ସ୍ୱାସ୍ଥ୍ୟ ହେଉଛି କେବଳ ନାଗରିକର କେତେଗୁଡ଼ିଏ ମୌଳିକ ଅଧିକାର ମଧ୍ୟରୁ ଗୋଟିଏ ଅଧିକାର । ପ୍ରସିଦ୍ଧ ଚିକିତ୍ସକଙ୍କ ମତରେ— "Health is a state of complete physical, mental and Social well-being, and not mere absence of disease or infirmity ଅର୍ଥାତ୍ ସ୍ୱାସ୍ଥ୍ୟ କେବଳ ଏକମାତ୍ର ଜରାରହିତ କିମ୍ବା ଜରାଜନିତ ଦୁର୍ବଳତା ରହିତ ଅବସ୍ଥା ନୁହେଁ । ସଂସାରରେ ବିଦ୍ୟମାନ ବ୍ୟକ୍ତିର ଶାରୀରିକ, ମାନସିକ ତଥା ସାମାଜିକ ଅବସ୍ଥାର ପୂର୍ଣ୍ଣାଙ୍ଗ ଉନ୍ନତ ସ୍ଥିତିକୁ ହିଁ ସ୍ୱାସ୍ଥ୍ୟ କୁହାଯାଏ । ସ୍ୱାସ୍ଥ୍ୟ ହିଁ ମାନବକୁ ଯୋଗାଏ ଶାରୀରିକ କ୍ଷମତା, ସାମର୍ଥ୍ୟ, ମାନସିକ ଶାନ୍ତି ସାମାଜିକ ବ୍ୟକ୍ତିତ୍ୱ ବା ମାନବିକତା । ଏଣୁ ଏହି ସ୍ୱାସ୍ଥ୍ୟକୁ ସାଧାରଣତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ୧— ମାନସିକ ସ୍ୱାସ୍ଥ୍ୟ, ୨— ଶାରୀରିକ ସ୍ୱାସ୍ଥ୍ୟ, ୩—ସାମାଜିକ ସ୍ୱାସ୍ଥ୍ୟ ।

ମାନସିକ ଶାନ୍ତି, ମାନସିକ ଏକାଗ୍ରତା (Mentøl concentration) ଓ ଧୀଶକ୍ତିର ସୂକ୍ଷ୍ମତାଦି ମାନସିକ ସ୍ୱାସ୍ଥ୍ୟର ଅନ୍ତର୍ଭୁକ୍ତ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ବ୍ୟାୟାମ, ସୁଷମ ଖାଦ୍ୟ ଓ ପରିଷ୍କାର ପରିଚ୍ଛନ୍ନାଦି ଉପରେ ନିର୍ଭର କରେ ଶାରୀରିକ ସ୍ୱାସ୍ଥ୍ୟ । ସେହିପରି ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସ୍ୱାସ୍ଥ୍ୟ, ଉତ୍ତମ କାର୍ଯ୍ୟ, ସମାଜସେବା, ଲୋକପ୍ରିୟତା, ସାମାଜିକ ଚଳଣି, ସାମାଜିକ ସୁସ୍ଥପରିବେଷ୍ଟନୀ ଇତ୍ୟାଦି ଉପରେ ନିର୍ଭର କରେ ସାମାଜିକ ସ୍ୱାସ୍ଥ୍ୟ । ଏଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଶାରୀରିକ ତଥା ସାମାଜିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟର ସ୍ଥାନ ବହୁତ ଉଚ୍ଚରେ । ଏହି ମାନସିକ ସ୍ୱାସ୍ଥ୍ୟ ରକ୍ଷାର ପ୍ରଥମ ଓ ପ୍ରଧାନ ଉପାଦାନ ହିଁ ଯୋଗ ।

ଯୋଗାଚାର୍ଯ୍ୟ ଏ-ସିଥାରାମେୟାଙ୍କ ମତରେ— "Like all ture medicine, yoga Therapy is as much of an art it is a science." ଅର୍ଥାତ୍ ସମସ୍ତ ଯଥାର୍ଥ ଔଷଧ ଭଳି ଯୋଗ ମଧ୍ୟ ଏକ କଳା ଓ ବିଜ୍ଞାନ ସମ୍ମତ ରୋଗ ଉପଶମ ଉପାୟ । ଏହି ଉପାୟ ସଂପୂର୍ଣ୍ଣ ଭାବରେ ପ୍ରୟୋଗାତ୍ମକ ଓ କୌଶଳପୂର୍ଣ୍ଣ । ଏହି ଯୌଗିକ କଳା ଓ କୌଶଳ ମନୁଷ୍ୟ ଶାରୀରିକ ସ୍ୱାସ୍ଥ୍ୟର ନିରାପତ୍ତା ରକ୍ଷା କରେ । ବୈଜ୍ଞାନିକ ପ୍ରଣାଳୀରେ ଏହା ଆମର ସ୍ୱାସ୍ଥ୍ୟରକ୍ଷା ଓ ସ୍ନାୟୁଶକ୍ତି ସଞ୍ଚାଳନରେ ସହାୟକ ହୁଏ ।

ଆମ ଶରୀରରେ ଥିବା ସ୍ନାୟବିକ ଭାଗରେ ମାନବର ମସ୍ତିଷ୍କ (Brain) ହେଉଛି ସ୍ନାୟୁଗୁଡ଼ିକର ସଂଯୋଗ ସ୍ଥଳ ଓ କେନ୍ଦ୍ରସ୍ଥଳ । ଶରୀର ସମସ୍ତ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ସ୍ନାୟୁ ଗୁଡ଼ିକ ସହିତ ସଂଶ୍ଳିଷ୍ଟ । ମସ୍ତିଷ୍କରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ( Spinal cord ) ନାଡ଼ି ଗୁଡ଼ିକର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ବୈଦିକ ଯୁଗରୁ ମଧ୍ୟ ଏହି ସ୍ନାୟୁସଂସ୍ଥା (Nervous System)କୁ ଦୁଇଭାଗରେ ବିଭକ୍ତ କରାଯାଇଛି । ୧—କେନ୍ଦ୍ରୀୟ ନାଡ଼ି ସଂସ୍ଥାନମ୍ ( Central nervous System) ୨—ପରାଶରୀୟ ନାଡ଼ି ସଂସ୍ଥାନମ୍ (Peripheral nervous systeem ) ଏହି ସୂକ୍ଷ୍ମ ସୁଷୁମ୍ନା ନାଡ଼ିକୁ ରକ୍ଷା କରିବା ପାଇଁ ତିନୋଟି ବର୍ଣ୍ଣକଳା (Meninges) ଆଚ୍ଛାଦିତ ହୋଇ ରହିଛନ୍ତି । ଏହି ବର୍ଣ୍ଣକଳାଗୁଡ଼ିକ ହେଉଛି, ଦରସିକା (Duramater), କିଶାରିକା (Archnoid mater) ଓ ତିନାଂଶୁକା (Piamater) ଏହି ସୁଷୁମ୍ନା ନାଡ଼ିରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହେଲେ ଏହା

ମାନବର ସ୍ମରଣଶକ୍ତି ଜାଗ୍ରତ କରେ ଓ ସ୍ନାୟୁଶକ୍ତି ସଞ୍ଚାଳନରେ ସମସ୍ତ ଶରୀରକୁ ବଳ ଓ କାର୍ଯ୍ୟ କରିବାର ସାମର୍ଥ୍ୟ ଯୋଗାଇବାରେ ସହାୟକ ହୁଏ ।

ଯୌଗିକ ଚିକିତ୍ସା ବା ଯୋଗଦ୍ୱାରା ହିଁ ସୁଷୁମ୍ନା-ନାଡ଼ିର ସୁରକ୍ଷା ଓ କୁଣ୍ଡଳିନୀ ଶକ୍ତିର ଜାଗରଣ ସମ୍ଭବ ହୋଇଥାଏ । ଏହା ଦ୍ୱାରା ସ୍ନାୟୁଗୁଡ଼ିକ ସତେଜ ହୋଇ ମାନବର କାର୍ଯ୍ୟ, ଅନୁଭୂତି ଓ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକର କାର୍ଯ୍ୟ ଓ ଗତିକୁ ନିୟନ୍ତ୍ରଣ କରନ୍ତି । ଏହି ଯୌଗିକ ଚିକିତ୍ସା (yoga Therapy) ପୁରାତନ କାଳରୁ ମୁନିଋଷିଙ୍କର ମୁଖନିସୃତ ତଥା ସେମାନଙ୍କ ମାଧ୍ୟମରେ ଆବିଷ୍କୃତ । ଏହା ଶରୀରରେ କ୍ରିୟା ସାଧନ କରେ କିନ୍ତୁ ପ୍ରତିକ୍ରିୟା ( Reaction ) ସୃଷ୍ଟି କରେନା । ପୁରାତନ ଧର୍ମମତାନୁଯାୟୀ ଅସୁସ୍ଥତା ବା ରୋଗ ହେଉଛି ପୂର୍ବଜନ୍ମ କିମ୍ବା ଇହଜନ୍ମରେ କରିଥିବା ଅପକର୍ମଗୁଡ଼ିକର ଫଳାଫଳସ୍ୱରୂପ । ଏହାର ପ୍ରାୟଶ୍ଚିତ ତଥା ରୋଗର ନିରାକରଣ କେବଳ ଯୋଗଦ୍ୱାରା ହିଁ ସମ୍ଭବ । ଶାସ୍ତ୍ରରେ ଅଛି—

"ରୋଗ–ଶୋକ–ପରିତାପ–ବନ୍ଧନ–ବ୍ୟାସନାନିଚ
ଆତ୍ମାପରାଧବୃକ୍ଷସ୍ୟ ଫଳାନ୍ୟେତାନି ଦେହୀନାମ୍"

ଅର୍ଥାତ୍ ଆତ୍ମାପରାଧ ରୂପକ ବୃକ୍ଷର ରୋଗ, ଶୋକ, ପରିତାପ, ବନ୍ଧନ ଓ ବ୍ୟସନାଦି ଫଳସ୍ୱରୂପ ଅଟନ୍ତି । ପୁନଶ୍ଚ ଜଣେ ପାଶ୍ଚାତ୍ୟ ଚିକିତ୍ସକଙ୍କ ମତରେ– "Illness and diseases were regarded by Indian as punishment for the past sins with the result of that cure was thought of, which was to be impossible with drugs. Those diseases were really being washed away by the Indian ancient doctors through yoga Therapy or drugs prepared with yogic process." ଯେପରି ବିଜ୍ଞାନ ପ୍ରକୃତି ଓ ଏହାର କାର୍ଯ୍ୟକୁ



ଗବେଷଣା କରି କରେ ସତ୍ୟର ସନ୍ଧାନ, ସେହିପରି ଯୋଗ ମଧ୍ୟ ବାସ୍ତବ ପ୍ରୟୋଗ ମାଧ୍ୟମରେ ଶାରୀରିକ, ମାନସିକ ଓ ଅନୁଭବ ଶକ୍ତି ସଂପନ୍ନ ମାନବ ଶରୀରର ଅମର ଉପାଦାନ ବା ଆତ୍ମା ସମ୍ବନ୍ଧୀୟ ଗବେଷଣା ପୂର୍ବକ ସତ୍ୟର ଅନୁସନ୍ଧାନ କରେ । ଏଣୁ ଯୋଗ କେବଳ ସାଧାରଣ ବିଜ୍ଞାନ ନୁହେଁ । ଏହା ବିଜ୍ଞାନର ବିଜ୍ଞାନ ସ୍ୱରୂପ ଅର୍ଥାତ୍ ତତ୍ତ୍ୱପୂର୍ଣ୍ଣ । ଏହା କେବଳ ଯେ ଆମର ସ୍ୱାସ୍ଥ୍ୟରକ୍ଷାର ସହାୟକ, ତାହାନୁହେଁ, ଏହା ଆମର ନିତ୍ୟମୁକ୍ତି ତଥା ପରିତ୍ରାଣର ମାର୍ଗ ପ୍ରଦର୍ଶକ । ମାନବ ଶରୀରର ସ୍ୱାସ୍ଥ୍ୟ, ମନର ଏକାଗ୍ରତା ଓ ମେଧାଶକ୍ତିର ସୂକ୍ଷ୍ମତା ଓ ପ୍ରଖରତା କ୍ଷେତ୍ରରେ ଯୋଗର ପ୍ରଭାବ ଯଥେଷ୍ଟ ରହିଛି । ଏହା କୌଶଳର ସହିତ ରୋଗ କବଳରୁ ରକ୍ଷା କରି ମାନବକୁ ସ୍ୱାସ୍ଥ୍ୟ, ଶାନ୍ତି ଓ ମୁକ୍ତିର ମାର୍ଗ ପ୍ରଦର୍ଶନ କରେ ।

ସଂସ୍କୃତ ଶିକ୍ଷକ, ଓଳସିଂହ ହାଇସ୍କୁଲ,
ପୁରୀ ।

—କୃଷିର ଉନ୍ନତିର ଫଳ ସମଗ୍ର ଚାଷୀ ସମାଜ ଲାଭ କରିବାକୁ ହେଲେ ଭୂସଂସ୍କାର ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବା ଆବଶ୍ୟକ ଏବଂ ଛୋଟ ଓ ମଧ୍ୟମ ଧରଣର ଚାଷୀଙ୍କୁ ଚାଷର ସମସ୍ତ ଉପାଦାନ ଓ ଉପକରଣ ସହଜରେ ଓ ସୁବିଧାରେ ଯୋଗାଇ ଦିଆଯିବା ଆବଶ୍ୟକ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଲିଃ

(ଓଡ଼ିଶା ସରକାରଙ୍କ ସଂସ୍ଥା)

କିଲ୍ଲା ମଇଦାନ, କଟକ-୭୫୩୦୦୧

ସୁସମ୍ବାଦ ! ସୁସମ୍ବାଦ !! ସୁସମ୍ବାଦ !!!

## ଓଡିଶା କୃଷୀ ଭାଇଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ।

※ O. A. I. C. ଉଚିତ ମୂଲ୍ୟରେ ବିଦ୍ୟୁତ ଚାଳିତ ପମ୍ପ ସେଟ୍ ଯୋଗାଇଦେବା ସଙ୍ଗେ ସଙ୍ଗେ ବିଜୁଳି ସଂଯୋଗ ପାଇଁ ଆନୁଷଙ୍ଗିକ କାର୍ଯ୍ୟର ସମସ୍ତ ଦାୟିତ୍ୱ ବହନ କରିଥାଏ ।

※ O. A. I. C. ଟାଟା କମ୍ପାନୀଙ୍କର କ୍ଷମତାପ୍ରାପ୍ତ ଡିଲର ହୋଇ ଟାଟା ଟୁଲସ୍ ଏବଂ ଅନ୍ୟାନ୍ୟ ଉନ୍ନତ କୃଷି ଯନ୍ତ୍ରପାତି ଏହାର ବିକ୍ରୟ କେନ୍ଦ୍ର ତଥା କ୍ଷମତା ପ୍ରାପ୍ତ ଡିଲରଙ୍କ ଜରିଆରେ ଯୋଗାଇ ଥାଏ ।

※ ହରିଜନ ଓ ଆଦିବାସୀ ବିଭାଗର ସ୍ୱତନ୍ତ୍ର ଗିହାଡି ଯୋଜନା ଦ୍ୱାରା ଓଡ଼ିଶା ଆଗ୍ରୋ-ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଲିଃ ହରିଜନ ଓ ଆଦିବାସୀ ଚାଷୀମାନଙ୍କୁ ସେମାନଙ୍କ କୂପରେ ପମ୍ପ ବସାଇ, ଉଠା ଜଳସେଚନର ସୁବିଧା କରିଥାଏ ।

※ ଗୋପାଳନ ଓ କୁକୁଡ଼ା ପାଳନର ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ଆଗ୍ରୋ-ଇଣ୍ଡଷ୍ଟ୍ରିଜ କର୍ପୋରେସନଙ୍କ ଦ୍ୱାରା ପ୍ରସ୍ତୁତ (ସୁରଭି ଓ ଗରୁଡ଼) ଗୋ-ଖାଦ୍ୟ ଓ କୁକୁଡ଼ା ଖାଦ୍ୟ ସୁଲଭ ମୂଲ୍ୟରେ ଯୋଗାଇଥାଏ ।

ବିଶେଷ ବିବରଣୀ ପାଇଁ ନିକଟସ୍ଥ ଶାଖା ଏବଂ ଆଞ୍ଚଳିକ ଅଫିସ ସହ ଯୋଗାଯୋଗ କରନ୍ତୁ ।

ପି. ସି. ପଣ୍ଡା, ଆଇ. ଏ. ଏସ୍.
ମ୍ୟାନେଜିଂ ଡାଇରେକ୍ଟର

❋ ଶାଖା ଅଫିସ୍

ସାଲେପୁର : ଜଗତସିଂହପୁର : ପିପିଲି : ନୟାଗଡ଼ : ଖୋର୍ଦ୍ଧା : ଦଶରଥପୁର : ଭଦ୍ରକ : କେନ୍ଦୁଝର : ଅନୁଗୋଳ : ପାଟଣାଗଡ଼ : ଭବାନୀପାଟଣା : ଝାରସୁଗୁଡ଼ା : ରାୟଗଡ଼ା : ଉମରକୋଟ : ନବରଙ୍ଗପୁର : ଫୁଲବାଣୀ : ସୁନ୍ଦରଗଡ଼ : ରାଉରକେଲା ।

❋ ଆଞ୍ଚଳିକ ଅଫିସ୍

କଟକ : ସମ୍ବଲପୁର : ବ୍ରହ୍ମପୁର : ଜୟପୁର : ବଲାଙ୍ଗିର : ଢେଙ୍କାନାଳ : ବାଲେଶ୍ୱର : ବାରିପଦା ।

# ଗୋତିପ୍ରଥା



ଅଭାବଗ୍ରସ୍ତ ଲୋକଙ୍କର ଅସହାୟତାର ସୁଯୋଗ ନେଇ କେତେକ ସୁବିଧାବାଦୀ ଲୋକ ସେମାନଙ୍କୁ ଅଳ୍ପ କିଛି ଋଣ ଦେଇ ପ୍ରତିବଦଳରେ ସେମାନଙ୍କୁ ବା ସେମାନଙ୍କ ସମ୍ପର୍କିତ ଲୋକଙ୍କୁ ଆପଣା ଘର ପାଇଁ ବର୍ଷ ବର୍ଷ ଧରି ବଳପୂର୍ବକ ଖଟାଇଥାଆନ୍ତି । କେତେକ ସ୍ଥାନରେ ବଂଶାନୁକ୍ରମେ କେତେକ ଲୋକ ଅନ୍ୟର ଭୃତ୍ୟ ହୋଇ ରହି ଆସିଛନ୍ତି । ଏମାନେ ନିଜର ପରିଶ୍ରମ ପାଇଁ ନିର୍ଦ୍ଧାରିତ ମଜୁରି ଆଦୌ ପାଆନ୍ତି ନାହିଁ ବା ଯଦି ପାଆନ୍ତି ଖୁବ୍ କମ ପାଆନ୍ତି । ପରିଣାମରେ ଋଣ ସୁଝି ହୁଏ ନାହିଁ କି ସେ ସେହି ଗୋତି ବନ୍ଧନରୁ ମୁକୁଳି ପାରେ ନାହିଁ । ତାର ମୃତ୍ୟୁରେ ତା ପରିବାରର ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ଦାସତ୍ୱ ସ୍ୱୀକାର କରିବାକୁ ହୋଇଥାଏ । କୁତ୍ସିତ କ୍ରୀତଦାସ ପ୍ରଥା ସହିତ ଏହି ଗୋତି ପ୍ରଥା ସମାନ । ଏ ପ୍ରକାର ଶୋଷଣକୁ ଲୋପ କରିବା ପାଇଁ ସରକାର ବଦ୍ଧପରିକର । ପ୍ରଧାନମନ୍ତ୍ରୀଙ୍କ ବିଂଶ ସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମରେ ଏହି ପ୍ରଥାକୁ ଉଚ୍ଛେଦ କରାଯିବା ପାଇଁ ଓ ମୁକ୍ତ ଶ୍ରମିକମାନଙ୍କ ଥଇଥାନ ନିମନ୍ତେ ନୀତି ସ୍ଥିର ହୋଇଅଛି । ତଦନୁସାରେ ବନ୍ଧିତ ଶ୍ରମ ପ୍ରଥା (ଉଚ୍ଛେଦ) ଅଧିନିୟମ, ୧୯୭୬ ନାମକ ଏକ ଆଇନ ପ୍ରଣୟନ କରାଯାଇଅଛି ।

ଗୋତି ପ୍ରଥାର ଉଚ୍ଛେଦ ସଂକ୍ରାନ୍ତରେ ସର୍ବସାଧାରଣଙ୍କ ପାଇଁ ଉକ୍ତ ଆଇନର କେତେକ ବିଷୟ ଏଠାରେ ଉଲ୍ଲେଖ କରାଗଲା ।

### ଗୋତ ପ୍ରଥା କ'ଣ?

ଗୋତି ପ୍ରଥା ହେଉଛି ଏକ ପ୍ରକାର ଜବରଦସ୍ତି ଶ୍ରମ ପ୍ରଥା । ଏହି ପ୍ରଥା ଅନୁସାରେ :—

କୌଣସି ବ୍ୟକ୍ତି ନିଜେ ବା ନିଜ ବଂଶର କେହି ନେଇଥିବା ଏକ ଋଣ ବାବଦକୁ କିମ୍ବା ପ୍ରଚଳିତ କୌଣସି ପ୍ରଥା ଅନୁଯାୟୀ ନତୁବା ପିତୃ ଋଣକୁ ସୁଝିବା ପାଇଁ କିମ୍ବା କୌଣସି ଆର୍ଥିକ ଲାଭର ପ୍ରତିବଦଳରେ କିମ୍ବା ଏକ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ଗ୍ରହଣ କରିଥିବା ଯୋଗୁଁ ଋଣଦାତାଙ୍କ ନିକଟରେ ଏକ ଚୁକ୍ତି ଦ୍ୱାରା ବାନ୍ଧି ହୋଇଥାଆନ୍ତି ଯେ —

ଋଣ ନ ସୁଝିବା ପର୍ଯ୍ୟନ୍ତ ସେ ନିଜେ ବା ତାହାଙ୍କ ସମ୍ପର୍କିତ କୌଣସି ବ୍ୟକ୍ତି ଋଣ ଦାତାଙ୍କ ନିକଟରେ ବିନା ମଜୁରିରେ ବା ନାମ ମାତ୍ର ମଜୁରିରେ ଖଟିବେ ବା ଋଣ ଦାତାଙ୍କ ନିକଟରେ ଦାସ ହୋଇ ରହିବେ ବା ଋଣଦାତାଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଯିବେ ନାହିଁ ବା ନିଜର ସମ୍ପତ୍ତି ବାଡ଼ିକୁ ବିକ୍ରୟ କରି ପାରିବେ ନାହିଁ ।

### ଗୋତ ଶ୍ରମିକ କିଏ ?

ଋଣଦାତାଙ୍କ ନିକଟରେ ଏପରି ଜବରଦସ୍ତି ବାନ୍ଧି ହୋଇ ରହିଥିବା ଦରିଦ୍ର ଅସହାୟ ଶ୍ରମିକଙ୍କୁ ଗୋତି ଶ୍ରମିକ ବୋଲି କୁହା ଯାଇଥାଏ ।

### ଏହି ପ୍ରଥା କେବେଠାରୁ କିପରି ଲୋପ ହେଲା ?

ବନ୍ଧିତ ଶ୍ରମ ପ୍ରଥା (ଉଚ୍ଛେଦ) ଅଧ୍ୟାଦେଶ, ୧୯୭୫ ନାମକ ଏକ ଆଇନ ବଳରେ ୧୯୭୫ ମସିହା ଅକ୍ଟୋବର ମାସ ୨୫ ତାରିଖଠାରୁ ଏହି ପ୍ରଥାକୁ ସମଗ୍ର ଭାରତରୁ ଲୋପ କରି ଦିଆଗଲା । ପରେ ବନ୍ଧିତ ଶ୍ରମ ପ୍ରଥା (ଉଚ୍ଛେଦ) ଅଧିନିୟମ, ୧୯୭୬ ବଳରେ ଏହାର ବିଲୋପକୁ ଦୃଢ଼ୀକୃତ କରାଗଲା । ଉକ୍ତ ତାରିଖ ପରେ ଯେଉଁ ବ୍ୟକ୍ତି ଏହି ପ୍ରଥାର ଆଶ୍ରୟ ନେଇ ଅନ୍ୟକୁ ଶୋଷଣ କରିବେ ସେ ଉକ୍ତ ଆଇନ ଅନୁଯାୟୀ କଠୋର ଦଣ୍ଡ ଭୋଗ କରିବେ ।

### ଏହି ଆଇନ ଦ୍ୱାରା ଗୋତ ଶ୍ରମିକମାନେ କି କି ସୁବିଧା ପାଇଲେ ?

(୧) ଏହି ଆଇନ ଯୋଗୁଁ ଦେଶର କୌଣସି ସ୍ଥାନରେ ଆଉ ଏ ପ୍ରଥା ଚଳିବ ନାହିଁ । ତେଣୁ ସମସ୍ତ ଗୋତି ଶ୍ରମିକ ତତ୍‌କ୍ଷଣାତ ମୁକ୍ତ ହେଲେ ।

(୨) ସେମାନେ କରିଥିବା ଋଣ ଶୁଝି ଯାଇଛି ବୋଲି ଧରି ନିଆଯିବ ।

(୩) ଉକ୍ତ ଋଣ ଆଦାୟ କରିବା ନିମନ୍ତେ ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର ମାଲିମୋକଦ୍ଦମା ହୋଇ ପାରିବ ନାହିଁ ଏବଂ ଯଦି ହୋଇଥାଏ ତାହା ଖାରଜ ହୋଇଯିବ ।

(୪) ଉକ୍ତ ଋଣ ଆଦାୟ ନିମନ୍ତେ ପୂର୍ବରୁ ଯଦି କୌଣସି କୋର୍ଟର ଡିକ୍ରୀ ବା ଆଦେଶ ହୋଇଥିବ ତାହାହେଲେ ତାହା ଆଉ କାର୍ଯ୍ୟକାରୀ ହେବନାହିଁ । ଯଦି ସେ ଭଳି ଡିକ୍ରୀ ବା ଆଦେଶ ଅନୁଯାୟୀ ସେମାନଙ୍କର କୌଣସି ସମ୍ପତ୍ତି ଜବତ ହୋଇ ସାରିଥିବ ତେବେ ସେମାନେ ତାହା ଫେରସ୍ତ ପାଇବେ ।

(୫) ଯଦି ଋଣଦାତା ଉକ୍ତ ଗୋତି ଶ୍ରମିକଙ୍କର କୌଣସି ସମ୍ପତ୍ତି ବଳପୂର୍ବକ ନେଇ ଯାଇଥାଆନ୍ତି ତେବେ ତାହା ମଧ୍ୟ ସେ ଫେରି ପାଇବେ ।

(୬) ଋଣ ଶୁଝି ନ ପାରି କୋର୍ଟ ଆଦେଶ ଅନୁସାରେ ଜେଲ ଭୋଗୁଥିବା ସମସ୍ତ ଗୋତି ଶ୍ରମିକ ତୁରନ୍ତ ଖଲାସ ହେବେ ।

(୭) ଋଣ ପାଇଁ ବନ୍ଧକ ଥିବା ସମସ୍ତ ସମ୍ପତ୍ତି ସେମାନେ ଅବିଳମ୍ବେ ଋଣଦାତାଙ୍କଠାରୁ ଫେରିପାଇବେ । ଯଦି ଋଣଦାତା ତାହା ଫେରାଇବାରେ ବିଳମ୍ବ କରନ୍ତି ତେବେ ତହିଁରୁ ସେ ଇତି ମଧ୍ୟରେ ଯାହା ଲାଭ ପାଇଥିବେ, ତାହା ମଧ୍ୟ ଉକ୍ତ ଗୋତି ଶ୍ରମିକଙ୍କୁ ଦେବାକୁ ସେ ବାଧ୍ୟ ହେବେ ।

(୮) ଗୋତି ଖଟିବାବେଳେ ଗୋତି ଶ୍ରମିକ ଯେଉଁ ଘରବାଡି ଆଦି ଭୋଗ କରୁଥିବେ ତହିଁରୁ ତାହାଙ୍କୁ ଉଠାଇ ଦିଆ ଯିବନାହିଁ । ଯଦି ଋଣଦାତା ତାହାଙ୍କୁ ଉକ୍ତ ଘରବାଡିରୁ କୌଣସି ଉପାୟରେ ଉଠାଇ ଦିଅନ୍ତି ତାହାହେଲେ ସେହି ସବଡିଭିଜନର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତାହା ଗୋତି ଶ୍ରମିକଙ୍କୁ ଯଥାଶୀଘ୍ର ଫେରାଇ ଦେବେ ।

## ବନ୍ଧନରୁ ମୁକୁଳିଥିବା ଗୋତି ଶ୍ରମିକ-ମାନଙ୍କର ଥଇଥାନ ବ୍ୟବସ୍ଥା

ନିଜର ଆର୍ଥିକ ଓ ସାମାଜିକ ଅକ୍ଷମତା ଯୋଗୁଁ ଜଣେ ବ୍ୟକ୍ତି ନିରୁପାୟ ହୋଇ ଗୋତି ଶ୍ରମିକ ହେବାକୁ ବାଧ୍ୟ ହୋଇଥାଏ । ସେହି ବନ୍ଧନରୁ ମୁକୁଳିବା ପରେ ତାହାର ଆର୍ଥିକ ଅବସ୍ଥା ଯେପରି ସୁଧୁରିବ ଏବଂ ସେ ଯେପରି ଆଉଥରେ ଋଣଗ୍ରସ୍ତ ହୋଇ ଏ ଭଳି ବନ୍ଧନରେ ନ ପଡିବ ସେଥିପ୍ରତି ଦୃଷ୍ଟି ଦେବାକୁ ଉକ୍ତ ଆଇନରେ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି: ତାହାଙ୍କ ଜିଲ୍ଲାରେ କୌଣସିଠାରେ ଗୋତି ପ୍ରଥା ପୁଣି ମୁଣ୍ଡ ଟେକି ଉଠୁଛି କି ନାହିଁ ଦେଖିବେ ଓ ତାହାର ମୂଳୋତ୍ପାଟନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବେ, ସର୍ବୋପରି ଉକ୍ତ ଆଇନର ବିଭିନ୍ନ ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଦେଖିବା ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଦାୟିତ୍ୱ ହେବ ।

ମୁକୁଳିଥିବା ଗୋତି ଶ୍ରମିକମାନଙ୍କର ଯତ୍ନ ନେବା ପାଇଁ ପ୍ରତ୍ୟେକ ଜିଲ୍ଲା ଓ ସବଡିଭିଜନ ସ୍ତରରେ ଅନୁଧ୍ୟାନ କମିଟିମାନ ଗଠନ କରା ଯାଇଛି । କମିଟିଗୁଡିକ ନିମ୍ନଲିଖିତ କାର୍ଯ୍ୟମାନ କରିବେ ।

(୧) ଏହି ଆଇନର ବ୍ୟବସ୍ଥାଗୁଡିକୁ ଯଥାଯଥ ଭାବରେ କାର୍ଯ୍ୟକାରୀ କରାଇବା ସଂପର୍କରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଆବଶ୍ୟକ ପରାମର୍ଶ ଦେବେ ।

(୨) ମୁକୁଳିଥିବା ଗୋତି ଶ୍ରମିକମାନଙ୍କୁ ସମାଜରେ ନିରାପଦରେ ରଖାଇବେ ଓ ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟାଇବା ପାଇଁ ବ୍ୟବସ୍ଥା କରିବେ ।

(୩) ଏଥି ନିମନ୍ତେ ସେମାନଙ୍କୁ ଗ୍ରାମ୍ୟବ୍ୟାଙ୍କ ଓ ସମବାୟ ସମିତି ଜରିଆରେ ଆବଶ୍ୟକ ଋଣ ଦିଆ-ଯିବାର ବ୍ୟବସ୍ଥା କରିବେ ।

(୪) ଏହି ଆଇନ ଅନୁଯାୟୀ କେତେ ସଂଖ୍ୟକ ଅପରାଧ ହେଲଣି ସେଥିପ୍ରତି ଦୃଷ୍ଟି ଦେବେ ।

(୫) ଏହି ଆଇନ ଅନୁଯାୟୀ ଅପରାଧ ଘଟିବା ଜାଣିଲେ ସେଥି ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ମୁକୁଳିଥିବା ଗୋତି ଶ୍ରମିକ ବା ତାଙ୍କର ସଂପର୍କିତ ବ୍ୟକ୍ତି ଯେଉଁ ଋଣକୁ ଏକ ଗୋତି ଋଣ ବୋଲି ଦାବୀ କରନ୍ତି ସେହି ଋଣର ଅସୁଲ ପାଇଁ କୌଣସି ମକଦ୍ଦମା ହୋଇଥିଲେ ତହିଁରେ ସେହି ବ୍ୟକ୍ତିଙ୍କ ସପକ୍ଷରେ କୋର୍ଟରେ ଲଢିବେ ।

## ଏହି ଆଇନ ଅନୁଯାୟୀ ଅପରାଧଗୁଡ଼ିକ ପାଇଁ ଦଣ୍ଡ

(୧) ଗୋତି ହେବା ପାଇଁ କାହାକୁ ବାଧ୍ୟ କରିବା ବ୍ୟକ୍ତିଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହେବ ।

(୨) ଗୋତି ଋଣର ପରିଶୋଧ ବାବଦରେ କୌଣସି ବ୍ୟକ୍ତି ଅର୍ଥ ଗ୍ରହଣ କଲେ, ସେହି ଅର୍ଥ ଫେରସ୍ତ ଦେବେ ଓ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଜୋରିମାନାରେ ଦଣ୍ଡନୀୟ ହେବେ ।

(୩) କୌଣସି ବ୍ୟକ୍ତିଙ୍କୁ ଗୋତିଋଣ ଦେଲେ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହେବ ।

(୪) କୌଣସି ପ୍ରକାର ପରଂପରା, ପ୍ରଥା, ଚୁକ୍ତି ଇତ୍ୟାଦିର ଆଳରେ କୌଣସି ବ୍ୟକ୍ତିଙ୍କୁ ଗୋତିପ୍ରଥା ଅନୁସାରେ ଖଟାଇଲେ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ

ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହେବ । ଜୋରିମାନା ଆଦାୟ ହେଲେ, ଗୋତି ଶ୍ରମିକ ଯେଉଁ ଶ୍ରମ କରିଥିବେ ସେଥିପାଇଁ ଦୈନିକ ପାଞ୍ଚଟଙ୍କା ହିସାବରେ ସେହି ଜୋରିମାନାରୁ ତାହାଙ୍କୁ ଦିଆଯିବ ।

(୫) ଆଇନ ଅନୁଯାୟୀ ଗୋତି ଶ୍ରମିକଙ୍କର ସଂପତ୍ତି ତାହାଙ୍କୁ ଏକମାସ ମଧ୍ୟରେ ନ ଫେରାଇଲେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ହେବ । ଜୋରିମାନା ଆଦାୟ ହେଲେ ଗୋତି ଶ୍ରମିକ ଯେତେଦିନ ଧରି ଉକ୍ତ ସଂପତ୍ତି ଫେରି ପାଇ ନ ଥିବେ ସେହି ପ୍ରତ୍ୟେକ ଦିନ ପାଇଁ ଦୈନିକ ପାଞ୍ଚଟଙ୍କା ହିସାବରେ ସେହି ଜୋରିମାନାରୁ ତାହାଙ୍କୁ ଦିଆଯିବ ।

(୬) ଏଭଳି ଅପରାଧ କରିବା ପାଇଁ ଅନ୍ୟକୁ ପ୍ରବର୍ତ୍ତାଇଲେ ମଧ୍ୟ ଅପରାଧ ଘଟୁ କି ନ ଘଟୁ, ଯଥୋଚିତ ଦଣ୍ଡ ମିଳିବ ।

## ବିବିଧ

ଏଭଳି ଅପରାଧମାନ ଫୌଜଦାରି ଅପରାଧ ବୋଲି ବିବେଚିତ ହେବ ଓ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସଂକ୍ଷିପ୍ତ ବିଗ୍ଭରଣା ପରେ ଫଇସଲା ହୋଇଯିବ ।

ଅପରାଧଗୁଡ଼ିକ ପୁଲିସ୍ ଧର୍ତ୍ତବ୍ୟ ଅପରାଧ ଭାବେ ଗଣିତ ହେବ ।



## ଆର୍ଥିକ ଅଭ୍ୟୁତ୍ଥାନର ସଫଳତା

କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକରେ ଗୋଟିଏ ଗାଁ – ଭହଣ୍ଡା । ବୀରସିଂ ମୁଣ୍ଡା ଏହି ଗାଁ ର ଜଣେ କୃଷି ଶ୍ରମିକ । ଶ୍ରୀ ମୁଣ୍ଡା ଆଦିବାସୀ ସଂପ୍ରଦାୟର । ଜମିବାଡ଼ି ତାଙ୍କର ପ୍ରାୟ ନାହିଁ । ପଢ଼ାଶୁଣା ମଧ୍ୟ ନାହିଁ କିନ୍ତୁ କର୍ମଜୀବୀ । ଦରିଦ୍ର ଲୋକଙ୍କ ପାଇଁ ଆର୍ଥିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମରେ ତାଙ୍କୁ ଚିହ୍ନଟ କରଗଲା । ତାଙ୍କ ଅବସ୍ଥାକୁ ଗ୍ଭହିଁ ସେ ଛେଳି ପାଳନ କାର୍ଯ୍ୟକ୍ରମକୁ ଆଦୋରି ନେଲେ । ଏଥି- ପାଇଁ ତାଙ୍କୁ ଜିଲ୍ଲା କର୍ତ୍ତୃପକ୍ଷ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କଲେ । ପାଞ୍ଚଟି ଛେଳି କିଣିବା ପାଇଁ ତାଙ୍କୁ ତିନିଶହ ଟଙ୍କା ଋଣ ମିଳିଲା । ଏହି ଟଙ୍କାରେ ସେ ୫ଟି ଛେଳି କିଣିଲେ । ଛେଳିମାନଙ୍କ ରହିବା ପାଇଁ ଗୁହାଳଟିଏ ମଧ୍ୟ ତିଆରି କଲେ ।

ତାଙ୍କ ସ୍ତ୍ରୀ ଏହି ଛେଳିଗୁଡ଼ିକୁ ଯତ୍ନର ସହିତ ପାଳନ କଲେ । ପଶୁ ଡାକ୍ତରଙ୍କଠାରୁ ଛେଳିଗୁଡ଼ିକର ତତ୍ତ୍ୱାବଧାନ ସଂପର୍କରେ ବୁଝାବୁଝି କରୁଥିଲେ ।

ଠିକ୍ ସମୟରେ ପାଞ୍ଚଟି ଯାକ ଛେଳି ଦଶଟି ଛୁଆ ଜନ୍ମ କଲେ । ଛୁଆଗୁଡ଼ିକ ବେଶ୍ ହୃଷ୍ଟପୁଷ୍ଟ ଥିଲେ ଓ ନିରୋଗ ଥିଲେ । ସେମାନଙ୍କର ଆହୁରି ଅଗ୍ରହ ଆସିଲା । ଆହୁରି ମନଯୋଗ ଦେଇ ଛେଳି ଓ ଛୁଆଗୁଡ଼ିକୁ ପାଳନ କଲେ । ସମସ୍ତ ପରିବାରଟି ବେଶ୍ ଆନନ୍ଦ ମୁଖରିତ ହୋଇଉଠିଲା । ସମୟର ବ୍ୟବଧାନରେ ଦଶଟି ଛୁଆଙ୍କ ମଧ୍ୟରୁ ଗ୍ଭରୋଟି ଗ୍ଭରିଶି ଆଠଶହ ଟଙ୍କାରେ ବିକ୍ରି କରାଗଲା ।

ଏହି ବିକ୍ରୟ ଲବ୍ଧ ଆଠଶହ ଟଙ୍କାରୁ ଶ୍ରୀ ମୁଣ୍ଡା ଏକଶହ ଟଙ୍କା ଋଣ ବାବଦକୁ ଶୁଝିଲେ । ଆପଦ ବିପଦକୁ ଦୁଇଶହ ଟଙ୍କା ଡାକଘର ସଞ୍ଚୟ ପାଶବୁକରେ ରଖିଲେ । ବାକି ପାଞ୍ଚଶହ ଟଙ୍କା ସେମାନଙ୍କର ପାରିବାରିକ ଖର୍ଚ୍ଚରେ ବିନିଯୋଗ କଲେ । ଆଜି ପ୍ରଥମ ପାଞ୍ଚଟି ସହିତ ସମସ୍ତ ଛେଳି ପୂର୍ବଭଳି ଯତ୍ନର ସହିତ ସେ ପାଳନ କରୁଛନ୍ତି ।



# ଭ୍ରାନ୍ତ ପ୍ରଚାରରେ ଭୁଲନ୍ତୁ ନାହିଁ

## ମଣିଭଦ୍ରା ବନ୍ଧ ହେତୁ ସୋନପୁର, ବୌଦ୍ଧ ଓ ଆଠମଲ୍ଲିକ ସହର
## ଓ
## ବଲାଙ୍ଗୀର ଜିଲ୍ଲାର କୌଣସି ଅଂଶ ବୁଡ଼ିବ ନାହିଁ

ମହାନଦୀ ଉପରେ ମଣିଭଦ୍ରାଠାରେ ବନ୍ଧ ତିଆରି ହେଲେ ସୋନପୁର, ଆଠମଲ୍ଲିକ ଓ ବୌଦ୍ଧ ସହର ପାଣିରେ ବୁଡ଼ିଯିବ ବୋଲି ସେ ସବୁ ଅଞ୍ଚଳରେ ଲୋକମାନଙ୍କ ମନରେ ଆଶଙ୍କା ଜାତ ହେଉଥିବା କଥା ସରକାର ଜାଣି ପାରିଛନ୍ତି । ମାତ୍ର, ଏ ଭଳି ଆଶଙ୍କାର କୌଣସି କାରଣ ନାହିଁ । ମଣିଭଦ୍ରା ବନ୍ଧ ହେତୁ ସୋନପୁର, ଆଠମଲ୍ଲିକ ଓ ବୌଦ୍ଧ ପ୍ରଭୃତି ଐତିହାସ ପ୍ରସିଦ୍ଧ ସହରଗୁଡ଼ିକ ବୁଡ଼ିଯିବ ନାହିଁ ।

୧୯୬୪ ମସିହାରେ ପରିକଳ୍ପିତ ଟିକରପଡ଼ା ବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଉକ୍ତ ସହରଗୁଡ଼ିକ ନିଶ୍ଚିତ ଭାବରେ ଜଳମଗ୍ନ ହୋଇଥାନ୍ତା । ଆଉ ମଧ୍ୟ ଟିକରପଡ଼ାଠାରେ ବିରାଟ ଜଳଭଣ୍ଡାର ସୃଷ୍ଟି ହେବା ଯୋଗୁଁ ଉପର ମୁଣ୍ଡରେ ଥିବା ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର ଓ ବୌଦ୍ଧ-କନ୍ଧମାଳ ଜିଲ୍ଲାଗୁଡ଼ିକର ସମୃଦ୍ଧି ଅଞ୍ଚଳ ପାଇଁ ପ୍ରସ୍ତାବିତ ଜଳସେଚନ ଯୋଜନା କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରାଯାଇ ପାରନ୍ତା ନାହିଁ ।

ଏବେ ଏ ସବୁ ଜିଲ୍ଲାରେ ପ୍ରାୟ ୩୦ ଲକ୍ଷ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଏକ ମାଷ୍ଟର ପ୍ଲାନ ତିଆରି କରିଛନ୍ତି । ଏହି ମାଷ୍ଟର ପ୍ଲାନ ଭିତରେ ଇବ୍, ଟିକିରା, ସୁରବାଲି ଯୋର, ଉରାଣ୍ଡି ଯୋର, ଅଙ୍ଗ, ଇନ୍ଦ୍ରା, ଲୋଅର-ଇନ୍ଦ୍ରା, ଲୋଅର-ସୁକ୍‌ତେଲ୍, ଇଲେଇ-ରାଉଳ, ଶରଦା, ରେଟ୍, ବାଘ-ସାଲୁଙ୍କି-ବୃଢ଼ଙ୍ଗ ପ୍ରଭୃତି ବୃହତ ଓ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକ ଅନ୍ତର୍ଭୁକ୍ତ । ଏହିସବୁ ବିଷୟକୁ ବିଚାର କରି ରାଜ୍ୟ ସରକାର ୧୯୮୦ ଡିସେମ୍ବର ୩୦ ତାରିଖରେ ଗୋଟିଏ ପ୍ରେସନୋଟ ଜରିଆରେ ଟିକରପଡ଼ା ବନ୍ଧ ନିର୍ମାଣ କରାଯାଇ ନଥିବା ବିଷୟ ସ୍ପଷ୍ଟ ପ୍ରକାଶ କରିଥିଲେ ।

ମଣିଭଦ୍ରା ଯୋଜନାଟି ଟିକରପଡ଼ାର ୨୦ ମାଇଲ ତଳେ କରାଯିବ ବୋଲି ପରିକଳ୍ପିତ । ସର୍ବୋପରି ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ ଟିକରପଡ଼ା ବନ୍ଧ ହୋଇଥିଲେ ଜଳ ଭଣ୍ଡାରରେ ସର୍ବାଧିକ ୪୪୧ ଫୁଟ ପାଣି ରହିଥାନ୍ତା; ମାତ୍ର ମଣିଭଦ୍ରା ବନ୍ଧର ଜଳ ଭଣ୍ଡାରରେ ସର୍ବୋଚ୍ଚ ୩୦୦ ଫୁଟ ପାଣି ରହିବ । ଏହା ଟିକରପଡ଼ା ବନ୍ଧର ଜଳପରିମାଣଠାରୁ ୧୪୧ ଫୁଟ କମ୍ । ଫଳରେ କମ୍ ଅଞ୍ଚଳ ଜଳମଗ୍ନ ହେବ । ଟିକରପଡ଼ା ବନ୍ଧ ହୋଇଥିଲେ ଯେତିକି ଜମି ବୁଡ଼ି ଯାଇଥାନ୍ତା ତା'ର ଚାରିଭାଗରୁ ପ୍ରାୟ ଏକଭାଗ ଜମି ମଣିଭଦ୍ରା ବନ୍ଧ ଯୋଗୁ ବୁଡ଼ିବ । ତେଣୁ, ମଣିଭଦ୍ରା ଯୋଜନା ଫଳରେ ବେଶୀ ଚାଷଜମି ନଷ୍ଟ ହେବାର ଅବକାଶ ନାହିଁ । ଏଥିରେ ବଲାଙ୍ଗୀର ଜିଲ୍ଲାର କୌଣସି ଜମି ଜଳମଗ୍ନ ହେଉନାହିଁ ଏବଂ ଐତିହାସିକ ସହରମାନ ଜଳମଗ୍ନ ହେବାର ପ୍ରଶ୍ନ ଉଠୁନାହିଁ । ଉପରେ ଉଲ୍ଲେଖ କରାଯାଇଛି ଯେ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ପାଇଁ ବିଭିନ୍ନ ନଦୀରେ ବନ୍ଧ ପକାଇବାର ପରିକଳ୍ପନା କରାଯାଉଛି । ମଣିଭଦ୍ରା ତାହାର ଅଂଶମାତ୍ର ।

ଜନସାଧାରଣ ଜାଣିବା ନିମନ୍ତେ ଏଠାରେ କେତେକ ତଥ୍ୟ ଉଲ୍ଲେଖ କରଗଲା—

ଟିକରପଡ଼ା ବନ୍ଧ ହୋଇଥିଲେ ସମୁଦାୟ ୬ ଲକ୍ଷ ୫୦ ହଜାର ଏକର ଜମି ବୁଡ଼ିଯାଆନ୍ତା । ତନ୍ମଧ୍ୟରୁ ଚାଷ ଜମି ହେଉଛି ୩ ଲକ୍ଷ ୯୮ ହଜାର ଏକର, ଜଙ୍ଗଲ ୧ ଲକ୍ଷ ୨୨ ହଜାର ଏବଂ ନଦୀଶଯ୍ୟା ଓ ନଦୀ ଉପତ୍ୟକା ୧ ଲକ୍ଷ ୩୦ ହଜାର ଏକର ।

ମାତ୍ର ମଣିଭଦ୍ରା ବନ୍ଧ ହେତୁ ସର୍ବମୋଟ ୧ ଲକ୍ଷ ୫୦ ହଜାର ଏକର ଜମି ଜଳମଗ୍ନ ହେବ । ଏଥିରୁ ଚାଷ ଜମି ୫୮ ହଜାର ଏକର, ଜଙ୍ଗଲ ୬୨ ହଜାର ଏକର ଏବଂ ନଦୀ ଶଯ୍ୟା ଓ ନଦୀ ଉପତ୍ୟକା ୩୦ ହଜାର ଏକର । ଏହାଛଡ଼ା ବନ୍ୟା ନିୟନ୍ତ୍ରଣ ପାଇଁ ଏହାର ଜଳଭଣ୍ଡାରରେ ୪୦ ଲକ୍ଷ ଏକର ଫୁଟ ପାଣି ରଖିହେବ ଏବଂ ୮ ଲକ୍ଷ ଏକର ଜମିରେ ଜଳସେଚନ ଓ ୪୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇ ପାରିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

# ଅଧିକ ଆୟର
# ଫଳପ୍ରଦ ଉପାୟ

ଶ୍ରୀ ଗୋପୀନାଥ ପରଡ଼ା



ଚିତ୍ର ନଂ ୧

ଲଗାଇବାର ଛ' ସାତ ବର୍ଷଠାରୁ ପଚାଶ ଷାଠିଏ ବର୍ଷ ପର୍ଯ୍ୟନ୍ତ ନଡ଼ିଆ ଗଛରୁ ଫଳ ମିଳିଥାଏ । ପ୍ରଥମ ପାଞ୍ଚବର୍ଷରେ ପ୍ରାୟ ଏକ ଶହ ଟଙ୍କା ଖର୍ଚ୍ଚ କଲେ ଆଗାମୀ ପଚାଶ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ଟ୧୦ଙ୍କା ହିସାବରେ ଆୟ ମିଳି ପାରିବ । ଅସଲରୁ ପାଞ୍ଚ ବର୍ଷରେ ବର୍ଷକିଆ କିସିରେ ମୋଟ ଶହେ ଟଙ୍କା ଖର୍ଚ୍ଚ କରି ୫୦ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ଟ୧୦ଙ୍କା ରୋଜଗାର କରନ୍ତୁ ।

କେବଳ ଫଳ ନୁହେଁ, ବାହୁଙ୍ଗା, କତା ଓ ସଢେଇ ତଥା ଗଛରଗଣ୍ଡି ମଧ୍ୟ ନାନା ପ୍ରକାର କାର୍ଯ୍ୟରେ ଲାଗିଥାଏ । କଳ୍ପବୃକ୍ଷ ନାମରେ ପରିଚିତ ଏଇ ନଡ଼ିଆ ଗଛ ବନ୍ୟା, ମରୁଡ଼ି ଓ ବାତ୍ୟା ସହି ଶ୍ରେଣୀ ପଛରେ ହିମାଳୟ ପରି ଠିଆ ହୋଇ ରହେ ।

ଉଷ୍ଣ ଆର୍ଦ୍ର ଜଳବାୟୁ ଓ ବାର୍ଷିକ ହାରାହାରି ୨୭° ସେଣ୍ଟିଗ୍ରେଡ୍ ଉତ୍ତାପରେ ନଡ଼ିଆ ଭଲ ହୁଏ । ତେଣୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ନଡ଼ିଆ ଚାଷ ପାଇଁ ଉତ୍କୃଷ୍ଟ । ଓଡ଼ିଶାରେ ନଡ଼ିଆ ପାଇଁ ୨୦,୦୦୦ ହେକ୍ଟରରୁ ଅଧିକ ଜମି ମଧ୍ୟରୁ ଶତକଡ଼ା ୯୦ ଭାଗ କଟକ, ପୁରୀ, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ ହିଁ ଦେଖିବାକୁ ମିଳିଥାଏ । ହିସାବ କରି ଦେଖାଯାଇଛି ଓଡ଼ିଶାରେ ଅଢ଼େଇ ଲକ୍ଷରୁ ଅଧିକ ଜମିରେ ନଡ଼ିଆ ଚାଷ ହୋଇ ପାରିବ । ଏକ ହେକ୍ଟର ଜମିରେ ୧୭୫ଟି ଗଛ ଲାଗେ ତେଣୁ ଓଡ଼ିଶାରେ ୪୩୭'୫ ଲକ୍ଷ ନଡ଼ିଆ ଗଛ ଲାଗି ପାରିବ । ବାର୍ଷିକ ଗୋଟିଏ ନଡ଼ିଆ ଗଛରୁ ଟ୧୦ଙ୍କା ଆୟ ପାଇଲେ କେବଳ ନଡ଼ିଆ ଚାଷ ଦ୍ୱାରା ବର୍ଷକୁ ଆମକୁ ଟ୪୩,୭୫୦ ଲକ୍ଷ ଟଙ୍କା ଆୟ ମିଳି ପାରିବାର ସୁବିଧା ରହିଛି । ଆମେ କେତେଦୂର ଏହି ସୁଯୋଗ ନେଇ ପାରିବା ତାହା ଦେଖିବାର କଥା ।

ନଡ଼ିଆ ଗଛର ଶତକଡ଼ା ୭୫ରୁ ୯୦ଭାଗ ଚେର ଗଛ ମୂଳଠାରୁ ମାତ୍ର ୨ ମିଟର ଦୂର ଓ ୧'୫ ମିଟର ଗଭୀର ମଧ୍ୟରେ ଥାଏ । ତେଣୁ ଏତିକି ଜମିରୁ ଗୋଟିଏ ନଡ଼ିଆଗଛ ତା'ର ଜୀବନସାରା ଖାଦ୍ୟ ଗ୍ରହିବା ନେଇ ପାରିବ । ତେଣୁ ମୁନ୍ଦରୁ ଗୋଟିଏ ବି ଗାତ କରି ସେଥିରେ ଖତ ଓ ମାଟି ଭର୍ତ୍ତି କରି ଗଛ ଲଗାଇଦେଲେ ଦବଦିନ ପାଇଁ ମାଟିର ଆବଶ୍ୟକତା ମେଣ୍ଟିଯିବ । ବାର୍ଷିକ କିଛି ଖତ, ସାର, ପାଣି ଓ ରୋଗପୋକ ଦାଉରୁ ରକ୍ଷା କରିବାର ବ୍ୟବସ୍ଥା କରିପାରିଲେ କାମ ଶେଷ ।

ପଟୁମାଟି, ଦୋରସାମାଟି, ବାଲି ଦୋରସା ମାଟି, ଏପରିକି ସମୁଦ୍ର କୂଳିଆ ବାଲି ଜମିରେ ମଧ୍ୟ ନଡ଼ିଆ ଚାଷ ହୋଇ ପାରିବ । ଗଛର ଚେର ପାଣିରେ ବୁଡ଼ି ନରହିଲେ ହେଲା । ଯେଉଁଠାରେ ଅଧିକ ପାଣି ରହିବାର ସମ୍ଭାବନା ଥାଏ ସେଠାରେ ମାଟିଢିପ କରି ଗଛ ଲଗା ଯାଇ ପାରିବ । ମାଟିରେ ୩ମିଟର ତଳେ ପାଣିସ୍ତର ଥିଲେ ଗଛ ଭଲ ବଢ଼େ । ଜଳସ୍ତର କୌଣସି ମତେ ଦେଢ଼ ମିଟରରୁ



ଚିତ୍ର ନଂ ୨



କମ୍ ହେବା ଉଚିତ ନୁହେଁ । ଉପଯୁକ୍ତ ଜଳସ୍ତର ପାଇବାକୁ କେନାଲ ବନ୍ଧରେ ନଡ଼ିଆ ଗଛ ଭଲ ବଢ଼େ । ଓଡ଼ିଶାରେ ଯେତେ କେନାଲ ଅଛି ସେଥିରେ ୩୫ ଲକ୍ଷ ନଡ଼ିଆ ଲଗି ପାରିବ । ଏହା ପ୍ରାୟ ୨୦,୦୦୦ ହେକ୍‌ଟର ଜମି ସଙ୍ଗେ ସମାନ । ଅର୍ଥାତ୍ ସାରା ଓଡ଼ିଶାରେ ଅଦ୍ୟାବଧି ଯେତେ ଜମିରେ ନଡ଼ିଆ ଚାଷ ହେଉଛି କେବଳ କେନାଲ ବନ୍ଧର ଉପଯୋଗ କରି ଆମେ ଏହା ଦୁଇଗୁଣ କରି ପାରିବା ।

କେନାଲ ବନ୍ଧ ଛାଡ଼ି ଦେଲେ ଘରବାଡ଼ିରେ, ବନ୍ଧ ହୁଡ଼ାରେ, ରାସ୍ତା ଦୁଇକଡ଼େ, ଧାନ ଜମି ହୁଡ଼ାରେ, ପତିତ ଅନାବାଦି ସରକାରୀ ଓ ବେସରକାରୀ ଜମିରେ ନଡ଼ିଆ ଚାଷ କରାଯାଇ ପାରିବ । ଏକତ୍ର ଭାବେ ଅଧିକ ଜମିରେ ନଡ଼ିଆ ଚାଷ କଲେ ବିକ୍ରୟ ଓ ଅନ୍ୟାନ୍ୟ ବଗିଚା ପରିଚାଳନା କାର୍ଯ୍ୟ ସୁବିଧାରେ କରି ହେବ । ଏହା ବ୍ୟତୀତ କତା ଓ ସତେଇ ଜାତ ଶିଳ୍ପ ପ୍ରତିଷ୍ଠା ଦିଗରେ ମଧ୍ୟ ସହାୟକ ହେବ ।

## ଅଧିକ ଅମଳ ପାଇଁ ଉପଯୁକ୍ତ ପ୍ରଣାଳୀରେ ନଡ଼ିଆ ଚାଷ କରିବା ଦରକାର

ଉପଯୁକ୍ତ ଜମି, ଉପଯୁକ୍ତ ଚାରା ଓ ଉପଯୁକ୍ତ ପରିଚାଳନା —ଏହି ତିନୋଟି ନଡ଼ିଆ ଚାଷର ମୂଳ ସୂତ୍ର ।

ଚାରାଟି ହେଉଛି ଭବିଷ୍ୟତ ଗଛର ମୂଳପିଣ୍ଡ । ତେଣୁ ଉପଯୁକ୍ତ ମା ଗଛରୁ ମଞ୍ଜି ନଡ଼ିଆ ସଂଗ୍ରହ କରିବା ଉଚିତ ।

ମା ଗଛର ଉତ୍ପାଦନ ୧୦।୧୨ ବର୍ଷର ହାରାହାରି ଉତ୍ପାଦନ ଶକ୍ତି ଜାଣି ସାରିବା ପରେ ତାହା ମଞ୍ଜି ସଂଗ୍ରହ ପାଇଁ ଉପଯୁକ୍ତ କି ନା ବିଚାର କରାଯାଇ ଥାଏ । ଗଛର ସଂପୂର୍ଣ୍ଣ ଉତ୍ପାଦିକା ଶକ୍ତି ୨୫ ବର୍ଷରେ ଜଣା ପଡ଼େ ।

ତେଣୁ ପ୍ରବାଦ ଅଛି । "ଟେଙ୍ଗା ନଡ଼ିଆ, ଚକା ଗୁଆ"

ମା ଗଛରେ ବର୍ଷକୁ ଅନ୍ତତଃ ୬୦ଟି ଫଳ ଆସୁଥିବା ଦରକାର । ୧୦୦ ଫଳ ହେଲେ ଭଲ । ଗଛଟି ନିରୋଗ ହୋଇଥିବ ଓ ଅନ୍ୟାନ୍ୟ ଉପାଦେୟ ଗୁଣ ଥିବା ଦରକାର ।

୧୨ ମାସର ପାଚିଲା ନଡ଼ିଆ ମଞ୍ଜି ପାଇଁ ତୋଳା ଯାଏ । ଫଳର ଖୋଳେଇ ଅନ୍ତତଃ ୪୫ ସେଣ୍ଟିମିଟର ହେବା ଉଚିତ୍ । ତୋଳିବା ପରେ ଉପର ମୁହାଁ କରି ଘରେ ସାଇତି ରଖିବାକୁ ହୁଏ । ଏହି ସମୟରେ ଶତକଡ଼ା ୯୦ ଭାଗ ପାଣି ଶୁଖିଯାଏ, ଭାବି ଭ୍ରୂଣ ପୁଷ୍ଟ ହୁଏ ଓ ଶୋଷକ ମୂଳ ତିଆରି ଆରମ୍ଭ ହୁଏ ।

ଏହାପରେ ମଞ୍ଜି ନଡ଼ିଆକୁ ନର୍ସରୀରେ ଲଗାଇବାକୁ ହେବ—୪୫ ସେ: ମି:×୩୦ ସେ: ମି: ଦୂରତାରେ । ୩—୪ ମାସରେ ଏଥିରୁ ଗଜା ବାହାରିବ, ଓ ଗଜା ହେବା ଠାରୁ ୯ ରୁ ୧୮ ମାସ ମଧ୍ୟରେ ଚାରା ଗଛ ବଗିଚାରେ ଲଗାଯିବ । ନର୍ସରୀ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ ଯେପରି ରୋଗ ନଲାଗେ । ନିୟମିତ ପାଣି ମଡ଼ାଇବା ଓ ଆଂଶିକ ଛାଇର ବ୍ୟବସ୍ଥା କରିବାକୁ ହେବ । ଲଗାଇବା ଉପଯୋଗୀ ଚାରା ସୁସ୍ଥ ସବଳ, ନିରୋଗ, ଓ ମୂଳ ମୋଟା ହୋଇଥିବା ଆବଶ୍ୟକ । ୨।୩ଟି ଅଗ ପତ୍ର ଫିଟି ଯାଇଥିବା ଦରକାର ।

## ମା ଗଛ

ହର୍ଟିକଲଚର ନିର୍ଦ୍ଦେଶାଳୟ, ପୁରୀ ଜିଲ୍ଲାର କୋଣାର୍କ, ଦାଣ୍ଡମୁକୁନ୍ଦ ପୁର, ବାଲିପାଟଣା, ରୂପଦେଇପୁର, ସାକ୍ଷୀଗୋପାଳ, ଚନ୍ଦନପୁର, ବ୍ରହ୍ମଗିରି ଓ ହରେକୃଷ୍ଣପୁର ରେ ୨୦ ହଜାର ଉତ୍କୃଷ୍ଟ ମା ନଡ଼ିଆ ଗଛ ବାଛିଛନ୍ତି । ଏଥିରୁ ବାର୍ଷିକ ୧୨ ଲକ୍ଷ ପର୍ଯ୍ୟନ୍ତ ମଞ୍ଜି ନଡ଼ିଆ ସଂଗ୍ରହ କରାଯାଇ ପାରିବ । ଏଥି ମଧ୍ୟରେ ଅନ୍ୟ ସ୍ଥାନରେ ମଧ୍ୟ ନିର୍ଦ୍ଧାରିତ ନିୟମାନୁଯାୟୀ ମା ନଡ଼ିଆ ଗଛ ବାଛିବା ପାଇଁ ସର୍ଭେ ଚାଲିଛି ।

ମଞ୍ଜିଗଛରୁ ଚାରା ତିଆରିବା ପାଇଁ ସରକାରୀ ନଡ଼ିଆ ନର୍ସରୀ କେନ୍ଦ୍ରମାନ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଛି । ଯଥା—ପୁରୀ ଜିଲ୍ଲାର ସାକ୍ଷୀଗୋପାଳ, ବ୍ରହ୍ମଗିରି, ନିମାପଡ଼ା (ଡେଣୁଆଁ) ଓ କୋଣାର୍କ; କଟକ



ଜିଲ୍ଲାର କେନ୍ଦ୍ରପଡ଼ା (ଦେରାବିସ୍) ତିର୍ତ୍ତୋଲ, ରାଜକନିକା, ଆଠଗଡ଼, ବାଲେଶ୍ୱରର ବାଲିଆ (ବାଲେଶ୍ୱର) ଓ ଜଳେଶ୍ୱରପୁର, ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ଓ କାକ୍ତି । ଏହି ନର୍ସରୀମାନଙ୍କରେ ବାର୍ଷିକ ୧୨ ଲକ୍ଷ ନଡ଼ିଆ ଚାରା ଉତ୍ପନ୍ନ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

## ଶଙ୍କର ନଡ଼ିଆ ମଞ୍ଜି

ସାଧାରଣତଃ ନଡ଼ିଆଗଛ ଡେଙ୍ଗା ହୋଇ ବଢ଼େ । କିନ୍ତୁ ପ୍ରକୃତରେ କେତେକ ବାଙ୍ଗର ଜାତୀୟ ନଡ଼ିଆ ଗଛ ଦେଖାଯାଏ । ଡେଙ୍ଗାଗଛ ୬-୭ ବର୍ଷରେ ଫଳ ଧରିବା ସ୍ଥଳେ ଏହି ଜାତିର ଗଛ ୩-୪ ବର୍ଷରେ ଫଳ ଧରେ । କିନ୍ତୁ ଏହାର କେତେକ ଅସୁବିଧା ଥିବାରୁ ଡେଙ୍ଗା ଓ ବାଙ୍ଗର ନଡ଼ିଆ ମଧ୍ୟରେ ପ୍ରଜନନ କରାଇ ଶଙ୍କର ଜାତିର ନଡ଼ିଆ ଉତ୍ପାଦନ କରାଯାଉଛି । ଏହା ୪–୫ ବର୍ଷରୁ ଫଳିବାକୁ ଆରମ୍ଭ କରିବା ସହିତ ଅଧିକ ପରିମାଣର ଫଳ ଧରୁଛି । ଦଶ ବାରବର୍ଷ ସୁଦ୍ଧା ଗଛପିଛା ୧୦୦ଟି ପର୍ଯ୍ୟନ୍ତ ନଡ଼ିଆ ଫଳି ପାରିବ ଓ ପୋଷତ ଗଛରେ ୧୫୦ରୁ ୨୦୦ ବଥା ଆହୁରି ଅଧିକ ଫଳିବ ।

ଏହି ପ୍ରଜନନ କାର୍ଯ୍ୟ ପାଇଁ ଫଳୋଦ୍ୟାନ ନିର୍ଦ୍ଦେଶାଳୟ ୭୫୦ଟି ଡେଙ୍ଗା ଗଛ ମନୋନୀତ କରିଛନ୍ତି । ଓଡ଼ିଶା ବାହାରୁ ତଥା ଓଡ଼ିଶା ମଧ୍ୟରୁ ବାଙ୍ଗର ଗଛ ପରାଗରେଣୁ ସଂଗ୍ରହ କରି ଶଙ୍କର ମଞ୍ଜି ଉତ୍ପନ୍ନ କରାଯାଉଛି । ୧୯୭୯-୮୦ରୁ ୧୯୮୧-୮୨ ମଧ୍ୟରେ ୫୮,୨୮୩ ଶଙ୍କର ମଞ୍ଜି ସଂଗ୍ରହ କରି ଚାଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସାଧାରଣ ନଡ଼ିଆ ଚାରା ମୂଲ୍ୟ ୫ଟଙ୍କା ହୋଇଥିବା ସ୍ଥଳେ ଶଙ୍କର ଚାରାର ମୂଲ୍ୟ ୧୦ଟଙ୍କା ହୋଇ ଥିବାରୁ ଗଛପିଛା ଟ୨'୫୦ ପଇସା ରିହାତିରେ ବିକ୍ରି କରାଯାଉଛି ।

ଶଙ୍କର ନଡ଼ିଆ ଉତ୍ପନ୍ନ ପାଇଁ କୋଣାର୍କରେ ଗୋଟିଏ ବଗିଚା କରାଯାଇଛି । ଏଥିରେ ୩୬୬ଟି ବାଙ୍ଗର ଓ ୬୦୦ଟି ଡେଙ୍ଗା ଗଛ ଲଗିଛି । ଭବିଷ୍ୟତରେ ଏଥିରୁ ପ୍ରଚୁର ପରିମାଣରେ ଶଙ୍କର ମଞ୍ଜି ମିଳିପାରିବ । ଏହା ଛଡ଼ା ତିର୍ତ୍ତୋଲରେ ବାଙ୍ଗର ନଡ଼ିଆ ବଗିଚା କରାଯାଇଛି । ଓଡ଼ିଶାର ଉତ୍କୃଷ୍ଟ ଡେଙ୍ଗା ନଡ଼ିଆ ପାଇଁ ବ୍ରହ୍ମଗିରି ଓ ନିମ୍ପଡ଼ା (ବୈଲିକା କୂଳ, ବଉଳାବନ୍ଧ ଗ୍ରାମ) ନିକଟରେ ନର୍ସରୀ ଉଦ୍ୟାନ କରାଯାଇଛି । ଅବଶ୍ୟ ସାକ୍ଷୀଗୋପାଳ ହେଉଛି ପ୍ରଧାନ ନଡ଼ିଆ କେନ୍ଦ୍ର । ଏଠାରେ ୩,୦୦୦ରୁ ଅଧିକ ଗଛ ଲଗିଛି । ସେଥି ମଧ୍ୟରେ ପୃଥିବୀର ବିଭିନ୍ନ ସ୍ଥାନର ୨୬ ପ୍ରକାର ନଡ଼ିଆ ସହିତ ବାଙ୍ଗର ଓ ଓଡ଼ିଶାର ଉତ୍କୃଷ୍ଟ ଡେଙ୍ଗା ନଡ଼ିଆ ଗଛ ଲଗିଛି ।

## ଦରିଦ୍ର ଶ୍ରେଣୀର ଲୋକମାନଙ୍କ ପାଇଁ ନଡ଼ିଆ ଯୋଜନା ।

ସମାଜରେ ଥିବା ଦରିଦ୍ର ଶ୍ରେଣୀର ଲୋକଙ୍କ ପାଇଁ ନଡ଼ିଆ ଚାଷ ଅତ୍ୟନ୍ତ ଉପାଦେୟ ବ୍ୟବସ୍ଥା । ଜୀବନବୀମା ପରି ଏହା ଏକ ଆଜୀବନ ରୋଜଗାର ପନ୍ଥା । କେବଳ



ଚିତ୍ର ନଂ ୫

ନିଜର ଜୀବନକାଳ ମଧ୍ୟରେ ନୁହେଁ, ବଂଶାନୁକ୍ରମିକ ଭାବେ ଏହି ଜୀବନ ବୀମା କାର୍ଯ୍ୟ କରି ଚାଲିବ । ତେଣୁ ଓଡ଼ିଶା ସରକାର ନିଜେ ଗଛ ଲଗାଇ ଫଳନ୍ତି ଗଛ ପରିବାର ପିଛା ୨୦ଟି ଗଛ ବଦାନ୍ୟତି ପ୍ରଣାଳୀରେ ଯୋଗାଇ ଦେବାକୁ ନିଷ୍ପତ୍ତି କରିଛନ୍ତି । ପ୍ରଥମ ୫ ବର୍ଷର ଖର୍ଚ୍ଚ ସରକାର ଯୋଗାଇବେ । ଫଳିବା ବେଳକୁ ଚାଷୀଙ୍କୁ ହସ୍ତାନ୍ତର କରିବେ । ଏହି ୨୦ଟି ଗଛ ଠିକ୍ ଭାବରେ ରଖିଲେ ବାର୍ଷିକ ଅନ୍ୟୁନ ଟ୨,୦୦୦ଙ୍କା ଉପାର୍ଜନ ହେବ ।

୧୯୭୦-୭୧ରୁ ୧୯୭୩-୭୪ ମଧ୍ୟରେ କେନାଲ ବନ୍ଧରେ ୨,୦୦୦ ଗଛ ଲଗିଥିଲା । ଫଳନ୍ତି ଅବସ୍ଥାକୁ ଆସିବା ମାତ୍ରେ ଏହା ଚାଷୀମାନଙ୍କୁ ବାଣ୍ଟି ଦିଆଯାଇଛି । ଏହା ଦ୍ୱାରା ୧୦୦ଟି ପରିବାର ଉପକୃତ ହେବେ । ୧୯୭୭-୭୮ରୁ ୧୯୮୧-୮୨ ମଧ୍ୟରେ ୬୮,୭୭୮ ଗଛ ଲଗିଛି । ଏଗୁଡ଼ିକ ଲଗିଛି ଓ ଚଳିତ ବର୍ଷ ୧,୨୦,୦୦୦ ଗଛ ଲଗିଛି । ଏଗୁଡ଼ିକ ଫଳନ୍ତି ଓ ଆହୁରି ୩୦,୦୦୦ ଲଗିବାର ବ୍ୟବସ୍ଥା ରହିଛି । ଫଳନ୍ତି ଅବସ୍ଥାକୁ ଆସିଲେ ବାଣ୍ଟି ଦିଆଯିବ । ଏହାଦ୍ୱାରା ୧୦,୦୦୦ରୁ ଅଧିକ ପରିବାର ଉପକୃତ ହେବେ । ସରକାରଙ୍କ ଯୋଜନା ଅନୁଯାୟୀ ବାର୍ଷିକ ୨/୩ ଲକ୍ଷ ଗଛ ଲଗାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯିବ । ଏହାଦ୍ୱାରା ବାର୍ଷିକ ୧୦ ହଜାରରୁ ୧୫ ହଜାର ପରିବାର ଅନ୍ୟୁନ ପକ୍ଷେ ପରିବାର ପିଛା ବର୍ଷକୁ ୨ ହଜାର ଟଙ୍କା ରୋଜଗାର କରିବାର ବ୍ୟବସ୍ଥା ହେବ । ଏହା ଏକ ବଳିଷ୍ଠ ଓ ସୁଦୂର ପ୍ରସାରୀ ପରିକଳ୍ପନା ।



ଚିତ୍ର ନଂ ୬

ଏହାଛଡ଼ା ଆଦିବାସୀ ଓ ହରିଜନ ପରିବାରଙ୍କୁ ନିଜର ଘର ଡ଼ିହ ଓ ବାଡ଼ିରେ ଲଗାଇବା ପାଇଁ ବିନା ମୂଲ୍ୟରେ ସରକାର ନଡ଼ିଆ ଗଛ ଯୋଗାଇ ଦେଉଛନ୍ତି । ଗତ ବର୍ଷ ଏହି ଯୋଜନା ଅନୁଯାୟୀ ୧୬,୦୦୦ ପରିବାର ଉପକୃତ ହୋଇଥିଲେ ଓ ନିଜ ଘରବାଡ଼ିରେ ୮୦ ହଜାର ଗଛ ଲଗାଇଥିଲେ । ଏ ବର୍ଷ ୧୭,୦୦୦ ପରିବାରଙ୍କ ପାଇଁ ବ୍ୟବସ୍ଥା ରଖାଯାଇଛି । ଏବେ ସୁଦ୍ଧା ୬୦,୦୦୦ ଗଛ ଲଗି ସାରିଲଣି ।

ଏହି ଯୋଜନା ଅତ୍ୟନ୍ତ ଲୋକପ୍ରିୟ ହୋଇ ଉଠିଛି । କାରଣ ଘରବାଡ଼ି ଓ ଦାଣ୍ଡରେ ଥିବା ଯତ୍‌କିଞ୍ଚିତ୍ ଜମିକୁ ନିଜର ଜୀବନ ଧାରଣ ପାଇଁ ଉପାର୍ଜନକ୍ଷମ କରାଯାଇ ପାରିବ ।

ବର୍ତ୍ତମାନ ଅନାବାଦି ପଡ଼ିଆ ଓ ଅନ୍ୟାନ୍ୟ ନଡ଼ିଆ ଚାଷ ଉପଯୋଗୀ ଜମିରେ ଗଛ ଲଗାଇ ଲୋକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ।

## ଚିତ୍ରର ବର୍ଣ୍ଣନା

### ଚିତ୍ର ନଂ ୧

ମଞ୍ଜି ନଡ଼ିଆ ପାଇଁ ଉତ୍କୃଷ୍ଟ ମା' ଗଛ ବାଛିବା ଦରକାର । ୧୦-୧୨ ବର୍ଷ ଲଗାୟତ ଗଛ ପିଛା ବାର୍ଷିକ ୬୦ରୁ ୧୦୦ ପର୍ଯ୍ୟନ୍ତ ଫଳ ଧରୁଥିବା ଆବଶ୍ୟକ । ମଞ୍ଜି ପାଇଁ ବଛା ଯାଇଥିବା ଗୋଟିଏ ଗଛ ।

### ଚିତ୍ର ନଂ ୨

ଭଲ ଅମଳ ପାଇଁ ଉତ୍କୃଷ୍ଟ ଚାରା ଗଛ ଅପରିହାର୍ଯ୍ୟ । ନିର୍ଦ୍ଧାରିତ ମା' ଗଛରୁ ସଂଗୃହୀତ ମଞ୍ଜି ନଡ଼ିଆରୁ ବିଭାଗୀୟ ନର୍ସରୀରେ ଚାରା ଉଠା ଯାଉଛି ।

### ଚିତ୍ର ନଂ ୩

କେନାଲ୍‌ବନ୍ଧ ନଡ଼ିଆ ଚାଷ ପାଇଁ ଏକ ଅଭିନବ ତଥା ଉତ୍କୃଷ୍ଟ ପନ୍ଥା । ଓଡ଼ିଶାରେ ଥିବା କେନାଲ ବନ୍ଧରେ ଅନ୍ତତଃ ପକ୍ଷେ ୩୫ ଲକ୍ଷ ନଡ଼ିଆ ଗଛ ଲଗି ପାରିବ । ଏବେ ସୁଦ୍ଧା ଓଡ଼ିଶାରେ ଯେତେ ନଡ଼ିଆ ଜମି ଅଛି ସେତିକି ଜମି ସଙ୍ଗେ ସମାନ (ପ୍ରାୟ ୨୦,୦୦୦ ହେକ୍‌ଟାର) । ବଡ଼ଙ୍ଗା କେନାଲର ଦୁଇ ପାର୍ଶ୍ୱରେ ଲଗିଥିବା ନଡ଼ିଆ ଗଛ ।

### ଚିତ୍ର ନଂ ୪

କେନାଲ ବନ୍ଧରେ ଗୋଟିଏ ପାଖରେ ଲଗିଥିବା ନଡ଼ିଆ ଗଛ । ଆନୁମାନିକ ୮ ବର୍ଷ ହେବ । ଦରିଦ୍ରତମ ଚାଷୀମାନଙ୍କ ମଧ୍ୟରେ ଏହା ବିତରଣ କରାଯାଉଛି ।

### ଚିତ୍ର ନଂ ୫

ଗଛ ଲଗାଇବା ପୂର୍ବରୁ ଜମିରେ ଏକମିଟର ଲମ୍ବ, ଏକମିଟର ଓସାର ଓ ଏକମିଟର ଗଭୀର ଖାତ ଖୋଳି ଖତସାର ଓ ପଙ୍କ ବା ପଟୁମାଟି ମିଶାଇବ । କେନାଲ ବନ୍ଧରେ ଗଛ ଲଗାଇବା ପାଇଁ ପ୍ରସ୍ତୁତି ।

### ଚିତ୍ର ନଂ ୬

ଗୋଟିଏ ୫ ବର୍ଷର ନଡ଼ିଆ ଗଛ । ଚଉଁର ଆସିଗଲଣି । ଫଳ ଗୋଟମା ଦେଖି ମନରେ ଅପୂର୍ବ ଆନନ୍ଦ । ଉପଯୁକ୍ତ ଯତ୍ନ ଦ୍ୱାରା ଓଡ଼ିଶାରେ ଚାଷ କରା ଯାଉଥିବା ସ୍ଥାନୀୟ ଡେଙ୍ଗା ଗଛରେ ମଧ୍ୟ ୫ ବର୍ଷରେ ଚଉଁର ଧରିଛି ।

ଉପନିର୍ଦ୍ଦେଶକ, ଫଳୋଦ୍ୟାନ ବିଭାଗ
ଭୁବନେଶ୍ୱର ।

# "ଇଉକୋପ୍ଲାନ ହାତକୁ ନ ଆସିବା ପର୍ଯ୍ୟନ୍ତ ମୋର ଧାରଣାଥିଲା ଅବସର ଗ୍ରହଣ ଅର୍ଥ ରୋଜଗାର ବନ୍ଦ"



**ଇଉକୋପ୍ଲାନ**
ଜମା ହିସାବ ଅନେକ
ସୁଣ ଅଧିକ ଉପାର୍ଜନର
ଏକ ଅଭିନବ ପରିକଳ୍ପନା
ଅବସର ଏକ ସୁଯୋଗ
ଦେଉଛି ଅସି ନାହିଁ ।

ମୋର ସାମାନ୍ୟ ସଞ୍ଚୟକୁ ନେଇକରି ସୁବଦଳ ଉପଭୋଗ କରି ପାରୁଛି ବୋଲି ମୁଁ ନିଶ୍ଚିନ୍ତତାରେ ଅବସର ଗ୍ରହଣ କରି ପାରୁଛି । ଏଥିପାଇଁ ଇଉକୋ ପ୍ଲାନକୁ ଧନ୍ୟବାଦ—ତଥା ମୂଲ୍ୟରେ ଅର୍ଥ ସାହାଯ୍ୟ ଇଉକୋବ୍ୟାଙ୍କର ଏହି ପରାମର୍ଶ । ଇଉକୋପ୍ଲାନ ମୋର ସଞ୍ଚୟକୁ ଉତ୍ପାଦ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରୁଛି ଏବଂ ସବୁଠାରୁ ଅଧିକ ଉପାର୍ଜନକୁ ସୁନିଶ୍ଚିତ କରୁଛି । ଏହା ମୋର ସଞ୍ଚୟ ନିରାପଦ ରଖୁଛି, ଉପରନ୍ତୁ ମାସକୁ ମାସ ଟଙ୍କା ରୋଜଗାର ବି କରି ଦେଉଛି ।

ମୋର ସଞ୍ଚୟରୁ ଟ ୨୦,୦୦୦ କୁ ମୁଁ ୧୨୦ ମାସ ପାଇଁ ଇଉକୋବ୍ୟାଙ୍କରେ ଜମା ଦେଉଛି । ଏଥର ଜମା ଲାଭ ଉପରେ ଟିକେ ନଜର ପକାନ୍ତୁ :
ପ୍ରତି ମାସରେ ୧୨୪ ଟଙ୍କା ଲେଖାଏ ପାଉଛି—
ପ୍ରଥମ ୩୬ ମାସ
ଟ ୧୬୪.୩୦ ହିସାବରେ ପାଉଛି ତା' ପର ୩୬ ମାସ
(ଉପରନ୍ତୁ ୩୬ତମ ମାସରେ ୨୨୪ ଟଙ୍କା ବୋନସ ମଧ୍ୟ ମିଳିବ) ଓ ୧୮୧.୮୦ ହିସାବରେ—ଶେଷ ୪୮ ମାସ
(ତା ସହିତ ୭୨ତମ ମାସରେ ସାମାନ୍ୟ କିଛି ଟଙ୍କା ଉପହାର ମଧ୍ୟ ମିଳିବ) ।

ମାତ୍ର ୧୦ ବର୍ଷ ମଧ୍ୟରେ (ଟେକ୍ସ ସମସ୍ତ ଦେୟ ଉଠାଇ) ମୋର ଜମା ୨୦,୦୦୦ ଟଙ୍କା ବଢ଼ି ବଢ଼ି ହୋଇଛି ୨୨,୦୦୦ ଟଙ୍କା । ଉପରନ୍ତୁ ଏହି ଦଶ ବର୍ଷରେ ମାସକୁ ମାସ ରୋଜଗାର ତ କହିବା କଥା ହିଁ ନାହିଁ ।

ଏହି ଇଉକୋପ୍ଲାନ ଆପଣଙ୍କ ବି ଉପଯୋଗୀ ଇଉକୋବ୍ୟାଙ୍କର ପାଇଁ । ବିସ୍ତୃତ ବିବରଣ ପାଇଁ ଆଜି ହିଁ ଇଉକୋବ୍ୟାଙ୍କର ଯେ କୌଣସି ଶାଖାରେ ଯୋଗାଯୋଗ କରନ୍ତୁ । ଇଉକୋପ୍ଲାନର ଏକ ଅନ୍ତର୍ଭୁକ୍ତ ପରିକଳ୍ପନା ଅନୁସାରେ ଅବସରର ଜମାପୁଞ୍ଜି ସଞ୍ଚୟକୁ ବଢ଼ାଇ ରଖନ୍ତୁ ।

**ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ**

ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାନୁସାରେ ସୁଧହାର ପରିବର୍ତ୍ତନ ସାପେକ୍ଷ ।


ଦରିଦ୍ର ପରିବାରଙ୍କର
ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମ
ପଶୁ ପ୍ରଜନନ ଯୋଜନା
ଗାଈପାଳନ
ସମ୍ବଲପୁର ୧୯୮୦-୮୧
ସବୁଠୁ ଗରିବ ଲୋକଙ୍କ ସେବାରେ

# ରାମ ଯେ ଲକ୍ଷ୍ମଣ ହୋ ଗଲେ ମୃଗମାରି

ଶ୍ରୀ ଦେବେନ୍ଦ୍ର ନାଥ ଦତ୍ତ



ବାଲେଶ୍ୱର ସହରର ଉପକଣ୍ଠ ବଳଙ୍ଗନଦୀ କୂଳରେ ଆମର ଏହି ଗାଁ । ନାଁ ତାର କଣ୍ଟାବଣିଆଁ । ମାନଚିତ୍ର ବା ଭୂଗୋଳ ବହିରେ ତାର ନାମ ନାହିଁ । ଏହା ଗୋଟିଏ ସ୍ୱତନ୍ତ୍ର ( Revenue Village ) ମଧ୍ୟ ନୁହେଁ । ବାଲେଶ୍ୱର ସହରଠାରୁ ମାତ୍ର ୪ କି: ମି: ବାଟ ।

ଗ୍ରାମରେ ୧୨୦ ଗୋଟି ପରିବାର ବାସ କରନ୍ତି । ସମସ୍ତେ ପ୍ରାୟ ଦିନ ମଜୁରିଆ । ବାସ ଗୃହ କହିଲେ ଛୋଟ ଛୋଟ କୁଡିଆଟି ମାନ । ବଳଙ୍ଗ କୂଳରେ ଠିକାଦାରମାନଙ୍କ ପାଖରେ ଏହି ଗ୍ରାମବାସୀମାନେ ଇଟା ଗଢି ଆଜି ପର୍ଯ୍ୟନ୍ତ ଜୀବନ ଯାପନ କରୁଥିଲେ । ମଜୁରୀ ଥିଲା ପୁରୁଷମାନଙ୍କର ଟ୦୭୫ ଓ ସ୍ତ୍ରୀମାନଙ୍କର ଟ୦'୬୫ ପଇସା ଜାତୀୟ ସରକାର ଗଠିତ ହେବାର ବହୁ ବର୍ଷ ପରେ ଦିନ ମଜୁରୀଆଙ୍କ ମଜୁରୀ ଟ୫ଙ୍କା ହେଲା ଗ୍ରାମବାସୀମାନେ ଦିନ ସାରା କାଦୁଅ, ବାଲି ଓ ପାଣି ସହିତ ଘାଣ୍ଟି ଚକଟି ହୋଇ ଅତି ଦୟନୀୟ ଭାବରେ ଦିନ କାଟୁଥିଲେ । ଗୋଟିଏ ଓଳି ମଧ୍ୟ ପେଟପୁରା ଖାଇବାକୁ ପାଉନଥିଲେ ।

ସରକାର ଗତ ଜାନୁଆରୀ ମାସରେ ନୂତନ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକାରୀ କଲେ । ସେହି କାର୍ଯ୍ୟକ୍ରମ ଅନୁଯାୟୀ ଜାତୀୟକରଣ ବ୍ୟାଙ୍କମାନେ ଆଗେଇ ଆସିଲେ ଦେଶରେ ଥିବା ଅଗଣିତ ଭୂମିହୀନ ତଥା ଆର୍ଥିକ ସୀମା-ରେଖା ତଳେ ବାସ କରୁଥିବା ଲୋକମାନଙ୍କର ଅର୍ଥ-ନୈତିକ ଉନ୍ନତି ନିମନ୍ତେ ସାହାଯ୍ୟ କରିବା ପାଇଁ । ରାଜ୍ୟ ସରକାର ମଧ୍ୟ ଗ୍ରାମାଞ୍ଚଳରେ ଅର୍ଥନୈତିକ ସୀମାରେଖା ତଳେ ବାସ କରୁଥିବା ପ୍ରତ୍ୟେକ ଗ୍ରାମର ଦଶ ଜଣଙ୍କୁ ଚିହ୍ନୋଟ କରି ସେମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ସିଦ୍ଧାନ୍ତ କଲେ । ସେହି ଗ୍ରାମରେ ଗ୍ରାମ ସଭା ବସି ୧୦ଟି ପରିବାରକୁ ଚିହ୍ନୋଟ କଲେ ।

ଗତ ମଇ ମାସ ୮ତାରିଖ ଦିନ ଗୋଟିଏ ଉତ୍ସବରେ ସ୍ଥାନୀୟ ବିଧାନସଭା ସଦସ୍ୟ ତଥା କେତେକ ପଦସ୍ଥ କର୍ମଚାରୀଙ୍କ ଉପସ୍ଥିତିରେ ଟ୫,୦୦୦ଙ୍କା ମୂଲ୍ୟର ପ୍ରତ୍ୟେକ ପରିବାରକୁ ହଳେ ବଳଦ, ଗୋଟିଏ ଆଧୁନିକ ଧରଣର ଶଗଡ ପ୍ରଦାନ କରାଗଲା । ସେହି ଋଣୀମାନେ ମାତ୍ର ଟ୩,୩୩୩ଙ୍କା ପରିଶୋଧ କରିବେ । ଅବଶିଷ୍ଟ ଟ୧,୬୬୬ଙ୍କା ରିହାତି ପାଇବେ । ସେହି ୧୦ଜଣଙ୍କ ମଧ୍ୟରୁ ଆମର ଏହି ଶ୍ରୀ ବାଙ୍ଗରା ସିଂ ଅନ୍ୟତମ । ସେଦିନ ତାଙ୍କ ପରିବାରର ଆନନ୍ଦ କହିଲେ ନ ସରେ । ସେ ତାଙ୍କ ସ୍ତ୍ରୀ ଓ ବୃଦ୍ଧ ପିତା ଉତ୍ସବକୁ ଆସି ବଳଦ ଯୋଡିକୁ ଫୁଲମାଳ ପିନ୍ଧାଇ ବନ୍ଦାପନା କରି ଘରକୁ ନେଇ ଗଲେ । ଶ୍ରୀ ସିଂ କହନ୍ତି, ତାଙ୍କ ପରିବାରରେ ସେ, ତାଙ୍କ ସ୍ତ୍ରୀ, ବୃଦ୍ଧ ବାପା ଓ ତିନି ଗୋଟି ସନ୍ତାନ । ଏହା ପୂର୍ବରୁ ସେମାନେ ଅତି କଷ୍ଟରେ ଦିନ କାଟୁଥିଲେ । ଶଗଡ ପାଇବା ଦିନଠାରୁ ସେହି ଶଗଡରେ ଇଟା ବୋଝେଇ କରି ବଳଙ୍ଗ କୂଳରୁ ପ୍ରତିଦିନ ବାଲେଶ୍ୱର ସହରକୁ ଆଣି ପୂର୍ବରୁ ବରାଦ କରିଥିବା ଲୋକ ମାନଙ୍କୁ ଯୋଗାଇ ଦିଅନ୍ତି । ଶଗଡ ଭଡା ବାବଦ ପ୍ରତିଥରକୁ ଟ୧୦ଙ୍କା ଲେଖାଏଁ ପାଉଛନ୍ତି । ଏହି ପରି ଦିନକୁ ୩।୪ ଥର ଇଟା ଆଣି ଦିନକୁ ବର୍ତ୍ତମାନ ଟ୩୦।୪୦ଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି । ସେ ତାଙ୍କର ରହିବା ପାଇଁ ଗୋଟିଏ ଭଲ ବାସଗୃହ କରିପାରିଛନ୍ତି । ବୃଦ୍ଧ ପିତା ଓ ପିଲାମାନଙ୍କ ମୁହଁରେ ହସ ଫୁଟି ଉଠିବାର ଦେଖିଲେ ତାଙ୍କର ମନ ଆନନ୍ଦରେ ଭରି ଯାଉଛି । ()

ସୁନ୍ଦରଗଡ଼

## ଘୁଙ୍ଗୁର, ରିକ୍ସା ଓ ଘୁଙ୍ଗୁର

ରିକ୍ସାଟି ଆଗକୁ ମାଡ଼ି ଚାଲିଥାଏ । ଆଉ ରିକ୍ସାରେ ବନ୍ଧା ଯାଇଥିବା ଘୁଙ୍ଗୁରଗୁଡ଼ିକ ପିଚୁ ରାସ୍ତାର ଖାଲଢିପ ସହିତ ତାଳ ଦେଇ ମଧୁର ମୂର୍ଚ୍ଛନା ସୃଷ୍ଟି କରୁଥାଏ । ସତେ ଯେମିତି ତାଳ ଦେଇ ମଧୁର ମୂର୍ଚ୍ଛନା ସୃଷ୍ଟି କରୁଥାଏ । ସତେ ଯେମିତି ରିକ୍ସା ମଧ୍ୟରେ ଏକ ନର୍ତ୍ତକୀ ନୃତ୍ୟରତା ଘୁଙ୍ଗୁର ତାଳ ମାନ ଦେଇ ଭାଇ ଚାଲିଥାଏ— ଅସଂଖ୍ୟ ଗୀତଟିଏ ତାଳ ମାନ ଦେଇ ଭାଇ ଚାଲିଥାଏ— "ଧର ପଏସା ଜିନ୍ ଖରସା ନାଗର ମିଛେ ଲେଉହଂସା, ରଥ ଯା ଘୁରିଯାରେ" । ଖାଲଢିପ ରାସ୍ତା, ଘୁଙ୍ଗୁର ବନ୍ଧା ପୁରୁଣା ରିକ୍ସା ଆଉ ରିକ୍ସାବାଲାର ମନ ଘୁରୁଣିଆ ଗୀତ । କେହି କାହାକୁ ଛାଡ଼ି ପାରନ୍ତିନି ।

ସଞ୍ଜ ବେଳକୁ ଶୁକ୍ରୁ ଅଣ୍ଟାରୁ ସବୁ ପଇସାପତ୍ର ଏକାଠି କରି ଥୁଣ୍ଟା ଆମ୍ବଗଛ ମୂଳରେ ୪' ୫ ଥର ଭଲ ଭାବରେ ଗଣତି କରିନିଏ । ଘରଖର୍ଚ୍ଚ ଓ ମାଲିକର ଭଡ଼ା ପାଇଁ ଯାହା କିଛି ଦେଇଦେବା ପରେ ଶୁକ୍ରୁ ଧାଇଁ ଯାଏ ଭାଟି ଆଡ଼େ । ହେଲେ ଏତେ ପରିଶ୍ରମ କରି ମଧ୍ୟ ଶୁକ୍ରୁର ଅଭାବ ମେଣ୍ଟେ ନାହିଁ ।

ଏବେ କାଳ ମହରଗ ହେବାରୁ ବାବୁମଧ୍ୟ ଭାରି ଚିପା ହେଲେଣି । ସହଜରେ ପଇସା ବାହାରୁନି । ଏଇ କଥା ଭାବି ଭାବି ସେଦିନ ଶୁକ୍ରୁ ରିକ୍‌ସାଟା ଉପରେ ଢୁଳେଇ ପଡ଼ିଥିଲା । ବାବୁ ଜଣେ ଆସି ରିକ୍‌ସାରେ ଯିବାକୁ କହିଲେ । ଶୁକ୍ରୁ ସିଟ୍‌ଟାକୁ ଗାମୁଛାରେ ଭଲ ଭାବରେ ଝାଡ଼ିଝୁଡ଼ି ବାବୁଙ୍କୁ ବସେଇ ଚାଲିଲା । ପୁଣି ଘୁଙ୍ଗୁରର ସେହି ମଧୁର ଝଙ୍କାର ।

ବାବୁ ଜଣକ ତା' ନା, ରୋଜଗାର କେତେ, ଘର କେମିତି ଚଳେ, ଏମିତି କେତେ କଥା ପଚାରିଲେ । କିଛି ଛଳ ନକରି ଶୁକ୍ରୁ ସବୁ କହିଗଲା । ବାବୁ କହିଲେ, 'ତୁ ନିଜେ ରିକ୍‌ସାଟିଏ କିଣୁନୁ' ? ଶୁକ୍ରୁ କହିଲା, 'ଇଏ ନୁଆ ପଏସା କେନ୍ତୁ ପାଏମି' । ବାବୁ କହିଲେ, 'ବ୍ୟାଙ୍କ୍ ରିକ୍‌ସା କିଣିବାକୁ ଅଳ୍ପ ସୁଧରେ କରଜ ମିଳିବ' । ତା' ପରେ କିମିତି ମିଳିବ, କାହା ସହିତ ପରାମର୍ଶ କରିବାକୁ ପଡ଼ିବ, ସବୁ କଥା ବୁଝାଇ ଦେଲେ । ପରାମର୍ଶ ଦେବା ବାବୁ ଆଉ କେହି ନୁହନ୍ତି । ସେ ହେଉଛନ୍ତି ଲଠିକଟା ବ୍ଲକ୍‌ର ସଂପ୍ରସାରଣ ଅଫିସର ।

୧୯୮୧ ମସିହା ଅଗଷ୍ଟ ମାସ ୩୧ ତାରିଖ ଦିନଟି ଥିଲା ଶୁକ୍ରୁ ପାଇଁ ଉଲ୍ଲେଖଯୋଗ୍ୟ । ଲଠିକଟା ବ୍ଲକ୍ ତରଫରୁ ଶୁକ୍ରୁକୁ ୧,୫୫୦ ଟଙ୍କା ମୂଲ୍ୟର ନୂଆ ରିକ୍‌ସାଟିଏ ଯୋଗାଇ ଦିଆଗଲା । ଏଥିରୁ ସରକାରଙ୍କ ପକ୍ଷରୁ ୭୦୦ ଟଙ୍କା ରିହାତି ମିଳିଲା । ଷ୍ଟେଟ୍ ବ୍ୟାଙ୍କ୍‌ର ଲଠିକଟା ଶାଖା ଅବଶିଷ୍ଟ ଟଙ୍କା ଋଣ ଆକାରରେ ଯୋଗାଇ ଦେଲେ । ଶୁକ୍ରୁର ବର୍ତ୍ତମାନ ଦିନକୁ ରୋଜଗାର ୨୦ରୁ ୨୫ ଟଙ୍କା । ଏଥି ଭିତରେ ସେ ୬୦୦ ଟଙ୍କା ପଇଠ କରି ସାରିଲାଣି । ଆଉ କେତେଦିନ ପରେ ସେ ହେବ ରିକ୍‌ସାର ପୂରା ମାଲିକ । ସବୁଠାରୁ ବଡ଼ କଥା ହେଲା ଶୁକ୍ରୁର ପରିବର୍ତ୍ତନ । ଶୁକ୍ରୁ ଭାଟି ଆଡ଼େ ଯିବା ବନ୍ଦ କରିଦେଇଛି । ନୂଆ ଘର ଖଣ୍ଡିଏ କଲାଣି ଓ ପାଶ୍‌ବହି ଖଣ୍ଡିଏ ଖୋଲି ସଞ୍ଚୟର ଆକାର ବଢ଼େଇଲାଣି । ଶୁକ୍ରୁର ଏ ଅବସ୍ଥା ଦେଖି ଅନ୍ୟ ରିକ୍‌ସାବାଲାମାନେ ତାକୁ ପଚାରୁଛନ୍ତି, ବୁଝୁଛନ୍ତି । ବର୍ତ୍ତମାନ ଶୁକ୍ରୁ ଇ. ଆର. ଆର. ପି. ଯୋଜନା କଥା ସାଙ୍ଗ ସାଥୀଙ୍କୁ ବୁଝାଇପାରୁଛି । କେବଳ ରିକ୍‌ସା ନୁହେଁ, ଗାଈ ଛେଳି, ସିଲେଇ ମେସିନ୍, ଯନ୍ତ୍ରପାତି ପ୍ରଭୃତି ସବୁକିଛି ମିଳିବ ବୋଲି ଶୁକ୍ରୁ କହିଚାଲିଛି । ଫଳରେ ନିଜର ଆଖି ଖୋଲିବା ସଙ୍ଗେ ସଙ୍ଗେ ଶୁକ୍ରୁ ଅନ୍ୟମାନଙ୍କ ଆଖି ଖୋଲି ଦେଉଛି । ଶୁକ୍ରୁ ନୂଆ କଥା ଭାବିଲାଣି । ରିକ୍‌ସା ସାଙ୍ଗକୁ ଗୋଟିଏ ଛୋଟ କୁକୁଡ଼ା ଫାର୍ମ କରିବା କଥା ତା ମନରେ ଘାରି ହେଉଛି ।

ବି: ଦ୍ର: -(ସୁନ୍ଦରଗଡ଼ ଜିଲ୍ଲାରେ ରିକ୍‌ସାଗୁଡ଼ିକରେ ଘଣ୍ଟି ବଦଳରେ ଘୁଙ୍ଗୁର ବନ୍ଧା ଯାଇଥାଏ ଓ ରିକ୍‌ସା ଚାଲିଲା ବେଳେ ଘୁଙ୍ଗୁରଗୁଡ଼ିକରୁ ଝୁଣୁଝୁଣୁ ଶବ୍ଦ ବାହାରୁଥାଏ) ।

ଗଞ୍ଜାମ

# ଉଷାବତୀଙ୍କ ଦୁଃଖ ନିଶିର ଅବସାନ

ଶ୍ରୀ ଶରତଚନ୍ଦ୍ର ଗଡଜନ୍ଦ୍ର ଦେଓ

ହଠାତ୍ ଦୁର୍ଭାଗ୍ୟ ଆସିଲା ଉଷାବତୀଙ୍କ ଜୀବନରେ । ଶେଷ ପୁଅ ମୃତ୍ୟୁର ୨୧ ଦିନ ପରେ ଦୁରାରୋଗ୍ୟ ପେଟମରା ରୋଗରେ ପୀଡ଼ିତ ହୋଇ ସ୍ୱାମୀ ସବୁ ଦିନ ପାଇଁ ଆଖି ବୁଜିଲେ । ପାଞ୍ଚ ପ୍ରାଣୀର କୁଟୁମ୍ବ, ଚଳେ କିମିତି ? ପାରଳାଖେମୁଣ୍ଡିଠାରୁ ୧୯ କି. ମି. ଦୂର ଗୋସାଣୀ ଗ୍ରାମ । ସେଠାରେ ତାଙ୍କର ସ୍ୱାମୀ ପାନ ଦୋକାନଟିଏ କରି ସୁରୁଖୁରୁରେ ପରିବାର ପ୍ରତିପୋଷଣ କରୁଥିଲେ । ପିଲାମାନଙ୍କର ଦାନାକନା ଚିନ୍ତାରେ ଉଷାବତୀଙ୍କର ନିଦ ହେଲା ନାହିଁ । ଘରର ଆସବାବପତ୍ର ବନ୍ଧକ ଦେଇ ଏବଂ ବିକ୍ରି କରି କିଛିଦିନ ପିଲାଙ୍କୁ ବଞ୍ଚାଇଲେ । ପାନଦୋକାନ କ୍ୟାବିନେଟ୍‌ଟିକୁ ମଧ୍ୟ ବିକ୍ରି କଲେ । କୁଟୁମ୍ବ ଚଳାଇବା ପାଇଁ ପାନ ଦୋକାନର ସାମଗ୍ରୀ କିଣି ଘରେ ଗୋଟିଏ ପାନ ଦୋକାନ ଆରମ୍ଭ କଲେ ।

ଗ୍ରାମ କମିଟି ପରାମର୍ଶ କ୍ରମେ ଉଷାବତୀ ୧୯୭୯ ମସିହାରେ ଗୋସାଣୀ ବ୍ଲକ୍‌ର ବାଲ୍‌ବାଡ଼ି ସଂପାଦିକା ରୂପେ ନିଯୁକ୍ତି ପାଇଲେ । ମାସକୁ ୭୦ ଟଙ୍କା ବେତନରେ ବହୁ ଦୁଃଖ କଷ୍ଟରେ ପରିବାର ଚଳାଇଲେ । ବାଲବାଡ଼ିରେ କାର୍ଯ୍ୟ କରୁଥିବା ସମୟରେ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ରଘୁନାଥ ମିଶ୍ରଙ୍କ ସହ ପରାମର୍ଶ କରି ଗ୍ରାମ ଉନ୍ନୟନ ଯୋଜନା କାର୍ଯ୍ୟକ୍ରମରେ ୧୯୮୦ ମସିହାରେ ସେ ଗୋଟିଏ ମଇଁଷି ଋଣ ଆକାରରେ ଗ୍ରହଣ କଲେ । ମଇଁଷିଟି ପାଇବା ପରେ ନିଜ ପରିବାରଟିକୁ ବେଶ୍ ସହଜରେ ଚଳାଇବାକୁ ସକ୍ଷମ ହେଲେ । ସରକାରଙ୍କ ତରଫରୁ ପାଇଥିଲେ ୧,୨୦୦ ଟଙ୍କାର ମଇଁଷି, ତା'ଉପରେ ଋଣ ରିହାତିର ପରିମାଣ ଥିଲା ୪୦୦ ଟଙ୍କା । ଯେତେବେଳେ ସେ ମଇଁଷିଟି ପାଇଲେ ସେତେବେଳେ ମଇଁଷିଟି ୪ଲିଟର କ୍ଷୀର ଦେଉଥିଲା । ଲିଟର ଦୁଇଟଙ୍କା ହିସାବରେ କ୍ଷୀର ବିକ୍ରି କରି ସେ ପ୍ରତିଦିନ ୮ ଟଙ୍କା ରୋଜଗାର କଲେ । ମଇଁଷି ବାବଦକୁ ଦୈନିକ ଖର୍ଚ୍ଚ ହେଉଥିଲା ୩ ଟଙ୍କା । ବଳକା ୫ ଟଙ୍କା ସେ ଘରେ ଖର୍ଚ୍ଚ କରୁଥିଲେ ।

ନିଜେ ଚଳି ଓ ପିଲାମାନଙ୍କୁ ଚଳାଇ ୧୯୮୨ ମସିହା ଅଗଷ୍ଟ ଶେଷ ସୁଦ୍ଧା ସେ ସମସ୍ତ ଋଣ ପରିଶୋଧ କଲେ । ପୁଣି ଗ୍ରହଣ କଲେ ୧,୫୦୦ ଟଙ୍କାର ମଇଁଷି ୫୦୦ ଟଙ୍କା ରିହାତିରେ । ଆଜି ଉଷାବତୀଙ୍କର ଦୈନିକ ଆୟ ୧୬ ଟଙ୍କା । ତାଙ୍କ ଦୁର୍ଭାଗ୍ୟର ଦିନ ଅପସରି ଯାଇଛି ; ପିଲାମାନଙ୍କର ଆନନ୍ଦ କହିଲେ ନସରେ ।



# ଅନ୍ୟନାମ କାମଧେନୁ

**ଶ୍ରୀ ଚନ୍ଦ୍ର ସ୍ୱାଇଁ**

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକରେ ଗାଁଟିଏ ସହିଦ୍ ନଗର । ସେହି ଗାଁର ଶ୍ରୀ ରାମଚନ୍ଦ୍ର ପାତ୍ର ହରିଜନ ଶ୍ରେଣୀର ଏକ ଉଦ୍ଦାମ ଯୁବକ । ସ୍ୱାବଲମ୍ବନ-ଶୀଳ ଜୀବନ ପାଇଁ ତାଙ୍କ ମନରେ ବହୁତ ଆଶା ଓ ଅନେକ ସ୍ୱପ୍ନ । ସେ ମଣିଷ ହେବେ । ନିଜ ଗୋଡ଼ରେ ନିଜେ ଠିଆ ହେବେ । ସେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛନ୍ତି । ଜୀବନରେ ସମସ୍ୟାଗୁଡ଼ିକର ମୁକାବିଲା ପାଇଁ ତାଙ୍କୁ ଅସୀମ ଧୈର୍ଯ୍ୟ ରକ୍ଷା କରିବାକୁ ପଡ଼ିଛି । କିନ୍ତୁ କୌଣସି କ୍ଷେତ୍ରରେ ସେ ଭାଙ୍ଗି ପଡ଼ି ନାହାନ୍ତି ଏବଂ ଦୁର୍ବଳ ଅନୁଭବ କରି ନାହାନ୍ତି ।

୪ବର୍ଷ ବୟସରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହରାଇ ଥିଲେ । ବାପା ଯୋଡ଼ାର ଖଣି ଖାଦାନରେ ଖଟି ପୁଅକୁ ମଣିଷ କରିବା ପାଇଁ ଉଦ୍ୟମ କରୁଥିଲେ । ମାତ୍ର ପୁଅ ସ୍କୁଲରେ ପଢ଼ୁଥିଲା ବେଳେ ବାପାଙ୍କର ଅକାଳ ବିୟୋଗ ଘଟିଲା । ନିଃସ୍ୱ ବାଳକ ଶ୍ରୀ ପାତ୍ର ବହୁ କଷ୍ଟରେ ବହୁ ଦୁଃଖରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ବେଶୀ ପଢ଼ିବାକୁ ସୁଯୋଗ ନ ପାଇ ଚାକିରି କରିବାକୁ ଉଦ୍ୟମ କଲେ । କିନ୍ତୁ ଚାକିରି ମିଳିଲା ନାହିଁ, ଅନେକଙ୍କ ପରି ସେ ବେକାର ହେଲେ । ଏହି ସମୟରେ ଜଣେ ଖଣି ମାଲିକଙ୍କ ଅଧୀନରେ କିଛି ଦିନ ପାଇଁ କାମ କରିବାକୁ ବାଧ୍ୟ ହେଲେ । ଅବସ୍ଥା ଦୃଷ୍ଟିରୁ ସେ ଅତ୍ୟନ୍ତ ମିତବ୍ୟୟୀ ଥିଲେ ଏବଂ ନିଷ୍ଠାପର ଭାବରେ ନିଜର କର୍ତ୍ତବ୍ୟ କରି ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ ।

ସାମାନ୍ୟ ସଂଚିତ ଅର୍ଥରେ ସେ ପ୍ରଥମେ ଦୁଇଟି ଦେଶୀ ଗାଈ କିଣି ନିଜର ପାରିବାରିକ ଅନାଟନକୁ ସୁଧାରିବାକୁ ଉଦ୍ୟମ କଲେ । ଯୋଡ଼ାଭଳି ଖଣି ଅଞ୍ଚଳରେ ଦୁଧର ଚାହିଦା ଦୃଷ୍ଟିରୁ ଏହା ତାଙ୍କ ପକ୍ଷରେ ଲାଭଜନକ ହେବ ବୋଲି ସେ ଚିନ୍ତା କଲେ । ଦେଶୀ ଗାଈ ପାଳନ ଦ୍ୱାରା କ୍ରମଶଃ ସେ ଲାଭବାନ ହେଲେ ଏବଂ ମନରେ ତାଙ୍କର ଏକ ଆତ୍ମବିଶ୍ୱାସ ସୃଷ୍ଟି ହେଲା । ଶ୍ରୀ ରମେଶ ଚନ୍ଦ୍ର ପାତ୍ର ତା ପରେ ଏହି ଗୋ-ପାଳନ କାର୍ଯ୍ୟକ୍ରମକୁ ଏକ ଆତ୍ମ ନିଯୁକ୍ତିକାରୀ ଯୋଜନା ହିସାବରେ ଗ୍ରହଣ କରି ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି କରିବା ପାଇଁ ସଙ୍କଳ୍ପ କଲେ । ନିଜର ଅଧ୍ୟବସାୟ ଓ ପରିଶ୍ରମ ଫଳରେ ସେ ସଫଳ ହେଲେ ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଏବଂ ସ୍ଥାନୀୟ ବ୍ଲକ ଉନ୍ନୟନ ଅଫିସରଙ୍କ ସାହାଯ୍ୟ ସହଯୋଗ ପାଇବା ପାଇଁ ସେ ନିବେଦନ କଲେ । ସାହାଯ୍ୟ ମିଳିଲା । ଉନ୍ନତ ଧରଣର ଜର୍ସିଗାଈ କିଣିବା ପାଇଁ ବ୍ୟାଙ୍କରୁ ଋଣ ପାଇବାକୁ ବ୍ୟବସ୍ଥା କରି ଦିଆଗଲା । ସମସ୍ତ ଖର୍ଚ୍ଚ ସହିତ ଟ ୪,୦୦୦'୦୦ ଦେଇ ୯ଲିଟର ଦେଉଥିବା ଜର୍ସି ଗାଈଟିଏ ସେ କିଣିଲେ ଗତ ୧୯୮୧ ମସିହା ଫେବୃୟାରୀ ମାସରେ । ଗାଈଟିକୁ ଆଦର ଯତ୍ନ ନେଇ ପଶୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପ୍ରତିପାଳନ କଲେ । କୌଣସି ତ୍ରୁଟି ନାହିଁ । ହାରାହାରି ଦିନକୁ ୧୦'୪ ଲିଟର ହିସାବରେ ୩୬୦ ଦିନରେ ସେ ପାଇଛନ୍ତି ୩,୮୩୦ ଲିଟର ଦୁଧ । ୧୯୮୧ ମସିହା ନଭେମ୍ବର ମାସରେ ଏହି ଗାଈ ଦିନକୁ ୧୧ ଲିଟର ହିସାବରେ ଦୁଧ ଦେଇ ଯଥାର୍ଥରେ ରେକର୍ଡ ସୃଷ୍ଟି କରିଛି । ଏହି ଗାଈଟି ପୁରାଣ ବର୍ଣ୍ଣିତ କାମଧେନୁ ହେଉ କି ନ ହେଉ ଶ୍ରୀ ପାତ୍ରଙ୍କ ପକ୍ଷରେ ଏହା ହେଉଛି ମା' ଲକ୍ଷ୍ମୀଙ୍କର ଏକ ଐଶ୍ୱର୍ଯ୍ୟର ଅନୁଦାନ ଏବଂ କର୍ମ ଶକ୍ତିର ଏକ କ୍ଷୟହୀନ ସମ୍ପତ୍ତି ।



ଦୁଧ ଲିଟର ପ୍ରତି ଟ ୩'୦୦ ରୁ ଟ ୩'୫୦ ହିସାବରେ ବିକ୍ରୟ କରି ଶ୍ରୀ ପାତ୍ର ମୋଟ ଟ ୧୨,୧୧୦.୦୦ ଙ୍କା ପାଇଛନ୍ତି । ଋଣ ବାବଦକୁ ଟ ୯୦୦.୦୦ ଓ ବୀମା ବାବଦକୁ ଟ ୧୮୦.୦୦ଙ୍କା ସହିତ ଗାଈର ଖାଇବା ଓ ରକ୍ଷଣା ବେକ୍ଷଣ ବାବଦକୁ ସେ ଏହି ସମୟ ମଧ୍ୟରେ ମୋଟ ଖର୍ଚ୍ଚ କରିଛନ୍ତି ଟ ୬,୬୩୦.୦୦ଙ୍କା । ଏହାକୁ ବାଦ ଦେଲେ ସେ ପ୍ରଥମ ବର୍ଷରେ ଲଭ ପାଉଛନ୍ତି ଟ ୫,୪୮୦.୦୦ଙ୍କା । ଏହି ଗାଈହିଁ ଶ୍ରୀ ପାତ୍ର ଏବଂ ତାଙ୍କ ପରିବାରର ଭବିଷ୍ୟତ ପାଇଁ ଆଶାର ପ୍ରତୀକ । ଏ ବିଶ୍ୱାସ ସେମାନଙ୍କୁ ସମାଜରେ ଆଜି ପ୍ରତିଷ୍ଠିତ କରି ପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କ ଭଳି ଅନେକ ପରିବାର ସରକାରଙ୍କ ଏହିଭଳି ଯୋଜନାଗୁଡ଼ିକରେ ଆତ୍ମ-ବିଶ୍ୱାସୀ ହୋଇ ନିଜର ଅର୍ଥନୈତିକ ପ୍ରଗତିରେ ସଫଳତା ଅର୍ଜନ କରି ପାରୁଛନ୍ତି, ତାହା ଆଜି ଯଥାର୍ଥରେ ପ୍ରଣିଧାନ ଯୋଗ୍ୟ । ଏହି ଆଦର୍ଶରେ ଅନେକେ ଅନୁପ୍ରାଣୀତ । ଭିକାରି ଦ୍ୱାରା ପର ଆଶ୍ରିତ ଜୀବନ ଅପେକ୍ଷା ସରକାରଙ୍କ ସାହାଯ୍ୟ ସହଯୋଗ ନେଇ ଏହିଭଳି ଆତ୍ମ ନିର୍ଭର-ଶୀଳ କର୍ମ ଚେତନାରେ ବଞ୍ଚି ରହିବା ଶ୍ରେୟସ୍କର ବୋଲି ଆଜିର ଯୁବଶକ୍ତି ବିଶ୍ୱାସ କରେ ।

# ପାର୍ବତୀ ଜୀବନରେ ଯାହା ସତ ହୋଇଛି

**ଶ୍ରୀ ବିବେକାନନ୍ଦ ମିଶ୍ର**

କୋରାପୁଟ ଜିଲ୍ଲା ରାୟଗଡ଼ା ସବ୍‌ଡ଼ିଭିଜନର କଲ୍ୟାଣସିଂହପୁର ଗ୍ରାମରେ ପାର୍ବତୀର ଶାଶୁଘର । ମନରେ କେତେ କଅଣ ସୁନେଲି କଳ୍ପନା ନେଇ ସେ ଶାଶୁ ଘରକୁ ଆସିଥିଲା । ପିଲାଟି ଦିନରୁ ତ ମା'କୁ ହରାଇଥିଲା । ତେଣୁ ବିବାହ ପରେ ସ୍ୱାମୀ ଥିଲା ତା'ର ଏକମାତ୍ର ଭରସା । ବିଧିର ବିଧାନ ବିଚିତ୍ର । ବିବାହର କେଇ ମାସ ପରେ ସ୍ୱାମୀ ତାକୁ ଛାଡ଼ପତ୍ର ଦେଲେ । ପାର୍ବତୀର ସୁଖସ୍ୱପ୍ନ ମଉଳି ଗଲା । ବିଚାରି ପୁଣି ଫେରି ଆସିଲା ତାର ବୃଦ୍ଧ ପିତାଙ୍କ ନିକଟକୁ । ବୃଦ୍ଧ ବାପା ତା'ର ମୂଲ ଲାଗି ପେଟ ପୋଷନ୍ତି । ଝିଅର ଏଭଳି ଦୁର୍ଦ୍ଦଶା ଦେଖି ତାଙ୍କର ମନୋବଳ ଭାଙ୍ଗି ପଡ଼ିଲା । ଘରେ ମଠିଏ ଖାଇବାକୁ ନାହିଁ । ବଞ୍ଚିବେ କିପରି ? ତାଙ୍କଭଳି ନିଃସ୍ୱ ଲୋକକୁ କିଏବା କାହିଁକି ସାହାଯ୍ୟ କରିବ ? ପରିଶୋଧ କରିବାର କ୍ଷମତା ନାହିଁ ଯେତେବେଳେ, ଋଣ ବା' ମିଳିବ କେଉଁଠୁ ? ବଞ୍ଚିବାର ରାହା ଖୋଜି ବୁଲିଲା ପାର୍ବତୀ । ଶୁଣିଲା ତା' ଭଳି ଦୁଃସ୍ଥ ଲୋକମାନଙ୍କୁ ଥଇଥାନ କରିବାପାଇଁ ସରକାର ହାତଉଆଡ଼େ ସାହାଯ୍ୟ ଯୋଗାଇ ଦେଉଛନ୍ତି । ସେ ବିଶ୍ୱାସ କରିପାରିଲାନି । ବି. ଡି. ଓ.ବାବୁଙ୍କୁ ଦେଖା କଲା । ତାଙ୍କଠାରୁ ସବୁ ବିଷୟ ବୁଝିବା ପରେ ତା' ମନରେ ଦମ୍ଭ ଆସିଲା–ସାହାସ ଆସିଲା ।

ସରକାରଙ୍କଠାରୁ ୩,୦୦୦ ଋଣ ପାଇବା ପରେ ନିଜର ଗୁଜୁରାଣ ମେଣ୍ଟାଇବାପାଇଁ ପାର୍ବତୀ ଯେଉଁଦିନ ଛୋଟିଆ ଡେଙ୍ଗରାତି ଦୋକାନଟିଏ ଖୋଲି ବସିଲା, ସେଦିନ ତା'ର ଆନନ୍ଦ କହିଲେ ନସରେ । ଏହା ହେଉଛି ୧୯୮୦-୮୧ର ଘଟଣା । ଏଇ ଦୋକାନଟି ଖୋଲି ପାର୍ବତୀ ଏବେ ତା' ପରିବାରକୁ ବେଶ୍ ସୁରୁଖୁରୁରେ ଚଳାଇ ପାରୁଛି । ରିହାତିକୁ ବାଦ୍ ଦେବା ପରେ ଅବଶିଷ୍ଟ ଋଣ ବାବଦ ଦେୟ ମଧ୍ୟ ସେ ପରିଶୋଧ କରି ପାରୁଛି । ତା' ଭଳି ଆଉ ୪୫୬ଟି ପରିବାର ମଧ୍ୟ ଏହି ଯୋଜନା ଦ୍ୱାରା ଉପକୃତ ହେଲେଣି । ନିଃସ୍ୱ ଓ ଅସହାୟ ଲୋକଙ୍କ ମନରେ ଏହା ଅନେକ ଆଶା ଓ ବିଶ୍ୱାସ ସଞ୍ଚାର କରିଛି । ବିଭିନ୍ନ କିସମର ଯୋଜନା ମାଧ୍ୟମରେ ଦରିଦ୍ର ଲୋକମାନଙ୍କୁ ଥଇଥାନ କରାଯାଉଛି । ଗ୍ରାମାଞ୍ଚଳ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୦-୮୧ ଡିସେମ୍ବର ଶେଷ ସୁଦ୍ଧା କୋରାପୁଟ ଜିଲ୍ଲାର ୪,୮୩୬ ଜଣ ଦରିଦ୍ର ପରିବାର ଉପକୃତ ହୋଇଛନ୍ତି । ବିଭିନ୍ନ ପରିକଳ୍ପନା ମାଧ୍ୟମରେ, ରିହାତି ବ୍ୟବସ୍ଥା ସହ ଦରିଦ୍ର ଲୋକମାନଙ୍କ ଅର୍ଥନୈତିକ ଥଇଥାନ ନିମନ୍ତେ ଋଣ ସାହାଯ୍ୟ ଯୋଗାଇ ଦିଆଯାଉଛି । ଗରିବ ଲୋକମାନଙ୍କ ଦୁର୍ଦ୍ଦଶା ମୋଚନ କରିବା ଦିଗରେ ଏହା ବେଶ୍ ସହାୟକ ହେଉଛି । କେବଳ ପାର୍ବତୀ ନୁହେଁ, ତା' ଭଳି ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ଅସଂଖ୍ୟ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିଛି । ଆଜି ସେମାନେ ଆଉ ପୂର୍ବଭଳି ନିଜକୁ ଦୁର୍ବଳ ଭାବୁନାହାନ୍ତି । ଯଥେଷ୍ଟ ଆତ୍ମ ବିଶ୍ୱାସ ଓ ଦୃଢ଼ ମନୋବଳ ନେଇ ସେମାନେ ଆଗେଇ ଚାଲିଛନ୍ତି ।

# ସେମାନେ ମନ ଖୋଲି କହିଲେ

ବଲାଙ୍ଗୀର ଜିଲ୍ଲା ମାଥନପାଲି ଗାଁରେ ଗତ ଦୁଇବର୍ଷ ହେଲା ଗୋଟିଏ ବଡ଼ ପରିବର୍ତ୍ତନ ଆସିଛି । କିଛି ନଥିଲାବାଲାଙ୍କ ହାତରେ ଏବେ ମୁଠାମୁଠା ପଇସା, ବ୍ୟାଙ୍କ୍‌ରେ ଟଙ୍କା ଏବଂ ଘରକରଣା ଚିଜ । ଏଇ ଗାଁର ଗଜେନ୍ଦ୍ର ଭୋଇ ଆଗେ ଗୋତି ଶ୍ରମିକ ଭାବେ କାମକରି ବର୍ଷକୁ ମାତ୍ର ୧୫ ମାଣ ଧାନ ପାଉଥିଲେ । ଭବିଷ୍ୟତଟା ତାଙ୍କୁ କିଟିମିଟିଆ ଅନ୍ଧାର ମନେ ହେଉଥିଲା । ଏମିତି ଗୋତି ଖଟି ଖଟି ଅଣନିଶ୍ୱାସୀ ହେଲା ପରେ ସେ କୁଲିକାମ ଆଦରିଲେ । ସେଥିରେ ମଧ୍ୟ ଅଧେ ଦିନ ଉପାସ । ଭବିଷ୍ୟତଟା ଯୋଉ ଅନ୍ଧାରକୁ ସେଇ ଅନ୍ଧାର । ହଠାତ୍ ଏ ଅନ୍ଧାର ଭିତରୁ ସେ ଆଲୋକର ସନ୍ଧାନ ପାଇଲେ । "ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ" କାର୍ଯ୍ୟକ୍ରମ ଜରିଆରେ ଗଜେନ୍ଦ୍ରଙ୍କୁ ଦୁଇ ଏକର ଜମି ମିଳିଲା । କେବଳ ଜମି କାହିଁକି, ଜମି ଉଠିଆ କରିବା, କୃଷି ଉପକରଣ କିଣିବା, ସାର ଓ ବିହନ କିଣିବା ପାଇଁ ତାଙ୍କୁ ସରକାରୀ ସାହାଯ୍ୟ ମିଳିଲା । ତା' ପରେ ଧୁମ୍‌ଧାମରେ ଆରମ୍ଭ ହେଲା ଚାଷବାସ । ଯେଉଁ ମାଥନପାଲି ଜଳସେଚନ ପ୍ରକଳ୍ପର

ଜଳ ଗଜେନ୍ଦ୍ରଙ୍କ ପାଇଁ କେବଳ ଗାଧୋଇବା କାର୍ଯ୍ୟରେ ଲାଗୁଥିଲା, ସେ ଜଳ ବର୍ତ୍ତମାନ ତାଙ୍କ ଜମିକୁ ଗାଧୋଉଛି, ଆଉ ଜମିରୁ ଲକ୍ଷ୍ମୀ ଆବିର୍ଭାବ ହେଲେ । ଧାନ, ମକ୍କା, ମୁଙ୍ଗ, ଆଳୁ, ବାଇଗଣ ଅମଳ ହେଲା, ବିଭିନ୍ନ ଋତୁରେ ବିଭିନ୍ନ ଫସଲ । ଚାଷଖର୍ଚ୍ଚ ବାଦ୍ ଯାଇ ପ୍ରାୟ ୨ ହଜାର ଟଙ୍କା ଲାଭ ହେଲା । ପୋଷ୍ଟ ଅଫିସ୍ ସଞ୍ଚୟ ବହିରେ ୪୧୦ ଟଙ୍କା ଜମା ରଖିବା ପରେ ପଟେ ବଳଦ ଓ ହଳେ ଶଗଡ଼ କିଣିଲେ । ଆଗରୁ ସରକାରୀ ସାହାଯ୍ୟ ପାଇ ପଟେ ବଳଦ କିଣା ସରିଥିଲା । ଏବେ ଚାଷକାମ ନଥିଲା ବେଳେ ଶଗଡ଼ ବାହି ସେଥିରୁ ବେଶ୍ ଦୁଇ ପଇସା ରୋଜଗାର ହେଉଛି । ହାତରେ ଧନ ଥିଲେ ବୁଦ୍ଧି ଆପେ ଆପେ ଆସେ । ବର୍ତ୍ତମାନ ଜମିକୁ ଭଲ ଭାବରେ ସମତଳ କରିବା ଓ ବିଭିନ୍ନ ପ୍ରକାର ପନିପରିବା ଚାଷ କରିବାରେ ସେ ମନ ଦେଲେଣି । ସେ ଆଶା କରନ୍ତି ଯେ ତାଙ୍କ ଶଗଡ଼ ଓ ବଗିଚ୍ଚ କଞ୍ଚା ପଇସା ଯୋଗାଇବ ଏବଂ ତାଙ୍କ ଅମାର ଫୁଲି ଉଠିବ ।

ଗାଁର ଆଉ ଜଣେ ଚାଷୀ, ଭାଗବତ ଦାସ । ଆଗରୁ ଛେଳି ଚରାଉଥିଲେ । ଛେଳି ଚରାଇବା ପାଇଁ ପ୍ରତି ମାଲିକଙ୍କ ପାଖରୁ ପଖାଳ ଭାତ ଗିନାଏ ମିଳେ । ବାରବର୍ଷ ଏମିତି କଟିଗଲା ପରେ ତାଙ୍କ ଭାଗ୍ୟର ପରିବର୍ତ୍ତନ ଘଟିଲା । ଇ: ଆର: ଆଇ: ପି: ଯୋଜନା ଜରିଆରେ ତାଙ୍କୁ ମଧ୍ୟ ଦୁଇ-ଏକର ଜମି ମିଳିଲା । ଜମି ଉଠିଆ କରିବା, ବଳଦ କିଣିବା ଏବଂ ସାର ଓ ବିହନ କିଣିବା ପାଇଁ ସରକାରୀ ସାହାଯ୍ୟ ମିଳିଲା । ତାଙ୍କ କ୍ଷେତରେ ସବୁଜ ଫସଲ ହସିଉଠିଲା । ସବୁ ଖର୍ଚ୍ଚ ଯାଇ ସେ ଲାଭ ପାଇଲେ ୧ ହଜାର ଟଙ୍କା । ଡାକଘର ସଞ୍ଚୟ ପାଶ୍‌ବହିରେ ୨୦୦ ଟଙ୍କା ଜମା ରଖିଲେ । ବର୍ତ୍ତମାନ ସେ ବେଶ୍ ଆରାମରେ ଚଳିବାକୁ ଆରମ୍ଭ କଲେଣି । ସେ ଏବେ ଗୋଟିଏ ବିପଦରେ ପଡ଼ିଯାଇଛନ୍ତି । ତାଙ୍କୁ ବାତ ଧରିଛି । ତତ୍କ୍ଷଣ ଚିକିତ୍ସା ନକଲେ ଅବସ୍ଥା ଅସମ୍ଭାଳ ହେବ । ଯାହାହେଉ, ପାଶ୍‌ବହିରେଥିବା ଜମା ଟଙ୍କାରୁ ୪୦ ଟଙ୍କା ଉଠାଇ ଚିକିତ୍ସା ଚାଲିଛି । ଶୀଘ୍ର ଭଲ ହୋଇଯିବେ ଏବଂ ଫସଲ ଅମଳ କରିବେ ବୋଲି ମନରେ ତାଙ୍କର ଦମ୍ଭ ଆସିଛି ।

ଗାଁର ଆଉ ଜଣେ ଉପକୃତ ବ୍ୟକ୍ତି ଭାଗବତ ଦାସ । ସେ କହନ୍ତି ଯେ କେବଳ ସେମାନେ କାହିଁକି, ଏ ଗାଁର ମୋଟ୍ ୧୦ଟି ଦରିଦ୍ରତମ ପରିବାର ଇ: ଆର:ଆଇ:ପି: କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଛନ୍ତି । ବିଭିନ୍ନ ଧନ୍ଦା ଜରିଆରେ ସମସ୍ତେ ଭାଗ୍ୟର ପରିବର୍ତ୍ତନ ପାଇଁ ବାହାପିଟି ଚାଲିଛନ୍ତି ।

## ରାଜ୍ୟସ୍ତରୀୟ କର୍ମ ଯୋଗାଣ କମିଟି ବୈଠକ

ଗତ ନଭେମ୍ବର ୩ ତାରିଖରେ ସଚିବାଳୟଠାରେ ଶ୍ରମ ଓ କର୍ମ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କର୍ମ ଯୋଗାଣ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟର ବିଭିନ୍ନ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜ୍-ମାନଙ୍କରେ ରେଜେଷ୍ଟ୍ରିଭୁକ୍ତ ବେକାର ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏମାନଙ୍କୁ କିପରି ବହୁ ସଂଖ୍ୟାରେ କର୍ମ ନିଯୁକ୍ତି ଦିଆଯାଇ ପାରିବ, ସେଥିପାଇଁ ଉଦ୍ୟମ ହେଉଛି । ଏହାଛଡ଼ା କର୍ମ ଯୋଗାଣ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସଦସ୍ୟମାନେ ମତାମତ ଦେବାକୁ ସେ ଅନୁରୋଧ କରିଥିଲେ । ଆଦିବାସୀ, ହରିଜନ ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ କର୍ମ ସଂସ୍ଥାନ କିପରି ବୃଦ୍ଧି ହୋଇପାରିବ, ସେ ସମ୍ପର୍କରେ ବିଭିନ୍ନ ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ ।

ବୈଠକରେ କର୍ମ ଯୋଗାଣ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ଫକୀର ଚରଣ ପାଣିଗ୍ରାହୀ ଏହି ସଂସ୍ଥାର କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଲେ ଯେ ଗତବର୍ଷ ତୁଳନାରେ ଚଳିତ ବର୍ଷ ରେଜିଷ୍ଟ୍ରିଭୁକ୍ତ ବେକାର ଯୁବକଙ୍କ ସଂଖ୍ୟା ହ୍ରାସ ପାଉଛି । ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ବୃଦ୍ଧି ଏବଂ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମଗୁଡ଼ିକରେ ଯୁବକ-ମାନଙ୍କ ଆଗ୍ରହ ପ୍ରକାଶ ଏହାର କାରଣ ବୋଲି ସେ ଦର୍ଶାଇଥିଲେ । ତେବେ ଏହି ସଂଖ୍ୟା ହ୍ରାସ ସ୍ଥାୟୀ କି ନୁହେଁ, ତାହା ଏବେ କହିବା ସମ୍ଭବ ନୁହେଁ ବୋଲି ଦର୍ଶାଇ ଆମ ରାଜ୍ୟ ଛଡ଼ା ଦେଶର କେତେକ ଅଂଚଳରେ ମଧ୍ୟ ରେଜିଷ୍ଟ୍ରିଭୁକ୍ତ ବେକାର ଯୁବକଙ୍କ ସଂଖ୍ୟା କମିଛି ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ ।

ବୈଠକରେ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ କର୍ମ-ସଂସ୍ଥାନ, ଆଦିବାସୀ ଓ ହରିଜନ ଯୁବକମାନଙ୍କ କର୍ମ-ସଂସ୍ଥାନ ଓ ବୈଷୟିକ ତାଲିମ, ସେନାବାହିନୀର ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କ କର୍ମସଂସ୍ଥାନ, ବେସରକାରୀ ସଂସ୍ଥାରେ କର୍ମଚାରୀଙ୍କ ନିଯୁକ୍ତି ଓ ବିଶେଷ କରି ଆତ୍ମନିଯୁକ୍ତି ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ ।

# ୟୁନିକୋପ୍ଲାନ ହାତକୁ ନ ଆସିବା ପର୍ଯ୍ୟନ୍ତ ମୋ ସଂସାରରେ ମୋର ସ୍ୱାମୀ ହିଁ ଥିଲେ ଏକମାତ୍ର ଉପାର୍ଜନଶୀଳ ବ୍ୟକ୍ତି



**ୟୁନିକୋପ୍ଲାନ**
ଜମା ଟଙ୍କାକୁ ଅନେକ
ଗୁଣ ବଢ଼ାଇ ଉଠାଇବାର
ଏକ ଅଭିନବ ପରିକଳ୍ପନା ।
ଆଗରୁ ଏଭଳି ସୁଯୋଗ
କେବେ ଆସି ନାହିଁ ।

ଏହା ପୂର୍ବରୁ ମୁଁ ସ୍ୱପ୍ନ ବି ପାଇ ନ ଥିଲି ଯେ ଅଧିକ ରୋଜଗାରର କୌଣସି ସୁନ୍ଦର ସାଧନ ହୋଇପାରେ ବୋଲି । ଏଥିପାଇଁ ୟୁକୋପ୍ଲାନକୁ ଧନ୍ୟବାଦ ଦେବାକୁ ହେବ—ଜଣେ ମୂଲ୍ୟବାନ ଅର୍ଥ-ପାରିଶ୍ରମିକ ୟୁକୋ ବ୍ୟାଙ୍କର ପରାମର୍ଶ । ମୋର ଭବିଷ୍ୟତର ଲକ୍ଷ୍ୟ ପୂରଣ ପାଇଁ ସାହାଯ୍ୟ କରୁଛି ଏବଂ ସବୁଠୁ ଅଧିକ ଉପାର୍ଜନର ସୁବିଧା ଦେଉଛି ୟୁକୋପ୍ଲାନ ।

ଏହି ପରିକଳ୍ପନାର ରୂପ ହେଉଛି :

**ପ୍ରଥମସ୍ତର**

ମୁଁ ପ୍ରତିଦିନ ୫ ଟଙ୍କା ଲେଖାଏ ବଞ୍ଚାଇ ପ୍ରତି ମାସରେ ୧୫୦ ଟଙ୍କା ଲେଖାଏ ୟୁକୋପ୍ଲାନରେ ଜମା କରୁଛି । ଏହିପରି କ୍ରମରେ ୭୦ ମାସ ପାଏ ଜମା କରିବି । ତା'ପରେ ମୋର ଜମା ଟଙ୍କା ଓ ସୁଧର ହେବ ତାହା ଲକ୍ଷ୍ୟ କରନ୍ତୁ :

ଜମା : ୧୦୫୦୦ ଟଙ୍କା
ମିଆଦ ଶେଷରେ ପାଇବି : ୨୧,୭୮୨.୫୫ ଟଙ୍କା

**ଦ୍ୱିତୀୟସ୍ତର**

ୟୁକୋପ୍ଲାନ ଅନୁଯାୟୀ ୭୧ ମାସ ଶେଷରେ ମୋର ଏହି ଅର୍ଥ ଟଙ୍କାରେ ଏଥର ଆଉ ବଳ ସାମାନ୍ୟ ଯୋଗ କରି ୨୧,୮୦୦ ଟଙ୍କା ପୁଣି ୭୦ ମାସ ପାଇଁ ମୁଁ ଜମା ରଖିବି ।

ରିଜର୍ଭବ୍ୟାଙ୍କର ବର୍ତ୍ତମାନ ଅନୁଯାୟୀ ସୁଧର ହାର ପରିବର୍ତ୍ତନ ସାପେକ୍ଷ ।

ମାତ୍ର ୧୦ ବର୍ଷରେ (ଯେପରି ସମୟ ବେଶୀ ବେଶୀ ଉଡ଼ିଯିବ) ମୁଁ ଯେପରି ପରିମାଣ ଅର୍ଥର ଅଧିକାରୀ ହେବି ଏଥର ଲକ୍ଷ୍ୟ କରନ୍ତୁ :

ଜମା : ୨୧୮୦୦ ଟଙ୍କା
ମିଆଦ ଶେଷରେ ପାଇବି : ୪୯,୭୪୦.୭୦ ଟଙ୍କା

ଏହା କେବଳ ଏକ ଉଦାହରଣ ମାତ୍ର । ଆପଣଙ୍କର ଦରକାର ପରିମାଣ ଯାହା ହେଉ ନା କାହିଁକି ତାହାକୁ ଅନେକ ଅଧିକ ଗୁଣ ବଢ଼ାଇ ଦେବା ପାଇଁ ଆପଣଙ୍କର ହାତ ପାହାନ୍ତାରେ ରହିଛି ୟୁକୋପ୍ଲାନ । ୟୁକୋବ୍ୟାଙ୍କର ଯେକୌଣସି ଶାଖାକୁ ଆସି ସବୁ ବିବରଣୀ ଜାଣି ପାରିବେ ।

ୟୁକୋପ୍ଲାନ ଆପଣଙ୍କର ଟଙ୍କା ବଢ଼ାଇ ଉଠାଏ କାରଣ ଆପଣ ଓ ଆପଣଙ୍କର ଗ୍ରାମୀଣ ଅର୍ଥନୈତିକ ଟଙ୍କା ବଢ଼ି ଉଠୁ ଏହା ଆମର କାମନା ।

**ୟୁନାଇଟେଡ଼ କମର୍ସିଆଲ ବ୍ୟାଙ୍କ**
ଜନସାଧାରଣଙ୍କ ଭିତରେ ରହି ୟୁକୋବ୍ୟାଙ୍କରେ ଟଙ୍କା ଜମାନ୍ତୁ

UCO/CAS-71/81A ORI

# ପ୍ରଶାସନିକ ସମ୍ବାଦ

## ସମନ୍ୱିତ ଗ୍ରାମାଂଚଳ ଉନ୍ନୟନ କ୍ଷେତ୍ରରେ ଅଗ୍ରଗତି

୧୯୮୨ ମସିହା ଅପ୍ରେଲ ମାସ ପହିଲାଠାରୁ ଅଗଷ୍ଟ ମାସ ଶେଷ ସୁଦ୍ଧା ସମନ୍ୱିତ ଗ୍ରାମାଂଚଳ ଉନ୍ନୟନ ଯୋଜନା ବାବଦରେ ମୋଟ ୪୩୨'୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସେଥିମଧ୍ୟରୁ ୫୧'୭୭ ଲକ୍ଷ ଟଙ୍କା ତଫସିଲଭୁକ୍ତ ଜାତି ଓ ୧୧୭'୪୯ ଲକ୍ଷ ଟଙ୍କା ତଫସିଲଭୁକ୍ତ ସଂପ୍ରଦାୟର ଲୋକମାନଙ୍କୁ ସବ୍‌ସିଡ଼ି ଆକାରରେ ଦିଆଯାଇଛି । ଫଳରେ ରାଜ୍ୟର ୯,୦୧୩ ଜଣ ତଫସିଲଭୁକ୍ତ ଜାତି ଓ ୧୩,୫୬୩ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଉପକୃତ ହୋଇଛନ୍ତି । ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାର ମୋଟ ୧,୦୮,୫୬୯ ଜଣ ଲୋକଙ୍କୁ ଚିହ୍ନଟ କରାଯିବା ସଂଗେ ସଂଗେ ଏହି ଯୋଜନାର ପରିସରଭୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ଅଛନ୍ତି ୧୬,୮୯୫ ଜଣ ତଫସିଲଭୁକ୍ତ ଜାତି ଓ ୩୧,୯୦୭ ଜଣ ତଫସିଲଭୁକ୍ତ ସଂପ୍ରଦାୟ ଏବଂ ୫୯,୭୬୭ ଜଣ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକ । ଏହି ଯୋଜନାର କାର୍ଯ୍ୟକ୍ରମକୁ ଗାଁ ଗହଳିରେ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ୧୯୮୨ ଅଗଷ୍ଟ ମାସ ଶେଷ ସୁଦ୍ଧା ୭୪୩ ଜଣ ତଫସିଲଭୁକ୍ତ ଜାତି, ୯୦୨ ଜଣ ତଫସିଲଭୁକ୍ତ ସଂପ୍ରଦାୟ ଏବଂ ୬୯୩ ଜଣ ମହିଳାଙ୍କ ସମେତ ମୋଟ ୪,୪୦୫ ଜଣ ଯୁବକ ଯୁବତୀଙ୍କୁ ତାଲିମ୍ ଦିଆ ଯାଇଥିଲା ଏବଂ ୧୯୮୨-୮୩ ମଧ୍ୟରେ ଆହୁରି ୨,୪୬୫ ଜଣ ଯୁବକ ଯୁବତୀଙ୍କୁ ଉକ୍ତ ତାଲିମ୍ ଦିଆଯିବା ସଂଗେ ସଂଗେ ୪୬୨ ଜଣଙ୍କୁ ଥଇଥାନ ମଧ୍ୟ କରାଯାଇ ପାରିଛି । ଏତଦ୍‌ବ୍ୟତୀତ ଜାତିବର୍ଣ୍ଣ ନିର୍ବିଶେଷରେ ରାଜ୍ୟରେ ଚିହ୍ନଟ କରାଯାଇଥିବା ଛୋଟ ଚାଷୀ, ନାମମାତ୍ର ଚାଷୀ, କ୍ଷେତ ମଜୁରିଆମାନଙ୍କୁ ସମବାୟ ବ୍ୟାଙ୍କ, ବ୍ୟବସାୟିକ ବ୍ୟାଂକମାନଙ୍କ ଜରିଆରେ ସ୍ୱଳ୍ପକାଳୀନ, ମଧ୍ୟବର୍ତ୍ତୀକାଳୀନ ଓ ଦୀର୍ଘମିଆଦି ଋଣ ଆକାରରେ ମୋଟ ୪୩୨'୪୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

## ଲେଭି ଧାନ ଚାଉଳର ଏନ୍‌ଫୋର୍ସମେଣ୍ଟ ବ୍ୟବସ୍ଥା

୧୯୮୨ ମସିହାର ଲେଭି ଧାନ ଚାଉଳର ସଂଗ୍ରହ ତଥା ବିକ୍ରୀ ଓ ସରବରାହରେ ଥିବା କଟକଣା ଆଦେଶ ଅନୁଯାୟୀ ନିମ୍ନଲିଖିତ ଅଫିସରମାନଙ୍କୁ ସେମାନଙ୍କର ଅଂଚଳ ମଧ୍ୟରେ ଏନ୍‌ଫୋର୍ସମେଣ୍ଟ ଅଫିସର ଭାବେ କାର୍ଯ୍ୟ କରିବାକୁ ରାଜ୍ୟ ସରକାର କ୍ଷମତା ଦେଇଛନ୍ତି । ଏ ସମ୍ପର୍କରେ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । କ୍ଷମତାପ୍ରାପ୍ତ ଏହି ଅଫିସରମାନେ ହେଲେ :

ଯୋଗାଣ ଅଫିସର, ଯୋଗାଣ ନିଗମର ଯୋଗାଣ ଅଫିସର ତଥା ଜିଲା ମ୍ୟାନେଜର, ଅତିରିକ୍ତ ଯୋଗାଣ ଅଫିସର ଏବଂ ଯୋଗାଣ ନିଗମର ଅତିରିକ୍ତ ଜିଲା ମ୍ୟାନେଜର, ସମସ୍ତ ଯୋଗାଣ ସୁପରଭାଇଜର, ଯୋଗାଣ ନିଗମର ସମସ୍ତ ୟୁନିଟ ଅଫିସର, ସମସ୍ତ ଯୋଗାଣ ଇନିସପେକ୍‌ଟର, ଯୋଗାଣ ନିଗମର ସମସ୍ତ ମାର୍କେଟିଂ ଇନ୍‌ସପେକ୍‌ଟର, ସମସ୍ତ ସବ୍‌ଡିଭିଜନାଲ ଅଫିସର ଏବଂ ସମସ୍ତ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ।

## ବାସଗୃହ ପରି ସର୍ବନିମ୍ନ ଆବଶ୍ୟକତା ପୂରଣ ଦିଗରେ ସରକାର ତତ୍ପର : ମୁଖ୍ୟମନ୍ତ୍ରୀ

ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟ ସରକାର ରାଜ୍ୟବାସୀଙ୍କ, ବିଶେଷତଃ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କପାଇଁ ବାସଗୃହ ନିର୍ମାଣ, ପାନୀୟ ଜଳ ଯୋଗାଣ, ଜଳସେଚନ ଏବଂ ସ୍ୱାସ୍ଥ୍ୟରକ୍ଷା ପରି ସର୍ବନିମ୍ନ ଆବଶ୍ୟକତା ପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି ।

ସଂପ୍ରତି ଖୋର୍ଦ୍ଧା ସବ୍‌ଡିଭିଜନର ଚିଲିକା ବ୍ଲକ ଅନ୍ତର୍ଗତ ଆଂକୁଲାଚଟି ଗ୍ରାମରେ ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମ ଅନୁଯାୟୀ ବନ୍ୟାଗ୍ରସ୍ତ ହରିଜନଙ୍କପାଇଁ ନିର୍ମିତ ୯ ଟି ଗୃହ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସାଂପ୍ରତିକ ବନ୍ୟାରେ ବାସହୀନ ହୋଇଥିବା ଲୋକଙ୍କପାଇଁ 'ହୁଡ୍‌କୋ' ସହାୟତାରେ ୪୦ ହଜାର ଗୃହ ନିର୍ମିତ ହେବ । ଆଂକୁଲାଚଟି ଗ୍ରାମରେ ବନ୍ୟା ପ୍ରତିରୋଧ ପାଇଁ ଏକ ବନ୍ଧ ଏବଂ ଏକ ମନୋରଂଜନ କେନ୍ଦ୍ର ନିର୍ମିତ ହେବା ସଂଗେ ସଂଗେ ଏକ ନଳକୂପ ବସାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଉଦ୍‌ବୋଧନ ଦେଇ କହିଲେ ଯେ ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମ ଅନୁଯାୟୀ ସମଗ୍ର ରାଜ୍ୟରେ ନିର୍ମିତ ହେଉଥିବା ୨୦ ହଜାର ଗୃହ ମଧ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧୨ ହଜାର ଗୃହର ନିର୍ମାଣ ସଂପୂର୍ଣ୍ଣ ହେବ । ପୁରୀ ଜିଲାରେ ୬ ହଜାର ୪୪୮ ଟି, ଚିଲିକା ବ୍ଲକରେ ୨୪୫ ଟି ଏବଂ ବାଣପୁର ବ୍ଲକରେ ୨୯ ଟି ଘର ନିର୍ମାଣପାଇଁ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ଖୋର୍ଦ୍ଧାର ବିଧାନ ସଭା ସଦସ୍ୟ ଶ୍ରୀ ପ୍ରସନ୍ନ କୁମାର ପାଟସାଣୀ ପୌରୋହିତ୍ୟ କରିଥିଲେ ଏବଂ ବିଧାୟକ ଶ୍ରୀ ଦେବେନ୍ଦ୍ର ନାଥ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ନରେନ୍ଦ୍ର କୁମାର ମହାପାତ୍ର ଓ ଖୋର୍ଦ୍ଧା ଏସ୍. ଡି. ଓ. ଶ୍ରୀ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଅଫିସରମାନେ ଯୋଗ ଦେଇଥିଲେ ।

ରାଜ୍ୟ ଗୃହ ନିର୍ମାଣ ବୋର୍ଡଙ୍କ ଦ୍ୱାରା ଏହି ଗ୍ରାମରେ ନିର୍ମିତ ପ୍ରତ୍ୟେକ ଗୃହ ବାବଦରେ ମାତ୍ର ୪ ହଜାର ଟଙ୍କା ବିନିଯୋଗ ହୋଇଛି ଏବଂ ସଂପୃକ୍ତ ହରିଜନମାନେ ଶ୍ରମଦାନ କରିଛନ୍ତି ।

## କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଉନ୍ନୟନ କାର୍ଯ୍ୟ ଅବ୍ୟାହତ ରହିଛି: ରାଷ୍ଟ୍ରମନ୍ତ୍ରୀ

### ଶ୍ରୀ ବେହେରା ଓ ଶ୍ରୀ ବିଶ୍ୱାଳ

ଗତ ଜାନୁଆରୀ ମାସ ଠାରୁ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାରେ କ୍ରମାଗତ ଭାବରେ ପ୍ରବଳ କରକାପାତ, ବାତ୍ୟା, ବନ୍ୟା ଓ ମରୁଡ଼ି ହେବା ଫଳରେ ଦୁର୍ଦ୍ଦଶାଗ୍ରସ୍ତ ରାଜ୍ୟବାସୀଙ୍କୁ ସାହାଯ୍ୟ ଓ ଥଇଥାନ କରିବା ଦିଗରେ କେନ୍ଦ୍ର ସରକାର ଅକୁଣ୍ଠ ସାହାଯ୍ୟ କରିଛନ୍ତି ବୋଲି ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା ଏବଂ ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି ।

ଗତ ନଭେମ୍ବର ୧ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ବଉଲ ଗ୍ରାମଠାରେ ଆୟୋଜିତ ଏକ ଜନସମାବେଶରେ ଶ୍ରୀ ବେହେରା ମୁଖ୍ୟବକ୍ତା ଏବଂ ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଉଦ୍‌ବୋଧନ ଦେଇଥିଲେ । ଅନୁଗୁଳ ବିଧାନ ସଭା ସଦସ୍ୟ ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଏଥିରେ ପୌରୋହିତ୍ୟ କରିଥିଲେ ।

ଶ୍ରୀ ବେହେରା କହିଲେ ଯେ ରାଜ୍ୟ ସରକାରଙ୍କର, ବିଶେଷତଃ ମୁଖ୍ୟମନ୍ତ୍ରୀଙ୍କର କେନ୍ଦ୍ର ସରକାରଙ୍କ ସହିତ ସୁସଂପର୍କ ଥିବାରୁ ଏବଂ ରାଜ୍ୟବାସୀଙ୍କର ସରକାରଙ୍କ ପ୍ରତି ଦୃଢ ସମର୍ଥନ ରହିଥିବାରୁ ବିଭିନ୍ନ ବିପର୍ଯ୍ୟୟ ସମୟରେ ବହୁ ପରିମାଣରେ କେନ୍ଦ୍ରୀୟ ସାହାଯ୍ୟ ମିଳୁଛି । ଓଡ଼ିଶା ପରି ଏକ ଅନଗ୍ରସର ରାଜ୍ୟର ଦ୍ରୁତ ପ୍ରଗତି ଦିଗରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ତଥା କେନ୍ଦ୍ର ସରକାରଙ୍କର ଏପରି ଅକୁଣ୍ଠ ସାହାଯ୍ୟ ପ୍ରତି ରାଜ୍ୟବାସୀ କୃତଜ୍ଞ ବୋଲି ପ୍ରକାଶ କରି ଭାଷଣ ପ୍ରସଙ୍ଗରେ ଶ୍ରୀ ବେହେରା ୨ୟ ଇସ୍ପାତ କାରଖାନା, ଅନୁଗୁଳରେ ଆଲୁମିନା କାରଖାନା ଓ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ନିର୍ମାଣର ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ ।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ରାଜ୍ୟରେ ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟରକ୍ଷା, ବ୍ୟାପକ ଶିଳ୍ପାୟନ, ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ ପରି ଜନହିତକର ଏବଂ ଅର୍ଥନୈତିକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ସରକାର ଆନ୍ତରିକ ଉଦ୍ୟମ କରୁଛନ୍ତି ବୋଲି କହିଥିଲେ । ସେ କହିଲେ ଯେ ରାଜ୍ୟର ବିପୁଳ ପ୍ରାକୃତିକ ସଂପଦର ବିନିଯୋଗରେ ବିଭିନ୍ନ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଏବଂ କୃଷିକାର୍ଯ୍ୟକ୍ରମକୁ ବ୍ୟାପକ କରିବାଲାଗି ସରକାର ପଦକ୍ଷେପ ନେଇଛନ୍ତି । ଏତଦ୍ଦ୍ୱାରା ଗ୍ରାମାଞ୍ଚଳର କୁଶଳୀ କାରିଗରଙ୍କ ସମେତ ବହୁ ସଂଖ୍ୟକ ବ୍ୟକ୍ତି କାମଧନ୍ଦା ପାଇ ପାରିବେ ଏବଂ ବେକାରୀ ସମସ୍ୟାକୁ ପ୍ରତିରୋଧ କରିହେବ । ଭାଷଣ ପ୍ରସଙ୍ଗରେ ସେ ୧୦ଟି ସୂତାକଳ, ୩ଟି ଫେର୍‌ରୋକ୍ରୋମ୍ କାରଖାନା, ୨ଟି ଚିନି କାରଖାନା, ୩ ଟି କାଗଜକଳ ଏବଂ କେତେକ ତେଲକଳ ପ୍ରତିଷ୍ଠା ସଂପର୍କରେ ସୂଚନାଦେଇ ରାଜ୍ୟର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଭେଦକାରୀ ଶକ୍ତି ପ୍ରତି ସତର୍କ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

## କେନ୍ଦ୍ର ଶକ୍ତି ମନ୍ତ୍ରୀ ଏବଂ କୋଇଲା ରାଷ୍ଟ୍ର ମନ୍ତ୍ରୀଙ୍କ ସହିତ ରାଜ୍ୟ ଜଳସେଚନ ଓ ବିଦ୍ୟୁତ୍ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

ରାଜ୍ୟରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଖାଦେଇଥିବା କେତେକ ସମସ୍ୟା ସମ୍ପର୍କରେ ରାଜ୍ୟ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ସଂପ୍ରତି ତାଙ୍କର ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ଶକ୍ତି ମନ୍ତ୍ରୀ ଏବଂ କୋଇଲା ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରିଛନ୍ତି । ଆଲୋଚନା ବେଳେ ଶ୍ରୀ ପଟ୍ଟନାୟକ କୋଇଲା ଯୋଗାଣ କ୍ଷେତ୍ରରେ ଅବନତି ହେତୁ ତାଳଚେରସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆବଶ୍ୟକ ପରିମାଣ ବିଦ୍ୟୁତ୍ ଉତ୍ପାଦନ କରାଯିବାରେ ବାଧା ସୃଷ୍ଟି ହେଉଥିବା ବିଷୟ ଜଣାଇବା ସଂଗେ ସଂଗେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ପରିମାଣ କୋଇଲା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହା ବ୍ୟତୀତ ତାଳଚେର ଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ ଯୋଜନାର ୨ୟ ୟୁନିଟ୍‌କୁ ଶୁରୁ କରାଯିବା ପରେ ଅଧିକ କୋଇଲା ଆବଶ୍ୟକ ପଡ଼ିବ ବୋଲି ସେ ସୂଚନା ଦେଇଥିଲେ । ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ବର୍ତ୍ତମାନ ଦିନକୁ ୪,୫୦୦ ଟନ୍ କୋଇଲା ଆବଶ୍ୟକ ପଡୁଛି । ଆସନ୍ତା ଜାନୁଆରୀ ମାସ ପରଠାରୁ ଏହା ୬,୧୦୦ ଟନକୁ ବୃଦ୍ଧି ପାଇବ । ଏ ଦୃଷ୍ଟିରୁ କୋଇଲା ଯୋଗାଣ କ୍ଷେତ୍ରରେ ସନ୍ତୋଷଜନକ ଉନ୍ନତି ନ ଘଟିଲେ ରାଜ୍ୟରୁ ବିଦ୍ୟୁତ୍ ସଂକଟ ଦୂର ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ । ଶ୍ରୀ ପଟ୍ଟନାୟକଙ୍କର ଏହି ଆଲୋଚନା ଅତ୍ୟନ୍ତ ସଫଳ ହୋଇଛି ଏବଂ ଆସନ୍ତା ୧୫ ଦିନ ମଧ୍ୟରେ କୋଇଲା ଯୋଗାଣ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧା ଦୂର କରାଯାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ସାଂପ୍ରତିକ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ଦୃଢ଼ ମନୋବଳ ଆବଶ୍ୟକ

### କୃଷି ମନ୍ତ୍ରୀ ଶ୍ରୀ ମହାପାତ୍ର

ରାଜ୍ୟରେ ଦେଖାଯାଇଥିବା ସାଂପ୍ରତିକ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ଜନସାଧାରଣଙ୍କ ମଧ୍ୟରେ ଦୃଢ଼ ମନୋବଳ ଆବଶ୍ୟକ ବୋଲି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ଭଦ୍ରକ ସବ୍‌ଡିଭିଜନର ମରୁଡ଼ିଗ୍ରସ୍ତ ଅଞ୍ଚଳ ଗସ୍ତ କରି ବିଭିନ୍ନ ଜନ ସମାବେଶରେ କହିଛନ୍ତି ।

ନଭେମ୍ବର ୧୦ ତାରିଖ ସଂଧ୍ୟାରେ ଭଣ୍ଡାରୀପୋଖରୀ ବ୍ଲକ୍‌ର ମଂଜୁରିରୋଡ଼ ସେବା ସମବାୟ ସମିତିର ଏକ ନୂତନ ଗୃହ ଉଦ୍‌ଘାଟନ କରି ଶ୍ରୀ ମହାପାତ୍ର କହିଲେ ଯେ ରାଜ୍ୟରେ ଦେଖାଦେଇଥିବା ଏହି ଅଭୂତପୂର୍ବ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଜନସାଧାରଣଙ୍କୁ ସବୁ ମତେସାହାଯ୍ୟ ସହଯୋଗ ଯୋଗାଇ ଦେବେ । ତେଣୁ, ମରୁଡ଼ି ବିପନ୍ନ ଅଞ୍ଚଳର ଲୋକେ ଧୈର୍ଯ୍ୟର ସହିତ ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ସେ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଗାଁଗହଳରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ସୁଲଭ ମୂଲ୍ୟରେ ଯୋଗାଇ ଦେବା ନିମନ୍ତେ ରାଜ୍ୟର ପ୍ରତ୍ୟେକ ଗ୍ରାମ-ପଞ୍ଚାୟତରେ ସେବା ସମବାୟ ସମିତିମାନଙ୍କରେ ଖାଉଟି ଭଣ୍ଡାରମାନ ପ୍ରତିଷ୍ଠା କରାଯାଉଛି । ବାତ୍ୟା ଓ ବନ୍ୟା ବିପନ୍ନ କୃଷକମାନଙ୍କୁ ବଳଦ କିଣିବା ପାଇଁ ସବ୍‌ସିଡ଼ି ଦିଆଯିବା ସଙ୍ଗେ ସଙ୍ଗେ ରିହାତି ମୂଲ୍ୟରେ ବିହନ, ସାର ଓ ଜଳସେଚନର ସୁବିଧା ପାଇଁ ପମ୍ପସେଟ୍‌ମାନ ଯୋଗାଇ ଦିଆଯାଉଛି । ଋଣୀମାନଙ୍କର ଋଣ ସୁହିଦା ମେଣ୍ଟାଇବା ନିମନ୍ତେ କୃଷିଋଣ ଯୋଗାଣ ଓ ବକେୟା ଆଦାୟ କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରାଯାଉଛି ବୋଲି ସେ କହିଥିଲେ । ଏହି ସମାବେଶରେ ବିଧାନ ସଭା ସଦସ୍ୟ ଶ୍ରୀ ପୁରୁଷୋତ୍ତମ ସେଠୀ ଅଧ୍ୟକ୍ଷତା କରିଥିଲେ ।

## କେନ୍ଦୁଝର ଜିଲ୍ଲାରେ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ପଦକ୍ଷେପ

କେନ୍ଦୁଝର ଜିଲ୍ଲାରେ ବର୍ଷାଭାବ ଯୋଗୁଁ ଦେଖାଯାଇଥିବା ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । କ୍ଷୁଦ୍ର ଜଳସେଚନ ଦ୍ୱାରା ୨୫ ହଜାର ଏକର, ସାଲନ୍ଦି ଜଳସେଚନ ଯୋଜନା ଦ୍ୱାରା ୯,୭୦୭ ହେକ୍ଟର ଏବଂ ଉଠାଜଳସେଚନ ଦ୍ୱାରା ୨,୬୧୫ ଏକର ଜମିରେ ଜଳସେଚନର ସୁବିଧା ରହିଛି ଏବଂ ବର୍ତ୍ତମାନ କ୍ଷେତ୍ରରେ ଏହି ଜଳ କୃଷିକାର୍ଯ୍ୟରେ ବିନିଯୋଗ କରାଯାଉଛି ।

ବର୍ତ୍ତମାନ ଜମିରେ ଥିବା ଫସଲକୁ ରକ୍ଷା କରିବା ପାଇଁ ଜିଲ୍ଲାର ପଞ୍ଚାୟତଗୁଡ଼ିକରେ ଥିବା ୭ଟି ଓ ସମବାୟ ସମିତିରେ ଥିବା ୧୧ଟି ପାଣିପମ୍ପକୁ କାର୍ଯ୍ୟରେ ଲଗାଯାଉଛି । ଅନ୍ୟଗୁଡ଼ିକୁ ତୁରନ୍ତ ଚଳାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉଠା ଜଳସେଚନ ବିଭାଗ ଦ୍ୱାରା ବିଭିନ୍ନ ବ୍ଲକକୁ ଯୋଗାଇ ଦିଆଯାଇଥିବା ୧୧୪ଟି ପାଣିପଂପକୁ କାର୍ଯ୍ୟରେ ଲଗାଇ ଦିଆଯାଇଛି । ଏହା ବ୍ୟତୀତ ବିଭିନ୍ନ ନଦୀ, ଜଳଧାର ଓ ନାଳଗୁଡ଼ିକରେ ଆଡ଼ିବନ୍ଧ ନିର୍ମାଣ କରି ଫସଲକୁ ରକ୍ଷା କରିବା ପାଇଁ ଜିଲ୍ଲାର ଏସ୍.ଡ଼ି.ଓ., ତହସିଲଦାର, ବି.ଡ଼ି.ଓ. ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଅଫିସରମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ଅବସ୍ଥାକୁ ଅନୁଧ୍ୟାନ କରି ରବି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କୃଷି ବିଭାଗ, ସମବାୟ ବିଭାଗ ଓ ବିଭିନ୍ନ ଜଳ-ସେଚନ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷାଭାବ ଯୋଗୁ ନିକଟରେ ପାନୀୟ ଜଳର ଅସୁବିଧା ଦେଖାଯିବାର ସମ୍ଭାବନା ଥିବାରୁ ପାନୀୟ ଜଳକୁ ସର୍ବସାଧାରଣ ଯେପରି ନଷ୍ଟ ନ କରନ୍ତି, ସେଥିପ୍ରତି ସଜାଗ ରହି ଦୃଷ୍ଟି ଦେବାପାଇଁ ଏବଂ କାର୍ଯ୍ୟକାରୀ ହେଉ ନଥିବା ନଳକୂପଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ମରାମତି କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କର୍ମ ଯୋଗାଣ କ୍ଷେତ୍ରରେ ସମସ୍ତ ଏସ୍.ଡ଼ି.ଓ. ଓ ବି.ଡ଼ି.ଓଙ୍କୁ ପଞ୍ଚାୟତଓ୍ୱାରୀ କାମ ଖୋଜୁଥିବା ଲୋକମାନଙ୍କର ତାଲିକା ତୁରନ୍ତ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥର ଯେପରି ସୁଷମ ବଣ୍ଟନ ହୋଇପାରିବ, ସେଥିପାଇଁ ସଂପୃକ୍ତ ବିଭାଗୀୟ କର୍ମଚାରୀ-ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ନନ୍ଦନକାନନ ପ୍ରବେଶିକା ଟିକେଟର ମୂଲ୍ୟ ବୃଦ୍ଧି

ଜଙ୍ଗଲ ବିଭାଗ ଦ୍ୱାରା ପରିଚାଳିତ ନନ୍ଦନକାନନର ଚିଡ଼ିଆଖାନା ଓ ଭେଷଜ ଉଦ୍ୟାନ ବୁଲି ଦେଖିବା ପାଇଁ ପ୍ରବେଶିକା ଟିକେଟର ମୂଲ୍ୟ ବୃଦ୍ଧି କରାଯାଇଛି । ପ୍ରତ୍ୟେକ ଦର୍ଶକଙ୍କ ପାଇଁ ପୂର୍ବରୁ ନିର୍ଦ୍ଧାରିତ ଥିବା ୫୦ ପଇସା ବର୍ତ୍ତମାନ ୭୫ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ବିଭିନ୍ନ ପ୍ରକାର ଯାନବାହନଗୁଡ଼ିକର ପ୍ରବେଶିକା ଫିସ୍‌ର ମୂଲ୍ୟ ମଧ୍ୟ ଦ୍ୱିଗୁଣିତ କରାଯାଇଛି । ୩ ବର୍ଷରୁ କମ୍ ଶିଶୁ-ମାନଙ୍କ ପାଇଁ ଟିକେଟ ପଡ଼ିବ ନାହିଁ । ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଙ୍ଗଲ ବିଭାଗ ଜଣାଇଛନ୍ତି ।

## କୋରାପୁଟ ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା

ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ମାସ ଶେଷ ସୁଦ୍ଧା କୋରାପୁଟ ଜିଲ୍ଲାରେ ୩୪ଟି କ୍ଷୁଦ୍ର ଏବଂ ୧,୪୬୮ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏଥିପାଇଁ ୬୨ ଲକ୍ଷ ୭୪ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ଏଥିରେ ୨,୭୯୦ ଜଣ ବ୍ୟକ୍ତି ନିଯୁକ୍ତି ସୁବିଧା ପାଇଛନ୍ତି । ଗତ ଆର୍ଥିକ ବର୍ଷରେ ଏହି ଜିଲ୍ଲାରେ ୧୯୩ ଟି କ୍ଷୁଦ୍ର ଓ ୩,୩୨୨ ଟି କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇଥିଲା ।

## ଅନୁଗୁଳ ପୂର୍ତ୍ତ ଡିଭିଜନ ରାସ୍ତାଘାଟର ଉନ୍ନତି ପାଇଁ ପଦକ୍ଷେପ

ଢେଙ୍କାନାଳ ଜିଲ୍ଲାର ଅନୁଗୁଳ ପୂର୍ତ୍ତ ଡିଭିଜନ ଅନ୍ତର୍ଗତ ରାସ୍ତାଘାଟ ଗୁଡ଼ିକର ଉନ୍ନତି ବିଧାନ ଏବଂ ମରାମତି କରିବା ପାଇଁ ଆଶୁ ପଦକ୍ଷେପ ନିଆଯାଇଛି । ଅନୁଗୁଳ–ଛେଣ୍ଡିପଦା-ସେରପାଲି ରାସ୍ତାର ଉନ୍ନତି ତଥା ମରାମତି ପାଇଁ ୩ଲକ୍ଷ ୬୨ ହଜାର ୮୦ ଟଙ୍କା, ଅନୁଗୁଳ-ଟିକରପଡ଼ା ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୧ ଲକ୍ଷ ୩୯ ହଜାର ୧୨୦ ଟଙ୍କା, କଇଁତରାଗଡ଼-ବୋଇଣ୍ଡା ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୧ ଲକ୍ଷ ୬ ହଜାର ୫୬୦ ଟଙ୍କା, , ହାଣ୍ଡିଧୁଆ ଛକରୁ ଏଫ୍. ସି. ଆଇ. ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୯ ହଜାର ୩୪୩ ଟଙ୍କା, ବଡ଼କେରା-ମଇଧରପୁର ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୩୫ ହଜାର ୪୨୪ ଟଙ୍କା, ସମଲ-ବାମଡ଼ା-ବୋଇଣ୍ଡା ରାସ୍ତାର ମରାମତି ପାଇଁ ୭୨ ହଜାର ୧୪୦ ଟଙ୍କା ଏବଂ ତାଳଚେର-ଅନୁଗୁଳ ରାସ୍ତାର ମରାମତି ପାଇଁ ୫୦ ହଜାର ୩୮୦ ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ଅନୁଗୁଳ ଟାଉନ୍ ରାସ୍ତାର ମରାମତି ପାଇଁ ୫୩ ହଜାର ୧୩୬ ଟଙ୍କା, ଆଠମଲ୍ଲିକ ଟାଉନ୍ ରାସ୍ତାର ମରାମତି ପାଇଁ ୮ ହଜାର ୮୫୬ ଟଙ୍କା, ତାଳଚେର ଟାଉନ୍ ରାସ୍ତାର ମରାମତି ପାଇଁ ୭ ହଜାର ୩୮୦ ଟଙ୍କା, କୁମୁଣ୍ଡା-କୋଶଳା ରାସ୍ତାର ମରାମତି ପାଇଁ ୫୨ହଜାର ୭୦୦ ଟଙ୍କା, ଶ୍ରୀରାମପୁର, ହାଣ୍ଡିଧୁଆ ରାସ୍ତାର ମରାମତି ପାଇଁ ୪୬ ହଜାର ୨୦୦ ଟଙ୍କା ଚଷାଗୁଣ୍ଡୁଲଙ୍ଗ-ବଅଁର ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୨୪ ହଜାର ୫୦୦ ଟଙ୍କା, ନୂଆହଟା-ମଇଧରପୁର ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୧୩ ହଜାର ୩୦୦ ଟଙ୍କା, ଠାକୁରଗଡ଼-ତପଡ଼ୋଲ ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୧୮ ହଜାର ୨୦୦ ଟଙ୍କା, ଅନୁଗୁଳ-ଶଙ୍ଖପୁର-କରାଟପଟା ରାସ୍ତାର ମରାମତି ପାଇଁ ୭୪ ହଜାର ୭୦୦ ଟଙ୍କା ଏବଂ ଛେଣ୍ଡିପଦା-ବାଗେଡ଼ିଆ ରାସ୍ତାର ସ୍ୱତନ୍ତ୍ର ମରାମତି ପାଇଁ ୫ ହଜାର ୬୦୦ ଟଙ୍କା ମଞ୍ଜୁର କରାଯାଇଛି ।

## ସେବା କାର୍ଯ୍ୟ ପାଇଁ ପୁରସ୍କାର

ରାଜ୍ୟ ରେଡକ୍ରସ ସେବା କ୍ଷେତ୍ରରେ ୧୯୮୧-୮୨ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି । ନଭେମ୍ବର ୫ ତାରିଖ ଦିନ ରାଜଭବନଠାରେ ଅନୁଷ୍ଠିତ ରେଡକ୍ରସ ରାଜ୍ୟଶାଖାର ବାର୍ଷିକ ସାଧାରଣ ବୈଠକରେ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚା ଏହି ପୁରସ୍କାର ପ୍ରଦାନ କରିଥିଲେ ।

ଜିଲ୍ଲା ରେଡକ୍ରସ ସଂସ୍ଥାର ସର୍ବାଧିକ ସଭ୍ୟ ତାଲିକାଭୁକ୍ତ କରାଯାଇ ରେଡକ୍ରସ ପାଣ୍ଠି ବୃଦ୍ଧି କରାଯିବା କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ୧ମ ଓ କେନ୍ଦୁଝର ଜିଲ୍ଲା ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ଜିଲ୍ଲାର ସଭ୍ୟ ସଂଖ୍ୟା ଯଥାକ୍ରମେ ୧ ଲକ୍ଷ ୨ ହଜାର ୫୨୪ ଓ ୩୮ ହଜାର ୫୩୦ ଏବଂ ଏ ବାବଦରେ ସଂଗୃହୀତ ଅର୍ଥର ପରିମାଣ ହେଉଛି ଯଥାକ୍ରମେ ୧ ଲକ୍ଷ ୩୦ ହଜାର ୧୩୯ ଟଙ୍କା ଓ ୪୮ ହଜାର ୮୬୪ ଟଙ୍କା ।

ସେହିପରି ଅନ୍ୟାନ୍ୟ ସ୍ୱତନ୍ତ୍ର ରେଡକ୍ରସ ପାଣ୍ଠି ପାଇଁ ସଂଗୃହୀତ ଅର୍ଥ ସକାଶେ ସମ୍ବଲପୁର ଜିଲ୍ଲା ଶାଖା ୧ମ ଓ ଢେଙ୍କାନାଳ ଜିଲ୍ଲା ଶାଖା ୨ୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଛନ୍ତି । ଏ ବାବଦରେ ସଂଗୃହୀତ ଅର୍ଥର ପରିମାଣ ଯଥାକ୍ରମେ ୬ ଲକ୍ଷ ୩୮ ହଜାର ୨୭ ଟଙ୍କା ୩୦ ପଇସା ଏବଂ ୨ ଲକ୍ଷ ୮୩ ହଜାର ୭୮୫ ଟଙ୍କା ୪୦ ପଇସା ।

ଯୁବ ରେଡକ୍ରସ ସଂସ୍ଥାରେ ସର୍ବାଧିକ ସଭ୍ୟ ତାଲିକାଭୁକ୍ତ କରିପାରିଥିବା ଯୋଗୁ ଫୁଲବାଣୀ ସରକାରୀ କଲେଜ ଏବଂ ଜୁନିୟର ରେଡକ୍ରସ ଶାଖାରେ କ୍ୟାପିଟାଲ ୨ ନମ୍ବର ୟୁନିଟସ୍ଥ ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଛନ୍ତି । ସେହିପରି ସଭ୍ୟ ସଂଗ୍ରହ କ୍ଷେତ୍ରରେ କ୍ୟାପିଟାଲ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ-୬ ପୁରସ୍କୃତ ହେବା ସଙ୍ଗେ ସଙ୍ଗେ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଆସୋସିଏଟେଡ ସଭ୍ୟ ବାବଦରେ ସଂଗୃହୀତ ପାଣ୍ଠି ପାଇଁ ନୟାଗଡ ଶିକ୍ଷା ଜିଲ୍ଲା ସ୍କୁଲ ସମୂହ ପରିଦର୍ଶନ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛନ୍ତି ।

## ତାଳଚେରର ତାପଜ ବିଦ୍ୟୁତ୍ କେନ୍ଦ୍ର ଦାୟିତ୍ୱରେ ଥିବା ଇଂଜିନିୟରମାନଙ୍କୁ ଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କ ପରାମର୍ଶ

ରାଜ୍ୟରେ ଗଢ଼ି ଉଠିଥିବା ନୂତନ ଶିଳ୍ପାନୁଷ୍ଠାନଗୁଡ଼ିକରେ କ୍ରମାଗତ ଭାବରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବା ବେଳେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସାମାନ୍ୟତମ ତ୍ରୁଟିକୁ ଜନସାଧାରଣ ବରଦାସ୍ତ କରିବେ ନାହିଁ ଏବଂ ବିଦ୍ୟୁତ୍ ଉତ୍ପାଦନ ଦାୟିତ୍ୱରେ ଥିବା ଇଂଜିନିୟରମାନେ ଏ ସଂପର୍କରେ ସଚେତନ ରହିବା ଆବଶ୍ୟକ ବୋଲି ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ ସୂଚାଇଛନ୍ତି ।

ନଭେମ୍ବର ୨ତାରିଖରେ ଶ୍ରୀ ପଟ୍ଟନାୟକ ସମଲ ବ୍ୟାରେଜ୍‌ର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ପାଇଁ ସେଠାରେ ବିଭାଗୀୟ ଇଂଜିନିୟରମାନଙ୍କ ସହିତ ଆଲୋଚନା କରିଥିଲେ । ବ୍ୟାରେଜ୍ ନିର୍ମାଣ କ୍ଷେତ୍ରରେ ଗତ ୨ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିବାରୁ ଶ୍ରୀ ପଟ୍ଟନାୟକ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକ ଓ ଇଂଜିନିୟରମାନଙ୍କୁ ଧନ୍ୟବାଦ ଦେଇଥିଲେ । ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକ ସମ୍ପର୍କରେ ସରକାର ଅବହିତ ଅଛନ୍ତି ଏବଂ ଏହାର ସମାଧାନ ପାଇଁ ଆନ୍ତରିକତାର ସହିତ କର୍ମପନ୍ଥା ଗ୍ରହଣ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିବା ବିଭିନ୍ନ କର୍ମଚାରୀମାନଙ୍କର ସମସ୍ୟା ସମାଧାନ ପାଇଁ ଗଠିତ ସୁପାରିଶ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ । ସେଠାରେ ସେ ୮ଟି କୋଠରୀ ବିଶିଷ୍ଟ ଏକ ଅତିଥି ଭବନ ଏବଂ ଗୋପବନ୍ଧୁଙ୍କ ମୂର୍ତ୍ତି ଉନ୍ମୋଚନ କରିଥିଲେ ।

DGP—MP-VI (I. & P. R.) 59—10,000—27-11-1982





ନୃତ୍ୟ, କଳା, କାରିଗରୀ ଯାହା ଭରସରେ
କୃଷି ଆଉ ବିଜ୍ଞାନ ଜଗତେ,
ଆମେରେ ଆମେରେ ଆଜି
ନେଇଛୁ ଶପଥ,
ଆମ ଭାଇଙ୍କୁ ଭଳେ ଭଉଣୀଙ୍କୁ ଆମେ
ଛୁଟାଇବୁ ଦେଶେ ଦେଶେ
ଆମ ଜୈତ୍ରରଥ ।୧।

ଦାସ ଯୁଗ, ଜାତୀ ଯୁଗ, ଛୁତର ଯୁଗ, ମଣିଷ ଯୁଗ,
ସବୁ ଯୁଗ ଆସିଛେଣି ଏବେ ।
ଆଜେ ଯୁଗ ସନ୍ଧି ଦାର, ଧରି ପ୍ରୀତି ହତିଆର,
ଜଗତର
ଆଗରେ ରହୁଁଥିବ କେବେ ? ।୨।













Vol. XXXIX No. 4

UTKAL PRASANGA Regd. No. O-5

Licence No. C. R. N. P. 5—

-Licensed to post without Pre-Payment

PRINTED AT ORISSA GOVERNMENT PRESS, CUTTACK-10